ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୫/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, February 5/2025 Page 16 ₹ 7.00
୫୧ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 73 ମୂଲ୍ୟ ₹୭/-

DSPL - 376

ବିକଶିତ ଗାଁ ବିକଶିତ ଓଡ଼ିଶା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

# ବିକଶିତ ଗାଁ ବିକଶିତ ଓଡ଼ିଶା

## ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

**୫ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟକାରୀ**

**୫ ହଜାର କୋଟି ଟଙ୍କାର ବ୍ୟୟବରାଦ**

- ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ।
- ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (PVTG) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ।
- କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ ।
- ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ।
- ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ।

**୦୫ ଫେବୃଆରୀ ୨୦୨୫ | ଦିବା ୧୧ ଘଟିକା**

**ଜଙ୍କିଆ ମିନି ଷ୍ଟାଡିୟମ୍, ଖୋର୍ଦ୍ଧା**

OIPR-19001/13/0010/2425

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

## ସଂକ୍ଷେପରେ

### ପଞ୍ଜାବୀ ଗାୟକ ପ୍ରେମ ଧିଲ୍ଲୋଁଙ୍କ ଘର ସମ୍ମୁଖରେ ଫୁଟିଲା ଗୁଳି



ଓଟାଓ୍ୱା, ୪।୨

ଲୋକପ୍ରିୟ ପଞ୍ଜାବୀ ଗାୟକ ପ୍ରେମ ଧିଲ୍ଲୋଁଙ୍କ କାନାଡାସ୍ଥିତ ଘର ସମ୍ମୁଖରେ ମଙ୍ଗଳବାର ଗୁଳି ଫୁଟିଛି। ଏହି ଗୁଳିକାଣ୍ଡ ନେଇ ଜୟପାଲ ଭୁଲ୍ଲର ଗ୍ୟାଙ୍ଗ୍ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ନିଜକୁ ଦାୟୀ କରାଯାଇଛି। ଉକ୍ତ ପୋଷ୍ଟରେ ପଞ୍ଜାବୀ ସିଙ୍ଗର ସିଧୁ ମୁସେୱାଲା ଓ ଜଗ୍ଗୁ ଭଗୱାନ୍‌ପୁରିଆଙ୍କର ନାମ ନିଆଯାଇଛି। ୨୦୨୨ରେ ପଞ୍ଜାବର ମାନସା ଜିଲାରେ ସିଧୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଧିଲ୍ଲୋଁଙ୍କ ଘର ସମ୍ମୁଖରେ ଗୁଳିକାଣ୍ଡ ଘଟଣା ପରେ କାନାଡାର ସୁରକ୍ଷା ଏଜେନ୍ସି ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି।

### ଆଜି ସଙ୍ଗମରେ ବୁଡ଼ ପକାଇବେ ମୋଦି

ନୂଆଦିଲ୍ଲୀ, ୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପୂର୍ବାହ୍ନ ୧୧ଟାରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭ ମେଳା ପରିଦର୍ଶନ କରିବା ସହ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ। ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର ଓ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନିଜର ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରିଆସିଛନ୍ତି। ତୀର୍ଥସ୍ଥାନଗୁଡ଼ିକର ଭିତ୍ତିଭୂମି ବିକାଶ ଓ ସୁବିଧା ପାଇଁ ସେ ସକ୍ରିୟ ପଦକ୍ଷେପ ନେଇଛନ୍ତି। ଗତ ଡିସେମ୍ବର ୧୩ରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ ଯାଇ ୫,୫୦୦ କୋଟି ଟଙ୍କାର ୧୬୭ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବିଶ୍ୱର ସର୍ବବୃହତ୍ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ସମାବେଶ ମହାକୁମ୍ଭ ଜାନୁଆରୀ ୧୩ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବାବେଳେ ଏହା ଫେବୃଆରୀ ୨୬ ମହାଶିବରାତ୍ରୀ ପର୍ଯ୍ୟନ୍ତ ଚାଲିବ।

### ମନ୍ଦିରରେ ଭୋଜି ଖାଇ ୧୭୦ ଅସୁସ୍ଥ

ଶିବପୁରୀ, ୪।୨

ମଧ୍ୟପ୍ରଦେଶର ଶିବପୁରୀ ଜିଲା ମାମୁନି କଳା ଗ୍ରାମପଞ୍ଚାୟତରେ ଏକ ମନ୍ଦିରରେ ଭୋଜି ଖାଇ ୧୭୦ ଜଣ ଅସୁସ୍ଥ ହୋଇଯାଇଛନ୍ତି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସଞ୍ଜୟ ରଶେଶ୍ୱର ସୂଚନା ଦେଇଛନ୍ତି। ରବିବାର ଉକ୍ତ ମନ୍ଦିରରେ ଏକ ବଡ଼ଧରଣର ଭୋଜିର ଆୟୋଜନ କରାଯାଇଥିଲା। ଭୋଜି ଖାଇସାରିବା ପରେ ପ୍ରାୟ ୧୭୦ ଲୋକଙ୍କର ଫୁଡ୍ ପଏଜନିଂ ହେବାରୁ ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥ ବ୍ୟକ୍ତିଙ୍କଠାରେ ବାନ୍ତି, ଜ୍ୱର, ଝାଡ଼ାବାନ୍ତି ଆଦି ଲକ୍ଷଣ ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ୬୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

# ମହାକୁମ୍ଭ ଦଳାଚକଟା: ମୃତ୍ୟୁସଂଖ୍ୟାରେ ଦ୍ୱନ୍ଦ୍ୱ

## ପାର୍ଲାମେଣ୍ଟରେ ହଟ୍ଟଗୋଳ ଜାରି

**ଉତ୍ତର ପ୍ରଦେଶର ପ୍ରୟାଗରାଜ ମହାକୁମ୍ଭ ମେଳାରେ ଜାନୁଆରୀ ୨୯ ମୌନୀ ଅମାବାସ୍ୟା ରାତିରେ ବୁଡ଼ ପକାଇବାକୁ ଯାଇଥିବା ଅନେକ କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଦଳାଚକଟାରେ କେତେଜଣଙ୍କ ମୃତ୍ୟୁ ଘଟିଥିଲା, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ୟୁପିର ଯୋଗୀ ସରକାର ଏହା ୩୦ରେ ସୀମିତ ବୋଲି କହୁଥିବାବେଳେ ସଙ୍ଗମସ୍ଥଳକୁ ଯାଇଥିବା କେତେଜଣ ଶ୍ରଦ୍ଧାଳୁ ଏହି ସଂଖ୍ୟା ହଜାରେରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଦାବି କରୁଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏହା ଉପରେ ଆଉ କିଛି ସ୍ପଷ୍ଟୀକରଣ ଆସି ନ ଥିବାରୁ ମୃତକଙ୍କ ପ୍ରକୃତ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କଂଗ୍ରେସ କହୁଛି, ଅନେକ ହଜାର ଶ୍ରଦ୍ଧାଳୁ ମରିଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ମତରେ ଏହି ସଂଖ୍ୟା ୨,୦୦୦ ହେବ। ସମାଜବାଦୀ ପାର୍ଟି (ଏସ୍‌ପି) କହୁଛି, ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ କରି ଦେଖାଇବା ପାଇଁ ସେମାନଙ୍କ ମୃତଦେହଗୁଡ଼ିକୁ ତ୍ରିବେଣୀ ସଙ୍ଗମରେ ଭସାଇ ଦିଆଯାଇଛି। କେବଳ ଏତିକି ନୁହେଁ, ଖବର ଲୁଚାଇବା ଲାଗି କେତେକ ଗଣମାଧ୍ୟମକୁ ଲାଞ୍ଚ ମଧ୍ୟ ଦିଆଯାଇଛି। ଏହି ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ୨ ଦିନ ହେଲା ହଟ୍ଟଗୋଳ ଲାଗିରହିଥିବାବେଳେ ଭାଜପା ଏମ୍‌ପି ହେମାମାଳିନୀ ଅଭିଯୋଗକୁ ଖଣ୍ଡନ କରିବା ସହ ଦଳାଚକଟାକୁ 'ଏକ ବଡ଼ ଘଟଣା ନୁହେଁ' ବୋଲି ଦର୍ଶାଇବା ପରେ ଜୋର୍ ଧରିଛି ବାକ୍‌ଯୁଦ୍ଧ।**



ନୂଆଦିଲ୍ଲୀ,୪।୨

ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା ଘଟଣାକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ୨ ଦିନ ହେଲା ହଟ୍ଟଗୋଳ ଜାରି ରହିଛି। ଲୋକ ସଭାରେ ମଙ୍ଗଳବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହି ପ୍ରସଙ୍ଗରେ ଉତ୍ତରପ୍ରଦେଶର ଡବଲ ଇଞ୍ଜିନ ସରକାରକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦଳାଚକଟାରେ ବହୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ସରକାର ସଂଖ୍ୟାକୁ ଲୁଚାଉଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ଉପରେ ଏକ ସର୍ବଦଳୀୟ ବୈଠକ ଡକାଯିବା ସହ ମହାକୁମ୍ଭ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଦାୟିତ୍ୱ ସେନାକୁ ଦିଆଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

ଗତ ମାସ ୨୯ ତାରିଖ ମୌନୀ ଅମାବାସ୍ୟା ଅବସରରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ବେଳେ କେତେଜଣଙ୍କ ମୃତ୍ୟୁ ଘଟିଥିବା ଏବଂ ସେମାନଙ୍କ ମୃତଦେହ ଶବାଗାର ଓ ହସ୍ପିଟାଲରେ ପଡ଼ିରହିଥିବା ଜଣାପଡ଼ିଥିଲା। ପରେ ସରକାରୀ ହେଲିକପ୍ଟରରେ ପୁଷ୍ପ ଭର୍ତ୍ତି କରାଯାଇ ସେଗୁଡ଼ିକୁ ଶ୍ରଦ୍ଧାଳୁଙ୍କ ଉପରେ ବର୍ଷା କରାଯାଇଥିଲା। ଏହା କି ପ୍ରକାର ସନାତନୀ ପରମ୍ପରା ବୋଲି ସମାଜବାଦୀ ପାର୍ଟି ଏମ୍‌ପି ପ୍ରଶ୍ନ କରିଛନ୍ତି। ସେଠାରେ କେତେ ସଂଖ୍ୟାରେ ଚପଲ, ଶାଢ଼ି ଓ ପୋଷାକ ପଡ଼ିଥିଲା, ତାହା ଭଗବାନ ଜାଣନ୍ତି। ସେଗୁଡ଼ିକୁ ଜେସିବି ମେଶିନ୍ ଓ ଟ୍ରାକ୍ଟର ଟ୍ରଲିରେ ଉଠାଇ ନିଆଯାଇ କେଉଁଠି ଫିଙ୍ଗାଗଲା, ତାହା କେହି ଜାଣନ୍ତି ନାହିଁ। ସବୁକିଛି ଘୋଡ଼ାଇଦେବା ପାଇଁ ଚାପ ପକାଯିବା ସହ ଖବର ଯେପରି ପଦାକୁ ନ ଆସିବ ସେଥିପାଇଁ ଲାଞ୍ଚ ଦିଆଯାଇଥିବା ଶୁଣାଯାଇଛି ବୋଲି ଅଖିଳେଶ କହିଛନ୍ତି। ମହାକୁମ୍ଭ ଦୁର୍ଘଟଣାର ମୃତ୍ୟୁସଂଖ୍ୟା, ଆହତଙ୍କ ଚିକିତ୍ସା, ଉପଲବ୍ଧ ଔଷଧ, ଡାକ୍ତର, ଖାଦ୍ୟ, ପାଣି ଓ ପରିବହନ, ସବୁକିଛି ପାର୍ଲାମେଣ୍ଟରେ ଉପସ୍ଥାପନ ହେବା ସହ ଯେଉଁମାନେ ଦୁର୍ଘଟଣା ପାଇଁ ଦାୟୀ ଏବଂ ଯେଉଁମାନେ ସତ୍ୟକୁ ଲୁଚାଇଛନ୍ତି, ସେମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ହେବା ଆବଶ୍ୟକ। ଡବଲ ଇଞ୍ଜିନ୍ ସରକାରର ଯଦି କିଛି ଭୁଲ୍ ନାହିଁ ତେବେ ମୃତ୍ୟୁସଂଖ୍ୟା ଲୁଚାଯାଇଛି କାହିଁକି। ସରକାରଙ୍କ ପ୍ରତି ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଫେରାଇଆଣିବା ପାଇଁ ମହାକୁମ୍ଭର ପ୍ରଶାସନ ଓ ପରିଚାଳନା ତୁରନ୍ତ ସେନାକୁ ହସ୍ତାନ୍ତର କରାଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ଏମ୍‌ପି ହେମା ମାଳିନୀ ଏସ୍‌ପି ନେତା ଅଖିଳେଶଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ଦଳାଚକଟା ସେଭଳି ବଡ଼ ଘଟଣା ନୁହେଁ ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶ ସରକାର ମହାକୁମ୍ଭ ଭଳି ଏତେବଡ଼ କାର୍ଯ୍ୟକ୍ରମକୁ ବହୁତ ଭଲ ଭାବେ ପରିଚାଳନା କରୁଛନ୍ତି। ଦୁର୍ଘଟଣାକୁ ନେଇ ବିରୋଧୀମାନେ ବଢ଼େଇ ଚଢ଼େଇ କହୁଥିବା

### ଦଳାଚକଟା ବଡ଼ ଘଟଣା ନୁହେଁ: ହେମା ମାଳିନୀ



ଭାଜପା ନେତ୍ରୀ ଅଭିଯୋଗ କରିଛନ୍ତି।

ରାଜ୍ୟ ସଭାରେ ଏହି ପ୍ରସଙ୍ଗରେ ବିରୋଧୀ ଆଲୋଚନା ଦାବି କରିଥିଲେ। ମହାକୁମ୍ଭ ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ୍ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ଦଳାଚକଟାରେ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ସେ କହିବାରୁ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହି ସଂଖ୍ୟାର ପ୍ରମାଣ ଉପସ୍ଥାପନ କରିବାକୁ ଗୃହର ଉପାଧ୍ୟକ୍ଷ ହରିବଂଶ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଉତ ମହାକୁମ୍ଭ ଟ୍ରାଜେଡି ପାଇଁ ଦୁର୍ବଳ ପରିଚାଳନାକୁ ଦାୟୀ କରିଛନ୍ତି। ରାଜନୈତିକ ପ୍ରଚାର ପାଇଁ ଏହା କାର୍ଯ୍ୟକ୍ରମକୁ ବ୍ୟବହାର କରାଯାଉଛି। ଅନ୍ୟ ଦେଶରେ ଏଭଳି ଘଟଣା ଘଟିଥିଲେ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥାନ୍ତା ବୋଲି ରାଉତ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମୃତ୍ୟୁସଂଖ୍ୟା ୧,୦୦୦ ହେବ ବୋଲି କହିଥିଲେ। ସରକାରଙ୍କ ଅବହେଳା ଏବଂ ସମ୍ବେଦନହୀନତା ଯୋଗୁ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ବିରୋଧୀ ଅଭିଯୋଗ କରିବା ସହ ଏଥିପାଇଁ ସରକାର ନିଜକୁ ଉତ୍ତରଦାୟୀ କରନ୍ତୁ ବୋଲି ଦାବି କରିଥିଲେ।



### ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି ସରକାର: ଅଖିଳେଶ



ପ୍ରୟାଗରାଜ ମହାକୁମ୍ଭ ମେଳାରେ ଭୁଟାନ ରାଜା ଜିଗ୍‌ମେ ଖେଶର ନମ୍‌ଗେଲ ୱାଙ୍ଗଚୁକ୍‌ଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପକ୍ଷୀଙ୍କୁ ଦାନା ଖୁଆଉଛନ୍ତି।

## ସଙ୍ଗମରେ ଭୁଟାନ ରାଜା

ପ୍ରୟାଗରାଜ, ୪।୨

ଭୁଟାନ ରାଜା ଖେସର ନାମଗ୍ୟାଲ ୱାଙ୍ଗଚୁକ୍ ମଙ୍ଗଳବାର ମହାକୁମ୍ଭରେ ପହଞ୍ଚି ପବିତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ଏହି ଅବସରରେ ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ଏହାପରେ ସେ ରୀତିନୀତି ଅନୁଯାୟୀ ସଙ୍ଗମ କୂଳରେ ପୂଜା କରିଥିଲେ ଏବଂ ଅକ୍ଷରବଟ ଧାମ ଗସ୍ତ କରିଥିଲେ। ସେ ସୋମବାର ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚି ସ୍ଥଳପଥରେ ପ୍ରୟାଗରାଜ ପହଞ୍ଚିଥିଲେ। ସେଠାରେ ଅନେକ କଳାକାର ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ କରିବା ସହ ଭୁଟାନ ରାଜାଙ୍କୁ ସ୍ୱାଗତ କରିଥିଲେ।

## ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ,୪।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୋଧରେ ରାଜ୍ୟ ସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଆସିବାର ଦିନକ ପରେ ମଙ୍ଗଳବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ନିମ୍ନ ସଦନରେ ଅନୁରୂପ ନୋଟିସର ସାମ୍ନା କରିବାକୁ ପଡ଼ିଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ରାହୁଲଙ୍କ ବିରୋଧରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ରାହୁଲ କେତେକ ଭିତ୍ତିହୀନ ଅଭିଯୋଗ ଆଣିଥିଲେ। ବାଚସ୍ପତି ପ୍ରମାଣିକତା ଦାବି କରିବାରୁ ସେ ଏହା ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ। ଗୃହରେ ମିଥ୍ୟା ବିବୃତି ଦେବା ରାହୁଲଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଏଥିପାଇଁ ତାଙ୍କୁ ତାଗିଦ କରାଯାଉ ବୋଲି ଦୁବେ ଦାବି କରିଛନ୍ତି। ସୋମବାର ରାହୁଲ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ଭାରତରେ ଚାଇନା ସୈନ୍ୟ ଉପସ୍ଥିତ ରହିଥିବା କହିଥିଲେ, ଯାହାକୁ ନେଇ ଜୋର୍‌ଦାର ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ନେତା ମିଛ କହୁଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ। ରାହୁଲ ତାଙ୍କ ଭାଷଣରେ କେବଳ ନିର୍ଲଜ ଭାବେ ଐତିହାସିକ ଏବଂ ମୌଳିକ ତଥ୍ୟକୁ ବିକୃତ କରୁନାହାନ୍ତି, ଆମ ଦେଶକୁ ପରିହାସ କରିବା ସହ ଏହାର ସମ୍ମାନ କ୍ଷୁଣ୍ଣ କରୁଛନ୍ତି ବୋଲି ଦୁବେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛ କି

### ବିଦେଶୀଙ୍କୁ ବିଦାକରି ନ ଥିବାରୁ ଆସାମ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୪।୨(ପି.ଟି.)

ଆସାମ ସରକାର ବେଆଇନ ବିଦେଶୀମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ କେନ୍ଦ୍ରରେ ରଖିବା ଓ ସେମାନଙ୍କୁ ବିଦା ନ କରିବା ଘଟଣାରେ ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ସେମାନଙ୍କୁ ବିଦା କରିବା ପାଇଁ କୌଣସି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛ କି ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅଟକ ଥିବା ଲୋକମାନେ ବିଦେଶୀ ବୋଲି ଚିହ୍ନଟ ହେବା ପରେ ସେମାନଙ୍କୁ ତୁରନ୍ତ ବିଦା କରିବା ଆବଶ୍ୟକ। ସରକାର ଏ ସମ୍ପର୍କିତ ତଥ୍ୟ ଲୁଚାଉଥିବା ଖଣ୍ଡପୀଠ ଅନୁଭବ କରିଛନ୍ତି। ସେମାନଙ୍କ ଠିକଣା ଜଣା ନ ଥିବା କହି ବିଦା କରିବା ପ୍ରକ୍ରିୟା ଆରମ୍ଭକୁ ମନା କରୁଛ। ଏହା ଆମ ପାଇଁ ଚିନ୍ତାର କାରଣ କ'ଣ ପାଇଁ। ବିଦେଶୀମାନଙ୍କୁ ସେମାନଙ୍କ ଦେଶକୁ ପଠାଅ ବୋଲି ଖଣ୍ଡପୀଠ କହିଛନ୍ତି। ଠିକଣା ଜଣା ନ ଥିବା ବିଦେଶୀ ଅଟକମାନଙ୍କ ଜାତୀୟତା ଯାଞ୍ଚ ଫର୍ମଗୁଡ଼ିକୁ ଆସାମ ସରକାର ବହିର୍ବ୍ୟାପାର ମନ୍ତ୍ରଣାୟକୁ ପଠାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ବିସ୍ମୟ ପ୍ରକାଶ କରିଥିଲେ। ଜଣକୁ ବିଦେଶୀ ଘୋଷଣା କରିବା ପରେ ପରବର୍ତ୍ତୀ ତାର୍କିକ ପଦକ୍ଷେପ ନେବାକୁ ହେବ। ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖାଯାଇପାରିବ ନାହିଁ। ସେଠାରେ ସମ୍ବିଧାନର ଅନୁଚ୍ଛେଦ ୨୧ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି। ବିଦେଶୀ ଘୋଷିତ ହୋଇଥିବା ୬୩ ଜଣଙ୍କ ବହିଷ୍କାର ପ୍ରକ୍ରିୟା ଆରମ୍ଭ କରିବା ସହ ୨ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ମନମୋହନଙ୍କ ସ୍ମାରକୀ ପାଇଁ ଜାଗା ଚିହ୍ନଟ

ନୂଆଦିଲ୍ଲୀ,୪।୨

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମ୍ମାନାର୍ଥେ ତାଙ୍କ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ଏକ ଜାଗା ଚିହ୍ନଟ କରିଛନ୍ତି। ଏନେଇ ସିଂଙ୍କ ପରିବାରର ଉତ୍ତରକୁ ସରକାର ଅପେକ୍ଷା କରିଛନ୍ତି। ସୂତ୍ର ଅନୁଯାୟୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପାଇଁ ସ୍ମୃତି ସ୍ଥଳଠାରେ ରହିଥିବା ସ୍ଥାନ ନିକଟରେ ମନମୋହନଙ୍କ ସ୍ମାରକୀ ନିର୍ମାଣ କରାଯିବ। ଏଥିପାଇଁ ସରକାର ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପୂର୍ବରୁ ଏନେଇ ସିଂଙ୍କ ପରିବାରକୁ ଅବଗତ କରାଇଥିଲା। ଏଥିପାଇଁ ଏକ ଟ୍ରଷ୍ଟ ଗଠନ କରିବାକୁ ସେମାନଙ୍କୁ ନିବେଦନ କରାଯାଇଥିଲା, କାରଣ ସରକାର ଜମି ଆବଣ୍ଟନ ପାଇଁ ଟ୍ରଷ୍ଟ ଜରୁରୀ। ସିଂଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବିତ ସ୍ଥଳ ଦେଖିବା ପାଇଁ ନିମନ୍ତ୍ରଣ କରାଯାଇଥିବାବେଳେ ସେମାନେ ଏପର୍ଯ୍ୟନ୍ତ ଯାଇନାହାନ୍ତି। ନରସିଂ ରାଓଙ୍କ ସରକାରରେ ଅର୍ଥମନ୍ତ୍ରୀ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ଭାରତର ଆର୍ଥିକ ଉଦାରୀକରଣରେ ପ୍ରମୁଖ ଅବଦାନ ଥିବା କଂଗ୍ରେସ ନେତା ମନମୋହନଙ୍କର ଗତ ଡିସେମ୍ବର ୨୬ରେ ୯୨ ବର୍ଷ ବୟସରେ ପରଲୋକ ହୋଇଥିଲା।

## ମେକ୍ସିକୋ, କାନାଡା ଟାରିଫ୍ ମାସେ ସ୍ଥଗିତ

ୱାଶିଂଟନ୍/ଓଟାଓ୍ୱା,୪।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ଓ କାନାଡାରୁ ଆମଦାନୀ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଶନିବାର ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ, ଯାହାକି ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଥାନ୍ତା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବମ୍ ସୋମବାର ଟ୍ରମ୍ପଙ୍କ ସହିତ ଟେଲିଫୋନ୍ ଯୋଗେ କଥାହୋଇ ସୀମା ସୁରକ୍ଷିତ ରଖିବାକୁ ରାଜି ହୋଇଥିଲେ। ଫଳରେ ମାସେ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ଟ୍ରମ୍ପ ସହମତ ହୋଇଛନ୍ତି। ସେହିପରି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଦସହ ଏକ ପୃଥକ୍ ଆଲୋଚନା ପରେ ସେହି ଦେଶରୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ମଧ୍ୟ ଆଗାମୀ ୧ ମାସ ପର୍ଯ୍ୟନ୍ତ ୨୫ ପ୍ରତିଶତ ଟାରିଫ୍ ଲାଗିବ ନାହିଁ ବୋଲି ମଙ୍ଗଳବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଇତିମଧ୍ୟରେ ଟ୍ରମ୍ପଙ୍କ ୧୦ ପ୍ରତିଶତ ଟାରିଫ୍‌କୁ ବିରୋଧ କରି ଚାଇନା ଅନୁରୂପ ପଦକ୍ଷେପ ନେଇଛି। ଗୁଗଲ ସମେତ ଅନେକ ଆମେରିକୀୟ କମ୍ପାନୀ ଉତ୍ପାଦିତ ସାମଗ୍ରୀ ଉପରେ ବେଜିଂ ମଧ୍ୟ ୧୦ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଚାଇନାର ଅର୍ଥନୀତି ଓ ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଆମେରିକୀୟ କୋଇଲା ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଥିବାବେଳେ ଏଲ୍‌ଏନ୍‌ଜି ଏବଂ କ୍ରୁଡ୍ ଅଏଲ୍, କୃଷି ଯନ୍ତ୍ରପାତି ଓ ଟ୍ରକ୍ ଇଞ୍ଜିନ୍‌ଗୁଡ଼ିକ ଉପରେ ୧୦ ପ୍ରତିଶତ ଟିକସ କଷାଯିବ ବୋଲି ଚାଇନା କହିଛି।

ଉତ୍ତର ସୀମା ଦେଇ ଆମେରିକାକୁ ଫେଣ୍ଟାନିଲ୍ ଭଳି ବେଆଇନ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଦିଗରେ ଉଭୟ ଆମେରିକା ଓ ମେକ୍ସକୋ ଏକାଠି କାର୍ଯ୍ୟ କରିବେ। ସେହିପରି ମେକ୍ସିକୋକୁ ଉଚ୍ଚ କ୍ଷମତାସମ୍ପନ୍ନ ଅସ୍ତ୍ର ଚୋରାଚାଲାଣ ବନ୍ଦ ଦିଗରେ କାର୍ଯ୍ୟ କରିବାକୁ ଆମେରିକା ପ୍ରତିଶ୍ରୁତି ଦେଇଥିବା ଏହାର ରାଷ୍ଟ୍ରପତି କ୍ଲାଉଡ଼ିଆ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ କାନାଡା ମୁକାବିଲାମୂଳକ ଅଭିମୁଖ୍ୟ ନେବ ଓ ୨୫ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଦିନକ ପୂର୍ବରୁ କାନାଡା କହିଥିଲା। ଏପରିକି କାନାଡାର ଓଣ୍ଟାରିଓ ପ୍ରଦେଶ ଆମେରିକା କମ୍ପାନୀ ଏବଂ ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ସେବାକୁ ସୋମବାର ବ୍ୟାନ୍ କରିଦେଇଥିଲା। ଫଳରେ ଷ୍ଟାରଲିଙ୍କ୍‌ର ୧୦୦ ନିୟୁତ ଡଲାରର ଡିଲ୍ ରଦ୍ଦ ହେବାକୁ ଯାଉଥିବା କୁହାଯାଉଥିଲା। କାନାଡା ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା ଟାରିଫ୍ ନ ଉଠାଇବା ଯାଏ ବ୍ୟାନ୍ ବଳବତ୍ତର ରହିବ ବୋଲି ଓଣ୍ଟାରିଓ ରାଜ୍ୟର ଶାସନ ମୁଖ୍ୟ ଡୋଉଗ୍ ଫୋର୍ଡ କହିଥିଲେ। ବାଣିଜ୍ୟ ଯୁଦ୍ଧ ତେଜିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କ ସହ ଆସନ୍ତା ସପ୍ତାହରେ ଆଲୋଚନା କରିବେ ବୋଲି ହ୍ୱାଇଟ୍ ହାଉସ୍ ସୂଚନା ଦେଇଛି।

## ଭୋଜିକୁ ନେଇ ଉତ୍ତେଜନା

## ଥାନାରେ ବିବାହ କରାଇଲା ପୋଲିସ

ସୁରଟ

ଗୁଜରାଟର ସୁରଟରେ ଏକ ନିଆରା ବିବାହ ମାମଲା ସାମ୍ନାକୁ ଆସିଛି। ବିବାହ ଭୋଜିକୁ ନେଇ ବର ପକ୍ଷ ଓ କନ୍ୟା ପକ୍ଷଙ୍କ ମଧ୍ୟରେ ବିବାଦ ଦେଖା ଦେବାରୁ ପୋଲିସ ମାମଲାର ବୁଝାସୁଝା କରି ଥାନାରେ ରୀତିନୀତି ସହ ବିବାହ ସମ୍ପନ୍ନ କରିଥିଲା।

ମଙ୍ଗଳବାର ସୁରଟର ବାର୍ଚ୍ଛାସ୍ଥିତ ଲକ୍ଷ୍ମୀ ନାରାୟଣ ହଲ୍‌ରେ ବିହାରର ବାସିନ୍ଦା ରାହୁଲ ପ୍ରମୋଦ ମହୋତୋ ଏବଂ ସ୍ଥାନୀୟ ନିବାସୀ ଅଞ୍ଜଳି କୁମାରୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେଉଥିଲା। ତେବେ ବିବାହ ଭୋଜିକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭୋଜିରେ ଆବଶ୍ୟକ ମୁତାବକ ସୁସ୍ୱାଦୁ ଖାଦ୍ୟ ନ ଥିବା କହି ବର ପକ୍ଷ ଅସନ୍ତୋଷ ପ୍ରକାଶ କରିବା ସହ ବିବାହ ସ୍ଥଳରୁ ଫେରିଯିବାକୁ କନ୍ୟା ପକ୍ଷଙ୍କୁ ଧମକ ଦେଇଥିଲେ। ବିବାହ ଭାଙ୍ଗିଯାଉଥିବାର ଅନୁମାନ କରି ଅଞ୍ଜଳି ଓ ତାଙ୍କ ପରିବାର ତୁରନ୍ତ ପୋଲିସର ସାହାଯ୍ୟ ଲୋଡ଼ିଥିଲେ। ସୁରଟ ଡେପୁଟି କମିଶନର ପୋଲିସ (ଡିସିପି) ଆଲୋକ କୁମାର କହିଛନ୍ତି, ରାହୁଲ ବିବାହ ପାଇଁ ପ୍ରସ୍ତୁତ ଥିବା ଅଞ୍ଜଳି କହିଥିଲେ। ହେଲେ ତାଙ୍କ ପରିବାର ବିବାହ ଭୋଜିରେ ଅସନ୍ତୋଷ ପ୍ରକାଶ କରି ବିବାହକୁ ଭାଙ୍ଗିବାକୁ ବସିଥିଲେ। ଏଭଳି ସ୍ଥିତିରେ ପୋଲିସ ଉଭୟ ପକ୍ଷକୁ ଥାନାକୁ ଡାକି ବିବାଦକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲା। ପୋଲିସର ହସ୍ତକ୍ଷେପ ଓ ବହୁ ବୁଝାସୁଝା ପରେ ରାହୁଲଙ୍କ ପରିବାର ବିବାହ ପାଇଁ ରାଜି ହୋଇଥିଲେ। ତେବେ ହଲ୍‌ରେ ବିବାହ ହେଲେ ପରିସ୍ଥିତି ପୁଣିଥରେ ବିଗିଡି ପାରେ ବୋଲି ଅଞ୍ଜଳି ଆଶଙ୍କା କରିଥିଲେ। ତେଣୁ ପୋଲିସ ବିବାହର ଅନ୍ତିମ ରୀତିନୀତିକୁ ଥାନାରେ ସମ୍ପୂର୍ଣ୍ଣ କରିବାକୁ ଅନୁମତି ଦେଇଥିଲା। ପୋଲିସ ଉପସ୍ଥିତିରେ ଉଭୟ ରାହୁଲ ଓ ଅଞ୍ଜଳି ପରସ୍ପରକୁ ବରଣମାଳା ପିନ୍ଧାଇ ଜୀବନସାଥୀ ହୋଇଥିଲେ। ଏହି ଅନନ୍ୟ ବିବାହର କିଛି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ପୋଲିସର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଡିସିପି ଆଲୋକ କୁମାର କହିଛନ୍ତି, ଅଞ୍ଜଳିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପୋଲିସ ଏକ ସକାରାତ୍ମକ ମନୋଭାବର ସହ ଥାନାରେ ତାଙ୍କ ବିବାହ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନେଇଥିଲା।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୫/୨୦୨୫ | Bhubaneswar, Wednesday, February 5/2025 | ପୃଷ୍ଠା-୧




**ସଲମାନଙ୍କ ରେକର୍ଡକୁ ଛୁଇଁଲେ ଅକ୍ଷୟ**

'ସ୍କାଏଫୋର୍ସ' ଫିଲ୍ମ ସହ ଅଭିନେତା ଅକ୍ଷୟ କୁମାରଙ୍କ ୧୭ଟି ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ଏହାସହ ସେ ଅଭିନେତା ସଲମାନ ଖାନ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି।

୦୨

୧୪

**ସାଇକ୍ଲିଷ୍ଟ ସ୍ୱପ୍ତି ସିଂଙ୍କୁ ସ୍ୱର୍ଣ୍ଣ**

ଓଡ଼ିଶା ସାଇକ୍ଲିଷ୍ଟ ସ୍ୱପ୍ତି ସିଂ ଜାତୀୟ କ୍ରୀଡ଼ାର ଟ୍ରାକ୍ ସାଇକ୍ଲିଂରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।






ଉତ୍ତରପ୍ରଦେଶର ଫତେହପୁର ଜିଲା ପମ୍ଭିପୁର ନିକଟରେ ଦୁଇ ମାଲବାହୀ ଟ୍ରେନ ମଧ୍ୟରେ ମଙ୍ଗଳବାର ହୋଇଥିବା ଧକ୍କା।

# ଆମେରିକାରୁ ୨୦୫ ଅବୈଧ ପ୍ରବାସୀ ଭାରତୀୟ ବିଦା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବା ପରଠୁ ଦେଶରୁ ବେଆଇନ ଆପ୍ରବାସୀମାନଙ୍କୁ ବିଦାକରିବା ଦିଗରେ ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ଆମେରିକାରେ ବିନା କୌଣସି ଦସ୍ତାବିଜରେ ବସବାସ କରୁଥିବା ଅନେକ ଲକ୍ଷ ଅବୈଧ ଆପ୍ରବାସୀ ଭାରତୀୟଙ୍କ ମଧ୍ୟରୁ ୨୦୫ ଜଣଙ୍କୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ସ୍ୱଦେଶକୁ ପଠାଇ ଦିଆଯାଇଛି। କୁହାଯାଉଛି ଯେ ଏହି ଭାରତୀୟ ନାଗରିକମାନେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିଲେ। ଟ୍ରମ୍ପ୍ ପ୍ରଶାସନ ସେମାନଙ୍କୁ ଚିହ୍ନଟ କରିବା ପରେ ଟେକ୍ସାସ୍‌ର ସାନ୍ ଆଣ୍ଟୋନିଓରୁ ଏକ ଆମେରିକୀୟ ସେନା ବିମାନ ଯୋଗେ ଭାରତକୁ ପଠାଇଦେଇଛି। ଆଗକୁ ମଧ୍ୟ ଏଭଳି ଅନେକ ବିମାନରେ ବହୁ ଅବୈଧ ଆପ୍ରବାସୀ ଭାରତୀୟଙ୍କୁ ତଡ଼ିବା ନେଇ ଯୋଜନା ରହିଥିବା ସୂଚନା ମିଳିଛି। ରିପବ୍ଲିକାନ୍ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୩ ତାରିଖରେ ତାଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଏହା ପୂର୍ବରୁ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଆମଦାନୀ ଶୁଳ୍କ ଲଦିବା ନେଇ ଧମକ ଦେଇସାରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଭାରତର ପକ୍ଷକୁ ଦୁର୍ବଳ କରିଦେଇଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ଟ୍ରମ୍ପଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

ୱାଶିଂଟନ୍/ନୂଆଦିଲ୍ଲୀ,୪।୨(ପିଟି/ରଏଟର୍ସ)

ପିଉ ରିସର୍ଚ୍ଚ ସେଣ୍ଟରର ଏକ ଆକଳନ ଅନୁସାରେ ଆମେରିକାରେ ୨୦୨୧ ବେଳକୁ ପ୍ରାୟ ୭,୨୫,୦୦୦ ଭାରତୀୟ ନାଗରିକ ବିନା କୌଣସି ଆଇନଗତ ଦସ୍ତାବିଜରେ ବସବାସ କରୁଥିଲେ। ୨୦୨୫ରେ ଏହି ସଂଖ୍ୟା ବହୁ ଅଧିକ ହୋଇଥାଇପାରେ। ମେକ୍ସିକୋ ଓ ଏଲ୍ ସାଲ୍‌ଭାଡର ପରେ ଆମେରିକାରେ ଭାରତୀୟ ହେଉଛନ୍ତି ସର୍ବାଧିକ ବେଆଇନ ଆପ୍ରବାସୀ। ସେଠାକାର କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନର ତଥ୍ୟ ଅନୁସାରେ ୨୦୧୮ରୁ ୨୦୨୩ ☞ପୃଷ୍ଠା–୨

## ୟୁଏସ୍‌ଏଆଇଡି ପାଣ୍ଠି ବନ୍ଦ

### ଭାରତର ସ୍ୱାସ୍ଥ୍ୟ, ଶିକ୍ଷା ପ୍ରକଳ୍ପ ପ୍ରଭାବିତ ହେବ

ନୂଆଦିଲ୍ଲୀ,୪।୨

ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍‌ଏଆଇଡି) ସହାୟତା ବନ୍ଦ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ପାଣ୍ଠି ସହାୟତାରେ ଭାରତରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ପ୍ରକଳ୍ପ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ଏହାକୁ ନେଇ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ଚିନ୍ତା ବଢ଼ିଯାଇଛି।

ବିଦେଶ ସହାୟତାର ସମୀକ୍ଷା କରିବା ଏବଂ ସେଗୁଡ଼ିକୁ ନୂଆ ପ୍ରଶାସନର ନୀତି ଅନୁରୂପ କରିବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମା ଜାରି କରିବା ପରେ ୟୁଏସ୍‌ଏଆଇଡି ଏହାର ସହାୟତାରେ ଭାରତରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସମସ୍ତ ସଂଗଠନକୁ ନିର୍ଦ୍ଦେଶ ଦେଇଛି। ଫଳରେ ଭାରତରେ ୟୁଏସ୍‌ଏଆଇଡି ପାଣ୍ଠିରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଆମେରିକାର ଏହି କଟକଣା ଯୋଗୁ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକ ଗୁରୁତର ପ୍ରଭାବିତ ହେବ। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ☞ପୃଷ୍ଠା–୨

# ଯୁକ୍ତ୨ ପରୀକ୍ଷା: ୪୫ ଦିନରେ ରେଜଲ୍ଟ

- ୧୮ରୁ ଆରମ୍ଭ, ମାର୍ଚ୍ଚ ୨୭ରେ ଶେଷ
- ଦିବ୍ୟାଙ୍ଗ ପିଲାଙ୍କୁ ମିଳିବ ଅଧିକ ୨୦ ମିନିଟ୍

ଭୁବନେଶ୍ୱର,୪।୨(ସୁଚିସ୍ମିତା ସାହୁ)

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ରେ ଶେଷ ହେବ। ତେବେ ଚଳିତ ବର୍ଷ ପରୀକ୍ଷା ସରିବାର ୪୫ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ମଙ୍ଗଳବାର କହିଛନ୍ତି। ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ମୋଟ ୧୨୭୬ଟି କେନ୍ଦ୍ରରେ ପରୀକ୍ଷା ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ୨୨ ସିଟିଂରେ ପରୀକ୍ଷା ହେବ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମୟରେ ଅଧିକ ୨୦ ମିନିଟ ସମୟ ଦିଆଯିବ। ଚଳିତ ଥର ପରୀକ୍ଷା ସମୟରେ କପି ରୋକିବା ପାଇଁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଡିଭାଇସ୍ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ପରୀକ୍ଷାର ଶେଷଘଣ୍ଟି ପୂର୍ବରୁ ପରୀକ୍ଷାକେନ୍ଦ୍ର ଛାଡ଼ିଲେ କୌଣସି ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ବାହାରକୁ ନେଇପାରିବେ ନାହିଁ। ସବୁ ସେଣ୍ଟରରେ ☞ପୃଷ୍ଠା–୨

# ମୋ ବସ୍ ଧକ୍କାରେ ନାବାଳିକା ମୃତ





କୁନି ଜୁଆଡ଼ି

- ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ନନ୍ଦନକାନନ ରାସ୍ତା ଅବରୋଧ
- ଅଭିଯୁକ୍ତ ଡ୍ରାଇଭର ଗିରଫ, କ୍ରୁଟ୍ ଦେଲା ୨ ଲକ୍ଷ

ବାରଙ୍ଗ/ଭୁବନେଶ୍ୱର,୪।୨ (ଲିଙ୍ଗରାଜ ରାଉତ/ସତ୍ୟଜିତ୍ ରାଉତ)

ବାପାଙ୍କ ଦେହ ଅସୁସ୍ଥ ଥିଲା। ପାଖ ଦୋକାନରୁ କୁନିଝିଅ ବିସ୍କୁଟ ଆଣିବାକୁ ଯାଇଥିଲେ। ହେଲେ ବାଟରେ ଛକି ବସିଥିଲା ମୃତ୍ୟୁ। ରାସ୍ତା ପାର ବେଳେ ମୋ ବସ୍ ଧକ୍କାରେ କଅଁଳ ଜୀବନଟି ସବୁଦିନ ପାଇଁ ଆଖି ବୁଜିଦେଲା। ଭୁବନେଶ୍ୱର ନନ୍ଦନକାନନ ରୋଡ୍ ଏକ ରିସର୍ଟ ସାମ୍ନାରେ ମଙ୍ଗଳବାର ସକାଳେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ମୃତା ହେଲେ ସ୍ଥାନୀୟ ଅଞ୍ଚଳରେ ଏକ ଫାର୍ମହାଉସରେ ଶ୍ରମିକ ଭାବେ କାମ କରୁଥିବା ବରଗଡ଼ ଅଞ୍ଚଳର ରାମ ଜୁଆଡ଼ିଙ୍କ ସାନଝିଅ କୁନି(୧୨)। ଏହି ଘଟଣାରେ କ୍ଷତିପୂରଣ ସହ ଅନ୍ୟାନ୍ୟ ଦାବି ନେଇ ସ୍ଥାନୀୟ ଲୋକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଥିଲେ। ନନ୍ଦନକାନନ ରୋଡ୍‌ରେ ବାଉଁଶ ବାଡ଼ା ଦେବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଅନ୍ୟପକ୍ଷରେ ମୃତା କୁନିଙ୍କ ମା' ସାବିତ୍ରୀଙ୍କ ପକ୍ଷରୁ ଏତଲାକ୍ରମେ ନନ୍ଦନକାନନ ପୋଲିସ ବିଏନ୍‌ଏସ୍ ଦଫା ୨୮୧, ☞ପୃଷ୍ଠା–୨






## ରେଳ ୱାଗନରୁ ୧୨ ସେଲ୍ ବୋମା ଜବତ

### ବଡ଼ମାଲ ଗୋଳାବାରୁଦ କାରଖାନାର ୨ କର୍ମଚାରୀ ନିଲମ୍ବିତ

ବଲାଙ୍ଗୀର/ସଇଁତଲା/କଣ୍ଟାବାଞ୍ଜି, ୪।୨(ବୀରେନ୍ଦ୍ର କୁମାର ଝାଙ୍କର /ରାଖାଲ ପ୍ରସାଦ ଶତପଥୀ /ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳଷ୍ଟେଶନଠାରେ ଗତ ରବିବାର ରେଳ ୱାଗନ ଯାଞ୍ଚ ସମୟରେ ୧୨ଟି ସେଲ୍(ଯୁଦ୍ଧାସ୍ତ୍ର) ବୋମା ମିଳିଛି। ଏହି ଘଟଣାରେ ବଡ଼ମାଲ ଗୋଳାବାରୁଦ କାରଖାନାର ୨ଜଣ କର୍ମଚାରୀଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ନିଲମ୍ବିତ ୨ କର୍ମଚାରୀ ହେଲେ କନିଷ୍ଠ କାର୍ଯ୍ୟ ପ୍ରବନ୍ଧକ ସୁଶାନ୍ତ ପାଣିଗ୍ରାହୀ ଓ ବଉଦ ବେହେରା। ଉଭୟଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ରେଳ ୱାଗନରୁ ମିଳିଥିବା ଗୋଳାବାରୁଦ ବଡ଼ମାଲ କାରଖାନାର ବୋଲି କୁହାଯାଉଛି। ମିଳିଥିବା ସୂଚନାନୁଯାୟୀ, ରେଳ ୱାଗନ ଯାଞ୍ଚ ବେଳେ ସେଲ୍ ବୋମା ମିଳିବା ଘଟଣା ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଆମେରିକା ଆଗ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିଆଇଟିୟୁ ପକ୍ଷରୁ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଧଉଳି-କଳିଙ୍ଗ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡ୍ୟାନ୍ସ ଏକାଡମୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଖୋର୍ଦ୍ଧା
- 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ମିନି ଷ୍ଟାଡିୟମ, ଜଙ୍କିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ୧୯ତମ ସ୍ୱଜନ୍ମ ନକ୍ଷେତ୍ରାଦି ପୂଜା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମନ୍ଦିର ପରିସର, ଜଟଣୀଗାଁ ହାଟବଜାର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ଲେଭଲ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି ପରିସର, ବସ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ରେଞ୍ଜ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଡିଆର୍‌ଡିଓ ଅଡ଼ିଟୋରିୟମ୍, ଚାନ୍ଦିପୁର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଭାଗବତ କଥାମୃତ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଗୋଚ୍ଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାର୍ଷିକ ଉତ୍ସବ ଓ ମତ୍ସ୍ୟ ଚାଷ କର୍ମଶାଳା, ସ୍ଥାନ: ଫ୍ରେଣ୍ଡସ୍ ଫିସାରି କ୍ୟାମ୍ପସ୍, ପୋଡ଼ାଡିହା, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଜଳେଶ୍ୱର ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: ବାଖରାବାଦ ପୂଜାମଣ୍ଡପ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ସଭା, ସ୍ଥାନ: ବାସୁଦେବପୁର ବ୍ଲକ ଅଫିସ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସେଣ୍ଟୀରା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଉମାଚରଣ ସହଯୋଗ ହାଇସ୍କୁଲ ଓ ଗୋପୀନାଥ ସହଯୋଗ ୟୁପି ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ମହରମପୁରସ୍ଥିତ ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- କୋହ୍ଲ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଅଫିସ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଆଙ୍କୁଡ଼େଶ୍ୱରୀ ମନ୍ଦିର ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ନାହାଳିଆ(ମଠ), ଛେନାପଦି, ସମୟ: ସକାଳ ୬ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ ହାଟଡିହି ବ୍ଲକ କାର୍ଯ୍ୟାଳୟ ପରିସର, ଛେନାପଦି, ସମୟ ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା ଉତ୍ସବ, ସ୍ଥାନ: ଆନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭଡ଼ାପୋଷି, ଚମ୍ପୁଆ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଶ୍ରୀ ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ପିଙ୍ଗୁ, ନୁଦୋଡ଼ିହା, କପ୍ତିପଦା, ସମୟ: ସକାଳ ୮ଟା ୩୦।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ: ମାଳିହାତୀ, ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୯ଟା।
- ମୟୂରଭଞ୍ଜ ଗ୍ରୀନ ସହିତ ବିସିଏ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଲୋକାର୍ପଣର ସିଧାପ୍ରସାରଣ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ନଗର ପରିକ୍ରମା, ଦଧିଭଞ୍ଜନ ଓ ପ୍ରସାଦ ସେବନ, ସ୍ଥାନ: ଆରପଟା, ବଡ଼ସାହି, ସମୟ: ଅପରାହ୍ନ ୨ଟା।
- ସେବକ ଗୋପାଳ ଦାସଙ୍କ ପ୍ରବଚନ, ସ୍ଥାନ: ମାଳିହାତୀ, ମାଣତ୍ରୀ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ବିଜୁ ଟ୍ରଫି ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ଗଜପତି ନଗର ପ୍ରଥମ ଲେନ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ଆସିକା ତହସିଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଆଖୁ ଉନ୍ନୟନ କର୍ମଶାଳା, ସ୍ଥାନ: ଆସିକା ଟିମିଶିଲ୍ଲ କୃଷକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଗୋଳନ୍ଥରା ଚଟି, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଶୁଭାରମ୍ଭ, ସ୍ଥାନ: ବୁଗୁଡା ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ବାଲିଗୁଡ଼ା ତହସିଲ କାର୍ଯ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଗୁଡ଼ା ବଡ଼ଗାଁ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: କ. ନୂଆଗାଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡିଶା, ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡିଶା, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ଅଡିଟୋରିୟମ, ସମୟ: ସକାଳ ୯ଟା୩୦।
- ବିକଶିତ ଗାଁ, ବିକଶିତ ଓଡ଼ିଶା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ବିକଶିତ ଗାଁ, ବିକଶିତ ଓଡ଼ିଶା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ବୃଷଭ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଗନ୍ନାଥ ମନ୍ଦିର ବେଢ଼ା ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ଡକ୍ ଆଣ୍ଡ ୱାର୍କର୍ସ ୟୁନିୟନ ପରିସରରେ ଶାରଳା ମେଳା ଓ ଚଣ୍ଡିପାଠ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ୬ଟା।
- ବ୍ଲକସ୍ତରୀୟ ନିପୁଣ ମେଳା, ସ୍ଥାନ: ସିଆରକେ ହାଇସ୍କୁଲ ପରିସର, ଏରସମା, ସମୟ : ପୂର୍ବାହ୍ନ ୯ଟା ୩୦।
- ବିକଶିତ ଗାଁ ବିକଶିତ ଓଡ଼ିଶାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆଶ୍ରମରେ ଖବରଦାତା ସମ୍ମିଳନୀ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗୋପୀନାଥଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଅଡଙ୍ଗା, ଡେରାବିଶ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ରାଜକନିକା ଆଥେଲେଟିକ ଆସୋସିଏଶନ ପକ୍ଷରୁ ରାଜକନିକା କପ୍ କ୍ରିକେଟ, ସ୍ଥାନ: ଆର. ଏନ. ହାଇସ୍କୁଲ ମିନି ଷ୍ଟାଡିୟମ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ବିକଷିତ ଗାଁ ବିକଶିତ ଓଡ଼ିଶା, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଲୋକନାଥ ମହାବିଦ୍ୟାଳୟ, କୋରୁଆ, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଧର୍ମଶାଳା ବ୍ଲକ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ନଗର ପରିକ୍ରମା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ବଡ଼ମଙ୍ଗଳପୁର, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ପରୁଣିଆ ପଞ୍ଚାୟତର ଶଙ୍ଖଠାରେ, ସମୟ: ସନ୍ଧ୍ୟା ୭ଟା୩୦।

## ନୟାଗଡ଼
- ଗଣଧାରଣାର ୩ୟ ଦିବସ, ସ୍ଥାନ: ଗଣିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ନୟାଗଡ଼ ବଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞାରମ୍ଭ, ସ୍ଥାନ: ଅତ୍ରିମୁନି ସେବାଶ୍ରମ ଶାମୁକା ଓଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଓ ନୟାଗଡ଼ ବ୍ଲକ୍‌ସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୪ଟା। ସାଧାରଣ ସଭା, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଜିଲ୍ଲାସ୍ତରୀୟ ବିକଶିତ ଗ୍ରାମ ବିକଶିତ ଭାରତ କାର୍ଯ୍ୟକ୍ରମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପରିସର, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ କାର୍ଯ୍ୟକମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ, ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, କୋଲନରା ବ୍ଲକ ଅଫିସ୍, ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆରଡ଼ିସି ପରେଡରେ ଭାଗ ନେଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ମହିଳା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ-ମୁନିଗୁଡ଼ା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ତେନ୍ତୁଳିଖୁଣ୍ଟି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝରିଗାଁ ମିନି ଷ୍ଟାଡିୟମ, କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ପୋଲିସ ପଡ଼ିଆ, କୋରାପୁଟ, ସମୟ ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମାଥିଲି ଆରଏମ୍‌ସି ଗୋଦାମ ପରିସର, କାଲିମେଳା ତମାଦୋରା ପାର୍କ, ସମୟ: ପୂର୍ବାହ୍ନ ୧୦ଟା।

# ସଲମାନଙ୍କ ରେକର୍ଡକୁ ଛୁଇଁଲେ ଅକ୍ଷୟ

ମୁମ୍ବାଇ: ଗତ ୨୪ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଅକ୍ଷୟ କୁମାରଙ୍କ 'ସ୍କାଏଫୋର୍ସ' ଫିଲ୍ମ ବକ୍ସ ଅଫିସ୍‌ରେ ନିଜର ଭଲ ପ୍ରଦର୍ଶନ ଜାରିରଖିଛି। ସୋମବାର ରିଲିଜ୍ ହେବାର ୧୧ ଦିନ ମଧ୍ୟରେ ଏହି ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡ଼ିକରୁ ୧୦୦ କୋଟିରୁ ଅଧିକ ବ୍ୟବସାୟ କରିଛି। ଏହାସହ ଅକ୍ଷୟ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। 'ସ୍କାଏଫୋର୍ସ' ସହ ତାଙ୍କର ୧୭ତମ ଫିଲ୍ମ ବକ୍ସ ଅଫିସ୍‌ରେ ୧୦୦ କୋଟି କ୍ଲବ୍‌କୁ ପାର୍ କରିଛି। ପୂର୍ବରୁ ବଲିଉଡ୍‌ରେ କେବଳ ଅଭିନେତା ସଲମାନ ଖାନ୍‌ଙ୍କ ନାମରେ ଏହି ରେକର୍ଡ ରହିଥିଲା। ପୂର୍ବରୁ ତାଙ୍କ ଅଭିନୀତ ୧୬ଟି ଫିଲ୍ମ ୧୦୦ କୋଟି କ୍ଲବ୍ ପାର୍ କରିସାରିଛି। କୋଭିଡ୍ ପରେ 'ସ୍କାଏଫୋର୍ସ' ହେଉଛି ଅକ୍ଷୟଙ୍କର ତୃତୀୟ ଫିଲ୍ମ, ଯାହା ୧୦୦ କୋଟି କ୍ଲବ୍‌କୁ ପାର୍ କରିଛି। ୨୦୨୧ରେ ଅକ୍ଷୟଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ' ଓ ୨୦୨୩ରେ 'ଓଏମ୍‌ଜି ୨'ର ବ୍ୟବସାୟ ୧୦୦ କୋଟି ଟଙ୍କା ପାର୍ କରିଥିଲା। ତେବେ ଅକ୍ଷୟଙ୍କର ପ୍ରଥମ ଫିଲ୍ମ ଭାବେ ୨୦୧୨ରେ ରିଲିଜ୍ ହୋଇଥିବା 'ହାଉସ୍‌ଫୁଲ ୨' ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଥିଲା। ଏହାବ୍ୟତୀତ ତାଙ୍କ ଅଭିନୀତ 'ରାଉଡ଼ି ରାଠୋର', 'ହଲିଡେ', 'ଏୟାରଲିଫ୍ଟ', 'ହାଉସ୍‌ଫୁଲ ୩', 'ରୁସ୍ତମ', 'ଜଲି ଏଲ୍‌ଏଲ୍‌ବି ୨', 'ଟଏଲେଟ୍ ଏକ୍ ପ୍ରେମ୍ କଥା', 'ଗୋଲ୍ଡ', '୨.୦', 'କେଶରୀ', 'ମିଶନ ମଙ୍ଗଲ', 'ହାଉସ୍‌ଫୁଲ ୪' ଏବଂ 'ଗୁଡ୍ ନ୍ୟୁଜ୍' ଫିଲ୍ମର ରୋଜଗାର ମଧ୍ୟ ବକ୍ସ ଅଫିସ୍‌ରେ ୧୦୦ କୋଟି ପାର୍ କରିଛି। ଅକ୍ଷୟଙ୍କ ପରି ସଲମାନଙ୍କର ମଧ୍ୟ ୧୭ ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ରହିଛି। ଶେଷଥର ପାଇଁ ୨୦୨୩ରେ ସଲମାନଙ୍କ ଅଭିନୀତ 'ଟାଇଗର ୩' ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଥିଲା।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟିରେ ଅର୍ଥଲାଭ ସହ କିଛି ପୁରୁଣା କଥା ଓ ନୂଆ କାମକୁ ନେଇ ବ୍ୟସ୍ତ ରହିବେ। ପ୍ରତ୍ୟେକ ସ୍ତରରେ ଆତ୍ମୀୟଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଚର୍ଚ୍ଚିତ ହେବେ। ଧର୍ମକାର୍ଯ୍ୟ, ସଭାସମିତି, ରାଜନୀତି, ପ୍ରଶାସନ, ସାମ୍ବାଦିକତା ତଥା ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ଫାଇଲ୍ କାମର ଚାପ ବୃଦ୍ଧି ପାଇବ ।

**ବୃଷ** ସମସ୍ୟା ମଧ୍ୟରେ ବୁଡ଼ି ରହିଥିଲେ ମଧ୍ୟ କୌଣସି କାମକୁ ଅଣଦେଖା କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଉପୁଜିଥିବା କିମ୍ବା ନିଜର ପରିବାର ଭିତର ବିବାଦକୁ ପ୍ରତିହତ କରିପାରିବେ। ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ସମ୍ପର୍କୀୟଙ୍କର କୃତକର୍ମ ଆପଣଙ୍କ ସକାଶେ ମୁଣ୍ଡବ୍ୟଥାର କାରଣ ହେବ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ଉଚ୍ଚ ସମ୍ମାନର ସୂଚନା ରହିଛି। ପ୍ରିୟଜନ ଭାବରେ ପାଖରେ ରଖିଥିବା ବ୍ୟକ୍ତିଟି ଦୁଶ୍ଚିନ୍ତାର କେନ୍ଦ୍ରବିନ୍ଦୁ ସାଜିପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପା ହେତୁକ କାମ ହାସଲ କରି ବହୁଜନ ପ୍ରଶଂସିତ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ହଟିଯାଇ ଲାଭବାନ ହୋଇପାରନ୍ତି।

**କର୍କଟ** ସାମାଜିକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ କରିବା ପାଇଁ ନିଷ୍ପତ୍ତି ନେଇ ସଫଳ ହେବେ। ପରିବାରରେ ମତାନ୍ତରଜନିତ ଅଶାନ୍ତି ଓ ଅସୁବିଧାର ସମ୍ମୁଖୀନ ହେବେ। ଜିଦ୍‌ଖୋର ମନୋବୃତ୍ତି କାରଣରୁ କୌଣସି କ୍ଷେତ୍ରରେ ଗୁଡ଼ାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ସିଂହ** ଆଜି ମନ ଯଦିଓ ଅଶାନ୍ତ ରହିବ ତଥାପି ଭାବୁଥିବା କାମଟିକୁ ଶେଷ କରିପାରିବେ ଓ ଅର୍ଥ ମଧ୍ୟ ପାଇବେ। ଅନ୍ୟମନସ୍କ କାରଣରୁ କିଛି ମୂଲ୍ୟବାନ ଜିନିଷ ହରାଇ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ଓ ଏହି ଦିଗରେ ଥିବା ପ୍ରତିବନ୍ଧକ ଅବଶ୍ୟ ଦୂରେଇ ଯିବ।

**କନ୍ୟା** ଗୋପନ କଥାଟିକୁ ବନ୍ଧୁ ଆଗରେ କହି ପରେ ଅନୁତାପ କରିବେ। ପ୍ରକୃତ ସମସ୍ୟାକୁ ହୃଦୟଙ୍ଗମ ନ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାରୁ କଳହ ଲାଗିପାରେ। କଚେରୀ ମାମଲା କିମ୍ବା ପରିବହନରେ ସମସ୍ୟା ଦୂର ହେବ ଏବଂ ଲାଭବାନ ହେବେ। ପ୍ରଶାସନିକ ଓ ସାଂଗଠନିକ ସ୍ତରରେ କଠିନ ଶ୍ରମ କରିବାକୁ ବାଧ୍ୟ ହେବେ।

**ତୁଳା** ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ନିଜେ ସାମାନ୍ୟ ଅସୁବିଧା ଭୋଗିପାରନ୍ତି। କୌଣସି ବନ୍ଧୁଙ୍କ ସହାନୁଭୂତି ପ୍ରଦର୍ଶନ କରି ନିଜେ ଚର୍ଚ୍ଚାକୁ ଆସିଯିବେ। କଂଟ୍ରାକ୍ଟରୀ କାମରେ କିମ୍ବା କଳ କାରଖାନାରେ ଶ୍ରମିକ ଅଶାନ୍ତି ହେତୁ ଟେନ୍ସନ ଦେଖାଦେଇପାରେ। ମନକଥା ମନରେ ରଖି ବାହାରକୁ ଠିକ୍ ଭାବେ କାମ କରିବାର ଅଭିନୟ କରିପାରନ୍ତି।

**ବିଛା** ଆଜି ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ଯାତ୍ରାରେ ସଫଳତା ସଙ୍ଗକୁ ବିଭିନ୍ନ ସଂଗଠନରେ ସାମିଲ ରହି ଖୁସି ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତାକୁ ନେଇ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇବେ। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ, ଏଣୁ ମନ ନୂତନ ଉତ୍ସାହ ଉଦ୍ଦୀପନାରେ ଭରିଯିବ।

**ଧନୁ** ବିଗତ ଘଟଣାର ବିଷୟବସ୍ତୁ ସମୂହକୁ ଜାଣିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସତ କହିପାରିବେ ନାହିଁ। ଯେକୌଣସି ପରିସ୍ଥିତିରେ ମଧ୍ୟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ବଢ଼ିଯିବ। ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି ତାହା ବିଳମ୍ବରେ ପାଇବେ।

**ମକର** ଆବଶ୍ୟକତା ପୂରଣ କରିବାକୁ ଯାଇ ଭାଇ କିମ୍ବା ପଡ଼ୋଶୀଙ୍କଠାରୁ କରଜ କରିବାକୁ ପଡ଼ିବ। ଆଜି ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ନ ହେଲେ କ୍ଷତିରେ ପଡ଼ି ପାରନ୍ତି। ଧର୍ମାନୁଷ୍ଠାନ, ରାଜନୀତି, ପ୍ରଶାସନ, ଯାତ୍ରା, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ମାନସିକ ଅସ୍ଥିରତା ସହିତ ଅନ୍ୟମାନଙ୍କୁ ସାହାଯ୍ୟକରି ହରଡ଼ଘଣାରେ ପଡ଼ିପାରନ୍ତି। ସମ ପରିମାଣର ପ୍ରତିଦାନ ଆଶା କରି କିଛି ନ ପାଇବା କାରଣରୁ ମନରେ କ୍ରୋଧ ଜାଗ୍ରତ ହେବ। କର୍ମକ୍ଷେତ୍ରରେ ବିଶୃଙ୍ଖଳିତ ପରିସ୍ଥିତିକୁ କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ** କର୍ମଜଞ୍ଜାଳ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ତରରେ ବିଚଳିତବୋଧ ଅନୁଭବ କରିପାରନ୍ତି। ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ଉପରେ ଖପ୍ପା ହେଲେ ମଧ୍ୟ କରିପାରିବେ ନାହିଁ। ମାଲି ମକଦ୍ଦମାରେ ନିଜ ସପକ୍ଷରେ ରାୟ ଯିବାର ଆଶାକରି ଏକ ପ୍ରକାର ଚିନ୍ତାମୁକ୍ତ ହେବେ। ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

ଆଜି ଫେବୃଆରୀ ୫ ତାରିଖ, ମାଘ ଶୁକ୍ଳପକ୍ଷର ବୁଧାଷ୍ଟମୀ ବୁଧବାର, ଭୀଷ୍ମାଷ୍ଟମୀ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୪ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

## ଆମେରିକାରୁ ୨୦୫ ଅବୈଧ ...

ମଧ୍ୟରେ ଆମେରିକୀୟ ଅଧିକାରୀମାନେ ୨ ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ଭାରତୀୟ ଆପ୍ରବାସୀଙ୍କୁ ଧରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ୨୦ ତାରିଖରେ ଦ୍ୱିତୀୟ ଥର ଶପଥ ନେବା ପରେ ଏଭଳି ୧୮,୦୦୦ ଅବୈଧ ଭାରତୀୟ ଆପ୍ରବାସୀଙ୍କୁ ସ୍ୱଦେଶକୁ ପ୍ରତ୍ୟର୍ପଣ ପାଇଁ ଆମେରିକା ସରକାର ଯୋଜନା କରିଛନ୍ତି। କେବଳ ଏତିକି ନୁହେଁ, ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ନେଇ ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଆମେରିକା ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୩-୨୪ରେ ଦୁଇଦେଶର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବିଲିୟନ୍ ଡଲାର ରହିଥିଲା। ଅନ୍ୟପକ୍ଷେ ଟ୍ରମ୍ପ୍‌ଙ୍କ ଧମକ ପରେ ଅତ୍ୟଧିକ ଟାରିଫ୍ ଭୟରେ ଗତ ୧ରେ ସଂସଦରେ ଉପସ୍ଥାପିତ ବଜେଟରେ ଭାରତ ସରକାର ଆମେରିକାରୁ ଆମଦାନୀ ହେଉଥିବା ଅଟୋମୋବାଇଲ୍ସ ସମେତ କେତେକ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏଭଳି କଠୋର ଆଭିମୁଖ୍ୟକୁ ନେଇ ତାଙ୍କ ପ୍ରଶାସନ ମଙ୍ଗଳବାର ଭାରତକୁ ଆଉ ଏକ ଝଟକା ଦେଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଜଣ ଜଣ କରି ୨୦୫ ଭାରତୀୟଙ୍କ ପରିଚୟ ସ୍ପଷ୍ଟ କରାଯାଇଛି। ଏହି ପ୍ରତ୍ୟର୍ପଣ ପ୍ରକ୍ରିୟାରେ ନୂଆଦିଲ୍ଲୀର ମଧ୍ୟ ସମ୍ପୃକ୍ତି ରହିଛି। ଆମେରିକାରୁ ଏତେ ସଂଖ୍ୟକ ବେଆଇନ ପ୍ରବାସୀଙ୍କୁ ଭାରତକୁ ବିଦା କରାଯିବାର ଏହା ହେଉଛି ପ୍ରଥମ ଘଟଣା। ଭାରତୀୟ ସମୟ ଭୋର ୩ଟାରେ ୨୦୫ ଭାରତୀୟଙ୍କୁ ନେଇ ଆସୁଥିବା ଆମେରିକା ସେନାର ସି-୧୭ ଏୟାରକ୍ରାଫ୍ଟରେ ମାତ୍ର ଗୋଟିଏ ଟଏଲେଟ୍ ରହିଛି। ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ବେଆଇନ ପ୍ରବାସୀଙ୍କୁ ଫେରାଇନେବା ପାଇଁ ଯାହା ଉପଯୁକ୍ତ ଭାରତ ତାହା କରିବା ନେଇ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ନିକଟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ବେଆଇନ ଆପ୍ରବାସନ ଅନେକ ସଙ୍ଗଠିତ ଅପରାଧ ସହ ଜଡ଼ିତ ହୋଇଥିବାରୁ ଭାରତ ଏହାକୁ ବିରୋଧକରେ। କେବଳ ଆମେରିକା ନୁହେଁ, ବିଶ୍ୱର ଯେକୌଣସି ଦେଶରେ ଭାରତୀୟ ନାଗରିକମାନେ ବେଆଇନ ଭାବେ ବସବାସ କରୁଥିଲେ, ସେମାନଙ୍କୁ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପ୍ରସ୍ତୁତ। ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସର ଜଣେ ମୁଖପାତ୍ର କହିଛନ୍ତି, ଆମେରିକା ନିଜ ସୀମା ଉପରେ କଡ଼ା ନଜର ରଖିଛି। ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଏହି କାର୍ଯ୍ୟାନୁଷ୍ଠାନ ଏଭଳି

## ପ୍ରଥମ ପୃଷ୍ଠାରୁ...

ଅନୁପ୍ରବେଶକାରୀଙ୍କ ପାଇଁ ଏକ ସ୍ପଷ୍ଟ ସନ୍ଦେଶ। ଏହା ପୂର୍ବରୁ ଟ୍ରମ୍ପ୍ ପ୍ରଶାସନ ଗୁଏଟ୍‌ମାଲା, ପେରୁ ଓ ହୋଣ୍ଡୁରାସ୍‌ରୁ କେତେଜଣ ବେଆଇନ ଆପ୍ରବାସୀଙ୍କୁ ସେମାନଙ୍କ ଦେଶକୁ ସାମରିକ ବିମାନରେ ବସାଇ ବିଦା କରିସାରିଛି।

## ୟୁଏସ୍‌ଏଆଇଡି ...

ତୃଣମୂଳ ସ୍ତରରେ ପହଞ୍ଚାଇବାରେ ୟୁଏସ୍‌ଏଆଇଡି ପାଣ୍ଠି ପ୍ରଯୁକ୍ତିଗତ ସହାୟତା ବଢ଼ାଇଥିଲା। ସେହିପରି ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଭାରତରେ ୟୁଏସ୍‌ଏଆଇଡିର ଉପସ୍ଥିତି କମ୍ ହୋଇଥିଲେ ମଧ୍ୟ ଏହାର ଯୋଗଦାନର ସମ୍ଭାବନା ଆହୁରି ହ୍ରାସ ପାଇବ, କାରଣ ଆମେରିକା ଏହାର ବୈଶ୍ୱିକ ସହାୟତାକୁ ଯଥେଷ୍ଟ ହ୍ରାସ କରିଛି। ଫଳରେ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ଥିବା ଏନ୍‌ଜିଓଗୁଡ଼ିକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ପ୍ରକଳ୍ପ ବନ୍ଦ ରହିବା ସମୟରେ ମିଳିତ ଭାବେ ହେଉଥିବା ବ୍ୟୟକୁ କମାଇବା ପାଇଁ ୟୁଏସ୍‌ଏଆଇଡି ନିର୍ଦ୍ଦେଶନାମାରେ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସଂସ୍ଥାଗୁଡ଼ିକୁ କୁହାଯାଇଛି। ପାଣ୍ଠି ଯୋଗାଣରେ ଲାଗିଥିବା ସ୍ଥଗିତାଦେଶ ବାତିଲ ହେଲା ବୋଲି ଏହାର ଆୟୋଜକ ଅଫିସରଙ୍କଠାରୁ ଲିଖିତ ବିଜ୍ଞପ୍ତି ନ ପାଇବା ପର୍ଯ୍ୟନ୍ତ ସଂସ୍ଥାଗୁଡ଼ିକ କାମ ଆରମ୍ଭ ନ କରିବାକୁ କୁହାଯାଇଛି। ତେବେ ଏହି ଅନିଶ୍ଚିତତା ଆତଙ୍କ ସୃଷ୍ଟି କରିଥିବା ଜଣେ ଡେଭେଲପ୍‌ମେଣ୍ଟ ପ୍ରାକ୍ଟିଶନର କହିଛନ୍ତି। ୨୦୨୧ ଜାନୁଆରୀର ୟୁଏସ୍‌ଏଆଇଡି ୱେବ୍‌ସାଇଟ୍ ଅନୁଯାୟୀ, ଭାରତରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ୬ ରାଜ୍ୟକୁ ଏହା ସହାୟତା ଯୋଗାଇଦେଉଥିଲା। ଏଥିସହିତ ଅନେକ ସହରରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ସୁସ୍ଥ ପରିବେଶ ପାଇଁ ପାଣ୍ଠି ଯୋଗାଇ ସ୍ୱାସ୍ଥ୍ୟସେବାରେ ଉନ୍ନତି କରାଇଆସୁଥିଲା। ସେହିପରି ଲିଙ୍ଗଗତ ହିଂସା ରୋକିବା ଏବଂ ଭିନ୍ନକ୍ଷମଙ୍କ ସୁରକ୍ଷା ଓ ସହାୟତା ପାଇଁ ବିଭିନ୍ନ ରାଜ୍ୟ ଓ ଘରୋଇ ସଂସ୍ଥା ସହ ମିଶି ଏହା କାର୍ଯ୍ୟ କରୁଥିଲା। କେତେ ଦଶନ୍ଧି ହେଲା ବିଦେଶୀ ସହାୟତା ହ୍ରାସ ପାଇଥିବାରୁ ଉନ୍ନୟନ କ୍ଷେତ୍ରର ପେସାଦାର ଏବଂ ସିଭିଲ୍ ସୋସାଇଟି ପାଣ୍ଠି ସଙ୍କଟର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିସହିତ ବିଦେଶୀ ଅନୁଦାନ ନିୟାମକ ଆଇନର କଟକଣା ସ୍ଥାନୀୟ ସଂଗଠନଗୁଡ଼ିକୁ ବିଦେଶୀ ସହାୟତା ପାଇବା ଦିଗରେ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ସୁଇଡେନ୍, ଜର୍ମାନୀ ଓ ବ୍ରିଟେନ୍ ବିଭିନ୍ନ ଦେଶକୁ ସହାୟତା ହ୍ରାସ କରିଥିବାବେଳେ ୟୁଏସ୍‌ଏଆଇଡି ପାଣ୍ଠି ବନ୍ଦ ଏହି ବୈଶ୍ୱିକ ଧାରାର ଅଂଶବିଶେଷ ବୋଲି ଭଲ୍ୟୁଣ୍ଟାରି ଆକ୍ସନ ନେଟ୍‌ୱର୍କ ଇଣ୍ଡିଆର ସିଇଓ ହର୍ଷ ଜୈଟଲି କହିଛନ୍ତି।

## ରେଳ ୱାଗନରୁ ୧୨ ...

ଜଣାପଡ଼ିବା ପରେ ଅଞ୍ଚଳରେ ଆତଙ୍କ ଓ ହଇଚଇ ଖେଳିଯାଇଥିଲା। କିଭଳି ପରିସ୍ଥିତିରେ, କେଉଁଠାରୁ ଏବଂ କାହା ଦ୍ୱାରା ଏହି ଯୁଦ୍ଧାସ୍ତ୍ର ବା ସେଲ୍‌ବୋମା ରେଳୱାଗନ ଭିତରକୁ ଆସିଥିଲା ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। କଣ୍ଟାବାଞ୍ଜି ରେଳଷ୍ଟେଶନ ମାଷ୍ଟରଙ୍କ ନିକଟରୁ ବିଶେଷ କିଛି ସୂଚନା ମିଳି ନ ଥିଲା । ତେବେ ଉକ୍ତ ସେଲ୍ ବୋମାକୁ ବଡ଼ମାଲ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷଙ୍କୁ ଫେରାଇ ଦିଆଯାଇଥିବା ସୂଚନା ଦିଆଯିବା ପରେ ଘଟଣା ଅଧିକ ରହସ୍ୟଜନକ ହୋଇପଡ଼ିଥିଲା। କେଉଁ ପରିସ୍ଥିତିରେ ଏଭଳି ବ୍ୟତିକ୍ରମ ହେଲା ଏବଂ ଅତିସମ୍ବେଦନଶୀଳ ସେଲ୍ ବୋମା ରେଳୱାଗନ ଭିତରେ କିପରି ରହିଯାଇଥିଲା ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ଉଦ୍‌ଘାଟିତ ହୋଇପାରିବ। ବଲାଙ୍ଗୀର ଗୋଳାବାରୁଦ କାରଖାନା ଅତିସମ୍ବେଦନଶୀଳ ନିଷିଦ୍ଧାଞ୍ଚଳ ଭାବେ ପରିଗଣିତ। ସେଠାରୁ କିଭଳି ସେଲ୍‌ବୋମା କଣ୍ଟାବାଞ୍ଜି ଷ୍ଟେଶନସ୍ଥିତ ରେଳୱାଗନ ଭିତରକୁ ଆସିଲା ତାହା ଜଣାପଡ଼ିନାହିଁ। ବଲାଙ୍ଗୀର ମାଓବାଦୀପ୍ରବଣ ଜିଲା ଭାବେ ଚିହ୍ନଟ ହୋଇଥିବାରୁ ଏଠାରେ ଏଭଳି ଘଟଣା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷ କିମ୍ବା କଣ୍ଟାବାଞ୍ଜି ରେଳ ବିଭାଗ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି ।

## ଯୁକ୍ତ୨ ପରୀକ୍ଷା: ୪୫ ...

ସିସିଟିଭି ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ହେଉ କିମ୍ବା କୌଣସି ପେପର ଯେପରି ଲିକ୍ ଯେପରି ନ ହେବ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ। ଏ ନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିସହ ବର୍ତ୍ତମାନ ଖରାଦିନ ଆରମ୍ଭ ହେଉଥିବାରୁ ବିଦ୍ୟାର୍ଥୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ପରୀକ୍ଷା ହଲରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ହଲଗୁଡ଼ିକରେ ଓଆର୍‌ଏସ୍ ପାଣି ରଖାଯିବା ସହ କୌଣସି ଅପପ୍ରଚାରରେ ପ୍ରଭାବିତ ନ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କାଡ୍ ସଦସ୍ୟ, ଜିଲା ପ୍ରଶାସନର ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ନିଜ ମୋବାଇଲ ଫୋନକୁ କେନ୍ଦ୍ର ଅଧୀକ୍ଷକଙ୍କ ନିକଟରେ କିମ୍ବା ନିଜ ଗାଡ଼ିରେ ରଖିବେ। କେନ୍ଦ୍ର ଅଧୀକ୍ଷକମାନେ ଏସବୁର ତାରିଖ ଅନୁଯାୟୀ ରେକର୍ଡ ରଖିବେ।

## ମୋ ବସ୍ ଧକ୍କାରେ ...

୧୦୬(୧)ରେ ଏକ ମାମଲା (ନଂ.୩୭/୨୦୨୫) ରୁଜୁକରି କାର୍ଯ୍ୟାନୁଷ୍ଠାନ ନେଇଛି। ଦୁର୍ଘଟଣା ଘଟାଇଥିବା ବସ୍ (ଓଡି୦୨-ବିଜେ-୯୪୦୬)କୁ ଜବତ ସହ ଥାନାରେ ଆତ୍ମସମର୍ପଣ କରିଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ହରିପୁର ଗାଁର ନୃସିଂହ ସେଠୀ (୩୩)। କୋର୍ଟଚାଲାଣ କରାଯିବା ପରେ ନୃସିଂହଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କୁନିଙ୍କ ବାପା ଦୀର୍ଘଦିନ ହେବ ସ୍ଥାନୀୟ ଅଞ୍ଚଳରେ ପରିବାର ସହ ରହୁଛନ୍ତି। ସକାଳ ପ୍ରାୟ ୮ଟା ବେଳେ କୁନି ସାଇକେଲ ଧରି ପାଖ ଦୋକାନରୁ ବାପାଙ୍କ ପାଇଁ ବିସ୍କୁଟ୍ ଆଣିବାକୁ ଯାଇଥିଲେ। ରାସ୍ତା ପାରିହେବା ବେଳେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ୫୪ ନଂ ମୋ ବସ୍ ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କୁନିଙ୍କ ସାଇକେଲ୍‌କୁ ବସ୍‌ଟି ୧୦୦ ମିଟର ଯାଏ ଘୋଷାଡ଼ି ନେଇଥିଲା। ଦୁର୍ଘଟଣାରେ କୁନିଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ଡାକ୍ତର କୁନିଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଚାଳକ ନୃସିଂହ ବସ୍‌କୁ ନେଇ ଥାନାରେ ଆତ୍ମସମର୍ପଣ କରିଥିଲେ। ତେବେ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୩ଟି ମୋ ବସ୍‌କୁ ଅଟକ ରଖି ନନ୍ଦନକାନନ-ଭୁବନେଶ୍ୱର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ବହୁ ଗାଡ଼ି ଅଟକି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଶୁଣି ନ ଥିଲେ। ଜିଲାପାଳ ଘଟଣାସ୍ଥଳକୁ ଆସି ମୃତାଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ରାସ୍ତାରେ ହମ୍ପସ ନିର୍ମାଣ, ମୋ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାକୁ ବନ୍ଦ କରିବାକୁ ଲୋକମାନେ ଦାବି କରିଥିଲେ। ଘଟଣାସ୍ଥଳରେ କ୍ରୁଟ୍ ଅପରେଶନ ମ୍ୟାନେଜର ଜୟନ୍ତ କୁମାର ପହଞ୍ଚି ମୃତାଙ୍କ ପରିବାରକୁ କ୍ଷତିପୂରଣ ପାଇଁ ୨ଲକ୍ଷ ଟଙ୍କା ଦେଇଥିଲେ। ଏଥିସହ ପୋଲିସ ପକ୍ଷରୁ ରେଡ୍‌କ୍ରସ୍‌ରୁ ୨୦ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପରେ ଘଣ୍ଟାଏ ପରେ ରାସ୍ତା ଅବରୋଧ ହଟିଥିଲା।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

## ତ୍ରିଶମ୍ଭୁଙ୍କ ମହାସ୍ନାନ ବିଳମ୍ବକୁ ନେଇ ଅସନ୍ତୋଷ

କୋଣାର୍କ,୪।୨(ଜ୍ୟୋତିରାଜ ମହାନ୍ତି)

ପବିତ୍ର ମାଘ ସପ୍ତମୀ ଅବସରରେ ମଙ୍ଗଳବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇଛନ୍ତି। ତେବେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିର୍ଘଣ୍ଟ ହୋଇଥିବା ନୀତି ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ତିନି ମହାଦେବ ଭାବେ ପରିଚିତ ତ୍ରିଶମ୍ଭୁଙ୍କ ମହାସ୍ନାନ ବିଧି ସମ୍ପନ୍ନ ହେବା ନେଇ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଦ୍ୱାରା ପରମ୍ପରା ଓ ରୀତିନୀତି ଭଙ୍ଗ ହୋଇଥିବା ସାଧାରଣରେ ଚର୍ଚ୍ଚା ଚାଲିଛି।

କୋଣାର୍କସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ମୁତାବକ ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବ ମାଘ ସପ୍ତମୀ ଅବସରରେ ପୀଠରୁ ଷଷ୍ଠୀ ରାତି ୧୦ଟା ୪୫ ମିନିଟ୍ ସମୟରେ ବିମାନରେ ବିଜେ କରି ଶୋଭାଯାତ୍ରାରେ ବାହାରି କୋଣାର୍କ ଏନ୍ଏସି ଭୋଗ ମଣ୍ଡପଠାରେ ରାତ୍ର ୧୨ଟା ସମୟରେ ପହଞ୍ଚିଥିଲେ। ସେଠାରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହ ଭୋଗ ଲାଗି କରାଯାଇଥିଲା। ପରେ ପରେ ତ୍ରିଶମ୍ଭୁଙ୍କୁ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ବେହେରା ସେବାୟତ, ତ୍ରିଶମ୍ଭୁଙ୍କ ସେବକ ଓ ସାଧୁସନ୍ଥଙ୍କ ଗହଣରେ ତ୍ରିଶମ୍ଭୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ଅନୁସାରେ ନ ପହଞ୍ଚି ପ୍ରାୟ ୩୦ ମିନିଟ ବିଳମ୍ବରେ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପ ଠାରେ ପହଞ୍ଚିଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ନିର୍ଦ୍ଧାରିତ ରାତ୍ର ୪ଟା ୩୭ ମିନିଟ୍ ବଦଳରେ ୪ଟା ୫୦ ମିନିଟ୍ ସମୟରେ ତ୍ରିଶମ୍ଭୁଙ୍କ ସ୍ନାନ କାର୍ଯ୍ୟ ସମ୍ପାଦନ ନେଇ ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭୋର ୫ଟା ୩ ମିନିଟ୍ ସମୟରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଥିଲେ। ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ଚତୁଃପାର୍ଶ୍ୱ, ମେଳାପଡ଼ିଆ ଓ କୋଣାର୍କ ମୁଖ୍ୟ ବଜାର ସମେତ ବିଭିନ୍ନ ସ୍ଥାନରେ ୩୩ ପ୍ଲାଟୁନ୍ ଫୋର୍ସ, ଲାଇଫ୍ ଗାର୍ଡ, ଅଗ୍ନିକ, ବୋମା ନିଷ୍କ୍ରିୟକାରୀ ଟିମ୍ ଓ ପୋଲିସ ଅଧିକାରୀଙ୍କୁ ଭକ୍ତମାନଙ୍କ ସୁରକ୍ଷା ଓ ସୁରକ୍ଷିତ ସ୍ନାନ ନିମନ୍ତେ ମୁତୟନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ନେତୃତ୍ୱରେ ମାଘ ସପ୍ତମୀ ବୁଡ଼ ଅବସରରେ ହଜିଲା ଖୋଜିଲା ମଞ୍ଚ କରାଯାଇଥିଲା। ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼ ମେଳା ପଡ଼ିଆରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



# ‘କହନା ଏ ଫୁଲ କହନା’ ଗୀତର ଗୀତିକାରଙ୍କ ବିୟୋଗ

ବାରିପଦା,୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସୁନାମଧନ୍ୟ ଗୀତିକାର ସଂଗ୍ରାମ କେଶରୀ ମହାନ୍ତି(୭୭)ଙ୍କ ମଙ୍ଗଳବାର ସକାଳ୬ଟା ୩୦ରେ ପରଲୋକ ହୋଇଯାଇଛି। ସାହିତ୍ୟ, ସମାଜସେବା, କୃଷି ଓ କଳା କ୍ଷେତ୍ରରେ ସେ ନିଜକୁ ନିୟୋଜିତ କରିଥିଲେ। ୧୯୭୧ରୁ କଟକ ଆକଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ସେ ନିଜର ପରିଚୟ ସୃଷ୍ଟି କରିଥିଲେ। ‘କହନା ଏ ଫୁଲ କହନା’(ଓଡ଼ିଆ ଫିଲ୍ମ ଫୁଲ ଚନ୍ଦନ), ‘ଏଇ ଝୁମା ଝୁମା ଗୋଲାପି ବେଳାରେ’(ଅଭିଳାଷ), ‘ରୁମ୍ ଝୁମ୍ ବାଜେ ପାଦର ପାଉଁଜି’ (ଗୋପରେ ବଢୁଛି କଳା କହ୍ନେଇ), ‘ହେଇରେ ଖଣ୍ଡିଆ ଭୂତ ଆସିଲା’(ମୋ ମନ ଖାଲି ତୋରି ପାଇଁ), ‘ଶୂନ୍ ଶାନ୍ ରାତି ଶୂନ୍ ଶାନ୍ ଜ୍ୟୋତ୍ସ୍ନା’(ତୁମେ ହିଁ ସାଥୀ ମୋର) ଆଦି ଲୋକପ୍ରିୟ ସିନେ ଗୀତର ସେ ରଚୟିତା ଥିଲେ। ସେହିପରି ରସିଆ ଠାକୁର, ଆମରି ଅମ୍ବିକା ମା’, ତୁଳସୀ କର୍ପୂର ଚନ୍ଦନ, ରିମ ଝିମ୍ ବର୍ଷା, ମୋ ପ୍ରିୟା, ମାଦଳ ତାଳେ ତାଳେ, ପିତଳ ସିଟି, ଡାକିନିଅ ପାଶେ, ଭକ୍ତି ପୀୟୂଷ, ସାଇ ସରଗମ ଆଦି ଓଡ଼ିଆ କ୍ୟାସେଟ ପାଇଁ ସେ ଗୀତ ରଚନା କରିଥିଲେ। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ବାରିପଦା ହରିହର କଳାମନ୍ଦିର ପ୍ରତିଷ୍ଠାତା, ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନର ପୂର୍ବତନ ସଦସ୍ୟ, ମୟୂରଭଞ୍ଜ ସଂସ୍କୃତି ପରିଷଦର ପୂର୍ବତନ ସଦସ୍ୟ, ପରଶମଣି ଶିଶୁ ସାହିତ୍ୟ ସଂସଦ ମୟୂରଭଞ୍ଜର ସାଧାରଣ ସମ୍ପାଦକ, ଓଡ଼ିଆ ଗୀତିକବି ସମାଜ କଟକର ଆଜୀବନ ସଦସ୍ୟଭଳି ବିଭିନ୍ନ ସଂସ୍ଥା ସହ ଜଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କଳାକାର ଓ ଛଉପ୍ରେମୀ ମୟୂରଭଞ୍ଜ ଜିଲା ବାରିପଦା ସହର ଭଞ୍ଜପୁରସ୍ଥିତ ଜେଲମାର୍ଗ ବାସଭବନରେ ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ମମତା ଓ ୩ ଝିଅ ଉପସ୍ଥିତ ଥିଲେ। ବାରୁଣୀଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



ସଂଗ୍ରାମ କେଶରୀ ମହାନ୍ତି

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଗୀତିକାର ସଂଗ୍ରାମ ମହାନ୍ତିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି। ନିଜର ଏକ୍ସ ଆକାଉଣ୍ଟରେ ଏନେଇ ସୂଚନା ଦେବା ସହ ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଜଣେ ମହାନ୍ ଗୀତିକାର ଏବଂ ସରଳ ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ମହାନ୍ତି ସୁପରିଚିତ ଥିଲେ। ମହାପ୍ରଭୁଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଲୁଟ୍ ୩ କୋଟି ଟଙ୍କାରେ ଗର୍ଲଫ୍ରେଣ୍ଡଙ୍କ ପାଇଁ ଘର

ବେଙ୍ଗାଲୁରୁ, ୪।୨

କର୍ନାଟକର ବେଙ୍ଗାଲୁରୁ ପୋଲିସ ମଙ୍ଗଳବାର ପଞ୍ଚାକ୍ଷରୀ ସ୍ୱାମୀ (୩୭) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି, ଯିଏକି ଲୋକଙ୍କୁ ଲୁଟିଥିବା ଟଙ୍କାରେ ତାଙ୍କର ଅଭିନେତ୍ରୀ ଗର୍ଲଫ୍ରେଣ୍ଡଙ୍କ ପାଇଁ କୋଲାକାତାରେ ବିଳାସପୂର୍ଣ୍ଣ ଘର ନିର୍ମାଣ କରିଛନ୍ତି। ଏହି ଘରର ମୂଲ୍ୟ ୩ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ପଞ୍ଚାକ୍ଷରୀ ମହାରାଷ୍ଟ୍ର, ଗୁଜରାଟ ଏବଂ କର୍ନାଟକରେ ବର୍ଷେ ଧରି ଚୋରି, ଡକାୟତି, ଲୁଟ୍‌ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ।

ମହାରାଷ୍ଟ୍ରର ସୋଲାପୁର ନିବାସୀ ପଞ୍ଚାକ୍ଷରୀ ବିବାହିତ ଥିବାବେଳେ ତାଙ୍କର ଜଣେ ସନ୍ତାନ ରହିଛନ୍ତି। ଏହାସତ୍ତ୍ୱେ ପଞ୍ଚାକ୍ଷରୀ ଅନେକ ମହିଳାଙ୍କ ସହ ସମ୍ବନ୍ଧ ରଖିଥିବା ପୋଲିସ କହିଛି। ସେ ୨୦୦୩ରେ ନାବାଳକ ଥିବା ସମୟରେ ଚୋରି କରିବା ଆରମ୍ଭ କରିଥିଲେ। ୨୦୦୯ ସୁଦ୍ଧା ପଞ୍ଚାକ୍ଷରୀ ଜଣେ ପେସାଦାର ଚୋର ଭାବେ ପରିଣତ ହୋଇଯାଇଥିଲେ। ସେତେବେଳ ସୁଦ୍ଧା ସେ ବିଭିନ୍ନ ଅପରାଧ ମାଧ୍ୟମରେ ଅନେକ କୋଟି ଟଙ୍କାର ସମ୍ପତ୍ତି ହାସଲ କରି ସାରିଥିଲେ। ପଚରାଉଚରା ସମୟରେ ପଞ୍ଚାକ୍ଷରୀ ପୋଲିସକୁ କହିଛନ୍ତି, ସେ ୨୦୧୪-୧୫ରେ ଜଣେ ପ୍ରସିଦ୍ଧ ଅଭିନେତ୍ରୀଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କ ସହ ପଞ୍ଚାକ୍ଷରୀଙ୍କର ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ଉଭୟ ପରସ୍ପରକୁ ଡେଟିଂ କରିବା ସହ ରିଲେଶନ୍‌ସିପ୍‌ରେ ମଧ୍ୟ ରହିଥିଲେ। ସେ ଉକ୍ତ ଅଭିନେତ୍ରୀଙ୍କ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ପଞ୍ଚାକ୍ଷରୀ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ସେ କୋଲକାତାରେ ୩ କୋଟି ଟଙ୍କା ମୂଲ୍ୟର ଏକ ଘର ନିର୍ମାଣ କରି ଉକ୍ତ ଅଭିନେତ୍ରୀଙ୍କୁ ଉପହାରରେ ଦେଇଥିଲେ। ସେହିପରି ଗର୍ଲଫ୍ରେଣ୍ଡଙ୍କୁ ୨୨ ଲକ୍ଷ ଟଙ୍କା ମୂଲ୍ୟର ଏକ ଆକ୍ୱାରିଅମ ମଧ୍ୟ ଗିଫ୍ଟରେ ଦେଇଥିଲେ ବୋଲି ପଞ୍ଚାକ୍ଷରୀ ଜେରା ସମୟରେ ପୋଲିସକୁ କହିଛନ୍ତି। ୨୦୧୬ରେ ତାଙ୍କୁ ଗୁଜରାଟ ପୋଲିସ ଗିରଫ କରିଥିଲା ଏବଂ ସେ ୬ ବର୍ଷ ଜେଲଦଣ୍ଡ ଭୋଗିଥିଲେ। ୨୦୨୨ରେ ସାବରମତୀ ସେଣ୍ଟ୍ରାଲ ଜେଲରୁ ମୁକୁଳିବା ପରେ ପଞ୍ଚାକ୍ଷରୀ ପୁଣି ଚୋରି କରିବା ଆରମ୍ଭ କରିଥିଲେ। ପରେ ତାଙ୍କୁ ବିଭିନ୍ନ ଚୋରି ଏବଂ ଲୁଟ୍ ଘଟଣା ପାଇଁ ମହାରାଷ୍ଟ୍ର ପୋଲିସ ଗିରଫ କରିଥିଲା। ୨୦୨୪ରେ ସେ ଆଉ ଥରେ ମୁକୁଳିଥିଲେ ଓ ନିଜ ଠିକଣା ବଦଳାଇ ବେଙ୍ଗାଲୁରୁ ଯାଇଥିଲେ। ବେଙ୍ଗାଲୁରୁର ବିଭିନ୍ନ ସ୍ଥାନରେ ସେ ଚୋରି ଏବଂ ଡକାୟତି କରିବା ଆରମ୍ଭ କରିଥିଲେ। ଗତ ମାସ ୯ ତାରିଖରେ ବେଙ୍ଗାଲୁରୁର ମଦିବାଲା ଅଞ୍ଚଳର ଏକ ଘରୁ ସେ ଚୋରି କରିଥିଲେ। ଗତ ରବିବାର ପୋଲିସ ତାଙ୍କୁ ମଦିବାଲା ବଜାର ଅଞ୍ଚଳରୁ ଗିରଫ କରିଥିଲା। ତାଙ୍କ ନିକଟରୁ ଏକ ଆଇରନ ରଡ୍ ଏବଂ ଫାୟାର ଗନ୍ ଜବତ ହୋଇଛି। ଏହାକୁ ବ୍ୟବହାର କରି ପଞ୍ଚାକ୍ଷରୀ ଚୋରି ସୁନାକୁ ତରଳାଇ ସୁନା ବିସ୍କୁଟ ତିଆରି କରୁଥିଲେ। ତାଙ୍କ ଦ୍ୱାରା ଚୋରି ସୁନା ଏବଂ ରୁପାର ବିସ୍କୁଟକୁ ସେ ତାଙ୍କ ସୋଲାପୁରସ୍ଥିତ ବାସଭବନରେ ସଂଗ୍ରହ କରି ରଖୁଥିଲେ। ଅପରାଧ କରିବା ପରେ ପଞ୍ଚାକ୍ଷରୀ ପୋଲିସ ସନ୍ଦେହରୁ ବର୍ତ୍ତିବା ପାଇଁ ଲଗାତର ନିଜ ପୋଷାକ ବଦଳାଇ ଦେଉଥିଲେ ବୋଲି ପୋଲିସ କହିଛି।



ପଞ୍ଚାକ୍ଷରୀ ସ୍ୱାମୀ

# ରୋଗୀ ଚିକିତ୍ସାରେ ସହାୟକ ହେବ ମାଇକ୍ରୋ ସର୍ଜରି ୟୁନିଟ୍: ସ୍ୱାସ୍ଥ୍ୟମନ୍ତ୍ରୀ

କଟକ,୪।୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମାଢିରୋଗ ବିଭାଗଠାରେ ମାଇକ୍ରୋ ସର୍ଜରିର ଏକ ୟୁନିଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରି କହିଛନ୍ତି, ମାଇକ୍ରୋ ସର୍ଜରି ୟୁନିଟ୍ ରୋଗୀଙ୍କ ଚିକିତ୍ସାରେ ବହୁ ସହାୟକ ହେବ। ଏହାଦ୍ୱାରା ରୋଗୀ ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଏଥିରେ ଅନ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଭାଷ ଚନ୍ଦ୍ର ରାଜ, ଦନ୍ତ ଚିକିତ୍ସାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡା. ତପନ କୁମାର ପାତ୍ର ଯୋଗଦେଇଥିଲେ। ପରେ ଉକ୍ତ ବିଭାଗରେ ସମସ୍ତ ବିଭାଗର ମୁଖ୍ୟ ଓ ରାଜ୍ୟ ଦନ୍ତ ଚିକିତ୍ସାଳୟ କାଉନ୍‌ସିଲ୍‌ର ସମ୍ପାଦକ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦନ୍ତ ଚିକିତ୍ସକ ନିଯୁକ୍ତ କରିବା, ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଭଳି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ସମ୍ପ୍ରସାରଣ କାର୍ଯ୍ୟ ଦିଗରେ ଗୁରୁତ୍ୱ ଦେବା ଓ ବାହାର ରାଜ୍ୟର ଦନ୍ତ ଚିକିତ୍ସକଙ୍କ ବ୍ୟତୀତ ଓଡ଼ିଶାର ଦନ୍ତ ଚିକିତ୍ସକଙ୍କୁ ଓଡ଼ିଶାରେ ନିଯୁକ୍ତି ଦେବା ଦିଗରେ ସରକାର ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା। ଏ ଦିଗରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଡାକ୍ତର ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।










> ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର । -ଶ୍ରୀମା

# ଆମେରିକା ଆଗ

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହେବା ପରେ ନେଉଥିବା ନିଷ୍ପତ୍ତିଗୁଡ଼ିକ ବିବାଦୀୟ ହୋଇଚାଲିଛି। ୨୦ ଜାନୁଆରୀ ୨୦୨୫ରେ ଦାୟିତ୍ୱ ନେବାର ପ୍ରଥମ ଦିନରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ରୁ ଆମେରିକା ଓହରିଯିବା ବିଷୟ ସେ ଘୋଷଣା କରିଥିଲେ । ସ୍ମରଣ କରାଯାଇପାରେ ଯେ ଜୁଲାଇ ୨୦୨୦ରେ ଟ୍ରମ୍ପ ତାଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ କୋଭିଡ୍-୧୯ ପାଇଁ ଚାଇନାକୁ ଦାୟୀ କରି ବିଧିବଦ୍ଧ ଭାବେ ଡବ୍ଲ୍ୟୁଏଚ୍‌ଓରୁ ଆମେରିକା ଓହରିଯିବା ନେଇ କାର୍ଯ୍ୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଜୋ ବାଇଡେନ୍ କ୍ଷମତାସୀନ ହେବାରୁ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ବାତିଲ କରିଥିଲେ । ତେବେ ୨ ଫେବୃଆରୀ ୨୦୨୫ରେ ମେକ୍ସିକୋ, କାନାଡା ଓ ଚାଇନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରି ଟ୍ରମ୍ପ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛନ୍ତି । ତାଙ୍କ କହିବା କଥା ହେଲା ଆମେରିକାର ବାଣିଜ୍ୟ ନିଅଣ୍ଟ ବା ଟ୍ରେଡ୍ ଡେଫିସିଟ୍ ପାଇଁ ଏହି ଦେଶଗୁଡ଼ିକ ଅଧିକ ମାତ୍ରାରେ ଦାୟୀ ରହୁଥିବାରୁ ସେଗୁଡ଼ିକ ଉପରେ ଏଭଳି ଶୁଳ୍କ ବସାଇବା ଜରୁରୀ ଥିଲା । ତେବେ ୪ ଫେବୃଆରୀରେ ହ୍ୱାଇଟହାଉସ୍ ପକ୍ଷରୁ ଘୋଷଣା ହୋଇଛି ଯେ, ମେକ୍ସିକୋ ଓ କାନାଡା ଉପରେ ହୋଇଥିବା ଟ୍ରମ୍ପଙ୍କ ଟାରିଫ ବୋଝକୁ ୩୦ ଦିନ ପାଇଁ ସାମୟିକ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ କଡ଼ା ଜବାବ ଦେଇ କାନାଡା ସେହି ସମାନ ୨୫ ପ୍ରତିଶତ ଟାରିଫ୍ ଆମେରିକା ଉପରେ ବସାଇବ ବୋଲି ଘୋଷଣା କରିଛି। ଅନୁରୂପ ଧମକ ମେକ୍ସିକୋ ଦେଇଥିବା ବେଳେ ଚାଇନା ଟ୍ରମ୍ପଙ୍କ ନିଷ୍ପତ୍ତି ବିରୋଧରେ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଯିବ ବୋଲି କହିବା ସହ କଡ଼ା ପଦକ୍ଷେପ ନେବ ବୋଲି ପ୍ରକାଶ କରିଛି । ଏସବୁ ଧମକକୁ ଟ୍ରମ୍ପ ଭୟ କରୁଥିବା ଭଳି ମନେ ହେଉନାହିଁ। ଏଥିସହିତ ବ୍ରିକ୍ସ ସଙ୍ଗଠନରେ ଅଧିକ ଶବ୍ଦ କରୁଥିବା ଭାରତ ସମେତ କେତୋଟି ଦେଶର ମୁଖ୍ୟମାନଙ୍କୁ ହ୍ୱାଇଟ୍ ହାଉସ୍ ତରଫରୁ ଡକରା ଜାରି କରାଯାଇଛି। ଏହିସବୁ ଦେଶର ମୁଖ୍ୟମାନଙ୍କୁ ଧମକ ଦିଆଯିବା ସହିତ କୌଣସି ପ୍ରକାରର ଡଲାର ବିରୋଧୀ ମନ୍ତବ୍ୟ କିମ୍ବା କାର୍ଯ୍ୟଠାରୁ ବିରତ ରହିବାକୁ ନିର୍ଦ୍ଦେଶ ଦିଆଯିବ। ଏପରିକି ଏହି ନେତାମାନଙ୍କୁ ଭବିଷ୍ୟତରେ ବ୍ରିକ୍ସ ସଭାରେ ଯୋଗଦେବା ପାଇଁ ବାରଣ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଟ୍ରମ୍ପଙ୍କ ନିଷ୍ପତ୍ତି ପରେ ବିଶ୍ୱରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ବେଳେ ଭାରତ ଆପାତତଃ ବର୍ତ୍ତିଯାଇଥିବାରୁ ସାଧାରଣରେ ଆଲୋଚନା ହୋଇଥିଲା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ବନ୍ଧ ଭଲ ଥିବାର ଏହା ହେଉଛି ପ୍ରତିଫଳନ । ଏପରି ଚର୍ଚ୍ଚା ହେଉଥିବା ବେଳେ ୩ ଫେବୃଆରୀରେ ଖବର ଆସିଲା ଯେ ଆସନ୍ତା ୧୩ ତାରିଖରେ ମୋଦି ଆମେରିକା ଗସ୍ତରେ ଯିବେ । ଏ କଥା ଶୁଣି କେତେକ ଭାରତୀୟ ଅଧିକ ଉତ୍ସାହିତ ହୋଇଯାଇଥିଲେ । କିନ୍ତୁ ସେହି ଉତ୍ସାହକୁ ଦିନେ ପୂରି ନ ଥିବା ବେଳେ ୪ ଫେବୃଆରୀରେ ଟ୍ରମ୍ପ ଆଉ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ବାହାର କରି ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ (ୟୁଏସ୍‌ଏଡ୍)ର କାର୍ଯ୍ୟ ସମୀକ୍ଷା କରାଯିବ କହି ପାଣ୍ଠି ଯୋଗାଣକୁ ରଦ୍ଦ କରିଦେଇଛନ୍ତି । ଅର୍ଥାତ୍ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଭାରତରେ ଯେଉଁ ସରକାରୀ ଓ ବେସରକାରୀ ସଙ୍ଗଠନଗୁଡ଼ିକ ୟୁଏସ୍‌ଏଡ୍‌ଠାରୁ ପାଣ୍ଠି ପାଉଥିଲେ ସେଗୁଡ଼ିକ ସଙ୍କଟ ମଧ୍ୟକୁ ଚାଲିଯାଇଛନ୍ତି । ଫଳରେ ଭାରତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡ଼ିକ ବାଧାପ୍ରାପ୍ତ ହେବା ଥୟ ବୋଲି କୁହାଗଲାଣି । କେବଳ ସେତିକି ନୁହେଁ ସଦ୍ୟ ସୂଚନା ଅନୁଯାୟୀ ଆମେରିକା ତା' ସେନା ବିମାନରେ ୨୦୫ ଜଣ ବେଆଇନ ପ୍ରବାସୀଙ୍କୁ ଭାରତକୁ ପଠାଇଛି । ଏହି ଦୁଇ ପଦକ୍ଷେପ ଟ୍ରମ୍ପଙ୍କ ଭାରତ ପ୍ରତି ଥିବା ଆଭିମୁଖ୍ୟକୁ ସୂଚାଉଛି ।

ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ କାହାର ନୁହନ୍ତି, କେବଳ ଆମେରିକାର । ସେ ଜଣେ ଏକଜିଦିଆ ନେତା ହୋଇଥିବା ବେଳେ ବିଶେଷକରି ବେପାର କଥାରେ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥାନ୍ୱେସୀ । ହେଲେ ଭାରତର ନେତୃତ୍ୱ ତାଙ୍କୁ ଅସ୍ୱାଭାବିକ ଗୁରୁତ୍ୱ ଦେଇ ଆସୁଥିବାରୁ ଏବେ ସେ ଯେଉଁ ଝଟକା ଦେଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବା ଦରକାର ବୋଲି କୁହାଗଲାଣି । ବିଗତ ବର୍ଷଗୁଡ଼ିକରେ ଆମେରିକାର ହ୍ୟୁଷ୍ଟନରେ ହୋଇଥିବା 'ହାଉଡି ମୋଦି' ହେଉ ବା ଗୁଜରାଟର ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ରହିଥିବା ବିଷୟରେ ଭାରତୀୟ ଗଣମାଧ୍ୟମରେ ବିଶେଷ ଚର୍ଚ୍ଚା ହୋଇଆସିଛି । କିନ୍ତୁ ଏବର ସ୍ଥିତି ଦେଖିଲେ ଟ୍ରମ୍ପଙ୍କ ଭାରତ ପ୍ରତି ବେଖାତିର ମନୋଭାବ ଅଛି ବୋଲି ସ୍ପଷ୍ଟ ଜଣାପଡୁଛି । କାନାଡା, ମେକ୍ସିକୋ ଓ ଚାଇନା ଭଳି ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ କାରବାର ଆକାର ବୃହତ୍ ଥିବା ବେଳେ ଟ୍ରମ୍ପ ଯେତେବେଳେ ଟାରିଫ୍ ବୃଦ୍ଧି ନିଷ୍ପତ୍ତି ନେଇପାରୁଛନ୍ତି, ସେହି ତୁଳନାରେ ଭାରତ ତାଙ୍କ ପାଇଁ ବେଶି ଗୁରୁତ୍ୱ ରଖିବ ଭାବିବା ବୋକାମି । ତେଣୁ ବହିର୍ବ୍ୟାପାର ନୀତି ହେଉ ବା ବାଣିଜ୍ୟିକ ଓ ରଣନୀତିକ ସ୍ତରରେ ଭାରତ ଅତି ସତର୍କତାର ସହିତ ପଦକ୍ଷେପ ନେବା ଦରକାର । ସାଧାରଣରେ କୁହାଯାଇଥାଏ, କୌଣସି ସମୟରେ ଜଣେ ବ୍ୟକ୍ତି ଯଦି ଅନ୍ୟ ଜଣଙ୍କ ଆଗରେ ପାଇବା ଆଶାରେ ଗୋଡ଼ଭାଙ୍ଗି ଠିଆ ହୋଇଥାଆନ୍ତି, ସେତେବେଳେ ସେ ନିଜକୁ ନ୍ୟୂନ ସ୍ତରରେ ରଖିଦେଇଥାଆନ୍ତି । ସେତେବେଳେ କିଛି ମିଳେ ନାହିଁ । ଦମ୍ଭ ଧରି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତି ବା ଦେଶ ମୁଣ୍ଡ ଉପରକୁ କରି ଚାଲିଥାଏ ।

# ଆକବରଙ୍କ ଘଣ୍ଟା



ରଂଜନ କୁମାର ଦାସ

ଶାସନର ସଂଜ୍ଞା ଏବେ ବଦଳିଗଲାଣି। ଆଗେ ବ୍ରିଟିଶ୍ ଶାସନ ସମୟରେ କିମ୍ବା ଭାରତ ସ୍ୱାଧୀନତା ପାଇଲା ପରେ ପରେ ସଂଜ୍ଞା ମୁଖ୍ୟତଃ ରାଜସ୍ୱ ଆଦାୟ, ଆଇନଶୃଙ୍ଖଳା ରକ୍ଷାରେ ସୀମିତ ଥିଲା । ଭାରତ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହେବା ପରେ ଉନ୍ନୟନ ଓ କଲ୍ୟାଣକର ଯୋଜନାର ଭାର ପ୍ରଶାସନ ମୁଣ୍ଡକୁ ଗଲା । ସୀମିତ ଦାୟିତ୍ୱରୁ ଅସୀମିତ ଦାୟିତ୍ୱର କାର୍ଯ୍ୟଭାର ପଡ଼ିଲା ପ୍ରଶାସନ ଉପରେ। ଗ୍ରାମ୍ୟ ଉନ୍ନୟନଠାରୁ ଆରମ୍ଭ କରି ଜଳସେଚନ, ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ମତ୍ସ୍ୟ, ପଶୁପାଳନ, ବିଜ୍ଞାନ ଓ କାରିଗରି, ଦକ୍ଷତା ବିକାଶ, କୃଷି, ଉଦ୍ୟୋଗ ବିକାଶ, କ୍ରୀଡ଼ା ଓ ସଂସ୍କୃତିର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ଶ୍ରମିକ କଲ୍ୟାଣ, ଅବକାରୀ, ଆଇନଶୃଙ୍ଖଳା, ସାମାଜିକ କଲ୍ୟାଣ ଏବଂ ଏସବୁ ବାଦ୍ ସମୟକୁ ସମୟ ଯେତେବେଳେ ଯାହା ନୂଆ ଦାୟିତ୍ୱ ଆସିବ, ସବୁ ପ୍ରଶାସନ ଉପରେ ଲଦି ଦିଆଗଲା । ଆଜିକାଲି ଛୋଟଛୋଟ କାମ ପାଇଁ ମଧ୍ୟ ଲୋକେ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି, ଯାହା ସେମାନେ ନିଜେ ଚାହିଁଲେ ମଧ୍ୟ କରିପାରନ୍ତେ। କହିବାବାହୁଲ୍ୟ, ପ୍ରଶାସନର ଦାୟିତ୍ୱ ଆଜିକାଲି ବହୁଗୁଣିତ ହେଇଚି।

ପ୍ରଶାସନ ଦାୟିତ୍ୱରେ ଥିଲାବେଳେ ମୁଁ ଦେଖିଚି ଏମିତି ସମୟ ଆସେ ଅଫିସରମାନଙ୍କୁ ଗାଧୋଇବା , ଖାଇବା ବା ଶୋଇବା ପାଇଁ ମଧ୍ୟ ସମୟ ନିଅଣ୍ଟ ହୁଏ । ବେଳେବେଳେ ଗାଡ଼ିରେ ଗଲାବେଳେ ରାତିର ନିଦ ଭରଣା କରିବାକୁ ହୁଏ । ଟିଫିନ୍ କ୍ୟାରିୟରରେ ବୁହାହେଇ ଆସିଥିବା ଖାଦ୍ୟ ଗାଡ଼ିରେ ହିଁ ଖିଆହୁଏ । ଦିନ କିମ୍ବା ରାତି ହଉ ମୋବାଇଲ ଫୋନ ବନ୍ଦ କରିହୁଏନି। ସବୁବେଳେ ଲୋକଙ୍କ ଗହଳି ଲାଗିଥାଏ । ଲୋକଙ୍କ ସମସ୍ୟା ଆଜିକାଲି ନ ଶୁଣିଲେ ନହୁଏ! ଆଗେ ଲୋକଙ୍କ ପାଖରେ ପ୍ରତିବାଦ କରିବାକୁ ଏତେ ବେଶି ସୁଯୋଗ ନଥିଲା। ପ୍ରଶାସନ ତାଙ୍କ କଥା ନ ଶୁଣିଲେ ସେମାନେ ଭାଗ୍ୟକୁ ଦୋଷ ଦେଇ ମନମାରି ରହୁଥିଲେ! ଆଜିକାଲି ତ ଗଣମାଧ୍ୟମ ଏତେ ବଢ଼ିଗଲେଣି ଯେ କୋଉ କଥାଟା ଟିକିଏ ଅଣଦେଖା ହୋଇ ରହିଗଲେ ତା' ପରଦିନ ବଡ଼ ଅକ୍ଷରରେ ଖବରକାଗଜର ଶିର ମଣ୍ଡନ କରୁଛି ବା ଟିଭି ନ୍ୟୁଜ୍‌ରେ ଗ୍ରାଉଣ୍ଡ ଜିରୋ ରିପୋର୍ଟ ହୋଇ ବାହାରୁଚି। ଏତଦ୍‌ବ୍ୟତୀତ ସୂଚନା ଅଧିକାର ଆଇନ ଓ ମାନବାଧିକାର କର୍ମୀମାନଙ୍କ ହସ୍ତକ୍ଷେପ ଯୋଗୁ ମଧ୍ୟ ପ୍ରଶାସନକୁ ତତ୍ପର ହେବାକୁ ପଡୁଛି। ଲୋକେ ନିଜେ ବି ଉଚ୍ଚରୁ ଉଚ୍ଚତର ସୋପାନକୁ ପେଟିଶନ ମାରି ଦଉଛନ୍ତି। ପ୍ରଯୁକ୍ତିବିଦ୍ୟା ଏ ଦିଗରେ ତାଙ୍କୁ ସହାୟକ ହଉଚି। ତେଣୁ ଜଣେ ପ୍ରଶାସକ ଆଜିକାଲି ନିଜ ମର୍ଜିରେ କାମକରି, ମଉଜ ମଜଲିସ୍‌ରେ ସମୟ ବିତେଇବାର ଅବସର ଆଉ ନାହିଁ। ତାକୁ ଚିରତତ୍ପର ଓ କ୍ରିୟାଶୀଳ ହେବାକୁ ପଡିବ ହିଁ ପଡ଼ିବ।



ମୋର ମନେଅଛି, ପ୍ରଶାସନରେ ଥିଲାବେଳେ ଆମେ ଏ ଦିଗ ପ୍ରତି ସଚେତନ ରହିବାକୁ ପଡୁଥିଲା। ଯେତେବେଳେ ଯୋଉ ଲୋକ ଆମ ଦ୍ୱାରସ୍ଥ ହୁଏ, ତା' କଥା ଶୁଣିଦେଲେ ଗଲା। ଥରେ ତା' କଥା ଶୁଣିଦେଲେ ତା'ର ଅଭିଯୋଗ ଅଧା କମିଯାଏ! ତା'ର କ୍ରୋଧ ଓ ବିଦ୍ୱେଷ ମଧ୍ୟ କମିଯାଏ। ତେଣୁ ମୁଁ ନିୟମିତ ସକାଳୁ ସନ୍ଧ୍ୟା ଭିତରେ ଯିଏ ଯେତେବେଳେ ଆସେ, ଅନ୍ୟ କାମ ପଛକୁ ରଖି ତା' କଥା ଆଗେ ଶୁଣେ। ଲୋକଙ୍କର ଥରେ ଆସ୍ଥା ଆସିଲେ, ସେମାନେ ଅନ୍ୟ କାହା ପାଖକୁ ନ ଯାଇ ସଂପୃକ୍ତ ଅଧିକାରୀଙ୍କ ପାଖକୁ ହିଁ ଆସନ୍ତି। ଆମ ସମୟର ପ୍ରଶାସନିକ ଅଧିକାରୀମାନେ ବେଳେବେଳେ କୁହନ୍ତି, ରାଜନୈତିକ ଲୋକମାନେ ସମସ୍ୟାକୁ ନେଇ ଅଯଥା ହସ୍ତକ୍ଷେପ କରୁଛନ୍ତି। କିନ୍ତୁ ଆମକୁ ମନେରଖିବାକୁ ହେବ ଯେ, ଲୋକଟି ପ୍ରଶାସନଠାରୁ ଭରସା ନ ପାଇବାରୁ ରାଜନୈତିକ ଲୋକଙ୍କ ପାଖକୁ ବା ମିଡିଆ ପାଖକୁ ଗଲା! ଆମେ ଯଦି ତା' କଥା ଶୁଣି ତା'ର ସମାଧାନ ବାଟ ବାହାର କରିଥା'ନ୍ତେ, ତାହାଲେ ହୁଏତ ଲୋକଟି ଏପଟସେପଟ ହୋଇନଥାନ୍ତା। କାହାକୁ ବା ଭଲ ଲାଗେ ବାରଦୁଆର ଶୁଙ୍ଘିପିଣ୍ଡା ହବାକୁ? ଗୋଟିଏ ନିର୍ଦ୍ଧାରିତ ଜାଗାରେ ଯଦି ନିଶ୍ଚିତ ସେବା ମିଳିବ, ସେ କାହିଁକି ଅନ୍ୟ କୁଆଡ଼େ ଯିବ ? ମାତ୍ର ଆମ ପ୍ରଶାସକମାନେ ନିଜ ଅବହେଳାଟିକୁ ଅଣଦେଖା କରନ୍ତି। ମନେଥିବ ମୋଗଲ ସମ୍ରାଟ୍ ଆକବର ତାଙ୍କ ପ୍ରାସାଦର ବାହାରେ ଏକ ବଡ଼ ଘଣ୍ଟିର ବ୍ୟବସ୍ଥା କରିଥିଲେ, ଯାହାର ନାମ ଥିଲା ନଗରଖାନା ଘଣ୍ଟା। ଅସୁବିଧାରେ ପଡ଼ିଥିବା ଲୋକେ ସେଇ ଘଣ୍ଟି ବଜେଇ ସମ୍ରାଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ଓ ତାଙ୍କ ସମସ୍ୟା ଜଣେଇ ତା'ର ନିରାକରଣ କରୁଥିଲେ। ସେଇଥିପାଇଁ ଆକବରଙ୍କ ଶାସନ ବ୍ୟବସ୍ଥା ଭାରତ ଇତିହାସରେ ଏକ ସୁବର୍ଣ୍ଣ ଯୁଗ ହେଇ ରହିଛି। ତା'ର ଅନୁସରଣ କରି ବ୍ରିଟିଶ୍ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ଆବାସିକ କାର୍ଯ୍ୟାଳୟର ବ୍ୟବସ୍ଥା ଥିଲା। ଏବେ ମଧ୍ୟ ଉପଜିଲାପାଳ ବା ଜିଲାପାଳମାନଙ୍କ ବାସଭବନରେ ଆବାସିକ କାର୍ଯ୍ୟାଳୟର ବ୍ୟବସ୍ଥା ଅଛି। ଉଦ୍ଦେଶ୍ୟ ହେଲା ଲୋକେ ଅଫିସ ସମୟ ବାଦ୍ ମଧ୍ୟ ଅନ୍ୟ ସମୟରେ ଜରୁରିକାଳୀନ ସେବା ପାଇଁ ତାଙ୍କୁ ଭେଟିପାରିବେ। ମାତ୍ର ଏବେ ଦେଖାଯାଉଛି, ଅନେକ ଜିଲାପାଳ ତାଙ୍କ ଆବାସିକ କାର୍ଯ୍ୟାଳୟକୁ ବନ୍ଦ କରିଦେଲେଣି। ସତେ ଯେମିତି ଏହା ଏକ ଇଚ୍ଛାଧୀନ ବିଷୟବସ୍ତୁ! ସେମାନେ ଜାଣିବା ଦରକାର ଯେ ଶାସନ ଦାୟିତ୍ୱରେ ଥିବା ଲୋକଟି ଦାୟିତ୍ୱର ଏକ ଆସନରେ ବସିଛି। ଏହା କୌଣସି ମେରି-ଗୋ-ରାଉଣ୍ଡର ଚେୟାର ନୁହେଁ। ବିଳାସବ୍ୟସନ ବା ଉପଭୋଗର ଆସନ ନୁହେଁ। ସମଗ୍ର ଜିଲାର ଲକ୍ଷଲକ୍ଷ ଲୋକଙ୍କର ଆଶା ଆକାଂକ୍ଷାର ପରିପାଳନ ଓ ପରିପୂରଣ ପାଇଁ ତାଙ୍କ ପଦବୀ ଉଦ୍ଦିଷ୍ଟ। ସେମାନେ ଯଦି ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଦ୍ୱାର ବନ୍ଦ କରିଦେବେ, ଲୋକେ କାହା ପାଖକୁ ଯିବେ? ସେମାନେ ଯଦି ଏତେ ସୁଖସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ରହିବାକୁ ପସନ୍ଦ କରୁଥିଲେ, ହୁଏତ ସେମାନେ ଏଭଳି ଏକ ମୁକାବିଲାପୂର୍ଣ୍ଣ ଚାକିରିରେ ଯୋଗ ଦେଇନଥାନ୍ତେ! କିନ୍ତୁ ଥରେ ଢିଙ୍କି ତଳେ ମୁଣ୍ଡ ରଖିଲା ପରେ ଢିଙ୍କିର ମାଡ଼କୁ ଡରିଲେ ଚଳିବ କି?

ଥରେ ଗୋଟେ ଉପକୂଳବର୍ତ୍ତୀ ଜିଲାରେ କାମ କଲାବେଳେ ଏହିଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ମୋ ପାଖକୁ ଯିଏ ଯେତେବେଳେ ଆସନ୍ତି ଦଳମତ ନିର୍ବିଶେଷରେ ମୁଁ ପ୍ରାୟ ସମସ୍ତଙ୍କୁ ଭେଟେ। ସେ ଜିଲାର ଜଣେ ତୁଙ୍ଗ ନେତା ମତେ ଦିନେ ପରିହାସ ଛଳରେ କହିଲେ, ଆପଣ ଆମ ଶାସନରେ ଥାଇ ଏ ବିରୋଧୀ ଦଳିଆ ଟାଉଟରଗୁଡ଼ାଙ୍କ କଥା ସବୁବେଳେ କାହିଁକି ଶୁଣୁଛନ୍ତି? କାହିଁକି ସେଗୁଡ଼ାଙ୍କୁ ବସେଇ ଚା ପାଣିରେ ଆପ୍ୟାୟିତ କରୁଛନ୍ତି? ମୁଁ କହିଲି, ମୁଁ ତାଙ୍କ କଥା ଶୁଣୁଛି ଏଇଥିପାଇଁ ଯେ ସେମାନଙ୍କର ସରକାର ନାହିଁ। ତେଣୁ ସେମାନେ ତାଙ୍କ ସମସ୍ୟାର ସମାଧାନ ପାଇଁ କେବେହେଲେ ଆପଣଙ୍କ ପାଖକୁ ଯିବେ ନାହିଁ। ସେମାନେ ବାଧ୍ୟ ହୋଇ ମୋ ପାଖକୁ ଆସୁଛନ୍ତି। ମୁଁ ଯଦି ତାଙ୍କ କଥା ନ ଶୁଣେ, ତେବେ ସେମାନେ ବିରୋଧ କରିବେ, ବିକ୍ଷୋଭ କରିବେ, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବେ। ସେଥିରେ ସରକାରଙ୍କର ବା ସମାଜର ଯୋଉ ଆର୍ଥିକ ବା ଭାବମୂର୍ତ୍ତିଗତ କ୍ଷତି ହେବ, ତା' ତୁଳନାରେ କେଇ କପ୍ ଚା ବା କେଇ ଗ୍ଲାସ ପାଣି କ'ଣ ବେଶି ମୂଲ୍ୟବାନ୍? ବିରୋଧୀ ଦଳର କର୍ମୀଙ୍କୁ ମ୍ୟାନେଜ କରିବାର ଆବଶ୍ୟକତା ବେଶି ଅଛି। ତା'ଛଡ଼ା ଯୋଉ ଲୋକମାନେ ମଝିମଝିଆ ଏ ଦଳର ନୁହନ୍ତି କି ସେ ଦଳର ନୁହନ୍ତି, ସେମାନେ ଯିବେ କୁଆଡ଼େ? ସେମାନେ ତ ପ୍ରଶାସନ ପାଖକୁ ଆସିବେ ହିଁ ଆସିବେ।

ଏଇସବୁ ଲୋକମାନେ ତାଙ୍କ କାର୍ଯ୍ୟହାସଲ ପାଇଁ ବିକଳ୍ପ ଭାବେ ଗଣମାଧ୍ୟମ ପାଖକୁ ବା ରାଜନୈତିକ ନେତାଙ୍କ ପାଖକୁ ଯିବାକୁ ଚାହାନ୍ତି ନାହିଁ। ସେମାନେ ଚାହାନ୍ତି ସିଧାସଳଖ ତହସିଲଦାର, ବିଡିଓ ବା ଜିଲାପାଳ ତାଙ୍କ ସମସ୍ୟା ବୁଝନ୍ତୁ। ଏମାନଙ୍କ କଥା ନ ଶୁଣିଲେ ସେମାନେ ଯିବେ କୁଆଡ଼େ? ସାଧାରଣ ଲୋକଙ୍କ ପାଇଁ ତ ପ୍ରଶାସନ! ଏଇମାନେ ଯଦି ଅଶ୍ରୁତ ହୋଇ ରହିଯିବେ, ତେବେ ତାଙ୍କ ଅକଥ୍ୟ ଯନ୍ତ୍ରଣା ହୁଏତ ପ୍ରଶାସନ ପାଇଁ ଏକ ଅନିର୍ବଚନୀୟ ସମସ୍ୟା ହୋଇ ଫେରିଆସିବ।

ମୋ: ୯୪୩୭୨୮୬୫୧୨

# ଅହଂକାର ଅନୁଚିନ୍ତା



ହରେକୃଷ୍ଣ ଦାସ

''ଦୁଖିଲ ବନ୍ଧୁ, ଆମ ଅହଂକାର ଯୋଗୁ ଆମେ ନିଜେ ବହୁ ଅଶାନ୍ତି ଭୋଗିବା ସହ ଅନ୍ୟମାନଙ୍କ ଭିତରେ ମଧ୍ୟ ଅପ୍ରୀତିକର ବାତାବରଣ ସୃଷ୍ଟିକରି ଜୀବନଟାକୁ କଳୁଷିତ କରିଦେଉଛେ। ଆମେ ସମସ୍ତେ ସବୁ କାମର ଶ୍ରେୟ ନେବା ପାଇଁ ବ୍ୟାକୁଳ, ଏବଂ 'ମୋ ଯୋଗୁ ହିଁ ଏଇଟା ହେଲା', 'ମୁଁ ହିଁ ଏଇଟା କରେଇଛି' ବୋଲି ପ୍ରଚାର କରିବା ପାଇଁ ଯେମିତି ଗୋଟେ ପ୍ରତିଯୋଗିତାରେ ମାତିଛେ। ଆଉ ଏ ମାନସିକତା ବେଳେବେଳେ ଏତେ ତୀବ୍ର ଯେ ଆମେ ଆଦୌ କରି ନ ଥିବା ଅନେକ କାମ ପାଇଁ ବାହାବା ନେବାକୁ ତତ୍ପର। କିନ୍ତୁ ଏହାଦ୍ୱାରା ଅନେକ ସମୟରେ ଅନ୍ୟମାନଙ୍କ ଭୂମିକା ଓ ଅବଦାନକୁ ଏମିତି ଭାବରେ ଚାପିଦେଉ ବା ଗୁରୁତ୍ୱହୀନ କରିଦେଉ ଯେ ଫଳସ୍ୱରୂପ ଆମେ ଯେ କେବଳ ଘୃଣା, ଅସନ୍ତୋଷ ଓ ରୋଷର ଶିକାର ହେଉ ତା' ନୁହେଁ, ଅନ୍ୟମାନେ ମଧ୍ୟ ଆମ ସହ ସମ୍ପର୍କ ରଖିବାରେ ଛଳନା ଓ କୃତ୍ରିମତା ପ୍ରକାଶ କରନ୍ତି। ଏମିତି ଅନେକ ଅହଂକାରୀ ଲୋକଙ୍କ ଗହଣରେ ରହିରହି ଭାରି ବିରକ୍ତ ଲାଗିଲାଣି।''

ବନ୍ଧୁଙ୍କ ବିଭକ୍ତିର ଔଚିତ୍ୟକୁ ଅନୁଭବକରି ମୁଁ କଥା ଯୋଡ଼ି କହିଲି, ''ତମ କଥା ଅବଶ୍ୟ ଠିକ୍, କିନ୍ତୁ ଆମେ ପ୍ରାୟ ସମସ୍ତେ କୌଣସି ନା କୌଣସି ପ୍ରକାର ଅହଂକାର ଦ୍ୱାରା କବଳିତ। କିନ୍ତୁ ବିଡ଼ମ୍ବନା ଏଇୟା ଯେ ଯୁଗ ଯୁଗ ଧରି ଈଶ୍ୱର ସମସ୍ତଙ୍କ ଅହଙ୍କାର ନାଶ କରିଥିବା କାହାଣୀ ଆମେ ଶୁଣିଥିଲେ ବି ନିଜ ଚରିତ୍ର ସଂଶୋଧନକରି ଅହଂକାର ଛାଡ଼ିବାକୁ ପ୍ରସ୍ତୁତ ନୋହୁଁ। ମହାଭାରତ ଯୁଦ୍ଧରେ ଭୀମ, ଅର୍ଜୁନ ଆଦି ବୀରମାନେ ନିଜ ଶୌର୍ଯ୍ୟ ବଳରେ ଶତ୍ରୁ ସଂହାର କରିଛନ୍ତି ବୋଲି ଅହଙ୍କାରରେ ମତ୍ତ ଥିଲାବେଳେ ଏକା ସୁଦର୍ଶନ ଚକ୍ର ହିଁ ଯୁଦ୍ଧ ଲଢୁଥିଲା ବୋଲି ଶୁଣିଲା ପରେ ସେମାନଙ୍କର ଦର୍ପ ନାଶ ହୋଇଥିଲା। ନିଜକୁ ଜଣେ ମହାଶକ୍ତିଶାଳୀ ଯୋଦ୍ଧା ବୋଲି ଜାଣିଲା ପରେ ସୁଦର୍ଶନଙ୍କ ମନରେ ଗର୍ବ ଆସିଥିଲା ଯେ ତାଙ୍କଠାରୁ ଶକ୍ତିଶାଳୀ ଆଉ କେହି ନ ଥାଇପାରେ। କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରରେ ସେ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଯେତେବେଳେ ତାଙ୍କୁ ନିଜ ପାଟି ଭିତରେ ଲୁଚାଇ ଦେଇ ହନୁମାନ ସବୁ ସୁରକ୍ଷା ବଳୟ ଭେଦିଯାଇ ପ୍ରଭୁଙ୍କ ପାଖରେ ପହଞ୍ଚି ସେଠି ନିଜ ପାଟି ଭିତରୁ ତାଙ୍କୁ ବାହାରକଲେ, ସେତେବେଳେ ଲଜ୍ଜା ଓ ଅପମାନରେ ଜର୍ଜରିତ ହୋଇ ସୁଦର୍ଶନଙ୍କର ଗର୍ବ ଚୂନା ହୋଇଯାଇଥିଲା। ଠିକ୍ ସେମିତି, ଅଳଙ୍କାର ବିଭୂଷିତା ହୋଇ ଶ୍ରୀକୃଷ୍ଣଙ୍କ ପାଖରେ ବସିଥିବା ତଥା ନିଜକୁ ସର୍ବଶ୍ରେଷ୍ଠ ସୁନ୍ଦରୀ ବୋଲି ଗର୍ବ କରୁଥିବା ସତ୍ୟଭାମାଙ୍କୁ ଦେଖି ହନୁମାନ ଯେତେବେଳେ ସନ୍ଦେହ ପ୍ରକଟ କଲେ ଯେ ସଂସାରର ସର୍ବଶ୍ରେଷ୍ଠ ସୁନ୍ଦରୀ ତଥା ସ୍ୱୟଂ ଲକ୍ଷ୍ମୀ, ମାତା ସୀତାଙ୍କ ସ୍ଥାନରେ ପ୍ରଭୁଙ୍କ ପାଖରେ ଏ ଦାସୀ କିଏ ବସିଛି – ସେତେବେଳେ ସତ୍ୟଭାମାଙ୍କର ଗର୍ବ ନାଶ ହୋଇଥିଲା। ଭୀମ ଅର୍ଜୁନ ଆଦି ଯୋଦ୍ଧା, ବୀର ସୁଦର୍ଶନ, ଏମିତିକି କୌରବ ପକ୍ଷର ଅନେକ ବୀରଙ୍କର ଅହଂକାର ନାଶର କାହାଣୀ ଅନ୍ତତଃ ଏତିକି ସୂଚନା ଦିଏ ଯେ ମୁଁ କରୁଛି ବୋଲି ମଣିଷ ଯେଉଁ ଗର୍ବକରେ, ପ୍ରକୃତରେ ଅଦୃଶ୍ୟ ଭାବରେ ଈଶ୍ୱର ହିଁ ତା'ର କର୍ତ୍ତା। ସେଥିପାଇଁ ଗୀତାରେ କୁହାଯାଇଛି,''ଅହଂକାର ବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ।''



ସେମାନଙ୍କ ପାଇଁ ଭଗବାନ୍ ଶ୍ରୀକୃଷ୍ଣ ଥିଲେ ବୋଲି ସେମାନେ ସଜାଡ଼ି ହୋଇଗଲେ। କିନ୍ତୁ ଏମାନଙ୍କ ଦର୍ପଗଞ୍ଜନ ପାଇଁ ତମ ଆମ ଭଳିଆ ସାଧାରଣ ଲୋକଙ୍କର କ'ଣ ସାମର୍ଥ୍ୟ ଅଛି? ଜଣେ ଯଦି ନିଜକୁ ସୁଧାରିବାକୁ ରାଜି ନ ହୁଏ, ତେବେ ତାକୁ ସ୍ୱୟଂ ଭଗବାନ୍ ସୁଧାରିପାରିବେନାହିଁ। ତମେ ଯେଉଁମାନଙ୍କ କଥା ଓ ଚରିତ୍ର ବିଷୟରେ ଇଙ୍ଗିତ କରୁଛ ସେମାନଙ୍କର ଦୋଷ କ'ଣ ଜାଣିଛ? ସେମାନେ ନିଜକୁ ସବୁବେଳେ ଏକଦମ ପର୍‌ଫେକ୍ଟ ବୋଲି ମନେକରନ୍ତି। ସାମାନ୍ୟତମ କଥାରେ ଅନ୍ୟମାନଙ୍କର ତ୍ରୁଟି ଖୋଜୁଥାଆନ୍ତି। ନିଜେ କେବେ ବି ଭୁଲ୍ କରନ୍ତିନି ବୋଲି ଯେହେତୁ ଭ୍ରମରେ ଥାଆନ୍ତି, କେହି ତାଙ୍କ ଭୁଲ୍ ଦେଖାଇଲେ ସେମାନେ ସ୍ୱୀକାର କରିବାକୁ ରାଜି ହୁଅନ୍ତି ନାହିଁ। ବରଂ ଅନ୍ୟମାନଙ୍କ ଅଲଗା ଭୁଲ୍ ଦେଖାଇ ନିଜ ଭୁଲ୍‌କୁ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟାକରନ୍ତି। ଏମାନେ ଯୋଗ୍ୟ ଥାଆନ୍ତୁ କି ନ ଥାଆନ୍ତୁ ପଛେ ସବୁବେଳେ ସମ୍ମାନ ଖୋଜନ୍ତି। ଆଉ ଯଦି ସାମାନ୍ୟ ଧନ, କ୍ଷମତା କି ଅଧିକାର ମିଳିଗଲା, ତେବେ ଏମାନଙ୍କ ସ୍ଥିତି ଦେଖେ କିଏ? ସମ୍ପତ୍ତି, କର୍ତ୍ତୃତ୍ୱର ଅହଂକାରଜନିତ ନିଶା ଏମିତି ଚଢ଼ିଯାଏ ଯେ ପିମ୍ପୁଡ଼ି ରୁଖା ଚଢ଼ିବା ପରି ଅବସ୍ଥା ଆସିଯାଏ। ସମୟ ଓ ପରିସ୍ଥିତି ଯେତେ ଧକ୍କା ଓ ଧୋକା ଦେଲେ ବି ଅହଂକାର ଯୋଗୁ ଏମାନେ ସତ୍ୟକୁ ଗ୍ରହଣ କରିପାରନ୍ତିନାହିଁ। ଏମାନେ ତୁମ ପାଇଁ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି। ତେଣୁ ତାଙ୍କ ସହ ଭାବବିହ୍ୱଳ ହେଇ ଜଡ଼େଇ ନ ହୋଇ ବାସ୍ତବଧର୍ମୀ ହୁଅ। ସେମାନଙ୍କ ଗର୍ବ ନାଶ ପାଇଁ ସବୁକିଛି ସମୟ ଓ ଭଗବାନଙ୍କ ଉପରେ ଛାଡ଼ିଦିଅ।

ହଠାତ୍ ସବୁ ବୁଝିଯାଇଥିବା ପରି ବନ୍ଧୁ କହିଲେ, '' ଠିକ୍ କଥା। ଏମିତି ଲୋକଙ୍କ ସହ ଭାବଗତ ଦୂରତା ରଖି , ସେମାନଙ୍କ ବ୍ୟକ୍ତିତ୍ୱ କିମ୍ବା ବ୍ୟବହାରରେ ବିଚଳିତ ନ ହୋଇ, ତାଙ୍କୁ ନିଜର ଅହଂକାର ସହ ବଞ୍ଚିବାକୁ ଛାଡ଼ିଦେବା ଉଚିତ ହେବ।''

ଠିକ୍ ଏତିକିବେଳେ ବନ୍ଧୁଙ୍କ ଶାଳକ ମହୋଦୟ ତାଙ୍କ ଘରପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ ଜଣାଇବାକୁ ଆସି କହିଲେ,ଅଳ୍ପ କିଛି ଟଙ୍କା ଖଟାଇ ଛୋଟ କୁଡ଼ିଆଟେ କରିଛି। ଆପଣଙ୍କ ପାଦ ପଡ଼ିଲେ, ତା'ର ସୌନ୍ଦର୍ଯ୍ୟ ବଢ଼ିଯିବ। ଉତ୍କଣ୍ଠାର ସହ ପଚାରିଲି, କେତେ ଟଙ୍କା ଖର୍ଚ୍ଚ ହେଲା? ଉତ୍ତର ମିଳିଲା, ମୋର ତ ଛୋଟିଆ ଚାକିରିଟେ। ବେଶି ପଇସା କୁଆଡୁ ଆଣିବି? ମୁଁ ପୁଣି ଦୋହରାଇଲି,ତଥାପି, କେତେ ଖର୍ଚ୍ଚ ହେଲା? ଏଥର ସରଳ ଉତ୍ତର, ଏଇ ପ୍ରାୟ ଅଢ଼େଇ କୋଟି। ପିଲାମାନଙ୍କ ବରାଦ ମୁତାବକ କୋଉ କରିହେଲା କି? ସେଥିପାଇଁ ଆଉ କୋଟିଏ ଲାଗିଥାନ୍ତା। ତଥାପି ମୋର ଜଣେ ସାଙ୍ଗ କହୁଥିଲା, ଘରଟା କାଳେ ଦେଖିଲା ଭଳିଆ ହେଇଛି। ଅନୁରୋଧ ଆପଣ ପ୍ରତିଷ୍ଠାଦିନ ନିଶ୍ଚୟ ଆସିବେ। ମୁରୁକି ହସି କହିଲି, ତମ ଭଳି ଜଣେ ସାଦାସିଧା, ନିରହଂକାରୀ ଲୋକର କୁଡ଼ିଆ ଦର୍ଶନ ପାଇଁ ନିଶ୍ଚୟ ଯିବି।

ମହୋଦୟ ଜଣକ ଫେରିଯିବା ପରେ ମୁଁ ବନ୍ଧୁଙ୍କୁ ଚାହେଁ ତ ସେ ଲଜ୍ଜାରେ ଲାଲ୍ ପଡ଼ିଯାଇଥିଲେ। କଥା ବାଆଁରେଇ କହିଲି, ସେଦିନ ମନେକରି ତମ ଶାଳକଙ୍କ ଘରର କିଛି ଫଟୋ ଉଠାଇଆଣିବ। କେହି କାହାକୁ କିଛି ନ କହି ଚୁପ୍‌ଚାପ୍ ବାଟ ଭାଙ୍ଗିଲୁ।

**ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି କଲେଜ**
**କଟକ, ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ବିବାହରେ ବରଯାତ୍ରୀଙ୍କ ପାଇଁ ଭୋଜନ ବ୍ୟବସ୍ଥାରେ ଯେମିତି କୌଣସି ପ୍ରକାରର ଅସୁବିଧା ନ ହୁଏ ସେଥିପାଇଁ କନ୍ୟାପକ୍ଷ ନିଜ ସକ୍ଷମ ଅନୁସାରେ ସବୁ ପ୍ରସ୍ତୁତି କରିଥାନ୍ତି। ଏସବୁ ପରେ ବି ଭୋଜନରେ କିଛି ନା କିଛି ଅବ୍ୟବସ୍ଥା କଥା କହି ଅଭିଯୋଗ କରିବା ବରଯାତ୍ରୀଙ୍କର ଏକ ଚିରାଚରିତ ସ୍ୱଭାବ ହୋଇଥାଏ କହିଲେ ଭୁଲ୍ ହେବ ନାହିଁ। ଏମିତି ସମସ୍ୟା ପାଇଁ ଅନେକ ସମୟରେ ଝଗଡ଼ା ବି ହୁଏ। ହେଲେ ଏଥିପାଇଁ ବାହାଘର ବନ୍ଦ ହୋଇଯିବା ଭଳି ଏକ ଘଟଣା ଦେଖିବାକୁ ମିଳିଛି ଗୁଜରାଟର ସୁରଟରେ। ସୁରଟର ବରାଛା ଅଞ୍ଚଳରେ ଥିବା ଲକ୍ଷ୍ମୀ ହଲ୍‌ରେ ଏକ ବିବାହ ଅନୁଷ୍ଠିତ ହେଉଥିଲା। ବାଜାବାଣ ଫୁଟାଇ ବେଶ୍ ଖୁସିରେ ବରଯାତ୍ରୀ ଆସି ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ଖାଦ୍ୟ ପରଷା ଯାଇଥିଲା। ହେଲେ ଖାଦ୍ୟ କମ୍ ଥିବାର ଅଭିଯୋଗ କରି ବରଯାତ୍ରୀମାନେ ପାଟିତୁଣ୍ଡ କରିଥିଲେ। ପରେ ଏହା ଝଗଡ଼ାର ରୂପ ନେଇଥିଲା ଓ ବରଯାତ୍ରୀମାନେ ଫେରି ଯାଇଥିଲେ। ତେବେ ବରଯାତ୍ରୀଙ୍କୁ ଫେରିବା ଦେଖି ବେଦି ଉପରୁ ବର ମଧ୍ୟ ଉଠିଯାଇ ସେମାନଙ୍କ ସହିତ ଘରକୁ ଫେରିଯାଇଥିଲା। ଏହାପରେ ଥାନାରେ କନ୍ୟାପକ୍ଷ ଅଭିଯୋଗ କ୍ରମେ ପୋଲିସ ବରପକ୍ଷ ପରିବାର ଲୋକଙ୍କୁ ଡକାଇ ବୁଝାଶୁଝା କରି ସେହି ଥାନାରେ ବର କନ୍ୟାଙ୍କର ବିବାହ କରାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୫ ଫେବୃଆରୀ ୧୯୭୬

- ଭୁବନେଶ୍ୱର, କୋଣାର୍କ ଓ ପୁରୀକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ବୃହତ୍ତର ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ନିଷ୍ପତ୍ତି।
- ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ଏସ୍. କୃଷ୍ଣସ୍ୱାମୀଙ୍କୁ ଭାରତ ତୈଳ ଶୋଧନାଗାର ଲିମିଟେଡ୍‌ର ଚେୟାର୍‌ମ୍ୟାନ୍ ନିଯୁକ୍ତ କରାଯାଇଛି।

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 8 | | 2 | | | | | 9 |
| | | | | 6 | | | | |
| | | | 8 | | 7 | | | 5 |
| | 7 | | | | 2 | | | |
| | 9 | 3 | | | | | | |
| | 1 | | 3 | 9 | | | 4 | |
| | 2 | | 9 | | 5 | 6 | | |
| 3 | | | | | | | | 4 |
| 5 | | 7 | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 7 | 4 | 9 | 3 | 5 | 2 |
| 3 | 7 | 5 | 8 | 6 | 2 | 4 | 9 | 1 |
| 9 | 2 | 4 | 5 | 1 | 3 | 6 | 8 | 7 |
| 7 | 5 | 6 | 3 | 9 | 4 | 2 | 1 | 8 |
| 2 | 4 | 1 | 6 | 5 | 8 | 9 | 7 | 3 |
| 8 | 3 | 9 | 1 | 2 | 7 | 5 | 4 | 6 |
| 1 | 9 | 7 | 2 | 3 | 5 | 8 | 6 | 4 |
| 4 | 6 | 2 | 9 | 8 | 1 | 7 | 3 | 5 |
| 5 | 8 | 3 | 4 | 7 | 6 | 1 | 2 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ହସ ହଜିଯାଉଛି

ମହାଶୟ,

ହସ ହସ ସର୍ବୋତ୍ତମ ମହୌଷଧି। ହସିବା ଦ୍ୱାରା କେବଳ ନିଜ ଜୀବନ ସକାରାତ୍ମକ ହେବ ନାହିଁ ବରଂ ଆପଣ ଅନ୍ୟକୁ ହସାଇବା ଦ୍ୱାରା ଆପଣଙ୍କର ମାନସିକ ଶାନ୍ତି ବଜାୟ ରହିବ । ହସ ଯନ୍ତ୍ରଣା ଏବଂ ଚାପରୁ ମୁକ୍ତି ପ୍ରଦାନ କରିଥାଏ। ହସ ଶରୀରରୁ ଷ୍ଟ୍ରେସ ହର୍ମୋନ କମାଏ। ଫଳରେ ଅବସାଦ, ଚିନ୍ତା ଆଦି ବିଭିନ୍ନ ମାନସିକ ରୋଗରୁ ମଣିଷକୁ ମୁକ୍ତି ମିଳେ। ମଦର ଟେରେସା କହିଥିଲେ, 'ପିସ ବିଗନ୍ସ ଏ ସ୍ମାଇଲ' ଅର୍ଥାତ୍ ହସରୁ ଆରମ୍ଭ ହୋଇଥାଏ ଶାନ୍ତି । କିନ୍ତୁ ଆଜିର ଦିନରେ ମଣିଷ ଯେମିତି ହସିବା ଭୁଲିଯାଇଛି। ଅନେକ ସମସ୍ୟାରେ ଆଜି ସମସ୍ତେ ଛନ୍ଦି ହୋଇପଡ଼ିଛନ୍ତି। ବିଶେଷକରି ସୋସିଆଲ ମିଡିଆ ଯୁଗରେ ପରସ୍ପର ହସିବା, ସମୟ ବିତାଇବା କମିଯାଇଛି। ଏବେ ହସ ଖୋଜୁଛି ମଣିଷ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିକଶିତ ଗାଁ ବିକଶିତ ଓଡ଼ିଶା

**ପ୍ରଫେସର ଦେବେନ୍ଦ୍ର ନାଥ ଜେନା**

ଜାତିର ପିତା ମହାତ୍ମା ଗାନ୍ଧୀଜୀଙ୍କର ଆହ୍ବାନ ଥିଲା "ଗାଁକୁ ଫେରିଚାଲ, ଗାଁର ବିକାଶ ହେଲେ, ଭାରତର ବିକାଶ ହେବ"। ଏହିଚିନ୍ତା ଓ ଚିନ୍ତନର ପ୍ରେକ୍ଷାପଟ୍ଟରେ, ଆମ ରାଜ୍ୟ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମରେ ଏକ ନୂତନ ଗ୍ରାମୀଣଭିତ୍ତିକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଆଶା କରାଯାଏ ଏହି ଯୋଜନା କ୍ଷଣସ୍ଥାୟୀ ନ ହୋଇ ଚିରସ୍ଥାୟୀ ହେବ ଏବଂ ଗ୍ରାମୀଣ ଲୋକମାନଙ୍କର ଜୀବନଶୈଳୀର ସାମାଜିକ ଓ ମାନବୀୟ ଉପାଦାନର ବିକାଶରେ ଏକ ମୁଖ୍ୟ ଅଙ୍ଗ ହୋଇ ଓ ବିକାଶର ଏକ ନୂତନ ସୋପାନରେ ପହଞ୍ଚାଇପାରିବ। ଏହି ଯୋଜନା ଏକ ଦୀର୍ଘମିଆଦି ଯୋଜନା ଓ ୨୦୨୪–୨୫ ଆର୍ଥିକବର୍ଷରେ ଏହି ଯୋଜନା ପାଇଁ ୧୦୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳ ଓଡ଼ିଶାର ଦ୍ରୁତ ଓ ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବା ତଥା ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ସ୍ଥାୟୀ ଉନ୍ନୟନ ପ୍ରକଳ୍ପମାନ ଯଥା– ଅପହଞ୍ଚ ଗାଁକୁ ରାସ୍ତା ଦ୍ୱାରା ସଂଯୋଗୀକରଣ, ସର୍ବସାଧାରଣଙ୍କ ସୁବିଧା ପାଇଁ ସମ୍ପଦ ସୃଷ୍ଟି କରିବା, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ସର୍ବସାଧାରଣ ପୋଖରୀ ଏବଂ ଜଳ ଅମଳ ସଂରଚନାର ନିର୍ମାଣ, ନୂତନ ଅଭିନବ ପ୍ରକଳ୍ପ ନିର୍ମାଣ ଇତ୍ୟାଦି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ବିଭିନ୍ନ ପ୍ରକାରର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ଆଗେଇ ନେଇ, ଗ୍ରାମୀଣ ସମ୍ପଦ ସୃଷ୍ଟି କରି, ଏକ ବିକଶିତ ଓ ଗଠନର ଲକ୍ଷ୍ୟ ପୂରଣ ଦିଗରେ ଏହା ଏକ ସ୍ଥାୟୀ ମାଧ୍ୟମ ରୂପେ କାର୍ଯ୍ୟ କରିବ।

**ମୁଖ୍ୟ ଉପାଦାନ:**

୧. ଓଡ଼ିଶା ରାଜ୍ୟର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମୀଣ ଜନସାଧାରଣଙ୍କୁ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚନା କରାଯାଏ। ଗୋଟିଏ ରାଜ୍ୟର ଅର୍ଥନୈତିକ ବିକାଶରେ ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହି ଯୋଜନାରେ ଗ୍ରାମାଞ୍ଚଳ ଓଡ଼ିଶାର ରାସ୍ତା, ସେତୁ, ନଳାପୋଲ, ଅଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା, ଆନ୍ତଃ – ଗ୍ରାମ ସଡ଼କର ଉନ୍ନତିକରଣ କରାଯାଇ, ଗ୍ରାମ ସହର ସଂଯୋଗକୁ ନିରନ୍ତର କରାଯିବ। ଦୁର୍ଗମ ଅଞ୍ଚଳ, ନକ୍ସଲ ପ୍ରବଣ ଅଞ୍ଚଳ, ଦୁର୍ବଳ ଆଦିବାସୀ ବାସ କରୁଥିବା ଅଞ୍ଚଳକୁ ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯିବ।

୨. ଆବଶ୍ୟକତା ଅନୁଯାୟୀ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୋଇବା ଘାଟ/ପୋଖରୀ, ନଦୀକୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ବଜାର ସେଡ, ଡ୍ରେନ ନିର୍ମାଣ, ଗ୍ରାମ୍ୟ ଶ୍ମଶାନର ଉନ୍ନତିକରଣ ପରି ସର୍ବସାଧାରଣ ସମ୍ପତ୍ତିର ନିର୍ମାଣ ମଧ୍ୟ କରାଯିବ।

୩. ସମସ୍ତ ଧର୍ମର ପୂଜାପାଠ ସ୍ଥାନଗୁଡ଼ିକରେ ଭକ୍ତ, ତୀର୍ଥ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଓ ସେବା ଯୋଗାଇବା ପାଇଁ ଭୋଗମଣ୍ଡପ, ଭାଗବତ ଟୁଙ୍ଗି, ସାଂସ୍କୃତିକ କେନ୍ଦ୍ର ଇତ୍ୟାଦି ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଉକ୍ତ ଯୋଜନା ଅଧୀନରେ ନିଆଯିବ।

୪. ସର୍ବସାଧାରଣ ପୋଖରୀ ଏବଂ ଜଳ ଅମଳ ସଂରଚନାର ନିର୍ମାଣ ଓ ନବୀକରଣ ପ୍ରକଳ୍ପ ଗ୍ରହଣ କରାଯିବ।

୫. ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତିକରଣ, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଆଧୁନିକୀକରଣ ଓ ବିଦ୍ୟମାନ ଭିତ୍ତିଭୂମିର ସମ୍ପ୍ରସାରଣ କାର୍ଯ୍ୟ ଗ୍ରହଣ କରାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟରେ ପଠନଗୃହ, ଖେଳପଡ଼ିଆ, କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ଅଭିନବ ସୁବିଧାର ବିକାଶ କରାଯିବ।

୬. କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଉନ୍ନତିମଧ୍ୟ ଏହି ଯୋଜନା ମାଧ୍ୟମରେ କରାଯାଇପାରିବ।

ଏହି ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆବଶ୍ୟକ ବଜେଟର ବ୍ୟବସ୍ଥା ସରକାର ଅଗ୍ରାଧିକାର ଭିତ୍ତିରେ ସମୟର ପରିଧି ମଧ୍ୟରେ କରାଯିବା ପାଇଁ ପଦକ୍ଷେପ ନେଇଛନ୍ତି। ଗ୍ରାମସଭାଠାରୁ ଆରମ୍ଭକରି ସମସ୍ତଙ୍କ ସହଭାଗୀତାରେ ପ୍ରକଳ୍ପଗୁଡ଼ିକର ଚୟନ କରାଯିବ, ଉକ୍ତ ଯୋଜନାର ପ୍ରତ୍ୟେକ ପ୍ରକଳ୍ପର ଠିକ୍ ତଦାରଖ ଓ ପର୍ଯ୍ୟବେକ୍ଷଣ ନିମନ୍ତେ ସାମାଜିକ ସମୀକ୍ଷାର ପ୍ରାବଧାନ ରହିବ। ଏହି ଯୋଜନା ଅଧୀନରେ ସୃଷ୍ଟି ହେଇଥିବା ସ୍ଥାୟୀ ସମ୍ପତ୍ତି ମୁଖ୍ୟତଃ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ। ତେଣୁ ଜନସାଧାରଣଙ୍କ ଉପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, କାର୍ଯ୍ୟର ଗୁଣବତ୍ତା, ସୃଷ୍ଟି ହୋଇଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ନ୍ୟସ୍ତ ରହିବା ଆଶା କରାଯାଏ। ଏହି ଯୋଜନାର ସଫଳ ରୂପାୟନ ହେଲେ ଗ୍ରାମୀଣ ଲୋକମାନଙ୍କର ମୁହଁରେ ହସ ଫୁଟାଇ ବିକଶିତ ଓଡ଼ିଶା ସ୍ୱପ୍ନକୁ ବାସ୍ତବ ରୂପ ଦେଇପାରିବା ସଙ୍ଗେ ସଙ୍ଗେ ଅର୍ଥନୀତିକୁ ସୁଦୃଢ଼ କରିପାରିବ।

**– ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

# ଉଦ୍‌ଘାଟନ ଅପେକ୍ଷାରେ ରାମେଶ୍ୱରମ୍‌ର 'ପମ୍ବନ୍'

ଭୁବନେଶ୍ୱର,୪।୨



- ଦେଶର ୨ୟ ସର୍ବବୃହତ୍ ସାମୁଦ୍ରିକ ସେତୁ
- ଚଳିତ ମାସରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ପୋଲ ନିର୍ମାଣ ପାଇଁ ୫୩୧ କୋଟି ବ୍ୟୟ
- ପର୍ଯ୍ୟଟନ, ପରିବହନର ହେବ ମାଇଲଖୁଣ୍ଟ: ଆର୍. ଶ୍ରୀନିବାସନ

ଗମନାଗମନର ସୁବିଧା ହେଲେ ଦେଶର ଆର୍ଥିକ ଅଭିବୃଦ୍ଧି ଘଟିଥାଏ। ସଡ଼କ ପରିବହନ କ୍ଷେତ୍ରରେ ଭାରତୀୟ ରେଳ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏ ଦିଗରେ ଭାରତୀୟ ରେଳ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛି। ତାମିଲନାଡୁରେ ସମୁଦ୍ରର ଅଥଳ ଜଳରାଶି ବକ୍ଷରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି 'ପମ୍ବନ୍ ସେତୁ'। ଏହାକୁ ଚଳିତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ସେତୁ ରାମେଶ୍ୱରମ୍ ଦ୍ୱୀପକୁ ତାମିଲନାଡୁର ସ୍ଥଳଭାଗ ସହ ସଂଯୋଗ କରୁଛି। ଏହା କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। ଉକ୍ତ ସେତୁର ପରିକଳ୍ପନା କେନ୍ଦ୍ର ସରକାର ୨୦୧୯ ଫେବୃଆରୀରେ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ୨୦୨୪ ନଭେମ୍ବର ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରେଳ ଚଳାଚଳ ପରୀକ୍ଷଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏବେ ଏହା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଏହି ସେତୁର ଡିଜାଇନ ସ୍ପେନ୍‌ର ଟିପ୍‌ସା ଦ୍ୱାରା କରାଯାଇଥିବା ବେଳେ ଆଇଆଇଟି, ବମ୍ବେର ବୃତ୍ତାନ୍ତ ଅନୁମୋଦନ ପରେ ପମ୍ବନ୍ ସେତୁର ନିର୍ମାଣ କାର୍ଯ୍ୟ ରେଳ ବିକାଶ ନିଗମ ଲିଃ(ଆର୍‌ଭିଏନ୍‌ଏଲ୍) ଦ୍ୱାରା କରାଯାଇଥିଲା। ଏବେ ଏହି ସେତୁର ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି। ଏହା ଦେଶର ଦ୍ୱିତୀୟ ବୃହତ୍ ସାମୁଦ୍ରିକ ସେତୁ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଲମ୍ବ ୨.୧୦ କି.ମି. ହୋଇଥିବା ବେଳେ ଏହି ସେତୁ ୧୦୧ଟି ପିଲର୍ ଉପରେ ଛିଡ଼ାହୋଇଛି। ଏଥିରେ ୫୩୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଏହାର ଏକ ବିଶେଷତ୍ୱ ହେଉଛି, ପମ୍ବନ୍ ସେତୁ ମଧ୍ୟ ଦେଇ ଜଳପଥରେ ବଡ଼ ବଡ଼ ଜାହାଜ କିଭଳି ସୁରୁଖୁରୁରେ ଯାତାୟାତ କରିପାରିବ ସେନେଇ ୧୭ ମିଟର ଅତ୍ୟାଧୁନିକ ଭର୍ଟିକାଲ୍ ଲିଫ୍ଟ ବ୍ୟବସ୍ଥା କରାଯାଇଛି। ଏହି ଲିଫ୍ଟର ଉଚ୍ଚତା ୩୪ ମିଟର ହୋଇଥିବାବେଳେ ୧୪୭୦ ମେଟ୍ରିକ ଟନ୍ ଓଜନ ରହିଛି। ୫ ମିନିଟ୍ ୩୦ ସେକେଣ୍ଡରେ ଏହାକୁ ରେଳ ଧାରଣାରୁ ବିଚ୍ଛିନ୍ନ କରାଯାଇପାରିବ। ଏହି ସେତୁ ତଳେ ବଡ଼ ବଡ଼ ମାଲବାହୀ ଜାହାଜ ସହଜରେ ଚଳପ୍ରଚଳ କରିପାରିବ। ଏହି ଲିଫ୍ଟ ଏସିଆର ସର୍ବବୃହତ୍ତମ ଲିଫ୍ଟ ଭାବେ ପରିଚିତ। ଏଥିରେ ଜିଙ୍କ୍ ମେଟାଲାଇଜିଂ, ଏପିଲକ୍ସ ଜିଙ୍କ୍ ରିଚ୍ ପ୍ରାଇମର ଏବଂ ପଲି ସିଲୋକ୍ସେନ ପେଣ୍ଟ ବ୍ୟବହାର ହୋଇଥିବାରୁ ସହଜରେ ସମୁଦ୍ର ପାଣି ଯୋଗୁ କ୍ଷତିଗ୍ରସ୍ତ ହେବ ନାହିଁ। ଏହି ପୋଲରେ ୪୫୦୦ ମେଟ୍ରିକ ଟନ୍‌ର ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ଏଥିସହ ପମ୍ବନ୍ ସେତୁ ମଧ୍ୟ ଦେଇ ଏକସାଙ୍ଗରେ ୨ ବ୍ରଡ୍ ଗେଜ୍ ଟ୍ରେନ୍ ଚଳାଚଳ କରିପାରିବ। ସେତୁ ଉପରେ ୫୦ରୁ ୭୫ କି.ମି. ବେଗ ଯାଏ ଟ୍ରେନ୍ ଚଳାଚଳ କରିପାରିବ। ଯଦିଓ ପୂର୍ବରୁ ୧୯୧୪ ଫେବୃଆରୀ ୨୪ରୁ ଏକ ପୁରୁଣା ରେଳସେତୁ କାର୍ଯ୍ୟକ୍ଷମ ଥିଲା, ଏହାର ବିକଳ୍ପ ଭାବେ ଭାରତୀୟ ରେଳ ପକ୍ଷରୁ ଏହି ନୂତନ ପମ୍ବନ୍ ସେତୁ ନିର୍ମାଣ କରାଯାଇଛି।

ପୁରୁଣା ପମ୍ବନ୍ ସେତୁ ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହେବା କାରଣରୁ କେନ୍ଦ୍ର ସରକାର ନୂତନ ସେତୁର ପରିକଳ୍ପନା କରିଥିଲେ। ଏହି ସେତୁର ନିର୍ମାଣ ସମ୍ପର୍କରେ ସୂଚନା ଦେଇ ରେଳ ବିକାଶ ନିଗମ ଲିଃର ବରିଷ୍ଠ ଡିଜିଏମ୍ ଆର୍.ଶ୍ରୀନିବାସନ କହିଛନ୍ତି, ପୁରୁଣା ସେତୁ ନଷ୍ଟହେବା କାରଣରୁ ଏହାର ବିକଳ୍ପ ଭାବେ ଏହି ନୂତନ ସେତୁ ନିର୍ମାଣ କରାଯାଇଛି। ଏହାର ଭିତ୍ତିଭୂମିରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଥିବାରୁ ଆସନ୍ତା ୧୦୦ ବର୍ଷ ଯାଏ ଏହା କାର୍ଯ୍ୟକ୍ଷମ ହୋଇପାରିବ। ଏହା ସାଙ୍ଗରେ ୨ଟି ରେଳ ପୋଲ ଉପରେ ଚଳାଚଳ କରିପାରିବ। ଏହି ସେତୁ ପର୍ଯ୍ୟଟନର ବିକାଶ ସହ ପରିବହନର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖୁବ୍‌ଶୀଘ୍ର ଏହାର ଉଦ୍‌ଘାଟନ ହେବ ବୋଲି ଶ୍ରୀନିବାସନ ବିସ୍ତୃତଭାବେ ସୂଚନା ଦେଇଛନ୍ତି।

# ବାଲୁଗାଁ–ପଲାସା ରେଳ ସେକ୍ସନର ନିରୀକ୍ଷଣ କଲେ ମହାପ୍ରବନ୍ଧକ

ଭୁବନେଶ୍ୱର,୪।୨
(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବାଲୁଗାଁ–ପଲାସା ରେଳପଥ ସେକ୍ସନର ନିରୀକ୍ଷଣ କରିଛନ୍ତି। ଫୁଙ୍କୱାଲ ଜାରିରହିଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବିଶେଷକରି ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ରନିଙ୍ଗ ରୁମ୍‌ର ପରିଷ୍କାର ପରିଚ୍ଛନ୍ନତା ଓ ଖାଦ୍ୟସେବାର ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସେ ସୋମପେଟା ଓ ଇଚ୍ଛାପୁରମର ସେତୁ ମଧ୍ୟ ପରିଦର୍ଶନ କରିଥିଲେ। ପଲାସା ଷ୍ଟେଶନରେ ସେ ରେଳପଥ କଲୋନୀ, କର୍ମଚାରୀଙ୍କ ପାଇଁ ରନିଙ୍ଗ ରୁମ୍ ଏବଂ ରୁଟ୍ ରିଲେ ଇଣ୍ଟରଲକିଂ (ଆର୍‌ଆର୍‌ଆଇ) କୋଠା ଯାଞ୍ଚ କରିଥିଲେ। ଏଥିସହ ପଲାସା ଓ ଇଚ୍ଛାପୁରମ୍‌ରେ ଟ୍ରେନ ପରିଚାଳନାର ସୁରକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କର ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ଏଚ୍.ଏସ୍. ବଜୱା, ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




# 'ରାଜ୍ୟରେ ଅଧିକ ଦନ୍ତ ଚିକିତ୍ସାଳୟ ଖୋଲାଯିବ'

**ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ୨୦୧୯–୨୪ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ**

## ପୂରଣ ହେବ ଦନ୍ତ ଚିକିତ୍ସକ ପଦବୀ

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ଅଧିକ ସଂଖ୍ୟକ ଦନ୍ତ ଚିକିତ୍ସାଳୟ ଖୋଲାଯିବ। ଏ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିସହ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ୟୁଜି ଓ ପିଜି ପାଠ୍ୟକ୍ରମ ଯୋଡ଼ାଯିବା ସହ ଡାକ୍ତର ନିଯୁକ୍ତି ଦିଗରେ ଗୁରୁତ୍ୱ ଦିଆଯାଉଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ୨୦୦୦ ଦନ୍ତ ଚିକିତ୍ସକ ପଦବୀ ଫାଙ୍କା ଥିବାବେଳେ ସରକାର ନିଯୁକ୍ତି ଦିଗରେ ପ୍ରାଧାନ୍ୟ ଦେଉଛନ୍ତି। ଓରାଲ କ୍ୟାନ୍‌ସର ଚିକିତ୍ସା ସହ ଏ ଦିଗରେ ଲୋକଙ୍କୁ ସଚେତନ କରାଇବା ପାଇଁ ଡାକ୍ତରମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ୨୦୧୯–୨୦୨୪ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ 'ଅଥର୍ଭ' ଏସ୍‌ସିବିର ନୂତନ ଅଡିଟୋରିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଯୋଗଦେଇ କହିଛନ୍ତି, ଡିଗ୍ରୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମାଜ ପାଇଁ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ। ଏଥିମଧ୍ୟରେ ଦନ୍ତ ବିଭାଗର ଡିଗ୍ରୀ ଗୁରୁତ୍ୱ ବହନ କରେ। ଡିଗ୍ରୀ ହାସଲ କରୁଥିବା ଛାତ୍ରୀଛାତ୍ର ମେଡିକାଲ ଏଥିକ୍ସ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଡାକ୍ତର ସର୍ବଦା ରୋଗୀଙ୍କୁ ନିଜର ଭାବି ଚିକିତ୍ସା କରିବା ଜରୁରୀ। ଫଳରେ ରୋଗୀ ନିଜ ରୋଗ ଭୁଲି ମାନସିକ ଚିନ୍ତାରୁ ଦୂରେଇ ଯିବ। ଛାତ୍ରୀଛାତ୍ର ଡିଗ୍ରୀ ପାଇବା ପରେ ନିଜ କର୍ତ୍ତବ୍ୟ ନ ଭୁଲି ସମାଜସେବାରେ ନିଜକୁ ଉତ୍ସର୍ଗ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆରଏସ୍‌ଏସ୍‌ର ରାଜ୍ୟ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼େଙ୍ଗା ଯୋଗଦେଇ ଡାକ୍ତର ରୋଗୀ ସେବାରେ ନିଜକୁ ସମର୍ପିତ କରିବା ପାଇଁ କହିଛନ୍ତି। ଏଥିରେ ଅନ୍ୟଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ଦନ୍ତ ଚିକିତ୍ସାଳୟର କାର୍ଯ୍ୟକାରୀ ଅଧକ୍ଷ ପ୍ରଫେସର ଡା. ତପନ କୁମାର ପାତ୍ର, ପ୍ରଫେସର ଡା. ସୁଭାଷ ଚନ୍ଦ୍ର ରାଜ, ପ୍ରଫେସର ହେମାମାଳିନୀ ରଥ, ପ୍ରଫେସର ଡା. ଫକୀର ମୋହନ ଦେବତା ଯୋଗଦେଇଥିଲେ। ଏହି ଅବସରରେ ୨୦୧୯–୨୪ ବର୍ଷରେ ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡାକ୍ତର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଏସ୍‌ସିବି ମେଡିକାଲ ନୂତନ ଅଡିଟୋରିୟମରେ ଅନୁଷ୍ଠିତ ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିବୃନ୍ଦ।

# ଆଜି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିବେ। ଗ୍ରାମୀଣ ଭିତ୍ତିଭୂମି ଏବଂ ଅର୍ଥନୀତି ସୁଦୃଢ଼ ହେବା ସହ ଗ୍ରାମୀଣ ଜୀବନ ସୁଗମ ହୋଇପାରିବ ଏହି ଯୋଜନାର ଲକ୍ଷ୍ୟ ରହିଛି। ନୂତନ ସରକାରଙ୍କ ଉତ୍କର୍ଷ ଓଡ଼ିଶା ୨୦୩୬ର ରୂପାନ୍ତରଣରେ ଏହା ସହଯୋଗ କରିବା ସହ ନୂତନ ଦିଗ୍‌ଦର୍ଶନ ବାର୍ତ୍ତା ବହନ କରିବ। ଏହି ଯୋଜନାରେ ୫ବର୍ଷ ପାଇଁ ୫କୋଟି ଖର୍ଚ୍ଚ କରାଯିବା ଲାଗି ଲକ୍ଷ୍ୟ ରହିଛି। ପ୍ରତିବର୍ଷ ଗ୍ରାମର ଉନ୍ନତୀକରଣ ପାଇଁ ୧କୋଟି ଟଙ୍କା ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ତଦାରଖ କରୁଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୧ହଜାର ଲୋକଙ୍କ ସମାଗମ ପାଇଁ ବ୍ୟବସ୍ଥା କରାଯାଇଛି।

सेन्ट्रल बैंक ऑफ़ इंडिया | Central Bank of India

ମାନବ ପୁଞ୍ଜି ପରିଚାଳନା, କେନ୍ଦ୍ରୀୟ କାର୍ଯ୍ୟାଳୟ

**ଅର୍ଥ ଫେରସ୍ତ ବିଜ୍ଞପ୍ତି**

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/ କିମ୍ବା ସବ୍-ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ପ୍ରାପ୍ତ ଇଣ୍ଟିମେସନ୍ ଚାର୍ଜ / ଦରଖାସ୍ତ ଫି ଫେରସ୍ତ**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍-ଷ୍ଟାଫ୍ ୨୦୨୪–୨୫ ନିଯୁକ୍ତି ନିମନ୍ତେ ଖାଲି ଥିବା ପଦବୀ ପୂରଣ ପାଇଁ ୨ଟି ନିଯୁକ୍ତି ବିଜ୍ଞପ୍ତି **ତା.୧୯.୧୨.୨୦୨୩ରିଖ ଏବଂ ତା.୦୬.୦୬.୨୦୨୪ରିଖ** ଦ୍ୱାରା ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆଇନଗତ ପ୍ରକ୍ରିୟା ଯୋଗୁ ବିଳମ୍ବ ହେଉଥିବାରୁ ବ୍ୟାଙ୍କ ସମସ୍ତ ଯୋଗ୍ୟ ଦରଖାସ୍ତକାରୀମାନଙ୍କର ସମ୍ପୂର୍ଣ୍ଣ ଇଣ୍ଟିମେସନ୍ ଚାର୍ଜ /ଦରଖାସ୍ତ ଫି ଫେରସ୍ତ କରିବାକୁ ସ୍ଥିର କରିଛି।

**ଫେରସ୍ତ ପ୍ରକ୍ରିୟା:**

**୧. ଦିଆଯାଇଥିବା ଲିଙ୍କ୍:** ବ୍ୟାଙ୍କର କାର୍ଯ୍ୟାଳୟ ୱେବ୍‌ସାଇଟ୍ ଅର୍ଥାତ୍ **https://www.centralbankofindia.co.in/en/recruitments**ରେ ତା.୦୧.୦୨.୨୦୨୫ରିଖରେ ପ୍ରକାଶିତ ଫେରସ୍ତ ବିଜ୍ଞପ୍ତି **(Refund Notification)**ରେ ପ୍ରାର୍ଥୀମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିବା ପାଇଁ ଲିଙ୍କ୍ ପ୍ରଦାନ କରାଯାଇଛି। ଏହି ଲିଙ୍କ୍ ମାଧ୍ୟମରେ ପ୍ରାର୍ଥୀମାନେ ସେମାନଙ୍କର ପଞ୍ଜିକରଣ ତଥ୍ୟାବଳୀ (ପଞ୍ଜିକରଣ ନମ୍ବର ଏବଂ ପାସ୍‌ୱାର୍ଡ / **DDMMYYYY** ଫର୍ମାଟରେ ଜନ୍ମ ତାରିଖ) ପ୍ରଦାନ କରି ଲଗଇନ୍ କରିବେ। ପ୍ରଦତ୍ତ ଲିଙ୍କ୍‌ରେ ଲଗଇନ୍ କରିବା ନିମନ୍ତେ ଏହି ଦୁଇ ତଥ୍ୟ ବାଧ୍ୟତାମୂଳକ ଅଟେ।

**୨. ଆବଶ୍ୟକୀୟ ବିବରଣୀ:** ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, IFSC କୋଡ୍, ବ୍ୟାଙ୍କ ଓ ଶାଖାର ନାମ।

**୩. ଫେରସ୍ତ ସମୟସୀମା:** ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ନିମନ୍ତେ ସମୟସୀମା: **ତା.୦୭.୦୨.୨୦୨୫ରିଖରୁ ତା.୨୨.୦୨.୨୦୨୫ରିଖ।** ଫେରସ୍ତ ପ୍ରକ୍ରିୟା ପଞ୍ଜିକରଣ ସମୟରେ ବ୍ୟବହାର କରାଯାଇଥିବା ସମାନ ତଥ୍ୟାବଳୀର ସତ୍ୟତା ଦ୍ୱାରା ସହଜ ହେବ।

ବ୍ୟାଙ୍କ ଦ୍ୱାରା ଆବେଦନକାରୀମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଏବଂ ପଞ୍ଜିକରଣ ନମ୍ବର ପୃଥକ୍ ଭାବେ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏବଂ ଇମେଲ୍ ଆଇଡି ମାଧ୍ୟମରେ ଇମେଲ୍ ଦ୍ୱାରା ସୂଚିତ କରାଯାଇଛି।

**ସ୍ଥାନ: ମୁମ୍ବାଇ**
**ତାରିଖ: ୦୧.୦୨.୨୦୨୫** — ମହାପ୍ରବନ୍ଧକ-ଏଚ୍‌ସିଏମ୍

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୪ ବର୍ଷ ଶିଶୁପୁତ୍ର ମୃତ

ସିଂହପୁର,୪।୨(ଅନଙ୍ଗ ଉଦୟ ବେଉରିଆ): ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ୪ ବର୍ଷ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ରତଳାଙ୍ଗ ଗ୍ରାମରେ। ଗ୍ରାମର ଦେବାଶିଷ ଜେନାଙ୍କ ଶିଶୁପୁତ୍ର ସ୍ୱାଧୀନ ଜେନା ସକାଳୁ ଘର ପାଖ ପୋଖରୀ ନିକଟକୁ ଯାଇଥିବାବେଳେ ସେଠାରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ଆତ୍ମହତ୍ୟା

ପାଣିକୋଇଲି,୪।୨(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଞ୍ଚାୟତରେ ଜଣେ ଯୁବକ ମଙ୍ଗଳବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ବଡ଼ବିରୁହାଁ ଗ୍ରାମର ପରମେଶ୍ୱର ସାହୁଙ୍କ ପୁଅ ବଳରାମ(୩୬)। ଋଣଗ୍ରସ୍ତ ଓ ପାରିବାରିକ ଅଶାନ୍ତିକୁ ନେଇ ସେ ମାନସିକ ଚାପରେ ରହୁଥିଲେ। ସକାଳୁ ବିଲକୁ ଯାଇ ଅପରାହ୍ନ ପର୍ଯ୍ୟନ୍ତ ଫେରି ନ ଥିଲେ। ପରେ ଗ୍ରାମର କେତେଜଣ ବ୍ୟକ୍ତି ସେ ନିମବାହାଳି ନିକଟରେ ଏକ ବରଗଛରେ ଆତ୍ମହତ୍ୟା କରିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

### ଅନ୍ତର୍ଜାତୀୟ ସୁରଜକୁଣ୍ଡ ମେଳାରେ ଯୋଗଦେବେ ଯୁବପ୍ରସ୍ତର ଶିଳ୍ପୀ ସୁଶାନ୍ତ ଦାସ

ବାଲିଚନ୍ଦ୍ରପୁର,୪।୨(ଗିରିଜା ପ୍ରସାଦ ସାହୁ): କେନ୍ଦ୍ର ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହରିୟାଣାର ଫରିଦାବାଦ ସୁରଜକୁଣ୍ଡରେ ଫେବୃଆରୀ ୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ସୁରଜକୁଣ୍ଡ ମେଳା। ଏଥିରେ ଯୋଗ ଦେବାପାଇଁ ଯାଜପୁର ଜିଲା ବଡ଼ଚଣା ବ୍ଲକ ପଲାଇ ଗ୍ରାମର ଯୁବପ୍ରସ୍ତର ଶିଳ୍ପୀ ସୁଶାନ୍ତ କୁମାର ଦାସଙ୍କୁ ମନୋନୀତ କରାଯାଇଛି। ସେ ଗୁରୁବାର ହରିୟାଣା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି। ଏହି ମେଳାରେ ଭାରତ ବର୍ଷରୁ ହସ୍ତତନ୍ତ ଓ ହସ୍ତଶିଳ୍ପରେ ପାରଦର୍ଶିତା ଥିବା ପ୍ରତିଭାମାନଙ୍କୁ ମନୋନୀତ କରାଯାଇ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ଦାସ ଏହି ମେଳାରେ ଓଡ଼ିଶାର ସୁନ୍ଦର ପଥର ନିର୍ମିତ କରୁକାର୍ଯ୍ୟକୁ ପ୍ରଦର୍ଶିତ କରାଇବେ। ମେଳାରେ ଯୋଗଦାନ ପାଇଁ ମନୋନୀତ କରାଯାଇଥିବାରୁ ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ସୁଶାନ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଯୋଗଦାନର ସଫଳତା କାମନା କରିଛନ୍ତି।

# ରେଳଷ୍ଟେଶନ ପ୍ରତୀକ୍ଷାଳୟ ଶୋଚନୀୟ

ଯାଜପୁରରୋଡ୍,୪।୨(ପବିତ୍ର ରଞ୍ଜନ ମହାନ୍ତି): ପୂର୍ବତଟ ରେଳପଥର ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ ଏକ ପ୍ରମୁଖ ଷ୍ଟେଶନ। ଏହି ଷ୍ଟେଶନ ରାଜସ୍ୱ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ହେଲେ ଏଠାରେ ଯାତ୍ରୀଙ୍କୁ ସର୍ବନିମ୍ନ ସେବା ମିଳୁନାହିଁ। ଏହି ଷ୍ଟେସନ ଉପରେ କଳିଙ୍ଗନଗର ଶିଳ୍ପାଞ୍ଚଳ, ସୁକିନ୍ଦା ଖଣି ଅଞ୍ଚଳ ସମେତ ଯାଜପୁର ଜିଲା ତଥା ପଡ଼ୋଶୀ କେନ୍ଦୁଝର ଓ ଢେଙ୍କାନାଳ ଜିଲାର ଲୋକେ ନିର୍ଭର କରିଥାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଦେଶ ବିଦେଶରୁ ବହୁ ଭିଆଇପି ବିଭିନ୍ନ କାର୍ଯ୍ୟରେ ଆସିଥାଆନ୍ତି। ହେଲେ ବଡ଼ ଦୁଃଖର ବିଷୟ ୧୫ବର୍ଷ ତଳେ ଷ୍ଟେଶନ ମଧ୍ୟରେ ନିର୍ମିତ ହୋଇଥିବା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ ଏବେ ଶୋଚନୀୟ ହୋଇପଡ଼ିଛି। ଦ୍ୱିତୀୟ ଶ୍ରେଣୀ ପ୍ରତୀକ୍ଷାଳୟରେ ବର୍ଷା ଦିନେ ଛାତରୁ ପାଣିଗଳୁଛି। ଏଠାରେ ଆବଶ୍ୟକ ମୁତାବକ ଫ୍ୟାନ କିମ୍ବା ବସିବା ପାଇଁ ଚେୟାର ନାହିଁ। ପ୍ରତୀକ୍ଷାଳୟ ମଧ୍ୟରେ ଯେଉଁ ଚେୟାର କେତୋଟି ରହିଛି ତାହା ଭାଙ୍ଗି ରୁଜିଯାଇଛି। ଫଳରେ ଦୁରଦୂରାନ୍ତକୁ ଟ୍ରେନରେ ଯିବାପାଇଁ ଅପେକ୍ଷାରତ ଯାତ୍ରୀ ତଳେ କିମ୍ବା ବାହାର ସିମେଣ୍ଟ ଚେୟାରରେ ବସିବାକୁ ବାଧ ହେଉଛନ୍ତି। ପ୍ରତୀକ୍ଷାଳୟରେ ଥିବା ପରିସ୍ରାଗାର ଠିକ ଭାବରେ ପରିଷ୍କାର କରାଯାଉ ନ ଥିବାରୁ ଦୁର୍ଗନ୍ଧ ହେଉଛି। ରେଳୱେ କର୍ତ୍ତୃପକ୍ଷ ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାର ନିୟମ ଥିଲେ ମଧ୍ୟ ଏହି ଷ୍ଟେଶନରେ ତା'ର ବ୍ୟତୀକ୍ରମ ଦେଖାଦେଇଛି। ଏହି ଷ୍ଟେଶନ 'ଏ' କ୍ଲାସ ଷ୍ଟେଶନର ମାନ୍ୟତା ପାଇଥିଲେ ମଧ୍ୟ ଯାତ୍ରୀଙ୍କ ପାଇଁ ତାର ସୁବିଧା ଉପଲବ୍ଧ ହେଉନାହିଁ। ଷ୍ଟେଶନରେ ଅଧିକାଂଶ ଦ୍ରୁତଗାମୀ ଟ୍ରେନ ରହଣି ନାହିଁ। ଷ୍ଟେଶନରେ କେତେକ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ସହରର ବିଭିନ୍ନ ସଂଗଠନ ପକ୍ଷରୁ ବରମ୍ବାର ଦାବି ଓ ଆନ୍ଦୋଳନ ହୋଇ ଆସୁଥିଲେ ମଧ୍ୟ ରେଲ୍‌ୱେ କର୍ତ୍ତୃପକ୍ଷ ମିଥ୍ୟା ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରଶମିତ କରୁଛନ୍ତି। ପୂର୍ବତଟ ରେଳପଥର ଉଚ୍ଚ କର୍ତ୍ତୃପକ୍ଷ ଏହି ଷ୍ଟେସନର ଥିବା ବିଭିନ୍ନ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହେଉଛି।



ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ପ୍ରତୀକ୍ଷାଳୟର ଚେୟାର ଭାଙ୍ଗିପଡ଼ିଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମବରଦା,୪।୨(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ଚାରିଗାରପୁର ଗ୍ରାମରେ ହନୁମାନ ମନ୍ଦିରର ୨୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳୁ ମୁଖ୍ୟ ପୂଜକ ମନୋଜ ଦାସ, ପବିତ୍ର କୁମାର ପତି, ଶରତ ଚନ୍ଦ୍ର ପାଢୀ, ଆଶିଷ କୁମାର ପତିଙ୍କ ମନ୍ତ୍ରଧ୍ୱନିରେ ପୂଜା ଆରମ୍ଭ ହୋଇଥିଲା। ମୁଖ୍ୟ କର୍ତ୍ତାଭାବେ ରୁପେଶ ଦେଓ ଏବଂ ତାଙ୍କ ସହଧର୍ମିଣୀ ବୈଶାଳୀନି ଦେଓ ଦାୟିତ୍ୱ ତୁଲାଇଥିଲେ। ସ୍ମୃତିରଞ୍ଜନ ରାଉତ, ସପନ ରାଉତ, ପ୍ରଶାନ୍ତ ବାରିକ, ରଶ୍ମିରଞ୍ଜନ ରାଉତ ପ୍ରମୁଖ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟ ପୂଜା, ଗୋପୂଜା, ହନୁମାନ ସହସ୍ର ନାମ ଏବଂ ଦିନିକିଆ ଗୀତା ମହାଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ମା' ନୀମେଶ୍ୱରି କୀର୍ତ୍ତନମଣ୍ଡଳୀ ସଭ୍ୟମାନେ ଭଜନକୀର୍ତ୍ତନ ପରିବେଷଣ କରିଥିଲେ। ବହୁ ଭକ୍ତ ଆସି ପ୍ରଭୁ କୃପା ଲାଭ କରିଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ମୁରବୀ ପଞ୍ଚାନନ ରାଉତ, ଚିନ୍ତାମଣି ରାଉତ, ବୀରକିଶୋର ରାଉତ, ଗୌରାଙ୍ଗ ରାଉତ, ଚିତ୍ତରଞ୍ଜନ ରାଉତ ଓ ପ୍ରଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ମନ୍ଦିର ପ୍ରତିଷ୍ଠା ପୂଜା ଚାଲିଛି।

## କ୍ରୀଡ଼ା ଜୀବନକୁ ସଂସ୍କାରିତ, ଶୃଙ୍ଖଳିତ କରେ: ଦୂତୀ ଚାନ୍ଦ




କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କାଳିଆପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ**

କାଳିଆପାଣି,୪।୨(ଅସିତ ମହାନ୍ତ): କ୍ରୀଡ଼ା ଜୀବନକୁ ସଂସ୍କାରିତ ଓ ଶୃଙ୍ଖଳିତ କରେ। ଦିନଚର୍ଯ୍ୟାରେ କ୍ରୀଡ଼ାକୁ ସାମିଲ କଲେ ଛାତ୍ରୀଛାତ୍ର ସୁସ୍ଥ, ବଳିଷ୍ଠ ଓ ଦୃଢ଼ ମନା ହୋଇ ପାରେବେ। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଓଡ଼ିଶା ଖଣି ନିଗମ କାଳିଆପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଦୌଡ଼ରାଣୀ ଦୂତୀ ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଅଧକ୍ଷତା କରି ଦେଶ ପାଇଁ ଗୌରବ ଆଣିଥିବା ଦୌଡ଼ ରାଣୀଙ୍କୁ ଅତି ନିକଟରେ ପାଇବା ସ୍କୁଲ ପାଇଁ ଏକ ଗର୍ବର କଥା ବୋଲି କହିବା ସହ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଖଣି ନିଗମ ଆଞ୍ଚଳିକ ପ୍ରଶାସନିକ ମୁଖ୍ୟ ଦେବାଶିଷ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିନ ଚର୍ଯ୍ୟାରେ କ୍ରୀଡ଼ାକୁ ସାମିଲ କଲେ ଛାତ୍ରୀଛାତ୍ର ସୁସ୍ଥ, ବଳିଷ୍ଠ ଓ ଦୃଢ଼ ମନା ହୋଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ପରିଚାଳକ ସୁଶାନ୍ତ ସେଠୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ସାମ୍ବାଦିକ ରବି କର, ଅସିତ ମହାନ୍ତ, ଖଣି ନିଗମ କର୍ମଚାରୀ ସଂଘ ସମ୍ପାଦକ ମଧୁ ସୁଦନ ପୃଷ୍ଟି, ଗୋପବନ୍ଧୁ ଦାସ, ସିଏସ୍‌ଆର ଅଧିକାରୀ ସରୋଜିନୀ ବ୍ରହ୍ମା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ଯୁଧିଷ୍ଠିର ସାହୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ ଓ ବିଭିନ୍ନ ଚିତାକର୍ଷକ ନୃତ୍ୟ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟାବଂଶୀ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ୨ ଦିନ ଧରି ଚାଲିବ। କାର୍ଯ୍ୟକ୍ରମକୁ ସ୍କୁଲ ପକ୍ଷରୁ ସର୍ବଶ୍ରୀ ସ୍ମୃତିରଞ୍ଜନ ମଣ୍ଡଳ, ଶୁଭେନ୍ଦ୍ର ମହାନ୍ତ, ଈଶ୍ୱର ମହାନ୍ତ, ସୋନାଲି ମୁଦୁଲି, ଅନୁରୂପା କାନୁନଗୋ, ଚିନ୍ମୟୀ ଦାଶ, ଅନୁରାଧା ମିଶ୍ର, ମଧୁସ୍ମିତା ପରିଡ଼ା, ଗୀତାଞ୍ଜଳି ସାହୁ, ଜିତେନ୍ଦ୍ର ଜେନା, ନନ୍ଦକିଶୋର ପାତ୍ର ଓ ଦ୍ରୌପଦୀ ସାହୁ ପରିଚାଳନା କରିଥିଲେ।

## ୧୪ରୁ ସନାତନ ଧର୍ମ ସମ୍ମିଳନୀ

ଧର୍ମଶାଳା,୪।୨(ବଟକୃଷ୍ଣ ପରିଡ଼ା): ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଯାଜପୁର ଜିଲା ଭକ୍ତ କମିଟି ପକ୍ଷରୁ ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଯୋମାଶୁଣୀ ପୀଠରେ ୩ଦିନ ବ୍ୟାପୀ ଭକ୍ତ ମିଳନ, ସନାତନ ଧର୍ମ ସମ୍ମିଳନୀ, ଆଲୋଚନାଚକ୍ର, ପ୍ରବଚନ, ପାଲା, ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ ଓ ଲୀଳା ନାଟକ ଆଦି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ୧୪ ତାରିଖ ଶୁକ୍ରବାର ସନ୍ଧ୍ୟା ୫ଟାରେ ବାବାଜୀ ହରେକୃଷ୍ଣ ଦାସ ମହାରାଜ ଉଦ୍‌ଘାଟନ କରିବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ନିରଞ୍ଜନ ସାହୁ ପ୍ରବଚନ ପ୍ରଦାନ କରିବେ। ପରେ ଓଡ଼ିଶୀ ନୃତ୍ୟ ସହ କଳ୍ପନା ନାୟକ ଏବଂ ସାଥୀମାନେ ପାଲା ପରିବେଷଣ କରିବେ। ୧୫ ତାରିଖ ଶନିବାର ସନ୍ଧ୍ୟାରେ ବାବାଜୀ ସଦାନନ୍ଦ ଦାସ ମହାରାଜ ଅଧକ୍ଷତା କରିବେ। ପ୍ରବଚକ ବାବାଜୀ ଦିବାକର ଦାସ ମହାରାଜ ଯୋଗଦେବେ। ଏହାପରେ ସମ୍ବଲପୁରୀ ନୃତ୍ୟ ସହ ଭିକାରି ସାମଲଙ୍କ ରଚନା ଓ ନିର୍ଦ୍ଦେଶନାରେ ଲୀଳା ନାଟକ ପରିବେଷଣ କରାଯିବ। ୧୬ତାରିଖ ରବିବାର ଜାତୀୟ ବିଜ୍ଞାନ ଗବେଷଣା ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଅଭୟ କୁମାର ନାୟକ ଓ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରବଚନ ପ୍ରଦାନ କରିବେ। ରାତ୍ରରେ ଗୋଟିପୁଅ ନୃତ୍ୟ ପରେ 'ଦିନେ ନଖୋଜିଲ ଦିନବନ୍ଧୁ' ଲୀଳା ନାଟକ ପରିବେଷଣ କରାଯିବ। ଏ ସମ୍ପର୍କରେ ଭକ୍ତ ଗୋଷ୍ଠୀ ପକ୍ଷରୁ ଜିଲା ସମ୍ପାଦକ ଶ୍ରୀବତ୍ସ ପାଢ଼ୀ ଜାରକାଠାରେ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ମଧୁସୂଦନ ଦାସଙ୍କ ତିରୋଧାନ ଦିବସ

ଚଣ୍ଡିଖୋଲ,୪।୨(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମଞ୍ଚ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ବିଷ୍ଣୁଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚ ଉପସଭାପତି ରତ୍ନାକର ପଣ୍ଡା, ଶରତ କୁମାର ଦାସ, ଭରତ ଚନ୍ଦ୍ର ଜେନା, ନେତ୍ରାନନ୍ଦ ସିଂହ, ଚନ୍ଦ୍ରଶେଖର ରାଉତ, ଉମେଶ ଚନ୍ଦ୍ର ରାଉତ, ଶ୍ୟାମ ସୁନ୍ଦର ଦାସ ଓ ନୃସିଂହ ଚରଣ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମିୟ କୁମାର ସାହାଣୀ ବରିଷ୍ଠ ନାଗରିକମାନଙ୍କୁ ସହଯୋଗ ଯୋଗାଇ ଦେଇଥିବାରୁ ମଞ୍ଚ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଦୀପ୍ତ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ମଧୁସୂଦନ ଦାସଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା।

## ଶିବମନ୍ଦିରରେ ପଶି ଅଣ ଓଡ଼ିଆଙ୍କ ଉନ୍ମତ୍ତକାଣ୍ଡ

**ପୋଲିସ ଜିମା ଦେଲେ ସ୍ଥାନୀୟ ବାସିନ୍ଦା**

ପାଣିକୋଇଲି,୪।୨(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି(ଶର୍ମା ଗଡ଼ାଣୀ)ସ୍ଥିତ ଭୁବନେଶ୍ୱର ଶିବ ମନ୍ଦିରରେ ସୋମବାର ରାତ୍ରିରେ ଜଣେ ଅଣଓଡ଼ିଆ ବ୍ୟକ୍ତି ପଶି ଉନ୍ମତକାଣ୍ଡ ଘଟାଇଛନ୍ତି। ସେ ଠାକୁରଙ୍କ ସମସ୍ତ ସାମଗ୍ରୀ ଫୋପାଡ଼ିବା ସହ ଲିଙ୍ଗକୁ ଉଠାଇବାକୁ ଯାଇ ବିଫଳ ହୋଇଛନ୍ତି। ଭୋର ସମୟରେ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ତାଙ୍କୁ ଅଟକାଇ ୧୧୨ ହେଲ୍ପ ଲାଇନକୁ ଫୋନ କରିଥିଲେ। ମାତ୍ର ୨ଘଣ୍ଟା ବିତିଯାଇଥିଲେ ହେଁ କେହି ଆସି ନ ଥିଲେ। ଏହାପରେ ଲୋକେ ଥାନାଧିକାରୀଙ୍କୁ ଫୋନ କରିଥିଲେ। ପରେ ପୋଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ତେବେ ସେ କ'ଣ ପାଇଁ ଏପରି କରୁଥିଲେ ତାହା ଜଣା ପଡ଼ିନାହିଁ।

## ଯୁବପିଢ଼ି ବିକାଶଧାରାରେ ସାମିଲ ହେବାକୁ ଆହ୍ୱାନ

**ବ୍ରଜନଗର ଯୁବ ମହୋତ୍ସବ-୨୦୨୫ ଉଦ୍‌ଯାପିତ**

ପାଣିକୋଇଲି,୪।୨(ବିକାଶ ମଲ୍ଲିକ): ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ବ୍ରଜନଗର ଖେଳ ପଡ଼ିଆଠାରେ ଆୟୋଜିତ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ସୌମ୍ୟ ରଞ୍ଜନ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯୋଗଦେଇ ଯୁବପିଢ଼ିମାନେ ବିକାଶଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଯୁବକମାନେ ଚାହିଁଲେ ବିକାଶ ସମ୍ଭବ। ଯୁବଶକ୍ତି ହେଉଛନ୍ତି ନିର୍ଭିକର ପ୍ରତୀକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ(ବାପି) ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ଦେଶ ଗଢ଼ିବାରେ ଯୁବକମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ବ୍ୟାସନଗର ପୌର ଉପାଧ୍ୟକ୍ଷ ସୁବାସ ବଳ, କୋରେଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ଏହି ଅବସରରେ ସମସ୍ତ ଅତିଥି ଓ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ସାମାଜିକ କାର୍ଯ୍ୟଧାରା ପାଇଁ ମଧ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭୁବନେଶ୍ୱରର ନିର୍ମାଣ ଲାଇଭ ବାହାର ପକ୍ଷରୁ ହ୍ୟୁମାନ ସାଗର ମୋଲେଡି ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଣିକୋଇଲି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।




ବ୍ରଜନଗର ଯୁବ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗଲଗଲି ଶଙ୍ଖ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନୁଦାନ ମିଳିବ

ଧର୍ମଶାଳା,୪।୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟିତ ହୋଇଯାଇଛି। ସିଦ୍ଧପୀଠ ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ଆଧ୍ୟାତ୍ମିକ ତଥା ପୌରାଣିକ ଗୁରୁତ୍ୱ ରହିଛି। ଗରୁଡ଼ ଗୀତା ଓ ମାଳିକାରେ ଏହି ପୀଠର ମାହାତ୍ମ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଶ୍ରୀକ୍ଷେତ୍ର ପ୍ରାଚୀନ ବଡ଼ଦାଣ୍ଡ ଭାବେ ଏହାର ସୁଖ୍ୟାତି ରହିଛି। ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ କାର୍ଯ୍ୟ ପାଇଁ ୩୫ ଲକ୍ଷ ଟଙ୍କାର ପ୍ରସ୍ତାବ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ଉକ୍ତ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ଖୁବଶୀଘ୍ର ଅନୁଦାନ ମିଳିବ। ମହାଯଜ୍ଞର ଉଦ୍‌ଘାଟନୀ ଉତ୍ସବରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗଦେଇ ଆତିଥ୍ୟତା ଓ ଆଧ୍ୟାତ୍ମିକତା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବୋଲି କହିବା ସହିତ ଗଲଗଲି ଶଙ୍ଖପୀଠର ପୁନରୁଦ୍ଧାର ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ। ଉତ୍ସବରେ ପଟୁଣିଆ ସରପଞ୍ଚ ବୈଶାଳୀ ରାଉତ, କଣ୍ଟିଗଡ଼ିଆ ସମିତିସଭ୍ୟ ଅରୂପାନନ୍ଦ ଜେନା, ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ, କୋତପୁର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, ସାମାଜିକକର୍ମୀ ଅଭିମନ୍ୟୁ ଧଳ, ନସିବପୁର ଗ୍ରାମ ମୁରବୀ ପଦ୍ମନାଭ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଲିଗଲି ଶଙ୍ଖପୀଠର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଯଜ୍ଞ କମିଟି ସଭ୍ୟ ପ୍ରଶାନ୍ତ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବ ଆରମ୍ଭରେ ଅତିଥିମାନେ ଗଲିଗଲି ଶଙ୍ଖକୁ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଯଜ୍ଞ କମିଟି ସଭାପତି ବିବେକାନନ୍ଦ ଦାସ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଯୁବ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଦେବା ସହିତ ଏହି ଯଜ୍ଞୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ସୂଚନା ଦେଇଥିଲେ। ସଭାପରେ ପ୍ରବଚକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ପଟୁଣିଆ ଗେଙ୍ଗୁଟି ନଦିରୁ ଜଳ ଆଣି ଯଜ୍ଞମଣ୍ଡପରେ ପ୍ରତିଷ୍ଠା କରାଯାଇଥିଲା। ପରେ ଘଟସ୍ଥାପନ, ଯଜ୍ଞାଗ୍ନି ସ୍ଥାପନ, ମଣ୍ଡପ ପୂଜା, ରୁଦ୍ର ଆଳତୀ ଆଦି ଦେବନୀତି ସମ୍ପନ୍ନ ହୋଇଥିଲା। ରବିବାର ସନ୍ଧ୍ୟାରେ ଯାଜପୁର ମା' ବିରଜାଙ୍କ ମନ୍ଦିରରୁ ନାମସଂକୀର୍ତ୍ତନ ମଧ୍ୟରେ ଆଜ୍ଞାମାଳ ଅଣାଯାଇ ଅଙ୍କୁରାରୋପଣ କରାଯାଇଥିଲା।



ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର**

**ରାଜକନିକା,(ରବୀନ୍ଦ୍ର କୁମାର ଦାସ):** ରାଜକନିକା ବ୍ଲକ ସଭାଗୃହ ମଧ୍ୟରେ ମଙ୍ଗଳବାର ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ବ୍ଲକ ସଂଯୋଜକ ରବୀନ୍ଦ୍ର କୁମାର ପଢ଼ିହାରୀ ଓ ନିହାର ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜକନିକା ବ୍ଲକ ଅଧକ୍ଷା ମିନତି ରାଉତ ଯୋଗଦେଇ ଉଦ୍‌ଘାଟନ କରଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କନିଷ୍ଠ ନିୟୋଜନ ଅଧିକାରୀ ବିଜୟ କୁମାର ପତି ଓ ୟଙ୍ଗ ପ୍ରଫେସନାଲ ଶ୍ରଦ୍ଧାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ୧୩ଟି ପ୍ରୋଜେକ୍ଟ ଇମ୍ପିଲିମେଣ୍ଟିଂ ଏଜେନ୍ସି ଶିବିରକୁ ଆସିଥିଲେ। ୩୮୦ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୧୫୦ଜଣଙ୍କୁ ବିଭିନ୍ନ ବିଭାଗରେ ତାଲିମ ଦେବ ପାଇଁ ଏଜେନ୍ସିଗୁଡ଼ିକ ଚୟନ କରିଥିଲେ।

# ବିଡିଓଙ୍କୁ ଅପେକ୍ଷା କରି ବ୍ଲକ ଅଧକ୍ଷା, ଉପାଧକ୍ଷ ଫେରିଲେ


ବ୍ଲକ ପରିସରରେ ବିଡିଓଙ୍କୁ ସାକ୍ଷାତ୍ କରିବାକୁ ଆସି ଅପେକ୍ଷାରତ ବ୍ଲକ ଅଧକ୍ଷା, ଉପାଧକ୍ଷଙ୍କ ସମେତ ଜନପ୍ରତିନିଧି।

**ମହାକାଳପଡ଼ା, ୪।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ନିଜର ସମର୍ଥିତ ସମିତି ସଭ୍ୟ, ସରପଞ୍ଚ, ଜିଲାପରିଷଦ ପ୍ରତିନିଧିଙ୍କୁ ନେଇ ବ୍ଲକ ଅଧକ୍ଷା କଳ୍ପନା ରାଉତ, ବ୍ଲକ ଉପାଧକ୍ଷ ବିଜୟ କୁମାର ଶୁକ୍ଳା ବିଡିଓ ଶିବ ମଲ୍ଲିକଙ୍କୁ ଭେଟି ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବାକୁ ପହଞ୍ଚିଥିଲେ। ମାତ୍ର ବିଡିଓ ମଲ୍ଲିକ ୨୦ ମିନିଟ୍‌ରେ ବ୍ଲକରେ ପହଞ୍ଚିବା କଥା କହି ଆଉ ଆସି ନ ଥିଲେ। ଫଳରେ ବ୍ଲକ ଅଧକ୍ଷାଙ୍କ ସମେତ ଜନପ୍ରତିନିଧି ଅପେକ୍ଷା କରି ବେଳବୁଡ଼ିଲା, ହେଲେ ବିଡିଓଙ୍କ ଦେଖା ମିଳିଲା ନାହିଁ। ଏ ନେଇ ବ୍ଲକ ଅଧକ୍ଷା ରାଉତ କହିଛନ୍ତି, ୮ ମାସ ହେବ ଭାଜପା ସରକାର ଆସିବା ପରେ ବ୍ଲକରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଢଙ୍ଗରେ ହେଉନାହିଁ। ବିଡିଓ ମଲ୍ଲିକ ପ୍ରଶାସନିକ ଅଧିକାରୀ ନା ରାଜନୀତି ଅଧିକାରୀ ବୋଲି କହି ପ୍ରଶ୍ନ ଉଠାଇ ଥିବାବେଳେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ବିଭିନ୍ନ ଆଳ ଦେଖାଇ ବିଭ୍ରାନ୍ତ ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ସେ ଆରୋପ କରିଛନ୍ତି। ଅପରପକ୍ଷରେ ଏ ନେଇ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କୁ ପଚାରିବାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ଚାଲିଛି। ଭାଜପା ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିବା କାର୍ଯ୍ୟଠାରୁ ଢେର୍ ଅଧିକ କାମ କରୁଛି। ସରକାରଙ୍କ ଜନହିତକାରୀ

## ଔଷଧ ବିକଳରେ ତାଟିଆ କାମୁଡ଼ିବା ବିରୋଧୀଙ୍କ ସ୍ୱଭାବ: ବିଧାୟକ

ଯୋଜନାକୁ ବିରୋଧୀ ସହି ପାରୁନାହାନ୍ତି। ଔଷଧ ବିକଳରେ ତାଟିଆ କାମୁଡ଼ିବା ବିରୋଧୀଙ୍କ ସ୍ୱଭାବ। ପୂର୍ବ ସରକାରରେ ଜନ ପ୍ରତିନିଧିମାନେ ମୁହଁ ଖୋଲି ପଦେ କଥା କହିବା ସୁଯୋଗ ମିଳୁ ନ ଥିଲା। ମୋହନ ସରକାରରେ ସମସ୍ତ ଜନ ପ୍ରତିନିଧିଙ୍କୁ ସମାନ ସୁଯୋଗ ଦିଆଯାଉଥିବା ବେଳେ ଗ୍ରାମାଞ୍ଚଳରେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଦ୍ରୁତଗତିରେ କାର୍ଯ୍ୟ ଆଗେଇ ଚାଲିଛି। ମୋହନ ସରକାର ହେଉଛି ଲୋକଙ୍କ ସରକାର ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା।

# ସେମିରେ ପାରାଦୀପ ସ୍ପୋର୍ଟିଂ କ୍ରିକେଟ ଟିମ୍


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଡେରାବିଶ,୪।୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମିନି ଷ୍ଟାଡିୟମଠାରେ ୫୨ତମ ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୪ର୍ଥ ବା ଶେଷ କ୍ୱାଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ବାଟ ମଙ୍ଗଳା କ୍ରିକେଟ କ୍ଲବ, ଯାଜପୁରକୁ ୨ଉଇକେଟରେ ପରାସ୍ତ କରି ପାରାଦୀପ ସ୍ପୋର୍ଟିଂ କ୍ରିକେଟ ଟିମ୍, ଜଗତ୍‌ସିଂହପୁର ସେମିଫାଇନାଲକୁ ଉନ୍ନିତ ହୋଇଛି। ପାରାଦୀପ ଦଳ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବାଟ ମଙ୍ଗଳା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୨ ଓଭରରେ

## ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସମସ୍ତ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ଧଳ ସର୍ବାଧିକ ୪୦ ରନ କରିଥିବା ବେଳେ ବିପକ୍ଷ ପାରାଦୀପ ଦଳ ପକ୍ଷରୁ ଅଧିନାୟକ ଅମିତ ସାହୁ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାରାଦୀପ ସ୍ପୋର୍ଟିଂ ଟିମ୍ ୧୬.୫ ଓଭରରେ ୮ଟି ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପାରାଦୀପ ଦଳ ପକ୍ଷରୁ ରୋଶନ ରାଜପୁତ ୫୦ରନ କରିଥିବା ବେଳେ ଅଧିନାୟକ ଅମିତ ସାହୁ ୩୨ ରନ କରିଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିଥିବା ଅଧିନାୟକ ସାହୁଙ୍କୁ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ଅତିଥି ଭାବେ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ପୂର୍ବତନ ସମିତିସଭ୍ୟ ସରୋଜ କୁମାର ପରିଡା, ଅବସରପ୍ରାପ୍ତ ଅଧ୍ୟାପକ ତାରାକାନ୍ତ ପ୍ରଧାନ, ସାମାଜିକ କର୍ମୀ ରାଜକିଶୋର ମଲ୍ଲ ଓ ଶରତ ସାହୁ ଯୋଗଦେଇଥିଲେ। ପ୍ଲାବନ ସ୍ୱାଇଁ ଓ ଅନୁପ କୁମାର ରାଉତ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

# ସୁନା ଦୋକାନ ଚୋରି ଉଦ୍ୟମ ଘଟଣା: ଅଭିଯୁକ୍ତ ଗିରଫ

**ଆଳି, ୪।୨ (ବନମାଳୀ ସେନାପତି)**

ଆଳି ଥାନା ସିଙ୍ଗିରି ବଜାରରେ ଶନିବାର ବିଳମ୍ବିତ ରାତିରେ ଏକ ସୁନା ଦୋକାନ ଚୋରି ଉଦ୍ୟମ ସମୟରେ ଜଣେ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଯୁବକ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଏ ନେଇ ସିଙ୍ଗିରି ବଜାରରେ ସୁନା ଦୋକାନ କରିଥିବା ରଘୁନାଥ ସାହୁ ଥାନାରେ ଅଭିଯୋଗ କରିଥିଲେ। ଶନିବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ଦୋକାନ ପଛ ଖୋଲା ହେଉଥିବା ଖବର ପାଇ ଆସିଥିଲେ। ସେତେବେଳେ ସେହି ସ୍ଥାନରେ ଥିବା କେତେଜଣ ଯୁବକ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଯାଇଥିବା ବେଳେ ଜଣଙ୍କୁ ସେମାନେ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଅଟକ ଥିବା ଦୁର୍ବୃତ୍ତଙ୍କୁ ପୋଲିସ ପଚରା ଉଚୁରା କରିବା ପରେ ଗିରଫ କରିଛି। ଏ ନେଇ ପୋଲିସ ନଂ. ୫୬/୨୫ରେ ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ଲାଲନ ବିନ୍ଦ। ପୋଲିସ ତାଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଲାଲନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ସହ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଥିବା ଆଇଆଇସି ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

# ରାଶନ ହାତେଇଥିବା ୧୩୫ ସରକାରୀ ଚାକିରିଆଙ୍କୁ ନୋଟିସ

## ମିନି ଅଙ୍ଗନୱାଡି କର୍ମୀ, ହେଲ୍‌ପରଙ୍କ ନୋଟିସକୁ ନେଇ ବଢ଼ୁଛି ପ୍ରତିକ୍ରିୟା


ଅଙ୍ଗନୱାଡି କର୍ମୀ ଓ ହେଲ୍‌ପର ପ୍ରତିବାଦ କରୁଛନ୍ତି।

**ରାଜନଗର, ୪।୨ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକରେ ୧୩୫ ସରକାରୀ ଚାକିରିଆଙ୍କ ପରିବାର ଦୀର୍ଘବର୍ଷ ହେଲା ରାଶନ ଚାଉଳ ଲୁଟୁଥିଲେ। ବ୍ଲକର ୧୩୫ଜଣ ସରକାରୀ କର୍ମଚାରୀ ପରିବାରର ୬୦୪ ଜଣ ହିତାଧିକାରୀ ପ୍ରତି ମାସରେ ୩୦ କୁଇଣ୍ଟାଲ ଚାଉଳ ଲୁଟୁଥିଲେ। ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ନୋଟିସ ପରେ ତଥ୍ୟ ସାମନାକୁ ଆସିଛି। ଅନ୍ୟପକ୍ଷରେ ଅଙ୍ଗନୱାଡି କର୍ମୀ ଓ ହେଲପରଙ୍କୁ ନୋଟିସକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଅଙ୍ଗନୱାଡି କର୍ମୀ ଓ ହେଲପରଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ ବୋଲି ମନ୍ତ୍ରୀ କହୁଥିବା ବେଳେ ରାଶନ କାର୍ଡ ହାତେଇଥିବାରୁ ନୋଟିସ୍ ଦିଆଯିବା ଘଟଣା ଅଡୁଆ ସୃଷ୍ଟି କରିଛି। ରାଜନଗର ବ୍ଲକର ୪୩ଜଣ ମିନି ଅଙ୍ଗନୱାଡି କର୍ମୀ ଓ ୯ଜଣ ହେଲପରଙ୍କୁ ନୋଟିସ ଦିଆଯାଇଛି। ସରକାରଙ୍କ ଦ୍ୱାରା ପ୍ରେରିତ ଏଚଆର୍‌ଏମ୍‌ଏସ୍ ତାଲିକାରେ ନାମ ଥିବାରୁ ଏହି ନୋଟିସ୍ ଦିଆଯାଇଛି। ୩ଦିନ ମଧ୍ୟରେ କାଗଜପତ୍ର ଦାଖଲ ନ କଲେ ସରକାରୀ ଚାକିରିଆ ହୋଇଥିବା କାରଣରୁ ରାଶନ କାର୍ଡ ଡାଟାବେଶରୁ ବାଦ ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ମଙ୍ଗଳବାର ଅଙ୍ଗନୱାଡି କର୍ମୀ ଓ ହେଲପର ରାଜନଗର କାର୍ଯ୍ୟାଳୟରେ ପହଞ୍ଚି ଏହାର ପ୍ରତିବାଦ କରି ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ସରକାରଙ୍କ ଦ୍ୱାରା ପ୍ରେରିତ ଏଚଆର୍‌ଏମ୍‌ଏସ୍ ତାଲିକାରେ ନାମ ଥିବାରୁ ଏହି ନୋଟିସ୍ ଦିଆଯାଇଛି। ସେମାନେ କାଗଜପତ୍ର ଦାଖଲ କରିବା ପରେ ଯିଏ ଯୋଗ୍ୟ ସିଏ ନିଶ୍ଚିନ୍ତ ରାଶନ କାର୍ଡ ପାଇବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ

## ପାର୍କ ନ ଥାଇ ୧୦ ଲକ୍ଷ ଟଙ୍କା ହଡ଼ପ

**ରାଜକନିକା,୪।୨ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଓଳାଭର ପଞ୍ଚାୟତରେ ପାର୍କ ନ ଥିଲେ ମଧ୍ୟ ୧୦ଲକ୍ଷ ଟଙ୍କା ହଡପ କରି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଛି। ଏ ନେଇ ତତ୍କାଳ ପଦକ୍ଷେପ ନେବାକୁ ସୂଚନା ଅଧିକାର କର୍ମୀ ସୁଶାନ୍ତ ନାୟକ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷରେ ଓଳାଭର ପଞ୍ଚାୟତର ଦେଉଳସାହି ଗାଁ ଜଗନ୍ନାଥ ମନ୍ଦିର ନିକଟରେ ୧୦ ଲକ୍ଷ ଟଙ୍କା ବିନିଯୋଗରେ ଏକ ଗ୍ରାମୀଣ ଉଦ୍ୟାନ ନିର୍ମାଣ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ସୁଶାନ୍ତ ତଥ୍ୟ ହାସଲ କରିଥିଲେ। ସେଠାରେ କୌଣସି ପାର୍କ ନ ଥିବା ସମ୍ପର୍କରେ ତତ୍କାଳୀନ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ୨୦୨୪ ଅକ୍ଟୋବରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବରରେ ମଧ୍ୟ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଜାନୁୟାରୀ ୨୮ରେ ଓଳାଭର ପଞ୍ଚାୟତର ସଚେତନ ନାଗରିକ, ବୁଦ୍ଧିଜୀବୀ, ସୂଚନା ଅଧିକାର କର୍ମୀ ତଥା ଅଞ୍ଚଳବାସୀ ଓ ଯୁବକମାନେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୁଶାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ତୁରିତ ପଦକ୍ଷେପ ନେବାକୁ ବିଭାଗୀୟ ସଚିବଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୁଶାନ୍ତ ସୂଚନା ଦେଇଛନ୍ତି।

# ସମାଜକୁ ପରିବର୍ତ୍ତନ କରିବାରେ ମା'ଙ୍କ ଭୂମିକା ଅବର୍ଣ୍ଣନୀୟ

## ବରାଡିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ରାଜକନିକା,୪।୨ (ସଞ୍ଜୟ କୁମାର ଦାଶ)**

ସମାଜକୁ ପରିବର୍ତ୍ତନ କରିବିରେ ମା'ମାନଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି ରାଜକନିକା ବରାଡିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଆୟୋଜିତ ମାତୃ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଥିଲେ। ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାତୃ ସମ୍ମିଳନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ପଣ୍ଡା, ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ କପିଳ ମିଶ୍ର ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ସ୍ୱାଗତ ଅଭିଭାଷଣ ରଖିଥିଲେ। ଆଚାର୍ଯ୍ୟ ବିବେକାନନ୍ଦ ରାଉତରାୟ ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିରର ଗୁରୁମା, ଗୁରୁଜୀ ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ

**ମାର୍ଶାଘାଇ, ୪।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ପଞ୍ଚାୟତର ଗୌଡ଼ଗାଁ ଗ୍ରାମଠାରେ ମଙ୍ଗଳବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦ୍ୱାରା ୨ଟି ଗ୍ରାମ୍ୟ ରାସ୍ତା ଉନ୍ନତିକରଣର ଶିଳାନ୍ୟାସ କରାଯାଇଛି। ଗୌଡ଼ଗାଁ ଗ୍ରାମର କାଙ୍ଗାଳି ରାଉତଙ୍କ ଘରଠାରୁ ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣର ଶିଳାନ୍ୟାସ ଓ ଅନୁକୂଳ ଚନ୍ଦ୍ରଙ୍କ ଆଶ୍ରମଠାରୁ ବାରିକ ସାହି ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ ବିଧାୟକ ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ପ୍ରତ୍ୟେକ ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହାପାତ୍ର ଯୋଗଦେଇ ଏହା ତାଙ୍କର ପ୍ରଥମ ବିଧାୟକ ଅନୁଦାନ ପାଣ୍ଠି ଅଟେ। ପରବର୍ତ୍ତୀ ସମୟରେ ଏହି ରାସ୍ତାର ଅନ୍ୟ ବିଭାଗକୁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରିବି। ଅଞ୍ଚଳର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ପୂର୍ବତନ ବ୍ଲକ ଅଧକ୍ଷ ସଞ୍ଜୟ ଲେଙ୍କା, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସରପଞ୍ଚ ମନୋଜକାନ୍ତ ପରିଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ରାୟ, ସମିତି ସଭ୍ୟ ସୁପ୍ରଭା ପରିଡା, ରମାକାନ୍ତ ମହାନ୍ତି ଉପସ୍ଥିତ ଥିଲେ। ସାମାଜିକ କର୍ମୀ ପୃଥ୍ୱୀରାଜ ସ୍ୱାଇଁ ସଭା ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ଚେତନା ସମିତିର ଜିଲା ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ସମିତିର କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା,୪।୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଘିଗିଡ଼ିଆ ଶ୍ରୀଦଧିବାମନ ଜୀଉ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଚେତନା ସମିତିର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସମିତି ସଭାପତି ବଳରାମ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ରନାଥ ପତି, ଜିଲା ଉପସଭାପତି କିଶୋର ଚନ୍ଦ୍ର ମିଶ୍ର, କର୍ମକର୍ତ୍ତା ହରେକୃଷ୍ଣ ବରାଳ, ରଞ୍ଜନ କୁମାର ମହାନ୍ତି, ଜଗବନ୍ଧୁ ପ୍ରଧାନ, ଶୁଭକାନ୍ତ ଗିରି, ଉତମ ଚରଣ ପ୍ରଧାନ ପ୍ରମୁଖ ମତ ରଖିଥିଲେ। ସେମାନେ କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଚରିତ, ନୀତିକାନ୍ତୀ, ଜଗନ୍ନାଥ ପାଞ୍ଚରାତ୍ର ଓ ରଥଯାତ୍ରା ଆଦି କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଶାସ୍ତ୍ରୀୟ ମତେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ଜଗନ୍ନାଥ ସଂସ୍କୃତି ଅନୁସୃତ ମନ୍ଦିରଗୁଡ଼ିକରେ ଚେତନା କେନ୍ଦ୍ର ଖୋଲାଯାଇ ନିୟମିତ ସ୍କନ୍ଦ ପୁରାଣ ପଠନ ବ୍ୟବସ୍ଥା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିର ସେବାୟତ ମହେଶ୍ୱର ସାହୁ ପୀଠ ମାହାତ୍ମ୍ୟ ଓ ନିଜ ଅନୁଭୂତିରେ ଶ୍ରୀଜଗନ୍ନାଥଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଜିଲା ସମ୍ପାଦକ ଅକ୍ଷୟ କୁମାର ପାଣି ଅତିଥି ପରିଚୟ ତଥା ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ଏହାକୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତା ଉମେଶ ଦାସ ପରିଚାଳନା କରିଥିଲେ।

# ବିପର୍ଯ୍ୟସ୍ତ ସମାଜ ରକ୍ଷା କରିବାର ଦାୟିତ୍ୱ ସମସ୍ତେ ନିଅନ୍ତୁ

**ଡେରାବିଶ, ୪।୨ (ବେବର୍ତ୍ତା ଅଜୟ ଦାସ)**




ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତର କିରଣକୁଞ୍ଜଠାରେ ମଙ୍ଗଳବାର ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡେରାବିଶ ପାଠାଗାର ପକ୍ଷରୁ ଆସ ଭଲ ମଣିଷ ହେବା ଶିର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ବର୍ତ୍ତମାନର ଯୁବ ପିଢି ସଂସ୍କୃତି, ପରମ୍ପରାରୁ ଦୂରେଇ ଯିବା ଦ୍ୱାରା ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି। ସମାଜକୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ମଣିଷ ପଣିଆ ଭାବନା ଉଦ୍ରେକ ହେବା ଦରକାର। ପ୍ରତ୍ୟେକ ପିଲା ନିଜର ମା'ବାପାଙ୍କୁ ଭକ୍ତି ଓ ସମ୍ମାନ ଜଣାଇବା ସହ ପୂଜ୍ୟ ପୂଜା ପରମ୍ପରାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ। ଏଥିସହ ପ୍ରତ୍ୟେକ ଛାତ୍ର, ଯୁବକ ଓ ସାଧାରଣ ଲୋକଙ୍କ ଭିତରେ ଆଧ୍ୟାତ୍ମିକ ଭାବନା ଭିତରେ ନିଜର ଜୀବନ ଧାରଣ କରିବା ନିହାତି ଜରୁରୀ। ଅଧୁନା ବିପର୍ଯ୍ୟସ୍ତ ସମାଜ ରକ୍ଷା କରିବାର ଦାୟିତ୍ୱ ସମସ୍ତେ ବହନ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ପଣ୍ଡା କହିଥିଲେ। ପାଠାଗାର ସଭାଡତି ଡ. ଭକ୍ତକବି ଦାସଙ୍କ ପୌରୋହିତ୍ୟ ଏବଂ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ଉପଦେଷ୍ଟା ହଳଧର ଦାଶ, ଅଧ୍ୟାପକ ପ୍ରଭାକର ସାମଲ, ସମିତିସଭ୍ୟ ନିରଞ୍ଜନ କର, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ ଓ ପୁର୍ଣ୍ଣାନନ୍ଦ ବେହେରା, ଅଧ୍ୟାପକ ବିଶ୍ୱଜିତ ସାହୁ ଏବଂ ଶିକ୍ଷାବିତ୍ ପ୍ରମୋଦ କୁମାରା ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ପାଠାଗାର ସମ୍ପାଦକ ଅଧାପକ ଗୁରୁଚରଣ ସେଠୀ ଧନ୍ୟବାଦ ଦେଇଥିଲେ।

# ସାରଳା ଦାସ ଥିଲେ ଓଡ଼ିଆ ଭାଷା ସାହିତ୍ୟର ପ୍ରଥମ ପ୍ରବକ୍ତା

**ତିର୍ତ୍ତୋଲ , ୪।୨ (ଗୌରାଙ୍ଗ ଚରଣ ସ୍ୱାଇଁ)**

ଆଦିକବି ସାରଳା ଦାସ ଓଡ଼ିଆ ଭାଷା ସାହିତ୍ୟର ପ୍ରଥମ ପ୍ରବକ୍ତା ଥିଲେ। ତାଙ୍କ ଦ୍ୱାରା ରଚିତ ମହାଭାରତ, ରାମାୟଣ, ଚଣ୍ଡୀପୁରାଣ ବିଶ୍ୱ ସାହିତ୍ୟର ଅନନ୍ୟ କୃତି ବୋଲି ଅତିଥିମାନେ କହିଥିଲେ। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳା ଦାସଙ୍କ ସମାଧି ପୀଠରେ ପବିତ୍ର ମାଘ ସପ୍ତମୀ ତିଥିରେ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ.ପ୍ରଭାକର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଜଷ୍ଟିସ ଡ. ମଦନମୋହନ ଦାସ ଯୋଗଦେଇ ସାରଳା ଦାସ ଓଡ଼ିଆ ଭାଷା ସାହିତ୍ୟର ଆଦି ପ୍ରବକ୍ତା ଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟକ ଦାସ ବେନହୁର ତାଙ୍କ ବକ୍ତବ୍ୟରେ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ସମ୍ପର୍କରେ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପିତାମ୍ବର ତରାଇ ଯୋଗଦେଇ ଦିଲ୍ଲୀ ଜବାହରଲାଲ ବିଶ୍ୱବିଦ୍ୟାଳୟରେ ପୂର୍ବରୁ ସ୍ଥାପିତ ଶାରଳା ଦାସଙ୍କ ଚେୟାରର ପୁନଃ ପ୍ରତିଷ୍ଠା, ଅବହେଳିତ ସାରଳାଦାସ ସମାଧି ପୀଠର ଉନ୍ନତିକରଣ, ପୁରୀ-ପାରାଦୀପ ଏକ୍ସପ୍ରେସ ଟ୍ରେନକୁ ସାରଳା ଦାସ ଏକ୍ସପ୍ରେସ ନାମରେ ନାମିତ କରିବାକୁ ବକ୍ତବ୍ୟରେ ଦାବି କରିଥିଲେ। ଏହି ଅବସରରେ ଭାଷାବିତ ଡ. ରୁଦ୍ର ନାରାୟଣ ମହାପାତ୍ର ଓ ରମାଦେବୀ ବିଶ୍ୱବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜଙ୍କୁ ଚଳିତ ବର୍ଷର ଆଦିକବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାରଳା ଦାସ ସାଂସ୍କୃତିକ ପରିଷଦର ସଭାପତି ବିରଜା ପ୍ରସନ୍ନ ପରିଜା, ସମ୍ପାଦକ, ଚିତ୍ତରଞ୍ଜନ ପରିଜା, ଅନୀଲ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସାହିତ୍ୟିକମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମାତୃଭାଷା ସହ ବୈଷୟିକ ଶିକ୍ଷା ଅଧ୍ୟୟନ ଅପରିହାର୍ଯ୍ୟ

## ଚିତ୍ରୋତ୍ପଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ

**ପାଟକୁରା, ୪।୨ (ରବୀନ୍ଦ୍ର ନାଥ ବାରିକ )**



ବିଧାୟକ ଅରବିନ୍ଦ ମହାପାତ୍ର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବିଦେଶରେ ପାଠ ପଢ଼ିବା ପାଇଁ ହେଲେ ମାତୃଭାଷା ସହ ବୈଷୟିକ ଶିକ୍ଷା ଅଧ୍ୟୟନ କରିବା ଅପରିହାର୍ଯ୍ୟ। ଏହାଛଡ଼ା କୋରୁଆ ଚିତ୍ରୋତ୍ପଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ ବିଶେଷକରି କେବଳ କଳାରେ ପାଠ ପଢୁଥିବା ହେତୁ ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷା ପାଇଁ ଅଧିକ ପ୍ରସ୍ତୁତ ହେଲେ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ ବୋଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମହାବିଦ୍ୟାଳୟର ବାର୍ଷିକ ଓ କ୍ରୀଡ଼ା ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଏହି ମହାବିଦ୍ୟାଳୟରେ ନୂତନ ସାଇକେଲ ଷ୍ଟାଣ୍ଡ ଓ ପାଠାଗାର ସହ ଛାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରାଚୀର ନିର୍ମାଣ ଲାଗି ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ବସନ୍ତ ବେଦବ୍ରତଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷ ଅଭୟ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଓ ଶିକ୍ଷିତ ହେବା ନିଆରା କଥା, ଜଣେ ଖାଲି ପାଠ ପଢ଼ି ଦେଲେ ଶିକ୍ଷିତ ହୋଇ ପାରିବ ନାହିଁ। ସେଥିପାଇଁ ବୌଦ୍ଧିକ, ଭୌତିକ ଓ ସାମାଜିକ ଶିକ୍ଷାର ଆବଶ୍ୟକତା ରହିଛି। ଏପରି କି ଦୁହିତା ଦୁଇ କୁଳକୁ ହିତା, ତେଣୁ ଛାତ୍ରୀମାନେ ନିଜକୁ ସଂସ୍କାରିତ କରି ଜଣେ ସୁଗୃହିଣୀ କରି ଗଢ଼ି ତୋଳିଲେ ସମାଜ ଆଗେଇଯିବ ବୋଲି କହିଥିଲେ। ଏହି ଅବସରରେ ଅଧାପକ ଅନାଦି ଚରଣ ବେହୁରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ସରୋଜ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ଦାବି ସମ୍ପର୍କରେ ଅବତାରଣା କରିଥିଲେ। ଅଧାପକ ନିର୍ମଳ କୁମାର ମଲ୍ଲିକ ଓ ଅଧାପକ ବିଭୂତି ଭୂଷଣ ମଲ୍ଲିକ ମହାବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ ସମସ୍ୟା ସହ କିପରି ଅଧିକ ଉନ୍ନତି ହୋଇପାରିବ। ଉକ୍ତ ମହାବିଦ୍ୟାଳୟର ଛାତ୍ରୀମାନେ କିଭଳି ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି ତାହା ଆଲୋକପାତ କରିଥିଲେ। ଅଧାପକ ଗୌରାଙ୍ଗ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଫଳକ ପ୍ରଦାନ କରିବା ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧାପକ କ୍ଷମାସାଗର ପୃଷ୍ଟି, ଅଧାପିକା ତୁଳସୀ ନାୟକ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମାଙ୍କଡ଼ ଆକ୍ରମଣରେ ବୃଦ୍ଧା ଆହତ

ଚିକିଟି,୪।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ମଙ୍ଗଳବାର ସକାଳେ ପାତିମାଙ୍କଡ ଆକ୍ରମଣରେ ଜଣେ ବୃଦ୍ଧା ଆହତ ହୋଇଛନ୍ତି। ସେ ହେଲେ ନୂଆପଡା ଗ୍ରାମ ଚଢିଆପା ସାହିର ସଭା ସାହୁ (୬୦)। ସଭା ସକାଳ ୮ଟାରେ ନିଜ ଘର ବାରିପଟେ ବାସନକୁସନ ଧୋଉଥିବା ବେଳେ ହଠାତ ଏକ ପାତିମାଙ୍କଡ ଆସି ତାଙ୍କ ମୁଣ୍ଡକୁ କାମୁଡି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ସାହିପଡିଶା ଲୋକେ ପହଞ୍ଚି ତାଙ୍କୁ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସଭା ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ନୂଆପଡା ଗ୍ରାମରେ ଦୀର୍ଘଦିନ ହେଲା ପାତିମାଙ୍କଡ଼ ଉପଦ୍ରବ ଚଳାଇଛନ୍ତି। ଗତ ତିନିମାସ ମଧ୍ୟରେ ମାଙ୍ଗଡଙ୍କ ଆକ୍ରମଣରେ ୭ଜଣ ଆହତ ହୋଇଛନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଦଣ୍ଡକାଳୀ ଯାତ୍ରା ବହିପୂଜା

ଧରାକୋଟ,୪।୨(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ଜାହାଡା ଗ୍ରାମର ମା ଦଣ୍ଡକାଳୀ ଯାତ୍ରାରେ ଚଳିତବର୍ଷ ପାଇଁ ନାଟ୍ୟକାର ଦୀପକ ଜେନାଙ୍କ ରଚିତ ସାମାଜିକ ନାଟକ 'କାହାକୁ କହିବି ମନର କଥା' ମଞ୍ଚସ୍ଥ କରିବା ପାଇଁ ଯାତ୍ରା କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି। ମଙ୍ଗଳବାର ଏହି ନାଟକର ବହି ପୂଜା କାର୍ଯ୍ୟକ୍ରମ ମା' ଦଣ୍ଡକାଳୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପଦ୍ମଲୋଚନ ସାହୁ, ଗଞ୍ଜାମ ଜିଲା ଦଣ୍ଡଯାତ୍ରା ମହାସଂଘ ସଭାପତି ଶିବରାମ ପ୍ରଧାନ, ଉପଦେଷ୍ଟା ଭଗବାନ ପରିଡ଼ା, ଯାତ୍ରା କମିଟି ସଦସ୍ୟ ନୀଳମଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବାର୍ଷିକ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

ବେଲଗୁଣ୍ଠା,୪।୨
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡି ଗ୍ରାମରେ ପବିତ୍ର ଶ୍ରୀପଞ୍ଚମୀ ତିଥିରୁ ଆରମ୍ଭ ହୋଇଥିବା ଷୋଡ଼ଶତମ ବାର୍ଷିକ ଚବିଶ ପ୍ରହରୀ ଅଖଣ୍ଡ ନାମଯଜ୍ଞ ମଙ୍ଗଳବାର ତୃତୀୟ ଦିବସରେ ପହଞ୍ଚିଛି। ବୁଧବାର ଏହି ଯଜ୍ଞ ଉଦ୍‌ଯାପିତ ହେବ। ଏହି ଅବସରରେ ନିର୍ଦ୍ଧାରିତ ରୀତିନୀତି ମୁତାବକ ଶନିବାର କଳସ ଯାତ୍ରା ଏବଂ ଅଧିବାସ ହୋଇଥିଲା। ରବିବାର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇ ତିନିଦିନ ଧରି ଚାଲିଛି। ନାମଯଜ୍ଞ ଅବସରରେ ଗ୍ରାମରେ ଅନ୍ନଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଛି। କୁମୁଣ୍ଡି ସମେତ କୁମ୍ଭାର ସାହି, ବଙ୍କା, ବଳରାମପୁର, ବିଭୂତିଆ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରିଛନ୍ତି। ନାମାଚାର୍ଯ୍ୟ ରୂପେ ସୋରିଷମୂଳି ନୃସିଂହନାଥ ଆଶ୍ରମ ମହନ୍ତ ସୁଧାନନ୍ଦ ମହାରାଜ ଯୋଗ ଦେଇ ନାମଯଜ୍ଞର ରୀତିନୀତି ସମ୍ପାଦନ କରୁଛନ୍ତି। ନାମଯଜ୍ଞ ଦେଖିବା ଲାଗି ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଗ୍ରାମ୍ୟ କମିଟି, ସମସ୍ତ ଗ୍ରାମବାସୀ ଏବଂ ମା' ଠାକୁରାଣୀ ଯୁବକ ସଂଘର ସଦସ୍ୟମାନେ ନାମଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ବଲସକୁମ୍ପା କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଖଜୁରିପଡ଼ା,୪।୨(ବିଦୁର ବେହେରା)

ବଲସକୁମ୍ପା କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ବାରିକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆଞ୍ଚଳିକ ସଂଯୋଜକ ନୀଳାଦ୍ରି ବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅମ୍ବିକା କହଁର, ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ବିଦୂର ବେହେରା, ୱାର୍ଡମେମ୍ବର ସୁଭାଷିନୀ ନାୟକ, ସୁଦ୍ରେଜୁ ଆଞ୍ଚଳିକ ସଂଯୋଜକ ଜୟନ୍ତୀ ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦିଗାଲ ସ୍ୱାଗତ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଏହି ମେଳାରେ କ୍ଲଷ୍ଟର ଅନ୍ତର୍ଗତ ୯ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରତ୍ୟେକ ବିଦ୍ୟାଳୟରୁ ୧୦ ଜଣ ଲେଖାଏ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷଣ ସାମଗ୍ରୀ ସହିତ ଉପସ୍ଥିତ ରହିଥିଲେ। ବିଦ୍ୟାଳୟରେ ମେଳାରେ ଶିକ୍ଷଣ ଭିତ୍ତିକ ପରିବେଶ ସୃଷ୍ଟି କରିବାକୁ ପ୍ରତିଜ୍ଞା କରାଯାଇଛି। ଏଥିସହ ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଦକ୍ଷ କରାଯିବ ବୋଲି କୁହାଯାଇଛି ।

# ସେକ୍ସନ ସୁପରଭାଇଜରଙ୍କୁ ଘେରିଲେ ଗ୍ରାମବାସୀ

ଗଞ୍ଜାମ,୪।୨(ବିଦ୍ୟାଧର ସାହୁ)


ବିଦ୍ୟୁତ୍ ବିଲ୍ ଦେଖାଉଛନ୍ତି ଗ୍ରାମବାସୀ ।

ଟାଟା ପାୱାର କର୍ତ୍ତୃପକ୍ଷଙ୍କ ମନୋମୁଖୀ କାରବାରରେ ଦିନକୁ ଦିନ ଅତିଷ୍ଠ ହୋଇପଡ଼ିଲେଣି ବିଦ୍ୟୁତ୍ ଉପଭୋକ୍ତା। ସ୍ମାର୍ଟ ମିଟର ଲାଗିବା ପରେ ପୂର୍ବ ମାସ ବିଲ ଅପେକ୍ଷା କାହାର ଅଧିକ ୭ଶହ ତ ଆଉ କାହାର ୮ଶହ ଆଉ କାହାର ହଜାରେ ଟଙ୍କା ବିଲ୍ ଅଧିକ ଆସୁଥିବା ପୋଡ଼ମପେଟା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ମଙ୍ଗଳବାର ଟାଟା ସେକ୍ସନ ସୁପରଭାଇଜର ଓ ଅନ୍ୟ ଜଣେ କର୍ମଚାରୀ ଗ୍ରାମକୁ ବିଲ୍ ଦେୟ ଆଦାୟ ଓ କେତେ ଜଣଙ୍କୁ ନୂଆବିଲ୍ ଦେବାକୁ ଆସିଥିବା ବେଳେ ଗ୍ରାମବାସୀ ଉଭୟଙ୍କୁ ଘେରାଉ କରିଥିଲେ। ଗ୍ରାମର ପି. ଯୋଗୁଲୁଙ୍କ ୧୫ ଦିନରେ ୮ଶହ ଟଙ୍କା ବିଲ୍ ଆସିଥିବା ବେଳେ ପୋଲରୁ ବିଦ୍ୟୁତ୍ ବିଛିନ୍ନ ହୋଇଥିବା ବି. ସନ୍ୟାସୀଙ୍କ ୩୧୮ ଟଙ୍କା ବିଲ୍ ଆସିଛି। ଅଧିକାଂଶ ଘରେ ଗୋଟିଏ କିମ୍ବା ଦୁଇଟି ବଲବ ଜଳୁଥିବା ବେଳେ ଶୀତ ଦିନ ହୋଇଥିବାରୁ ଫ୍ୟାନ ଆଦୌ ବୁଲୁନି। ଏପରି ସ୍ଥଳେ କେତେ ଜଣ ଲୋକମାନଙ୍କ ବିଲ୍ ହଜାରେ ଟଙ୍କା ଲେଖାଏ ଆସୁଛି। ଫଳରେ ଏହା କିପରି ସମ୍ଭବ ହେଉଛି ବୋଲି ପ୍ରଶ୍ନ ଉଠାଇ ଗ୍ରାମବାସୀ ସୁପରଭାଇଜର ଓ କର୍ମଚାରୀଙ୍କୁ ଘେରିଥିଲେ। ତେବେ ଏ ସମ୍ପର୍କରେ ସେମାନେ ବିଭାଗୀୟ କର୍ତ୍ତପକ୍ଷଙ୍କୁ ଜଣାଇବେ। ଏ ଦିଗରେ ପଦକ୍ଷେପ ନେବାକୁ ଚେଷ୍ଟା କରିବେ

## ବିଦ୍ୟୁତ୍ ବିଲରେ ତ୍ରୁଟି

ବୋଲି କହିବାରୁ ଗ୍ରାମବାସୀ ସେମାନଙ୍କୁ ଛାଡିଥିଲେ। ତେବେ ବୁଧବାର ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମରେ ଗତ ଡିସେମ୍ବର ମାସରେ ଗ୍ରାମରେ କେହି ନ ଥିବା ବେଳେ ଟାଟା କର୍ମଚାରୀ ସ୍ଥାନୀୟ ପୋଲିସ ସହାୟତାରେ ଜବରଦସ୍ତ ୯୦ ପ୍ରତିଶତ ଲୋକଙ୍କ ଘରେ ସ୍ମାର୍ଟ ମିଟର ଲଗାଇଥିଲେ। ଗ୍ରାମର ୩୬୫ ପରିବାର ସମସ୍ତେ ମତ୍ସ୍ୟଜୀବୀ ହୋଇଥିବାରୁ ସ୍ମାର୍ଟ ମିଟର ଲଗାଯିବା ସମୟରେ ସମୁଦ୍ରରେ ମାଛ ମାରୁଥିଲେ।

# ଓଡ଼ଗାଁ ମହୋତ୍ସବ ନିମନ୍ତ୍ରଣ ପତ୍ରକୁ ନେଇ ବିବାଦ

ନୟାଗଡ଼/ଓଡ଼ଗାଁ,୪।୨(ଲୋକନାଥ ମିଶ୍ର/ ଆଦର୍ଶ କୁମାର ପଟ୍ଟନାୟକ):

ବରଖାସ୍ତ ପରେ ବି ପଦବୀର ନିଶା ଛାଡୁନି । ଏଭଳି ଘଟଣା ନୟାଗଡ଼ ଜିଲା ଓଡ଼ଗାଁ ମହୋତ୍ସବର ନିମନ୍ତ୍ରଣ ପତ୍ରରେ ଦେଖିବାକୁ ମିଳିଛି । ନିମନ୍ତ୍ରଣ ପତ୍ରରେ ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରାଯାଉଛି । ଚଳିତ ମାସ ୬ରୁ ୯ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଏହି ମହୋତ୍ସବ ଓଡ଼ଗାଁ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ସମାଜସେବୀ ଇରାନୀ ରାୟଙ୍କ ନାମ ରହିଛି । ଇରାନୀ ରାୟ ବିଜେଡିର ନାରୀନେତ୍ରୀ । ତାଙ୍କୁ ସମାଜସେବୀ ଲେଖାଯିବା ପରେ ସମାଲୋଚନା କରାଯାଇଛି। ସେହିପରି ଉଦ୍‌ଯାପନୀ ଦିବସରେ ସଭାପତି ଭାବେ ଓଡ଼ଗାଁ ସେବା ସମବାୟ ସମିତି ଲିଃ ସଭାପତି ବିଭୂ ପ୍ରସାଦ ସାହୁଙ୍କ ନାମ ରହିଛି । ନିକଟରେ ବିଭୂ ଓଡ଼ଗାଁ ସେବା ସମବାୟ ସମିତି ଲିଃର ସଭାପତି ଦାୟିତ୍ୱରୁ ବରଖାସ୍ତ ହୋଇଥିଲେ । କେବଳ ବିଭୂ ନୁହନ୍ତି ଓଡ଼ଗାଁ ସମବାୟ ସମିତି ପରିଚାଳନା କମିଟିର କର୍ମକର୍ତ୍ତା ନିଲମ୍ବିତ ହୋଇଥିଲେ । ଓଡ଼ଗାଁ ସମବାୟ ସମିତି ପରିଚାଳନା କମିଟି ନିଲମ୍ବିତ ହେଲା ପରେ ବିଭୂ କିପରି ସଭାପତି ରହିଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଉଦ୍‌ଯାପନୀ ଦିବସରେ ବାଚସ୍ପତି ଓ ପୁରୀ ଏମ୍‌ପି ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଥିବାବେଳେ ଏଭଳି ତ୍ରୁଟିପୂର୍ଣ୍ଣ ନିମନ୍ତ୍ରଣ ପତ୍ରକୁ ତୁରନ୍ତ ସଂଶୋଧାନ କରିବାକୁ ଦାବି ହୋଇଛି ।

ଏନେଇ ଓଡଗାଁ ବ୍ଲକ ଅଧକ୍ଷ ତଥା ମହୋତ୍ସବ କମିଟି ସମ୍ପାଦକ ଲୋକନାଥ ସାହୁ କୁହନ୍ତି, ବିଭୂ ପ୍ରସାଦ ସାହୁ ନିଜ ପଦବୀ ନିମନ୍ତେ ଅଦାଲତରୁ ରହିତାଦେଶ ହାସଲ କରିଛନ୍ତି । ତେବେ ରହିତାଦେଶ କାହିଁ ପଚାରିବାରୁ ସେ କିଛି ନ କହି ଏଡାଇ ଯାଇଥିଲେ । ସମବାୟ ସମ୍ପ୍ରସାରଣ ଅଧିକାରୀ ପ୍ରୀୟଦର୍ଶୀ କୁହନ୍ତି, ଓଡ଼ଗାଁ ସମବାୟ ସମିତି ପରିଚାଳନା କମିଟିକୁ ନିଲମ୍ବିତ କରାଯାଇଥିବାବେଳେ ଏନେଇ କୋର୍ଟର ରହିତାଦେଶ ଆମ ପାଖରେ ହସ୍ତଗତ ହୋଇ ନାହିଁ।

# ବାଲାଜୀ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପାଠଚକ୍ର

ଚିକିଟି,୪।୨(ପ୍ରକାଶ ଚନ୍ଦ୍ର ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରଧ୍ୟାପକ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ଼. ସିମାଞ୍ଚଳ ପ୍ରଧାନ, ବରିଷ୍ଠ ସରକାରୀ ଅଧ୍ୟାପକ ରୁନା କୁମାର ସାହୁ, ଚିକିଟି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଡ. ପ୍ରଦୂଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆମ ଓଡ଼ିଆ ଭାଷା ହିଁ ଆମ ପରିଚୟ ବୋଲି କହିଥିଲେ। କାବ୍ୟ, କବିତା, ପୁରାଣ ଓ ଶାସ୍ତ୍ର ଗ୍ରନ୍ଥାବଳି ଓଡ଼ିଆ ଭାଷାକୁ ଆହୁରି ସମୃଦ୍ଧି କରିଛି। ଓଡ଼ିଆ ଭାଷାକୁ ଆହୁରି ଅଧିକ ପ୍ରଚାର କରିବା, ବିଦେଶୀ ଭାଷାକୁ ଦୁରେଇ ରଖି ମାତୃଭାଷା ଓଡ଼ିଆକୁ ଆପଣେଇ ନେବାକୁ ପାଠଚକ୍ରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟଶ୍ରେଣୀ ଛାତ୍ରୀ ନଳିନୀ ପ୍ରଧାନ ଆଧୁନିକ ଓଡ଼ିଆ କବିତାର ରୂପ ବୈଚିତ୍ରିୟ ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ସୋନିଆ, ରାହୁଲଙ୍କ କୁଶ ପୁତ୍ତଳିକା ଦାହ

ଆର.ଉଦୟଗିରି/ ବାଲିଗୁଡ଼ା,୪।୨
(ମନୋଜ ପାଢୀ/ ସଞ୍ଜୟ ପାଣିଗ୍ରାହୀ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସର ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟର ପ୍ରତିବାଦରେ ମଙ୍ଗଳବାର ଗଜପତି ଜିଲା ଆର. ଉଦୟଗିରି ବ୍ଲକରେ ଭାଜପା ନେତା ପ୍ରଶାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ସହର ପରିକ୍ରମା କରି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ସେମାନଙ୍କ ମନ୍ତବ୍ୟ ପାଇଁ ଏବେ ସାରା ଦେଶରେ ଏକପ୍ରକାର ଅସନ୍ତୋଷମୂଳକ ବାତାବରଣ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ସ୍ଥାନରେ ସୋନିଆ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମଲ୍ଲିକଙ୍କ ସମେତ ମଣ୍ଡଳ ସଭାପତି ତପନ ନାୟକ ଓ କର୍ମୀମାନେ ସାମିଲ ହୋଇଥିଲେ।

ସେହିପରି କନ୍ଧମାଳ ଜିଲା ବାଲିଗୁଡାରେ ମଧ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧୀଙ୍କ ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟକୁ ବିରୋଧ କରି ଜିଲା ସଭାପତି ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ବାଲିଗୁଡ଼ା ଗାନ୍ଧୀ ଛକଠାରେ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇ ସୋନିଆ ଗାନ୍ଧିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୋନିଆ ଓ ରାହୁଲ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବା ସହ ଦେଶବାସୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ନଗର ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଚରଣ ଦାସ, ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ୍ ବାଲିଗୁଡ଼ା, କ.ନୁଆଗାଁ, ତୁମୁଡ଼ିବନ୍ଧ ଓ କୋଟଗଡ଼ ବ୍ଲକର ସମସ୍ତ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ। ସମସ୍ତେ ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତିଙ୍କ ପ୍ରତି କଂଗ୍ରେସର ଏପରି ମନ୍ତବ୍ୟକୁ ନିନ୍ଦା କରି ଏହା ଠିକ୍ ନୁହେଁ ବୋଲି କହିଥିଲେ।

# ଝିଅକୁ ଅଙ୍ଗନୱାଡିରେ ଛାଡ଼ି ମା'ଙ୍କ ଆତ୍ମହତ୍ୟା

ଜଗନ୍ନାଥପ୍ରସାଦ,୪।୨
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଧୀନ ମେଣ୍ଟପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲିପି ଗୌଡ଼। ଗାଙ୍ଗପୁର ଥାନା ପାଲାକଷଣ୍ଡା ଗ୍ରାମର ଲିପି ୭ବର୍ଷ ପୂର୍ବେ ମେଣ୍ଟପୁର ଗ୍ରାମର ମଞ୍ଜେଶ ଗୌଡ଼ଙ୍କୁ ବିବାହ କରିଥିଲେ। ମଞ୍ଜେଶ ଭୁବନେଶ୍ୱରରେ ଟ୍ରକ ଚଳାଉଥିବା ବେଳେ ଲିପି ୫ ବର୍ଷର ଝିଅକୁ ଧରି ମେଣ୍ଟପୁରରେ ରହୁଥିଲେ। କିଛି ଘରୋଇ ଅଶାନ୍ତିକୁ ନେଇ କିଛି ଦିନ ହେଲା ମଞ୍ଜେଶ ଗାଁକୁ ଆସୁ ନଥିଲେ। ମାନସିକ ଭାରସାମ୍ୟ ହରାଇ ଲିପି ମଙ୍ଗଳବାର ଝିଅକୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଇଦେଇ ଘରେ ବେକରେ ଲୁଗାବାନ୍ଧି ଝୁଲି ପଡ଼ିଥିଲେ। ଅଙ୍ଗନୱାଡି କେନ୍ଦ୍ରରୁ ଝିଅ ଫେରିବା ପରେ କବାଟ ବାଡେଇ ଡାକିଥିଲେ ମଧ ମା' କବାଟ ଖୋଲି ନ ଥିଲେ। ପଡ଼ୋଶୀମାନେ ଆସି ଲିପିଙ୍କ ମୃତଦେହ ଝୁଲି ରହିଥିବା କବାଟ ଫାଙ୍କରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲିପିଙ୍କ ସ୍ୱାମୀ ଓ ବାପଘରକୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲା। ମଞ୍ଜେଶ, ଲିପିଙ୍କ ମା' ରୀନା ଓ ସାନଭାଇ ଗଣେଶ ବିଳମ୍ବିତ ରାତ୍ରିରେ ଗ୍ରାମରେ ପହଞ୍ଚିଥିଲେ। ମଞ୍ଜେଶଙ୍କ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୨/୨୫ ରୁଜୁ କରି ଅତିରିକ୍ତ ତହସିଲଦାର ମୋହନ ମଲିକଙ୍କ ଉପସ୍ଥିତିରେ କବାଟ ତାଡି ଘରୁ ଲିପଙ୍କ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡକୁ ପଠାଯାଇଥିଲା।

# ରୋଜଗାର ଦେଇଛି ଷ୍ଟ୍ରବେରୀ ଚାଷ



ଖଜୁରିପଡ଼ା,୪।୨(ବିଦୁର ବେହେରା)

ଖଜୁରିପଡ଼ା ଅଞ୍ଚଳରେ ପ୍ରଥମ ଥର କୃଷି ଉଦ୍ୟାନ ବିଭାଗ ତରଫରୁ ଷ୍ଟ୍ରବେରୀ ଚାଷ କରାଯାଇଛି। ଯାହାକି, ବେକାରୀ ସମସ୍ୟା ଦୂର କରିବାର ଏକ ମାଧ୍ୟମ ସାଜିଛି । ଷ୍ଟ୍ରବେରୀ ଚାଷ କରି ଜଣେ ଯୁବକ ଏବେ ରୋଜଗାରକ୍ଷମ ହୋଇଛନ୍ତି। ସେ ହେଲେ ନୂଆଁଗାଁ ପଞ୍ଚାୟତ ମୁସ୍କୁଲିର ଗାଁର ଅମର ମଲ୍ଲିକ। ଅମର ପାଠ ପଢିବା ପରେ ଚାକିରି ପାଇଁ ଅନେକ ଚେଷ୍ଟା କରି ସେଥିରୁ ବିଫଳ ହେବାରୁ ଚାଷ ପ୍ରତି ମନ ବଳାଇଲେ। ସେ ନିଜ ଜମିରେ ଧାନ, ମାଣ୍ଡିଆ, ମକା ଓ ପରିବା ଚାଷ କରି ପରିବାର ଚଳାଉଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଷ୍ଟ୍ରବେରି ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅମର ସେଥିରେ ପ୍ରଶିକ୍ଷଣ ନେଇ ନିଜ ଚାଷ ଜମିରେ ଡିସେମ୍ବର ମାସରେ ପ୍ରଥମଥର ଷ୍ଟ୍ରବେରୀ ଚାଷ କରିଥିଲେ। ଚାଷ ଭଲ ହେଲା। ଏବେ ପ୍ରତିଦିନ ଖଜୁରୀପଡ଼ା ବଜାରରେ ଷ୍ଟ୍ରବେରୀ କେଜି ପ୍ରତି ୨୫୦ରୁ ୩୦୦ ଟଙ୍କାରେ ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ପ୍ରତିଦିନ ନିଜ ଚାଷ ଜମିରୁ ୩ କିଲୋ ୪ କିଲୋ ଷ୍ଟ୍ରବେରୀ ନେଇ ସେ ବଜାରରେ ବିକ୍ରି କରି ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଚାଷ କରି ଜଣେ ଆଦିବାସୀ ଯୁବକ ସ୍ୱାବଲମ୍ବୀ ହେବା ସହିତ ଯୁବପିଢ଼ି ପାଇଁ ଉଦାହରଣ ସାଜିଛନ୍ତି ।

# ମହିଳା ସଙ୍କୀର୍ତ୍ତନ ଦଳ ସମ୍ମାନିତ



ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୋଟିନଡା ଗ୍ରାମର ରାଧାକୃଷ୍ଣ ମହିଳା ସଙ୍କୀର୍ତ୍ତନ ସଂଘର କଳାକାରମାନଙ୍କୁ ସ୍ଥାନୀୟ ସ୍ମୃତି କମିଟି ପକ୍ଷରୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ସଂଘ ଆଖଡ଼ା ଘରେ ଏକ ସଭା ହୋଇଥିଲା। ଏଥିରେ ଉପଦେଷ୍ଟା ସରୋଜ ବିଷୋୟୀ ସଭାପତିତ୍ୱ କରିଥିଲେ। ସ୍ମୃତି କମିଟିର କର୍ମକର୍ତ୍ତା ଆଇନଜୀବୀ ଅଶେଷ ନାଥ ମିଶ୍ର, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ଖବରଦାତା ଗୋପାଳକୃଷ୍ଣ ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଲୋକକଳା ସଂସ୍କୃତିର ସୁରକ୍ଷା ଦିଗରେ ରାଧାକୃଷ୍ଣ ମହିଳା ସଙ୍କୀର୍ତ୍ତନ ସଂଘର କଳାକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତ କଳାକାର ଏହାକୁ ବଞ୍ଚାଇ ରଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗତ ପ୍ରାୟ ୨ ବର୍ଷ ହେଲା ସଂଘ ଗଠିତ ହୋଇଛି। ବ୍ରତଘର, ଗୃହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ଓ ବିଭିନ୍ନ ଆଧାତ୍ମିକ କାର୍ଯ୍ୟରେ ଆମକୁ ନିମନ୍ତ୍ରଣ ମିଳିଥାଏ ବୋଲି ସଂଘ ପରିଚାଳିକା ରଞ୍ଜିତା ବିଷୋୟୀ, ଅପୂର୍ବ ବିଷୋୟୀ କହିଛନ୍ତି।

# ୪୯ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ବାଲିଗୁଡ଼ା,୪।୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଅମ୍ରିତ ଋତୁରାଜ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ଉପଜିଲାପାଳ ଡା.ରୀନା ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଓ ଜିଲା ଚିକିତ୍ସାଧିକାରୀ ଡା.ସନ୍ତୋଷ ପାଢ଼ୀ ଯୋଗ ଦେଇଥିଲେ। ଜିଲାପାଳ ୪୯ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୫ଟି ସାମୂହିକ ଅଭିଯୋଗ ରହିଥିଲା। । ସିର୍ତିଗୁଡା ବିଦ୍ୟୁତ୍ ଗ୍ରୀଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ବୁଡୁକିଆ ଆଶ୍ରମ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ଦାସୁଙ୍ଗିଆକୁ ରାଜସ୍ୱ ଗ୍ରାମର ମାନ୍ୟତା, ରାସ୍ତାଘାଟ, ପାଣି ସମସ୍ୟା ଆଦି ସାମୁହିକ ଅଭିଯୋଗ ଥିଲା। ଶୁଣାଣିରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ।

# ଅଷ୍ଟ ପ୍ରହର ଯଜ୍ଞ ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଚକାପାଦ,୪।୨
(ପ୍ରତାପ କିଶୋରେ ବେହେରା)

ଚକାପାଦ ବ୍ଲକ ବପଲମେଣ୍ଡି (ଲା) ପଞ୍ଚାୟତ ସାଲାଗୁଡା ଗ୍ରାମ ତିଳସାହି ଗ୍ରାମରେ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପ୍ରଥମେ ଗ୍ରାମର ଗ୍ରାମ ଦେବତୀଙ୍କୁ ବରଣ କରାଯାଇ ଦେହୁରିମାନେ ବିଭିନ୍ନ ଦେବଦେବୀଙ୍କୁ ଆବାହନ କରିଥିଲେ। ପରେ ଗ୍ରାମର କର୍ମକର୍ତ୍ତାଙ୍କୁ ନୂଆ ଲୁଗା ବଣ୍ଟନ କରାଯାଇଥିଲା। ସରପଞ୍ଚ, ସମିତିସଭ୍ୟା, ଗ୍ରାମ ମୁଖିଆ ଓ ପୁରୋହିତମାନେ ମଧ୍ୟ ନୂଆ ଲୁଗା ପରିଧାନ କରି ନିକଟସ୍ଥ ପେନୁକଲା ପାହାଡ଼ରୁ ଶୁଭଖୁଣ୍ଟି ଧରି ପହଞ୍ଚିବା ପରେ ଯଜ୍ଞ ସ୍ଥଳରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା।

# ମଣ୍ଡି ବୁଲି ଦେଖିଲେ ଉପଜିଲାପାଳ


ଉପ ଜିଲାପାଳ ଏକ ମଣ୍ଡିରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ଭଞ୍ଜନଗର,୪।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ସ୍ୱାଭାବିକ ଭାବେ ଚାଲିଛି। ଉପଖଣ୍ଡର ସମସ୍ତ ମଣ୍ଡିରେ ଏଯାବତ୍ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ସଂଗ୍ରହ ହେଲାଣି। ଏହିଭଳି ସ୍ଥିତିରେ ମଙ୍ଗଳବାର ଭଞ୍ଜନଗର ଉପ ଜିଲାପାଳ ଅନୀଲ ସେଠୀ ଶେରଗଡ଼ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନ ସଂଗ୍ରହ କାର୍ଯ୍ୟ ତଦାରଖ କରିଥିଲେ। ଏନେଇ ଉପ ଜିଲାପାଳ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମଣ୍ଡିରେ ଧାନ ସଂଗ୍ରହ ସ୍ୱାଭାବିକ ଭାବେ ଚାଲିଛି। ବର୍ତ୍ତମାନ ସୁଧା ଉପଖଣ୍ଡର କୌଣସି ମଣ୍ଡିରେ କିଛି ଅବ୍ୟବସ୍ଥା ହୋଇଥିବା ନେଇ ଅଭିଯୋଗ ଆସିନାହିଁ ବୋଲି କହିଥିଲେ।

# ଜନ୍ମଭୂମି ଓ କର୍ମଭୂମି ଭିତରେ ଫରକ ରହିଛି: ବିଧାୟକ ରମେଶ

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଜନ୍ମଭୂମି ଓ କର୍ମଭୂମି ମଧ୍ୟରେ ବହୁତ ଫରକ ରହିଛି। ଏହି ଫରକକୁ ସମସ୍ତେ ହୃଦୟଙ୍ଗମ କରିବା ସହ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନ ସମ୍ପର୍କରେ ଅଯଥା ଦ୍ୱନ୍ଦ ସୃଷ୍ଟି କରୁଥିବା ବ୍ୟକ୍ତି ଏଥିରୁ କ୍ଷାନ୍ତ ରୁହନ୍ତୁ। ସରକାରଙ୍କ ପକ୍ଷରୁ ପ୍ରକାଶିତ ପୁସ୍ତକଗୁଡିକରେ କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ତତ୍କାଳୀନ ବଡଖେମଣ୍ଡି ରାଜ୍ୟର ବିଜୟନଗରଗଡ ଗ୍ରାମ ବୋଲି ପୂର୍ବରୁ ସ୍ୱୀକୃତି ଦେଇଥିବା ସ୍ଥଳେ ବର୍ତ୍ତମାନ ପୁଣି ବିବାଦ କାହିଁକି ବୋଲି ରବିବାର ଦିଗପହଣ୍ଡି ଗାନ୍ଧୀଛକଠାରେ ଅନୁଷ୍ଠିତ କବିସୂର୍ଯ୍ୟ ଜୟନ୍ତୀ ମହୋତ୍ସବରେ ମୁଖ୍ୟଅତିଥି ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ପ୍ରଶ୍ନ କରିଛନ୍ତି। ଲୋକଙ୍କୁ ଭ୍ରମିତ କରା ନ ଯାଇ ସମସ୍ତ ଐତିହ୍ୟପୂର୍ଣ୍ଣ ସ୍ଥାନର ବିକାଶ ହେବା ଦରକାର ବୋଲି ସେ କହିଛନ୍ତି। କବିସୂର୍ଯ୍ୟ ସ୍ମୃତି କମିଟି ପକ୍ଷରୁ କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ବିଜୟନଗରଗଡରୁ ବାହାରିଥିବା ଜ୍ୟୋତିକୁ ବିଭିନ୍ନ ଗ୍ରାମରେ ସମ୍ବର୍ଦ୍ଧିତ କରାଯିବା ପରେ ତାହା ଦିଗପହଣ୍ଡିର

## ଦିଗପହଣ୍ଡିରେ କବିସୂର୍ଯ୍ୟ ମହୋତ୍ସବ

ସନ୍ଥ ଅରକ୍ଷିତ ଛକଠାରେ ପହଞ୍ଚିଥିଲା। ସେଠାରୁ ଏକ ବିରାଟ ପଟୁଆରରେ ଜ୍ୟୋତିକୁ ପାଛୋଟି ନିଆଯାଇ ଦିଗପହଣ୍ଡି ରାଜବାଟି ସମ୍ମୁଖସ୍ଥ କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ସଭା ଆରମ୍ଭ ହୋଇଥିଲା। ଆଇନଜୀବୀ ଅଶେଷ ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସଭାପତି ତଥା ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଭୃଗୁ ବକ୍ସିପାତ୍ର, ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ପ୍ରାଧ୍ୟାପକ ଡ. ରାଜେନ୍ଦ୍ର କୁମାର ମହାପାତ୍ର, ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ, ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କବି ଲିଙ୍ଗରାଜ ଷଡ଼ଙ୍ଗୀ, ବୃନ୍ଦାବନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବଳଦେବ ରଥଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ କୁମାର ମିଶ୍ର, ଯୁବ ସାମାଜିକ କର୍ମୀ ବିକାଶ ପଶୁପାଳକ, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ବ୍ଲକ ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ, ସ୍ମୃତି କମିଟିର ସକ୍ରିୟ ସଦସ୍ୟ ଉଜ୍ଜ୍ୱଳ ମହାନ୍ତି, ବିଦ୍ୟାଧର ମହାପାତ୍ର, ଭଗବାନ ମହାପାତ୍ର, ସନ୍ତୋଷ ପାତ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ପଦ୍ମନାଭ ଦାଶ, ସଂସ୍କୃତି ଗବେଷିକା ଗାୟତ୍ରୀ ପ୍ରଧାନ, ଅଧ୍ୟାପକ ଲୋକନାଥ ପରିଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀ ଛାତ୍ର ଏବଂ ବରିଷ୍ଠ କଳାକାର ମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ। ଶେଷରେ ଖମାରି ଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ ଧନ୍ୟବାଦ ଅର୍ପଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବଡ଼ଚଣାରେ ବେଆଇନ ମାଙ୍କଡ଼ା ଖାଦାନ

## ୧୦ରୁ ଊର୍ଦ୍ଧ୍ୱ ଖାଦାନ ଚାଲୁଛି



**ଚଣ୍ଡିଖୋଲ,୪।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣାର ବିଭିନ୍ନ ସ୍ଥାନରେ ଚାଲୁଛି ବେଆଇନ ମାଙ୍କଡ଼ା ପଥର ଖାଦାନ। କୌଣସି ଗୋଟିଏ ସ୍ଥାନରେ ଲିଜ ଦିଆଯାଇ ନ ଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚାଲିଛି ଏହି ବେଆଇନ ଖାଦାନ। ଫଳରେ ସରକାର ବିପୁଳ ରାଜସ୍ୱ ହରାଉଥିବାବେଳେ ମାଫିଆ ଚୋରା ଚାଲାଣ କରି ଲାଭବାନ ହେଉଛନ୍ତି। ଦର୍ପଣ ତହସିଲ ଅନ୍ତର୍ଗତ ବୈରୀ, ପାରିଆ, ସମିଆ, ଶାଳପଡ଼ା ଓ ଦର୍ପଣ ପଞ୍ଚାୟତର ବିଭିନ୍ନ ମୌଜାରେ ସରକାରୀ ଓ ବେସରକାରୀ ଜମିରେ ପଥର କଟା ହେଉଛି। ଏପରିକି ଜଙ୍ଗଲ ଜମିରେ ମଧ୍ୟ ଖାଦାନ ସୃଷ୍ଟି କରାଯାଉଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଜାଣିଥିଲେ ମଧ୍ୟ ସବୁ ଦେଖି ନ ଦେଖିଲା ଭଳି ଅଭିନୟ କରୁଛନ୍ତି। ମଝିରେମଝିରେ ଯେଉଁ ଗାଡି ମାଲିକମାନେ ଅଧିକାରୀଙ୍କୁ ନ ଜଣାଇ ମାଙ୍କଡ଼ା ପରିବହନ କରୁଛନ୍ତି ସେମାନଙ୍କ ଗାଡ଼ି ଧରାଯାଇ ମାମଲା ରୁଜୁ କରାଯାଉଛି। ଏହି ଖାଦାନଗୁଡ଼ିକ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର ହେବା ପରେ ମାଫିଆମାନେ ଅଧିକ ସକ୍ରିୟ ହୋଇ ଉଠିଛନ୍ତି। ଖଣି ବିଭାଗର କାର୍ଯ୍ୟାଳୟ ଯାଜପୁରରୋଡ୍‌ରେ ରହୁଥିବାରୁ ଏହା ଖାଦାନଠାରୁ ୮୦ରୁ୧୦୦ କିମି ଦୂର ହେଉଛି। ତେଣୁ ଦିନ ରାତି ଏଠାରେ ସମ୍ପୂର୍ଣ୍ଣ ନିର୍ଭୟରେ ମାଙ୍କଡ଼ା ଖାଦାନ ଚାଲୁଛି। କେବଳ ସେତିକି ନୁହେଁ, ପୋଖରୀ ଖୋଳିବା ନାମରେ କେତେଜଣ ବ୍ୟକ୍ତି ମାଙ୍କଡ଼ା ଓ ମୋରମ ଚାଲାଣ କରୁଛନ୍ତି। ୨୦୦୭ରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଏହି ବେଆଇନ ମାଙ୍କଡ଼ା ଖାଦାନ ଉପରେ ଚଢ଼ାଉ କରି ୬ ସରକାରୀ କର୍ମଚାରୀଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବନ କରିଥିଲେ। ଏବେ ଆଉ ଚଢ଼ାଉ ନ ହେବାରୁ ଖୁଲମଖୁଲା ପଥର କଟାଯିବା ସହ ବେଆଇନ ଚାଲାଣ ବୃଦ୍ଧି ପାଇଛି। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ଚଢ଼ାଉର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖଣି ବିଭାଗ ସହକାରୀ ନିର୍ଦ୍ଦେଶକ ଯଶକେତନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବ୍‌ଶୀଘ୍ର ଆମେ ଏହା ଉପରେ ପଦକ୍ଷେପ ନେବୁ। ଏବେ ଦେଖିବାକୁ ଅପେକ୍ଷା କେବେ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି।

# ୫୮୦ ନାମ ପଞ୍ଜୀକୃତ, ୩୨୮ ମନୋନୀତ



ତାଲିମ ଶିବିରରେ ଯୋଗଦେଇଥିବା ଯୁବତୀଯୁବକ।

## ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ଶିବିର

**ରସୁଲପୁର,୪।୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଦକ୍ଷତା ମିଶନ ଆନୁକୂଲ୍ୟରେ ବେକାର ଯୁବତୀଯୁବକଙ୍କୁ ନେଇ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ଶିବିର ଓ ପରାମର୍ଶ ମେଳା ଆୟୋଜିତ ହୋଇଯାଇଛି। ଶିବିରରେ ୫୮୦ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୨୮ ଶିବରାର୍ଥୀଙ୍କୁ ଓଡ଼ିଶା ଦକ୍ଷତା ବିକାଶ ଓ ନୂତନ ଅଭିଳାଷ ବିକାଶ ବିଭାଗ ସହ ଚୁକ୍ତିବଦ୍ଧ ହୋଇଥିବା ସରକାରୀ ବୈଷୟିକ ତାଲିମ କେନ୍ଦ୍ର-ଯାଜପୁର, ଗ୍ରାମ ତରଙ୍ଗ ଏମ୍ପ୍ଲୋୟ କାପାବିଲିଟି ଟ୍ରେନିଂ ସର୍ଭିସ୍, ସ୍କିଲି କନେକ୍ଟ ଏଲଏଲପି, ସାଇ ଏକ୍ସପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍, ବ୍ଲାକ୍ ପାନ୍ଥର ସ୍କିଲସ୍, ସିଆଇପିଇଟି, ଏମଏନଜି, ଏଏସଏମଏସିଏସ, ଜିଲା ଶିକ୍ଷା ବିଭାଗ, ସେଫ୍ ଏଡୁକେଟ୍, ଏସବିଆଇ-ଆରଏସଇଟିଆଇ ଭଳି ୧୧ଟି ପ୍ରୋଜେକ୍ଟ ଇମ୍ପ୍ଲିମେଟିଂ ଏଜେନ୍ସି(ପିଆଇଏ) ଦ୍ୱାରା ଯୋଗ୍ୟ ପ୍ରାର୍ଥୀଙ୍କୁ ଦକ୍ଷତା ବିକାଶ ଓ ନିଯୁକ୍ତି ପ୍ରଦାନ ସକାଶେ ମନୋନୀତ କରାଯାଇଛି। ମେଳାରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯାଜପୁର ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପିଆଇଏ ସୁରେଶ ଚନ୍ଦ୍ର ନାୟକ, ଆଲୋକ ସାହୁ, ଦୀପକ ରଞ୍ଜନ ସ୍ୱାଇଁ, ରମାରଞ୍ଜନ ବାରିକ, ମହେଶ୍ୱର ମୁକୁଲ, ବଳରାମ ଦଳାଇ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ସଂସ୍ଥାର କାର୍ଯ୍ୟକାରିତା ଓ କେଉଁ ସଂପର୍କରେ ଦକ୍ଷତା ବିକାଶ ପାଇଁ ତାଲିମ ଦିଆଯିବ ସେ ସମ୍ପର୍କରେ ଶିବିରାର୍ଥୀଙ୍କୁ ବୁଝାଇ କହିଥିଲେ। ମିଶନଶକ୍ତି ବିଭାଗର ବ୍ଲକ ପ୍ରୋଗ୍ରାମ ସଂଯୋଜିକା ସୁପ୍ରଭା ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁରାଧା ଓଝା, ରୂପଶ୍ରୀ ପଣ୍ଡା ସସ୍ମିତା ସେଠୀ, ନମିତାରାଣୀ ଦାସ, ଶର୍ମିଷ୍ଠା ରାଉତ, ମାନସୀ ରଥ, ଲକ୍ଷ୍ମୀକାନ୍ତି ସାମଲ, ମିନିତି ମଲିକ, ଗୀତାଞ୍ଜଳି ଜେନା, ମମତା ସାହୁ, ସୁମିତ୍ରା ବେହେରା, ଦମୟନ୍ତୀ ଦୋବାଇ, କୁନ୍ତଳା ନାଏକ, ସୁକାନ୍ତି ପଣ୍ଡା, ପ୍ରତିଭାରାଣୀ ଦାସ, ପୁଷ୍ପଲତା ସେଠୀ, ଜ୍ୟୋତିର୍ମୟୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ଏଜେନ୍ସି ଜରିଆରେ କାଉଣ୍ଟର ଖୋଲାଯାଇ ଇଚ୍ଛୁକ ପ୍ରାର୍ଥୀଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସୋଲାର ଟେକ୍ନୋଲୋଜି, ପ୍ଲାଷ୍ଟିକ ପ୍ରୋସେସିଂ, ଟେଲରିଂ, ଆଇଟିଆଇ ଭଳି ବିଭିନ୍ନ ଏଜେନ୍ସି ଦ୍ୱାରା ସ୍ୱଳ୍ପ ମିଆଦି(୧ରୁ ୬ମାସ ଅବଧି), ଦୀର୍ଘମିଆଦି( ୧ ରୁ ୩ବର୍ଷ) ପର୍ଯ୍ୟନ୍ତ ଟ୍ରେନିଂ ଦିଆଯିବା ପାଇଁ ମନୋନୀତ କରାଯାଇଥିଲା।

## ଅମୃତିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**ପାଣିକୋଇଲି,୪।୨(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ସଭାପତି ନଟବର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତାଭାବେ ସଙ୍କୁଳ ପ୍ରମୁଖ ଅଶୋକ ଶତପଥୀ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ସୁବାସ ଧଳ, ସିଆରସିସି ବିଜୟ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମମତା ଗୁରୁମା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ପ୍ରିୟାଂଶୁ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅଭୟ କୁମାର ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ। ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# କରଦା ହରିହାଟ ମେଳା, ଯଜ୍ଞ ଆରମ୍ଭ



**ପାଣିକୋଇଲି,୪।୨(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ କରଦା ହରିହାଟ ମେଳା ଓ ଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ମେଳା ଓ ମହୋତ୍ସବ ସହ ଯାତ୍ରା ପରିବେଷଣ କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପ୍ରତ୍ୟୁଷର ଯଜ୍ଞ ଓ ନାମଯଜ୍ଞ ଆରମ୍ଭ କରାଯାଇଛି। ସ୍ଥାନୀୟ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମଯଜ୍ଞ, ଯୁବତୀଯୁବକଙ୍କ ଦ୍ୱାରା ସମୂହ ଭାଗବତ ପାଠ ଜାରି ରହିଛି। କରଦା ମଠ ପୋଖରୀରେ ସ୍ନାନ କରି ଯଜ୍ଞରେ ଯୋଗଦେଲେ ଚନ୍ଦ୍ରଭାଗାର ଦର୍ଶନ ପୁଣ୍ୟ ମିଳିଥାଏ ବୋଲି ବିଧି ରହିଛି। ତଦନୁଯାୟୀ ଯଜ୍ଞକୁଣ୍ଡରେ ନଡିଆର ପାହାଡ଼ ସୃଷ୍ଟି ହୋଇଛି। ଭକ୍ତ ଏକକାଳୀନ ଦଧିବାଧନଜୀଉ, ଶ୍ରୀଗୌରାଙ୍ଗ, ରୁଦ୍ରନାରାୟଣ, ମହାବୀର, ଶ୍ରୀଶନିଶ୍ଚରଙ୍କ ଦର୍ଶନ ଲାଭ କରୁଛନ୍ତି। ଇତିହାସ ଅନୁଯାୟୀ, ଏହି ସ୍ଥାନର ନାମ ଯଜ୍ଞର ଶବ୍ଦ ରାତ୍ରିରେ ଶୁଣାଯାଉଥିବାରୁ ଏଠାରେ ମଠ ପ୍ରତିଷ୍ଠା କରାଯାଇଥିଲା। ପୂର୍ଣ୍ଣତୋୟା ବୈତରଣୀର ଅନତୀ ଦୂରରେ ଏହି ମେଳା ସ୍ଥାନୀୟ ଅଞ୍ଚଳର ଗଣପର୍ବ ତଥା କୋରେଇ ବ୍ଲକ୍‌ର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ। ଭକ୍ତମାନେ ଠାକୁର ଦର୍ଶନ କରିବା ସହ ମେଳା ବୁଲିବାର ସୁଯୋଗ ହାତ ଛଡା କରୁନାହାନ୍ତି। ଶତାଧିକ ମହିଳା ସେମାନଙ୍କ ମାନସିକ ପୂରଣ ପାଇଁ ଯଜ୍ଞ କୁଣ୍ଡରେ ନଡିଆ ପକାଇଛନ୍ତି। ଏଥି ସହିତ ଭକ୍ତମାନେ ଦଧିବାମନ ଶ୍ରୀଚୈତନଙ୍କୁ ସେଠାରେ ଦର୍ଶନ କରୁଛନ୍ତି। ବଡ଼ ଷ୍ଟଲ, ଦୋଳି, ମୀନା ବଜାରର ମଜ୍ଜା ଉଠାଉଛନ୍ତି ଦର୍ଶକ ଓ କୁନି କୁନି ପିଲା। ମଠାଧିଶ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ ଓ ନାମଯଜ୍ଞ ଚାଲୁଛି।

୬ ତାରିଖ ମହୋତ୍ସବ ଉଦ୍‌ଘାଟିତ ହେବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମେଳା ଓ ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ ପ୍ରମୁଖ ଷଠିପୁର ଛକଠାରୁ ଆରମ୍ଭ କରି ମେଳାର ଚର୍ତୁପାର୍ଶ୍ୱ ଉପରେ ନଜର ରଖିଛନ୍ତି। ଅସ୍ଥାୟୀ ପୋଲିସ ବିଟ ହାଉସ ଖୋଲାଯାଇଛି। କୌଣସି ଅସୁବିଧା ହେଲେ ଅସ୍ଥାୟୀ ଶିବିରରେ ପହଞ୍ଚିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତଙ୍କୁ ସୂଚନା ପ୍ରଦାନ କରାଯାଉଛି। ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାସ, ମେଳା କମିଟି ସଭାପତି ଚିନ୍ତାମଣି ବେହେରା, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଶ ସାହୁ, ନବଘନ ପଣ୍ଡା, ହରିହର ସାହୁ, ପ୍ରଶନ୍ନ ବେହେରା, ପ୍ରଦୀପ୍ତ ପଣ୍ଡା, ପ୍ରମୋଦ ସାହୁ, ନାରାୟଣ ନାୟକ, ସୁଶୀଲ ବେହେରା, ସଚ୍ଚିଦାନନ୍ଦ ସାହୁ, ମଣିନାଥ ପଣ୍ଡା, ରତ୍ନାକର ସାହୁ, ଶଙ୍କର୍ଷଣ ସାହୁ, ସୁବାସ ସ୍ୱାଇଁ, ମଦନ ମୋହନ ପ୍ରଧାନ, ଅଦ୍ୱୈତ୍ୟ ମଳିକ, ସାବିତ୍ରୀ ସାହୁ, ଦୁର୍ଗାପ୍ରସାଦ ପଣ୍ଡା, ଚିନ୍ତାମଣି ସାହୁ, ସୁଧାଶଙ୍କର ବିଶ୍ୱାଳଙ୍କ ସମେତ ମେଳା କମିଟି, ମହୋତ୍ସବ କମିଟି, ଯାତ୍ରା କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ନବଗ୍ରହଙ୍କ ଯଜ୍ଞ ଉତ୍ସବ



**ଦଶରଥପୁର,୪।୨(ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପୁର ଗ୍ରାମରେ ଥିବା ନବଗ୍ରହ ମନ୍ଦିରର ବାର୍ଷିକ ଯଜ୍ଞ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଘଟ ଉଦ୍ଧାର, ସୂର୍ଯ୍ୟପୂଜା, ନବଗ୍ରହ ପୂଜା ଉପଚାର ସକାଳ ୯ଟାରେ ସମାପ୍ତ ହେବାପରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାଜାରାମ ପଣ୍ଡିତ ଓ ଚନ୍ଦ୍ରଶେଖର ପଣ୍ଡିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଉମାକାନ୍ତ ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ବିଚିତ୍ରାନନ୍ଦ ଦାସ, ପ୍ରଫୁଲ୍ଲ ମହାପାତ୍ର, ବୈଲୋଚନ ନାୟକ, ଦେବବ୍ରତ ନାୟକ, ସତ୍ୟବ୍ରତ ପାତ୍ରଙ୍କ ନେତୃତ୍ୱରେ ଯଜ୍ଞକାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ଅବସରପ୍ରାପ୍ତ ଶିକ୍ଷକ ସମ୍ମାନିତ

**ବାଲିଚନ୍ଦ୍ରପୁର,୪।୨(ଗିରିଜା ପ୍ରସାଦ ସାହୁ):** ବାଲିଚନ୍ଦ୍ରପୁର ଥାନା ବାଲିପଡ଼ିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ସାମଲଙ୍କୁ ତାଙ୍କର ବହୁମୁଖି ପ୍ରତିଭା ପାଇଁ ମେଦୁଆକୂଳ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ସମ୍ମାନିତ କରାଯାଇଛି। ଶିକ୍ଷାଶ୍ରମର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ପୁରାତନ ଛାତ୍ରୀଛାତ୍ର ବସନ୍ତଙ୍କ ସୁସ୍ଥ, ନିରାମୟ ଜୀବନ କାମନା କରିବା ସହ ପୂର୍ବ ଶିକ୍ଷା ପଦ୍ଧତିରେ ଗୁରୁଛାତ୍ରଙ୍କ ମଧ୍ୟରେ ଗୁରୁ ଭକ୍ତି ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ଶିକ୍ଷାଶ୍ରମ ପକ୍ଷରୁ ସଭାପତି ନୃସିଂହ ଚରଣ ବେହେରା, ମକରଧ୍ୱଜ ସାହୁ, ଅନିରୁଦ୍ଧ ମଲ୍ଲ, ବୈଷ୍ଣବ ଚରଣ ଦାସ, ନୃସିଂହ ଚରଣ ଶାନ୍ତି, ଚୈତନ୍ୟ ଚରଣ ଶାନ୍ତି, ପ୍ରଫୁଲ୍ଲ କୁମାର ଶାନ୍ତିଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

## ୧୯୭୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ସିଂହପୁର,୪।୨ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରୀତିପୁର ବିବି ହାଇସ୍କୁଲ ୧୯୭୫ ବ୍ୟାଚ୍ ମାଟ୍ରିକ ଛାତ୍ରୀଛାତ୍ରଙ୍କଙ୍କ ଏକ ବନ୍ଧୁମିଳନ ଯାଜପୁର ବାଣପୁରସ୍ଥିତ ବୁଢ଼ୀ କଣ୍ଟାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୦ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ଦୀର୍ଘ ୫୦ ବର୍ଷ ପରେ ସେମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ନିଜ ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students.
Age : 18+
ESSAR ELECTRONICS
9776629291 / 8337999111

R.S. MAHAVIDYALAYA, ODAGAON, DIST.: NAYAGARH
WALK-IN-INTERVIEW
Candidates securing more than 55% marks at P.G. Level may appear the interview for the post of Lecturers on Guest Basis in Education, Sociology, Economics, Botany & Zoology. Candidates with Matriculation or above may appear for the post of Laboratory Attd. in Zoology and Library Attendant Under matric or above candidates may appear for the post of Peon, Lady Attd., Sweeper, Watchman & Gateman. Interview will be held at 11.30 A.M. on Dt.12.02.2025 in the Office of the Sub-Collector, Nayagarh. Remuneration - Negotiable. Upper age limit: 42 years. If interested, please attend the interview with supporting documents.
Sd./- Principal-cum-Secretary

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
ଏନ୍‌ଏଡି ପୋଷ୍ଟ ଅଫିସ୍, ସୁନାବେଡ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in
ସଂ.: CUO/Exam./CUET/02-2025/88 ତାରିଖ: 03.02.2025
ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି।
କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/
CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
ପ୍ରସ୍ତାବିତ କାର୍ଯ୍ୟକ୍ରମ
ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି: ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ
ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ। ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ। ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ। ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ।
ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

DISTRICT PROJECT OFFICE
SAMAGRA SHIKSHA, ANGUL (ODISHA)
ସମଗ୍ର ଶିକ୍ଷା Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 Dated: 03.02.2025
NOTICE INVITING TENDER (NIT)
Sealed tenders are invited from the reputed & credible printers/firms/agencies for printing & supply of "Question-cum-Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website https://www.angul.nic.in/ www.osepa.odisha.gov.in. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.
By the Order of the Collector-cum-Chairman, SS, Angul
Sd./- District Project Coordinator
Samagra Shiksha, Angul

झारखण्ड सरकार
कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
ई– अति अल्पकालीन निविदा आमंत्रण सूचना
ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या / पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं0 – 9430154806
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,हजारीबाग
PR 345750 Rural Development(24-25).D

# ଓଡ଼ିଆଙ୍କୁ ଐତିହ୍ୟ ଜାଣିବାର ସୁଯୋଗ ଦେଇଥିଲେ ସାରଳା ଦାସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

### ଆଦିକବି, ମଧୁବାବୁଙ୍କ ଶ୍ରାଦ୍ଧ ଉତ୍ସବ

**ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)**

ଓଡ଼ିଆ ସାହିତ୍ୟର ଜନକ ହେଉଛନ୍ତି ଆଦିକବି ସାରଳା ଦାସ। ପ୍ରାଚୀନ ଓଡ଼ିଆ ଭାଷାକୁ ସାହିତ୍ୟିକ ଭାଷାରେ ପରିଣତ କରିବା କ୍ଷେତ୍ରରେ ଆଦିକବିଙ୍କ ଅବଦାନ ଅତୁଳନୀୟ। ମଙ୍ଗଳବାର ମହିଳସ୍ଥିତ ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଆଦିକବି ସାରଳା ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ମହାନ୍ତି ପୌରୋହିତ୍ୟ କରି ଏହା କହିଥିଲେ। ସେ କହିଥିଲେ, ଆଦିକବିଙ୍କ ସାହିତ୍ୟ ଓଡ଼ିଆ ଜାତିକୁ ନିଜର ଐତିହ୍ୟ ଜାଣିବାର ସୁଯୋଗ ଦେଇଥିଲା। ତାଙ୍କ ସାହିତ୍ୟରେ ସାମାଜିକ ଜିଜ୍ଞାସା ଓ ଜାତୀୟ ସ୍ୱାଭିମାନକୁ ପଲ୍ଲବିତ କରି ଏ ଜାତିକୁ ଧନ୍ୟ କରିବାର ଆପ୍ରାଣ ପ୍ରୟାସ ପରିଲକ୍ଷିତ ହୋଇଥିଲା ବୋଲି ଡ. ମହାନ୍ତି କହିଥିଲେ। ଏହି ଅବସରରେ ଓଡ଼ିଆ ସ୍ୱାଭିମାନର ପ୍ରତୀକ ମଧୁ ବାବୁଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମହାନ୍ତି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ ସୁରେନ୍ଦ୍ର କୁମାର ରଥ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରତିମା ଦାଶ, ମାନସୀ ସାହୁ ଓ ସମ୍ବିତ ରଥଙ୍କ ସମେତ ଛାତ୍ରୀଛାତ୍ରମାନେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁତି ଭୂଷଣ ଦାସ, ସନ୍ତୋଷ କୁମାର କାନୁନ୍‌ଗୋ, ପ୍ରସନ୍ନ କୁମାର ସ୍ୱାଇଁ, ବୈକୁଣ୍ଠ ନାଥ ଜେନା, ସୁରେନ୍ଦ୍ର ନାଥ ନାୟକ, ବସନ୍ତ କୁମାର ପରିଡା ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଅନନ୍ତ ନାରାୟଣ ଚୌଧୁରୀ ସ୍ୱାଗତ ଭାଷଣ ଓ ଶେଷରେ ପ୍ରବୀଣ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ମହାବିଦ୍ୟାଳୟ ଆରାଧ୍ୟ ବଟ ଗୋସେଇଁଙ୍କ ପୀଠରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା।

# ଦକ୍ଷତା ମାପ ପାଇଁ ପ୍ରାକ୍ଟିକାଲ, ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗଦେଇଥିବା ସ୍କାଉଟ୍ସ ଓ ଗାଇଡ୍ ଛାତ୍ରୀଛାତ୍ରମାନେ।

### ଭାରତ ସ୍କାଉଟ୍ସ, ଗାଇଡ୍ସ ରାଜ୍ୟ ପୁରସ୍କାର ପାଇଁ ଚୟନ ପ୍ରକ୍ରିୟା

**ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)**

ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟସ୍ତର ପୁରସ୍କାର ପାଇଁ ଜିଲାସ୍ତରରେ ଚୟନ ପ୍ରକ୍ରିୟା ଚାଲିଛି। ଏହା ମଧ୍ୟରେ ଲିଖିତ ପରୀକ୍ଷା ସରିଥିବାବେଳେ ମଙ୍ଗଳବାରଠାରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଏଥିସହ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ ହେଉଛି। ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଜିଲା ଶିକ୍ଷା ବିଭାଗ ତରଫରୁ ଚାଲିବାକୁ ଥିବା ଦୁଇଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ଏହା କୁହାଯାଇଛି। ଜିଲା ମୁଖ୍ୟ ସ୍କାଉଟ୍ସ ଓ ଗାଇଡ୍ସ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଉଦ୍‌ଘାଟନୀ ଉତ୍ସବର ପ୍ରାରମ୍ଭରେ ସ୍କାଉଟ ପତାକା ଉତ୍ତୋଳନ ସହ ସମବେତ ସ୍କାଉଟ ପ୍ରାର୍ଥନା ଓ ଝଣ୍ଡାଗୀତ ଗାନ କରାଯାଇଥିଲା। ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଆସିଷ୍ଟାଣ୍ଟ ଷ୍ଟେଟ ଅର୍ଗାନାଇଜିଂ କମିଶନର ସନ୍ତୋଷ ଦେଓ ଏହି ଦକ୍ଷତା ଓ ପ୍ରଶିକ୍ଷଣ ଶିବିରରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସମସ୍ତ ବିଭାଗକୁ ତଦାରଖ ଓ ମୂଲ୍ୟାୟନ କରିଥିଲେ। ଶିବିରରେ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ୟୁନିଫର୍ମ ଓ ସ୍ମାର୍ଟନେସ, ଆକ୍ଟିଭିଟି ପୁସ୍ତକ, ପ୍ରାଥମିକ ଚିକିତ୍ସା, ଏଷ୍ଟିମେସନ୍, ଲଗ୍ ବୁକ୍ ଓ ରେକର୍ଡ ବୁକ୍ ଆଦି ଉପରେ ମୂଲ୍ୟାୟନ କରାଯାଇ ପରାମର୍ଶ ଦିଆଯାଇଥିଲା। ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ଉପଦେଷ୍ଟା ବିଜୟ କୁମାର ରଥ, ଜିଲା ସ୍କାଉଟ କମିଶନର ଅତୁଲ ବିକ୍ରମ ପ୍ରଧାନ, ଅର୍ଗାନାଇଜିଂ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ, ଟ୍ରେନିଂ କମିଶନର ହରେକୃଷ୍ଣ ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ଆସିଷ୍ଟାଣ୍ଟ ଅର୍ଗାନାଇଜିଂ କମିଶନର ସ୍ମୃତି ରଞ୍ଜନ ସ୍ୱାଇଁ, ଆସିଷ୍ଟାଣ୍ଟ ଟ୍ରେନିଂ କମିଶନର ଅଞ୍ଜନ କୁମାର ସାହୁ ଓ ଗାଇଡ୍ସର ଜିଲା କମିଶନର ଗୀତାରାଣୀ ଭୋଇ, ଅର୍ଗାନାଇଜିଂ କମିଶନର ଲତା ଦେଈ, ଟ୍ରେନିଂ କମିଶନର ସସ୍ମିତା ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଚୀସ୍ମିତା ସ୍ୱାଇଁ ଓ ବବିତା ପରିଡ଼ା, ବିଜୟଲକ୍ଷ୍ମୀ ମିଶ୍ର, ଅମିତା ସ୍ୱାଇଁ, ସୁବାସ ଚନ୍ଦ୍ର ତ୍ରିପାଠୀ, ଚନ୍ଦନ କୁମାର ବେହେରା, ମାନସ ଖଣ୍ଡୁଆଳ, ମଙ୍ଗରାଜ ସାହୁ, ଅବଦୁଲ ହମିଦ ଓ ମିଳନ ଓଝା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

**ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଶିକ୍ଷାମଣ୍ଡଳ ଅଧୀନ କୁଳପଟସରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର (ସଭାମୂଳ ବେନୁବାବା ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର)ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଅନସୂୟା ଭୋଇ ଓ କୁଳପଟସରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ସାହୁଙ୍କ ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ତପନ ପ୍ରକାଶ ବେହେରା, ଶିକ୍ଷୟିତ୍ରୀ ନନ୍ଦିନୀ ପରିଜା, ନଳିନୀ ସେନାପତି, ସୁରମା ଜେନା ଓ କୁଳପଟସରା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରାରମ୍ଭରେ ପଟସରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରମୁଖ ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରିଥିଲେ। ବରିଷ୍ଠ ଶିକ୍ଷକ ଡ. ଅରବିନ୍ଦ ସେନାପତି, ନଟବର ବାରିକ, ଅରବିନ୍ଦ ବାନାର୍ଜୀ, ଚିତ୍ତରଞ୍ଜନ ଚକ୍ରବର୍ତ୍ତୀ, ସତ୍ୟବ୍ରତ ସାହୁ, ଚିନ୍ମୟୀ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ନିଜର ମତାମତ ରଖିଥିଲେ। ଏହି ଅବସରରେ ୧୦ଟି ବିଦ୍ୟାଳୟର ଅନେକ ଷ୍ଟଲ ମାଧ୍ୟମରେ ସାଧନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ କୁଳପଟସରା ଗ୍ରାମର ଛୋଟ ପିଲାମାନଙ୍କ ଦ୍ୱାରା ହାତ ତିଆରି ନିପୁଣ ଓଡ଼ିଶା ସେଲ୍‌ଫି ଷ୍ଟାଣ୍ଡ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।


ଅତିଥିମାନେ ନିପୁଣ ଓଡ଼ିଶା ମେଳାର ଲୋଗୋ ଉନ୍ମୋଚନ କରୁଛନ୍ତି।

# ଓଡ଼ିଶା ଜୀବିକା ମିଶନ ଇସି ସଂଘର ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଶୋଭାଯାତ୍ରାରେ ଦାବିପତ୍ର ଦେବାକୁ ଯାଉଥିବା ସଂଘର ସଦସ୍ୟାମାନେ।

**ନାଉଗାଁ, ୪।୨ (ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ଓଡ଼ିଶା ମିଶନ ଇସି ସଂଘର ନାଉଗାଁ ଶାଖା ପକ୍ଷରୁ ମଙ୍ଗଳବାର ବିଡିଓ ତପନ ମହାପାତ୍ରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ, ଜାନୁଆରୀ ୨୦୨୨ରୁ ଇସି କର୍ମଚାରୀମାନେ ଧାର୍ଯ୍ୟ ଗସ୍ତଖର୍ଚ୍ଚ ବାବଦକୁ ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସରକାରଙ୍କ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶକ ଓ କମିଶନରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାର ସୂଚନା ପାଇବା ପରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଇସିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏପରିକି ସେମାନେ ଇସିମାନଙ୍କୁ ନ ଜଣାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏହାକୁ ଇସି ମହାସଂଘ ପକ୍ଷରୁ ବିରୋଧ କରାଯାଉଛି। ସେପ୍ଟେମ୍ବର ୨୦୨୪ଠାରୁ ଇସିମାନେ ଧାର୍ଯ୍ୟ ଗସ୍ତଖର୍ଚ୍ଚ ପାଇନାହାନ୍ତି। ପୂର୍ବ ସରକାରଙ୍କ ସ୍କୁଟି ଋଣ ଯୋଜନାରେ ସାମିଲ ହୋଇ ଋଣରେ ଗାଡ଼ି ଆଣିଥିବା ବେଳେ ବର୍ତ୍ତମାନ ଋଣ ଶୁଝିବା କଷ୍ଟକର ହୋଇପଡ଼ିଛି। ଯଦି ଇସିମାନଙ୍କୁ ସରକାର ବାହାର କରିବା ପାଇଁ ଯୋଜନା କରୁଥା'ନ୍ତି, ତେବେ ସେମାନଙ୍କ ଆର୍ଥିକ, ସାମାଜିକ ଓ କର୍ମ ଜୀବନ ଉପରେ ବଡ଼ପ୍ରଭାବ ପଡ଼ିବ। ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର କରି କାର୍ଯ୍ୟରତ ଇସି ସଦସ୍ୟାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ନିମନ୍ତେ ସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକସ୍ତରରେ ଆନ୍ଦୋଳନ ଜାରି ରହିଛି। ଏସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପୁନର୍ଗଠନ ପ୍ରକ୍ରିୟାକୁ ବନ୍ଦ ରଖିବା ପାଇଁ ଇସି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଯଦି ବ୍ଲକ ପ୍ରଶାସନ ପକ୍ଷରୁ ଇସିମାନଙ୍କୁ ନ ଜଣାଇ ପଞ୍ଚାୟତସ୍ତରରେ କିଛି କାର୍ଯ୍ୟକ୍ରମ କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ଚେତାବନୀ ଦିଆଯାଇଛି। ଏହି ଅବସରରେ ବ୍ଲକ ଛକଠାରୁ ଇସି ସଂଘର ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଥିଲେ। ସେଠାରେ ସଂଘର ସମ୍ପାଦିକା ପାର୍ବତୀ ନାୟକ, ସଭାପତି ସଂଯୁକ୍ତା ଦାସ, ଦୀପ୍ତି ବାରିକ, ଝରଣା ରାଉତ, ମିନତି ବିଶ୍ୱାଳ ବିଡିଓ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଇସିମାନେ ଯୋଗ ଦେଇଥିଲେ।

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
ଏନ୍‌ଏଡି ପୋଷ୍ଟ ଅଫିସ୍, ସୁନାବେଡ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in

ସଂ.: CUO/Exam./CUET/02-2025/88 — ତାରିଖ: 03.02.2025

ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି।

**କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫**
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/

CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**ପ୍ରସ୍ତାବିତ କାର୍ଯ୍ୟକ୍ରମ**
ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି: ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ

ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ। ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ। ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ। ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ।

ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

# ଗୋଟିଏ ରାତିରେ ୩ ଦୋକାନରୁ ଚୋରି

**ନାଉଗାଁ, ୪।୨ (ସୁଧା ବେହୁରା)**

ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟ ବଜାରରୁ ସୋମବାର ବିଳମ୍ବିତ ରାତିରେ ୨ଟି ଗ୍ରୋସେରି ଦୋକାନ ଓ ଗୋଟିଏ ଦୁଗ୍ଧ ସମବାୟ ସମିତିରୁ ଚୋରି ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗ୍ରୋସେରି ଦୋକାନୀ ଭରତ ସାହୁଙ୍କ ଅଭିଯୋଗ ମୁତାବକ, ସେ ବିଳମ୍ବିତ ରାତିରେ ଦୋକାନ ବନ୍ଦ କରି ଯାଇଥିଲେ। ସକାଳୁ ଦୋକାନରେ ପହଞ୍ଚି କବାଟ ଭଙ୍ଗାଯିବା ଦେଖିଥିଲେ। କୌଣସି ଦୁର୍ବୃତ୍ତ ଦୋକାନ ଭିତରେ ପଶି ଟଙ୍କା ଚୋରି କରି ନେଇଛନ୍ତି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି ଦୁଗ୍ଧ ସମବାୟ ସମିତିର କିଶୋର ମହାନ୍ତିଙ୍କ ଅଭିଯୋଗ ମୁତାବକ ସେ ରାତିରେ କ୍ଷୀର ଷ୍ଟୋର କାର୍ଯ୍ୟ ସାରି ଘରକୁ ଯାଇଥିଲେ। ସକାଳୁ ଆସି ଦେଖିବାବେଳକୁ ଷ୍ଟୋରର କବାଟ ଭାଙ୍ଗି ସେଠାରୁ ୧୭,୫୦୦ ଟଙ୍କା ସମେତ କ୍ଷୀର ମାପ କରାଯାଉଥିବା ମେସିନ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ନୀଳମଣି ନାୟକ କହିଛନ୍ତି।

# ମୃତ ପ୍ରଶାନ୍ତଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

### ଯୁବ ଶିକ୍ଷା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ରଘୁନାଥପୁର, ୪।୨ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ ଡିଇଓ (ଡାଟା ଏଣ୍ଟ୍ରି ଅପରେଟର) ଭାବେ କାର୍ଯ୍ୟରତ ଥିବା ଏହି ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମର ପ୍ରଶାନ୍ତ କୁମାର ରାଉତ (୩୮)ଙ୍କ ଏକ ସଡକ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା। ଏନେଇ ପ୍ରଶାନ୍ତଙ୍କ ବାସଭବନରେ ଅନ୍ତର୍ଯ୍ୟାମୀ ରାଉତଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ଆଶୁତୋଷ ବାନାର୍ଜୀ ଓ ଶିକ୍ଷକ ନେତା ଦେବାଶିଷ ବେହେରାଙ୍କ ଉଦ୍ୟମରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ୨ ଲକ୍ଷ ୩୦ ହଜାର ଟଙ୍କା ଓ ଜିଲା ଡାଟା ଏଣ୍ଟ୍ରିଅପରେଟର ସଂଘ ପକ୍ଷରୁ ୩୦ ହଜାର ଟଙ୍କା ମୃତ ପ୍ରଶାନ୍ତଙ୍କ ବିଧବା ମା'ଙ୍କୁ ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସୁରେଶଚନ୍ଦ୍ର ରାଉତ ପୌରୋହିତ୍ୟ କରିଥିଲେ। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଏବିଇଓ ମେନକା ମହାପାତ୍ର ଓ ସବିତା ଦାସ, ରେଙ୍ଗୁଆ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ, ଜୟପ୍ରକାଶ ଶିକ୍ଷାନିକେତନର ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଶିକ୍ଷକ ସଂଘ ପକ୍ଷରୁ ତରୁଣ କୁମାର ଜେନା, କୁଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଭାଗବତ ସପ୍ତାହ, ଗୀତା ଜ୍ଞାନଯଜ୍ଞ

**କୁଜଙ୍ଗ, ୪।୨ (ମନୋଜ ପ୍ରଧାନ)**

ଏରସମା ବ୍ଲକ ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ବଡ଼ଗବପୁର ମା' ବୁଢ଼ୀ କେନ୍ଦୁଳାଇ ପୀଠରେ ୨୬ତମ ଶ୍ରୀମଦ ଭାଗବତ ସପ୍ତାହ ଓ ଗୀତା ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବଡ଼ଗବପୁର ଚିନ୍ତା ଚେତନ ସଂଘ ପକ୍ଷରୁ ସପ୍ତାହ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ କଳସ ଶୋଭାଯାତ୍ରା, ଯଜ୍ଞ ଶୁଭାଧିବାସ, ଭାଗବତ ପଠନ, ନନ୍ଦ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଯାଇଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIREMENT**
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

**AC MECHANIC REQUIREMENT**
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students.
Age : 18+
ESSAR ELECTRONICS
9776629291 / 8337999111

**R.S. MAHAVIDYALAYA, ODAGAON, DIST.: NAYAGARH**
**WALK-IN-INTERVIEW**
Candidates securing more than 55% marks at P.G. Level may appear the interview for the post of Lecturers on Guest Basis in Education, Sociology, Economics, Botany & Zoology. Candidates with Matriculation or above may appear for the post of Laboratory Attd. in Zoology and Library Attendant Under matric or above candidates may appear for the post of Peon, Lady Attd., Sweeper, Watchman & Gateman. Interview will be held at 11.30 A.M. on Dt.12.02.2025 in the Office of the Sub-Collector, Nayagarh. Remuneration - Negotiable. Upper age limit: 42 years. If interested, please attend the interview with supporting documents.
Sd./- Principal-cum-Secretary

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

**DISTRICT PROJECT OFFICE**
**SAMAGRA SHIKSHA, ANGUL (ODISHA)**
ସମଗ୍ର ଶିକ୍ଷା समग्र शिक्षा Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 — Dated: 03.02.2025

**NOTICE INVITING TENDER (NIT)**
Sealed tenders are invited from the reputed & credible printers/firms/agencies for printing & supply of "Question-cum-Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website **https://www.angul.nic.in/ www.osepa.odisha.gov.in**. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.
By the Order of the Collector-cum-Chairman, SS, Angul
**Sd./- District Project Coordinator**
**Samagra Shiksha, Angul**

**झारखण्ड सरकार**
**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग**
**ई– अति अल्पकालीन निविदा आमंत्रण सूचना**
ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,हजारीबाग
PR 345750 Rural Development(24-25).D

# ଫେବୃଆରୀ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ

ନୟାଗଡ,୪।୨(ଲୋକନାଥ ମିଶ୍ର):

ନୟାଗଡ଼ ସହର ଗୁଣ୍ଡିଚା ମଣ୍ଡପରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ତଥା ନୟାଗଡ଼ ଜିଲା ସଭାପତି ଝରଣା ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ କାମିନୀ ନାୟକ ବିବରଣୀ ଉପସ୍ଥାପନ କରିଥିଲେ। ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ତଥା ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ ସରକାରଙ୍କ ତରଫରୁ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ନିର୍ଦ୍ଦେଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଜିପିଏଲ୍‌ଏଫ୍ ଓ ସିଏଲଏଫ୍ ଅଡିଟକୁ ସେ ସ୍ୱାଗତ କରିଥିଲେ। ଏହି ଅଡିଟ୍ ପ୍ରକ୍ରିୟାରେ ସମସ୍ତ ଇସି ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଜିପିଏଲ୍‌ଏଫ୍ ଏବଂ ସିଏଲ୍‌ଏଫ୍‌ର ୭୫ଭାଗରୁ ଅଧିକ ଇସି ଉପସ୍ଥିତ ରହି ସଭାପତିଙ୍କୁ ସମ୍ପାଦକ ଓ ସମ୍ପାଦକଙ୍କୁ ସଭାପତି ଭାବେ ପରିର୍ତ୍ତନ କରିବାକୁ ଶତକଡା ଶହେ ଭାଗ ଇସି ଉପସ୍ଥିତ ରହି ମତ ଦୋବା ପାଇଁ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ଫେବୃଆରୀ ୫ରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭକୁ ସଫଳ ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଆନ୍ଦୋଳନ ସପକ୍ଷରେ ରାଜ୍ୟ ଉପସଭାପତି ପୁଷ୍ପାଞ୍ଜଳୀ ଜେନା, ଏଆଇଟିୟୁସି ଜିଲା ସଭାପତି କମଲେଶ କୁମାର ଦାଶ, ଏଆଇଟିୟୁସି ଜିଲା ସମ୍ପାଦିକା ଇତି ମାନସିଂହ, ଝରଣା ମନ୍ତ୍ରୀ, ସାବିତ୍ରୀ ପାତ୍ର, ମମତା ବେହେରା,ଗୀତାଞ୍ଜଳୀ ବେହେରା, ପ୍ରେମଲତା ପାତ୍ରଙ୍କ ସମେତ ପ୍ରତି ବ୍ଲକ୍‌ରୁ ୨ରୁ୩ଜଣ ଲେଖାଏ ଇସି ସଦସ୍ୟ ଯୋଗ ଦେଇଥିଲେ।



ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ବୈଠକରେ ଯୋଗଦେଇଥିବା ସଦସ୍ୟାମାନେ ।

## ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘର ବୈଠକ

## ଇଟାମାଟି ଦଳ ଚାମ୍ପିୟନ

### ବାପୁନି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଓଡ଼ଗାଁ,୪।୨(ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓଡ଼ଗାଁ ଶ୍ରୀରାମ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ପ୍ରଥମ ବାପୁନି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ କଇଥଗାଡିଆ ଟିମ୍‌କୁ ହରାଇ ଇଟାମାଟି ଟିମ୍ ଚମ୍ପିୟାନ ହୋଇଛି । ବିଜେତା ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ମୁଖ୍ୟ ଅତିଥି ଡ. ମାନସ ରଞ୍ଜନ ଭୋଇ ପ୍ରଦାନ କରିଥିଲେ। ରନର୍ସ ଟ୍ରଫି ସହିତ ୧୧ ହଜାର ଟଙ୍କା ମୁଖ୍ୟବକ୍ତା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିଲାଞ୍ଜନ ଦାସ ରନର୍ସଅପ୍ ଟିମ୍‌କୁ ପ୍ରଦାନ କରିଥିଲେ। ପ୍ରଥମ ଫର୍ମାଟ ମ୍ୟାଚରେ ନିର୍ଦ୍ଧାରିତ ୧୦ ଓଭରରେ କଇଥଗାଡିଆକୁ ହରାଇ ଇଟାମାଟି ବିଜୟ ହାସଲ କରିଥିଲା ।୬ ଓଭର ଦ୍ୱିତୀୟ ଫର୍ମାଟ ମ୍ୟାଚରେ ଇଟାମାଟି ହରାଇ କଇଥଗାଡିଆ ଜିତିଥିଲା । ସେହିପରି ୪ ଓଭର ବିଶିଷ୍ଟ ତୃତୀୟ ଫର୍ମାଟ ମ୍ୟାଚରେ ଇଟାମାଟି ବିଜୟ ହାସଲ କରି ଚମ୍ପିୟାନ ଘୋଷିତ ହୋଇଥିବା ବେଳେ କଇଥଗାଡିଆ ଉପବିଜେତା ଘୋଷଣା କରାଯାଇଥିଲା । କଇଥଗାଡିଆ ଦଳର ବାଦଲ ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବୋଲର ଏବଂ ଲିପୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।ସମ୍ମାନୀତ ଅତିଥି ଭାବେ ଗାୟତ୍ରୀ ସ୍କୁଲ ସମ୍ପାଦକ ଅଶୋକ କୁମାର ମହାପାତ୍ର ଏବଂ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଖେଳ ମଣିଷ ଦିବାକର ନାୟକଙ୍କ ଦ୍ୱାରା ଖେଳାଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ରଜୀବ ଓ କାନପୁର ଟିମ୍ ବିଜୟୀ

## ବରୁଣେଇ ଟି-୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୪।୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମରେ ଚାଲିଥିବା ୧୮ତମ ବରୁଣେଇ ଟି–୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ୨ଟି କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ରଜୀବ କ୍ରିକେଟ କ୍ଲବ ବଡ଼ବାଣପୁର କ୍ରିକେଟ୍ ଟିମକୁ ୪ରନରେ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ବାଣପୁର ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା । ଜବାବରେ ରଜୀବ ଦଳ ୧୧ ଓଭରରେ ୭ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୭୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଅଜ୍ଜୁ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ସୁରଜ ମହାରଣା ଓ କୁନା ମଲିକ ଖେଳକୁ ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲରେ କାନପୁର କ୍ରିକେଟ୍ କ୍ଲବ ୬ରନରେ ବାହାଡା କ୍ରିକେଟ ଟିମ୍‌କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବାହାଡା ଦଳ ଟସ୍ ଜିଣି ୧୩ ଓଭରରେ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା । ଜବାବ୍‌ରେ କାନପୁର ଦଳ ୧୨.୪ ଓଭରରେ ୬ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରି ବିଜୟୀ ହୋଇଛି । ବିଜୟୀ ଦଳର ଅନୀଲ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୁରଜ ମହାରଣା ଓ ବୁନୁ ଦଳେଇ ଖେଳ ପରିଚାଳନା କରିଥିଲେ । ଶେଷଦେବ ବେହେରା ଓ ଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁଧବାର କ୍ୱାଟର ଫାଇନାଲ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ୩ୟ କ୍ୱାଟର ଫାଇନାଲରେ ଶାଳଝରିଆ ଟିମ୍ ସହ ଖଳିସାହି ଏବଂ ୪ର୍ଥ କ୍ୱାଟର ଫାଇନାଲରେ ବରୁଣେଇ(ଏ) ବନାମ ଗୁଣ୍ଠୁଣି ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକମାନେ କହିଛନ୍ତି ।

# ନୂଆଗାଁ ବ୍ଲକ୍‌ରେ ଭିନ୍ନକ୍ଷମ ଉପକରଣ ବଣ୍ଟନ ମେଳା

ନୂଆଗାଁ,୪।୨(ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ମଙ୍ଗଳବାର ଭିନ୍ନକ୍ଷମ ଉପକରଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି କୌଣସି ଗୁଣରେ କମ୍ ନୁହନ୍ତି। ଏହା ପ୍ରତିପାଦିତ କରାଇବା ପାଇଁ ଭିନ୍ନକ୍ଷମବ୍ୟକ୍ତିମାନଙ୍କୁ ସରକାର ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦେଉଛନ୍ତି । ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଏସ୍‌ବି ନିର୍‌ତାର୍ ଭାରତ ସରକାର ସହାୟକ ଉପକରଣ ସହାୟତା ଦେଇଥିବା ବେଳେ ଡିଜାବଲ୍ ରିଲିଫ୍ ଅର୍ଗାନାଇଜେଶନ ସଂଯୋଜନା ଓ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଉପରୋକ୍ତ ସାମଗ୍ରୀ ବଣ୍ଟନ କରାଯାଇଛି । ଏହି ମେଳା ମାଧ୍ୟମରେ ମୋଟ ୧୯୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକେଲ, ଟ୍ରାଇ ସାଇକେଲ , ଶ୍ରବଣ ଯନ୍ତ୍ର. ସ୍ମାର୍ଟ ଷ୍ଟିକ୍, ସ୍ମାର୍ଟ ମୋବାଇଲ ଆଦି ସହାୟକ ଉପକରଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ , ନୂଆଗାଁ ଅତିରିକ୍ତ ଶିକ୍ଷାଧିକାରୀ କବିତା ମଞ୍ଜରୀ ଦାସ, ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା ଓ ଡିଜାବଲ ରିଲିଫ୍ ଅର୍ଗାନାଇଜେଶନର ସମ୍ପାଦକ ଲକ୍ଷ୍ମୀଧର ବେହେରା , କନିଷ୍ଠ ସହାୟକ ରଘୁନାଥ ସାହୁ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ ।



ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
ଏନ୍‌ଏଡି ପୋଷ୍ଟ ଅଫିସ୍, ସୁନାବେଢ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in

ସଂ.: CUO/Exam./CUET/02-2025/88 ତାରିଖ: 03.02.2025

ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି ।

କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/

CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ପ୍ରସ୍ତାବିତ କାର୍ଯ୍ୟକ୍ରମ

ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି: ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ

ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ । ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ । ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ । ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ ।

ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

# ମା'ପୂର୍ଣ୍ଣବାସୀ ପୀଠରେ ମାଘ ସପ୍ତମୀ ମେଳା

ଖଣ୍ଡପଡ଼ା,୪।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମସ୍ଥିତ ମା'ପୂର୍ଣ୍ଣବାସୀପୀଠରେ ମଙ୍ଗଳବାର ମାଘସପ୍ତମୀ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପାଇଁ ସକାଳୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମୁଖ୍ୟ କର୍ତ୍ତା ଲକ୍ଷ୍ମୀଧର ପଣ୍ଡା ଓ ଲଳିତ କୁମାର ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ହୋମଯଜ୍ଞ, ବେଦପାଠ, ଭାଗବତ କଥାମୃତ, ସୂର୍ଯ୍ୟପୂଜା, ଅନ୍ନପ୍ରସାଦ ସେବନ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ , ଭାପୁର ବ୍ଲକ୍ ଉପାଧକ୍ଷ ବେଣୁଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ଭାଜପା ମହିଳା ମୋର୍ଚ୍ଚା ନେତ୍ରୀ ଅର୍ଚ୍ଚନା ଦାଶ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସାମାଜିକ କର୍ମୀ ସତୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି ଉପଲକ୍ଷେ ସ୍ଥାନୀୟ ମାତୃମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students. Age : 18+
ESSAR ELECTRONICS
9776629291 / 8337999111

R.S. MAHAVIDYALAYA, ODAGAON, DIST.: NAYAGARH
WALK-IN-INTERVIEW
Candidates securing more than 55% marks at P.G. Level may appear the interview for the post of Lecturers on Guest Basis in Education, Sociology, Economics, Botany & Zoology. Candidates with Matriculation or above may appear for the post of Laboratory Attd. in Zoology and Library Attendant Under matric or above candidates may appear for the post of Peon, Lady Attd., Sweeper, Watchman & Gateman. Interview will be held at 11.30 A.M. on Dt.12.02.2025 in the Office of the Sub-Collector, Nayagarh. Remuneration - Negotiable. Upper age limit: 42 years. If interested, please attend the interview with supporting documents.
Sd./- Principal-cum-Secretary

DISTRICT PROJECT OFFICE
SAMAGRA SHIKSHA, ANGUL (ODISHA)
ସମଗ୍ର ଶିକ୍ଷା
Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 Dated: 03.02.2025

NOTICE INVITING TENDER (NIT)

Sealed tenders are invited from the reputed & credible printers/firms/agencies for printing & supply of "Question-cum-Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website https://www.angul.nic.in/ www.osepa.odisha.gov.in. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.

By the Order of the Collector-cum-Chairman, SS, Angul
Sd./- District Project Coordinator
Samagra Shiksha, Angul

## ନୂଆଗାଁ ବ୍ଲକ୍ ବିଜେଡି ସଭାପତିଙ୍କ ପରଲୋକ



ନୂଆଗାଁ,୪।୨(ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବିଜେଡି ସଭାପତି ସନ୍ୟାସୀ ସାମଲଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। କିଛିଦିନ ତଳେ ସେ ନୂଆଗାଁରୁ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

झारखण्ड सरकार
कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग

ई– अति अल्पकालीन निविदा आमंत्रण सूचना

ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,हजारीबाग

PR 345750 Rural Development(24-25).D

# ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ୟୁବ୍‌ୱେଲରୁ ମିଳୁଛି ଲୁଣାପାଣି

କେନ୍ଦ୍ରାପଡ଼ା,୪।୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଧିକାଂଶ ସାମୂହିକ ଅଭିଯୋଗ ଭାବେ ପାନୀୟ ଜଳ ସମସ୍ୟା ନିରାକରଣ ପାଇଁ ଆବେଦନ ପତ୍ର ଆସିଛି। ଖରାଦିନ ଆରମ୍ଭରୁ ଏହି ସମସ୍ୟା ଦେଖାଦେଇଥିବା ବେଳେ ଆସନ୍ତା ମାସଗୁଡ଼ିକ ଜିଲାବାସୀଙ୍କ ପାଇଁ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ପ୍ରବାହିତ ହେଉଛି। ଏଥିସହ ୨୭ଟି ଶାଖା ନାଳ ଜଳପଥ ଏହି ଜିଲାରେ ଅଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ଟ୍ୟୁବ୍‌ୱେଲ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ୍ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। ରାଜ୍ୟର ଏକମାତ୍ର ଜଳସଙ୍କଟ କେନ୍ଦ୍ରାପଡ଼ା ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଯ୍ୟ ବ୍ୟବସ୍ଥା ହୋଇଥିଲେ


କଳପଡାଠାରେ ଥିବା ଲୁଣା ନଦୀ ଶୁଖିଲାଣି।

ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ନଳ ଭିତରେ ଜଳ ଯୋଜନା ଏହି ଜିଲାରେ ଏବେବି ସ୍ୱପ୍ନ ହୋଇ ରହିଛି। ସାମାଜିକ କର୍ମୀ ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ୭ ନଦୀ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳସଙ୍କଟ ଏକ ମୁଖ୍ୟ ସମସ୍ୟା। ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣା ହୋଇଯାଇଛି। ଟାଙ୍କିଗୁଡ଼ିକ ପ୍ରାୟ ଶୁଖିଲା ରହୁଛି। ଗୋଟିଏ ଟ୍ୟୁବ୍‌ୱେଲ ଖୋଳିଲେ ଅନ୍ୟୂନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେଥିରେ ମଧ୍ୟ ଲୁଣା ପାଣି ବାହାରୁଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ଆଦି ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏହା ଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଯ୍ୟ ହୋଇ ପାରୁ ନ ଥିବାରୁ ପାନୀୟ ଜଳ ସ୍ଥିତି ମହାକାଳପଡ଼ା ବ୍ଲକ ପରି ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଯ୍ୟ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲା ଜଳଶକ୍ତି ଅଭିଯାନରେ ସାମିଲ ହୋଇଛି।


ପାଣି ଟାଙ୍କି।

ଏହି ଅଭିଯାନରେ ପ୍ରତି ଟ୍ୟୁବ୍‌ୱେଲରେ ସର୍କିଂ ପିଟ୍ ପାଇପ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି। ଫଳରେ ଭୂତଳ ଜଳ ରିଚାର୍ଯ୍ୟ ହୋଇପାରୁନାହିଁ।

ଅପରପକ୍ଷରେ ୨୦୨୪ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ୍ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ

- ଅଭିଯୋଗ ଶୁଣାଣିରେ ପାନୀୟ ଜଳ ସମସ୍ୟା ଅଧିକ
- ନଳ ଭିତରେ ଜଳ ଯୋଜନା ଏବେବି ସ୍ୱପ୍ନ
- ଭୂତଳ ଜଳ ରିଚାର୍ଯ୍ୟ ଯୋଜନା କାର୍ଯ୍ୟକାରୀ ନାହିଁ

ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଛି। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଅଧିକାଂଶ ଗ୍ରାମାଞ୍ଚଳରେ ପାଣି ସମସ୍ୟା ଥିବା ଅଭିଯୋଗ ଆସୁଛି। ଏହାର ନିରାକରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ନିର୍ମାଣାଧୀନ ମେଗା ପାଇପ୍ ୱାଟର ପ୍ରୋଜେକ୍ଟକୁ ତୁରନ୍ତ ସାରିବା ପାଇଁ ଆରଡବ୍ଲ୍ୟୁଏସ୍ ଆଣ୍ଡ ଏସ୍ ବିଭାଗ ଓ ଠିକା ସଂସ୍ଥା ସହିତ ଆଲୋଚନା ହୋଇଛି। ଏଥିସହ ବିଭିନ୍ନ ଗ୍ରାମର ପରିବାରକୁ ପାଇପ୍ ପାଣି ସଂଯୋଗ ପାଇଁ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିନୟ


@ ବିଶ୍ୱଜିତ୍


@ ପ୍ରତୀକ୍


@ ସର୍ବଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଣି ୩.୪ ଟନ୍ କୋଇଲା, ୨୪୦୦ ଲିଟର ତେଲ ଜବତ: ଜଣେ ଗିରଫ



## ଟ୍ରେନରୁ କୋଇଲା ଚୋରି ଘଟଣା

ପାରାଦୀପ,୪।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ହରିଦାସପୁର ଟ୍ରେନ ଲାଇନ ସିଜୁ ଜନସନରୁ ଫେବୃୟାରୀ ୨ରେ ଆରପିଏଫ୍ (ରେଲୱେ ପ୍ରୋଟେକଶନ ଫୋର୍ସ) କୋଇଲା ଜବତ କରିଥିଲା। ଉକ୍ତ ଘଟଣାର ତଦନ୍ତବେଳେ ପୁଣି ଅନ୍ୟ ଏକ ଜାଗାରୁ ସୋମବାର ବିଳମ୍ବିତ ରାତିରେ ବିପୁଳ ପରିମାଣର କୋଇଲା ଜବତ କରାଯାଇଛି। ସେହି ସ୍ଥାନରୁ ଚୋରା ତେଲ ମଧ୍ୟ ଜବତ କରାଯାଇଛି। ଆରପିଏଫ୍ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମିଳିତ ଚଢ଼ାଉବେଳେ ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ରାହାମା ଅଞ୍ଚଳର ଶଙ୍କର ଦାସ। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ମାମଲା(ନଂ.୪/୨୫) ରୁଜୁ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥର ଲକ୍‌ଥାନା ଅନ୍ତର୍ଗତ ପାରାଦୀପ କାର୍ବନ କମ୍ପାନୀ ଫାଟକ ପାଖରେ ଦୀର୍ଘଦିନ ହେବ ଏହି କାରବାର ଚାଲିଥିଲା। ସିଜୁ ଜନସନ ଘଟଣାରେ ତଦନ୍ତ ବେଳେ ଏହା ଜଣାପଡିଥିଲା। ଚଢ଼ାଉବେଳେ ୨୫ କିଲୋ ଓଜନର ୧୨୧୬ଟି କୋଇଲା ଭର୍ତ୍ତି ବସ୍ତା ମିଳିଥିଲା। ଏହାର ଓଜନ ୩.୪ ଟନ୍ ହେବ। ସେହି ସ୍ଥାନରୁ ୨୦୦ ଲିଟର ପେଟ୍ରୋଲ ଓ ୨୨୦୦ ଲିଟର ଡିଜେଲ ମଧ୍ୟ ଜବତ କରାଯାଇଛି। ଏକ ଚାଳିଆ ଘର ମଧ୍ୟରେ ଏସବୁ କାରବାର ଚାଲିଥିଲା। ଏଥିରେ ଶାସକ ଦଳର ଜଣେ ଆଗଧାଡ଼ିର କର୍ମୀ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

# ଭିଜିଲାନ୍ସ ବିଭାଗର ଖୋଳତାଡ଼

ରାଜନଗର, ୪।୨(ଭାସ୍କର ରାଉତରାୟ)

## ରାଜନଗର ବ୍ଲକରେ ସରକାରୀ ଆବାସ ଦୁର୍ନୀତି ଅଭିଯୋଗ

ରାଜନଗର ବ୍ଲକରେ ସରକାରୀ ଆବାସ ଯୋଜନାରେ ଖୋଲାମେଲା ଦୁର୍ନୀତି ହୋଇଛି। ସୋମବାର ଭିଜିଲାନ୍ସ ବିଭାଗ ଟିମ ବ୍ଲକରେ ପହଞ୍ଚି ଖୋଳତାଡ଼ କରିଛି। ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ ଭିଜିଲାନ୍ସ ଟିମ ୩ ଘଣ୍ଟା ଧରି ବ୍ଲକ କାର୍ଯ୍ୟାଳୟରେ ପୁରୁଣା ଘଟଣା ହୋଇଥିଲେ ମଧ୍ୟ ଭିଜିଲାନ୍ସ ବିଭାଗର ଖୋଳତାଡ ପରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ମହଲରେ ଛନକା ପଶିଛି।

ରାଜନଗର ବ୍ଲକ କେରେଡାଗଡ଼ ପଞ୍ଚାୟତର ଅନାମ ସେଠୀ, ଫୁଲରାଣୀ ବାରିକ ସ୍ୱାମୀ ଫକିର ବାରିକ ଓ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁର ଅଲେଖ ମଲ୍ଲିକ ୨ଟି ଲେଖାଏ ପ୍ରଧାନମନ୍ତ୍ରୀ ଆବାସ ହାତେଇଥିଲେ। ସେତେବେଳେ ଏ ନେଇ ଗଣମାଧ୍ୟମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଦୀର୍ଘ ୮ ବର୍ଷ ପରେ ଭିଜିଲାନ୍ସ ବିଭାଗ


ରାଜନଗର ଭିଜିଲାନ୍ସ ଡିଏସ୍‌ପି ବ୍ଲକ୍ ଅଫିସ୍‌ରେ ତନଖି କରୁଛନ୍ତି।

ରାଜନଗରରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ୨ ମାସ ତଳେ ଭିଜିଲାନ୍ସ ଟିମ୍ ରାଜପୁର ପଞ୍ଚାୟତର ବାଲିଚନ୍ଦ୍ରପୁର ଓ କେରେଡାଗଡ଼ ପଞ୍ଚାୟତର ଦୁଇଟି ସରକାରୀ କୋଠା ହତେଇଥିବା ହିତାଧିକାରୀଙ୍କ ଘର ନିକଟରେ ପହଞ୍ଚି ପରିବାର ଲୋକଙ୍କୁ ପଚାରି ବୁଝିଥିଲେ। ହିତାଧିକାରୀଙ୍କୁ ପଚରାଉଚରା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଖୋଳତାଡ କରିଥିଲେ। ୩ ହିତାଧିକାରୀଙ୍କ ଫାଇଲ ଜବତ କରିବା ସହ କିପରି ଜଣେ ବ୍ୟକ୍ତିଙ୍କୁ ୨ଟି ସରକାରୀ କୋଠା ପ୍ରଦାନ କରାଗଲା ସେ ନେଇ ପଚାରି ବୁଝିଥିଲେ। ୩ ଜଣ ହିତାଧିକାରୀଙ୍କ ଫାଇଲ ଜବତ କରି ନେଇଥିଲେ। ୨ଟି ସରକାରୀ କୋଠା ହାତେଇଥିବା ହିତାଧିକାରୀଙ୍କୁ ପେମେଣ୍ଟ କିପରି ପ୍ରଦାନ କରାଗଲା ଜାଣିବାକୁ ଚାହିଁଥିଲେ। ବ୍ଲକର ମୁଖ୍ୟ କିରାଣି ଛୁଟିରେ ଥିବାରୁ ପେମେଣ୍ଟ ସମ୍ପର୍କିତ ତଥ୍ୟ ପାଇ ପାରି ନ ଥିଲେ। କେନ୍ଦ୍ରାପଡା ଭିଜିଲାନ୍ସ ବିଭାଗର ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆବାସ ଯୋଜନାରେ ୨ଟି ଗୃହ କାର୍ଯ୍ୟାଦେଶ ଦିଆଗଲା ଓ ପେମେଣ୍ଟ ମଧ୍ୟ କରିଦିଆଗଲା ସେ ନେଇ ବ୍ଲକର କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ବ୍ଲକରେ ସରକାରୀ ଆବାସ ଦୁର୍ନୀତି ନେଇ କଟକ ଭିଜିଲାନ୍ସରେ କେସ୍ ନଂ. ୪୨/୧୭ରେ ମାମଲା ରହିଛି।

## ବଡ଼ ବାପା, ସମ୍ପର୍କୀୟ ଭାଇଙ୍କ ନାଁରେ ଅସଦାଚରଣ ଅଭିଯୋଗ

ପାରାଦୀପ ୪।୨(ଶରତ ରାଉତ)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ଯୁବତୀ ବଡ଼ବାପା ଓ ତାଙ୍କ ଦୁଇ ପୁଅଙ୍କ ନାମରେ ଅସଦାଚରଣ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୫/୨୫) ରୁଜୁ କରିଛି। ଅଭିଯୋଗ ଅନୁସାରେ ସମ୍ପୃକ୍ତା ଯୁବତୀ ଏକ ରାଜନୈତିକ ଦଳର କର୍ମୀ। ଏନେଇ ବଡ଼ବାପା ଓ ତାଙ୍କ ଦୁଇ ପୁଅ ଆକ୍ରୋଶମୂଳକ ମନୋଭାବ ରଖି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସୁନାଚେନ ଓ କାନଫୁଲ ଛଡ଼ାଇ ନେଇଥିଲେ। ଏଥିସହ ବଳପୂର୍ବକ ଅସଦାଚରଣ କରିଛନ୍ତି। ଏହି ଘଟଣା ଜାନୁଆରୀ ୨୫ରୁ ଏପର୍ଯ୍ୟନ୍ତ ଏକାଧିକ ଥର ହୋଇଛି। ସେଥିପାଇଁ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିବା ନେଇ ସମ୍ପୃକ୍ତା ଯୁବତୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଧାନ ବିକି ରଖିଥିଲେ ଟଙ୍କା, ଲୁଟିନେଲେ ଦୁର୍ବୃତ୍ତ

ପଟ୍ଟାମୁଣ୍ଡାଇ,୪।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ଗାଡ଼ି ଡିକିରୁ ୧ ଲକ୍ଷ ଟଙ୍କା ଚୋରି ହୋଇଛି। ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପନ୍ଥରି ଗ୍ରାମର କମଳାକାନ୍ତ ପ୍ରଧାନଙ୍କ ବାଇକ୍ ଡିକିରୁ ଏହି ଟଙ୍କା ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଏକ କଳା ପଲସର୍‌ରେ ଆସି ଦିନ ଦ୍ୱିପ୍ରହରରେ ଆଦର୍ଶ ଥାନା ସାମ୍ମୁଖ ଏକ ଦୋକାନ ଆଗରୁ ଡିକି ଭାଙ୍ଗି ଲୁଟ୍ କରିଥିଲେ। ଏ ନେଇ କମଳାକାନ୍ତ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ଥାନା ସମ୍ମୁଖରୁ ଚୋରି ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, କମଳାକାନ୍ତ କେତେଦିନ ତଳେ ମଣ୍ଡିରେ ଧାନ ବିକ୍ରି କରିଥିବା ଟଙ୍କା ବ୍ୟାଙ୍କକୁ ଆସିଥିଲା। ଏ ନେଇ ମଙ୍ଗଳବାର ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖିଥିଲେ। ପୂର୍ବାହ୍ନ ୧୧ଟାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଗରେ କମଳାକାନ୍ତ ବାଇକ୍ ରଖି କୌଣସି ଏକ ଦୋକାନକୁ ଯାଇଥିଲେ। ମାତ୍ର କିଛି ସମୟ ବ୍ୟବଧାନ ମଧ୍ୟରେ ଜଣେ ଦୁର୍ବୃତ୍ତ ଆସି ଡିକି ଭାଙ୍ଗି ତାଙ୍କ ଟଙ୍କା ଜରି ନେଇ ଫେରାର ମାରିଥିଲା। ଏହା ଦେଖି କମଳାକାନ୍ତ ତୁରନ୍ତ ଦୌଡ଼ି ଯାଇ ଗାଡ଼ି ପାଖରେ ପହଞ୍ଚି ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ସେମାନେ ଏକ କଳା ପଲ୍‌ସରରେ ଟଙ୍କା ଭର୍ତ୍ତି ବ୍ୟାଗକୁ ନେଇ ଛୁ ମାରିଥିଲେ। ଏ ନେଇ କମଳାକାନ୍ତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ଘଟଣାସ୍ଥଳରେ ଛାନ୍‌ଭିନ ଆରମ୍ଭ କରିଛି।

# ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସ୍ଥାନରେ ବସିଲେ ସ୍ୱାମୀ

## ବିକଶିତ ଗାଁ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ କର୍ମଚାରୀ।

ନାଉଗାଁ,୪।୨(ସୁଧା ବେହୁରା)

ନାଉଗାଁ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଏକ ପ୍ରସ୍ତୁତି ବୈଠକ ବିଡିଓ ତପନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଜାଗାରେ ତାଙ୍କ ସ୍ୱାମୀଙ୍କୁ ଦେଖି ସାଧାରଣରେ ନାନା ଆଲୋଚନା ହେଉଛି। ସୂଚନା ମୁତାବକ, ବୁଧବାର ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହେଉଛି। ନାଉଗାଁ ବ୍ଲକର ଅଲଣାହାଟ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏହାକୁ ସୁଚାରୁ ରୂପେ ପରିଚାଳନା କରାଯିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସରପଞ୍ଚ ଓ ସମସ୍ତ ସମିତି ସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଡିଓ ମହାପାତ୍ରଙ୍କ ସମେତ ଏବିଡିଓ ଦେବେନ୍ଦ୍ର ପ୍ରଧାନ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ଅଙ୍କିତା ଜାଲି, ଜିଲା ପରିଷଦ ସଭ୍ୟ ଅମିତା ସ୍ୱାଇଁ ଉପସ୍ଥିତ ଥିଲେ। ହେଲେ ଉକ୍ତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କାଙ୍କ ସ୍ଥାନରେ ତାଙ୍କ ସ୍ୱାମୀ ଦିଲୀପ ଲେଙ୍କାଙ୍କୁ ଦେଖିବାକୁ ମିଳିଥିଲା। ଏ ବିଷୟରେ ବିଡିଓ ମହାପାତ୍ରଙ୍କୁ ପଚାରିବାରେ ଅଧ୍ୟକ୍ଷାଙ୍କ ସ୍ୱାମୀ ବୈଠକରେ ବସିଥିଲେ, କିନ୍ତୁ କୌଣସି ଆଲୋଚନାରେ ଅଂଶ ଗ୍ରହଣ କରି ନ ଥିବା କହିଛନ୍ତି।

# ଯାଜପୁର ବିକାଶ ପାଇଁ ୯୯ ହଜାର କୋଟି ଦିଆଯାଇଛି

କଳିଙ୍ଗନଗର,୪।୨(ଶୁଭାଶିଷ ରାଉତ)

## ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ

ସୁକିନ୍ଦା ଶିଳ୍ପ ମହୋତ୍ସବ ଦାନଗଦି ବ୍ଲକ୍ ଅଧୀନ ମଙ୍ଗଳପୁର ପଞ୍ଚାୟତର ମହାପାଟପଡ଼ିଆଠାରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ କୁମାର ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଣି ଓ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବା ସୁକିନ୍ଦା ମାଟିରେ ଏଭଳି ମହୋତ୍ସବ ଆୟୋଜନ କରାଯାଇଥିବାରୁ ସୁକିନ୍ଦା ବାସୀଙ୍କୁ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଶିଳ୍ପ ଜାଗାରେ ଶିଳ୍ପ ମହୋତ୍ସବ ଆୟୋଜନ କରି ଶିଳ୍ପକୁ ଆମନ୍ତ୍ରଣ ପାଇଁ ଆହ୍ୱାନ କରିଛନ୍ତି ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ମନୋରଞ୍ଜନ ପାଇଁ ମହୋତ୍ସବର ଆବଶ୍ୟକତା ରହିଛି। ଆମ ସରକାର ଯାଜପୁର ବିକାଶ ପାଇଁ ୯୯ ହଜାର କୋଟି ଅନୁଦାନ ଯୋଗାଇ ଦେଇଛନ୍ତି। ବ୍ୟାପକ ନିଯୁକ୍ତି ସୃଷ୍ଟି କରିଛନ୍ତି। ବିକଶିତ ଓଡ଼ିଶା ଗଠନରେ ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ଆସିଥିବା ଶିଳ୍ପ ପତିମାନେ ଓଡ଼ିଶାରେ ୧୬ ଲକ୍ଷ କୋଟି ଟଙ୍କା ନିବେଶ


ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଅନ୍ୟମାନେ।

କରିବେ। ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ହିଁ ପ୍ରକୃତ ସ୍ଥାନ। ସୁକିନ୍ଦା ରେଲୱେ ଲାଇନ ହେଉ କିମ୍ବା ରାସ୍ତା ଘାଟ, ୭୫ ହାଜର କିମି ରାସ୍ତାର ଉନ୍ନତୀକରଣ କାର୍ଯ୍ୟକ୍ରମ ରହିଛି। ସୁକିନ୍ଦା ତଥା ଯାଜପୁର ଜିଲାରେ ଆଗରୁ ଖାଲି ଷ୍ଟିଲ ପ୍ଲାଣ୍ଟ ହେଉଥିଲା। ଏବେକାର ସରକାର ଟିଏସ୍‌ସି, ପେଟ୍ରୋକେମିକାଲ ପାଇଁ ୭ ମାସ ଭିତରେ ୨୬,୨୨୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ନୀଳାଚଳ କାରଖାନା ପାଇଁ ଟାଟା ୬୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରିବ। ଆମ ସରକାର ଯାହା କହେ କାମରେ କରି ଦେଖେଇ ଥାଏ। ରତ୍ନଭଣ୍ଡାର ଖୋଲିବା ପ୍ରତିଶ୍ରୁତି ପ୍ରତିଫଳିତ ହୋଇଛି। ବିକଶିତ ଓଡ଼ିଶା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ବିକଶିତ ସୁକିନ୍ଦା ପାଇଁ ସମୂହ ଏକତ୍ରିତ ରହିବା ଦରକାର ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ କୁମାର ବଳସାମନ୍ତ, କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକ, ବିଡିଓ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ।

ମହୋତ୍ସବ ଉପଲକ୍ଷେ ସକାଳୁ ମିଲିଟାରୀ ଛକ ନିକଟରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଏହାକୁ ବୟନଶିଳ୍ପ ମନ୍ତ୍ରୀ ବଳସାମନ୍ତ ଉଦ୍‌ଘାଟନ କରିଥିଲେ। ଗଣଦୌଡ଼ ଟେଲିବାହାଳୀର ମହାପାଟ ପଡ଼ିଆଠାରେ ପହଞ୍ଚିଥିଲା। ହଜାରହଜାର ଯୁବତୀଯୁବକ ଏଥିରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ଗଜଲଗଜଲ ଗୀତରେ ଦର୍ଶକ ଝୁମିଥିଲେ। ପରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ବଲିଉଡ୍ କମେଡି ଏହାସନ କୁରେସି ଓ ଉର୍ବଶୀ ରାଉତେଲା ଯୋଗଦେଇ ମହୋତ୍ସବକୁ ରଙ୍ଗିନ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ ଧନ୍ୟବାଦ ଦେଇଥିଲେ।

# ଭିଆଇପିଙ୍କ ରାସ୍ତାରେ ବଢ଼ୁଛି ଦୁର୍ଘଟଣା

ନୟାଗଡ଼,୪।୨(ଲୋକନାଥ ମିଶ୍ର):



ପୁରୁଣାଗଡା ଶଙ୍ଖ ରାସ୍ତାରେ ପାଣି ଜମା ହୋଇ ରହିଥିବାରୁ ଯାତାୟତରେ ଅସୁବିଧା ହେଉଛି ।

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍) ଦେଇ ନୟାଗଡ଼ ନାଉଖାଲ ୨୧ନଂ. ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଭିଆଇପି ରାସ୍ତାରେ ଦୁର୍ଘଟଣା ବଢ଼ି ଚାଲିଛି । ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଜଗନ୍ନାଥ ମନ୍ଦିରଠାରୁ କଚ୍ଛପ ଗତିରେ ଭିଆଇପି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ନୂଆ କଲଭର୍ଟ ପାଇଁ ଜିଲା ଏମ୍ପ୍ଲୟମେଣ୍ଟ ଅଫିସ ପାଖ ଓ ମହର୍ଷି ସ୍କୁଲ ନିକଟରେ ରାସ୍ତାର ଅଧା ଅଂଶରେ ବଡ ବଡ ଗର୍ତ୍ତ ଜେସିବିରେ ଖୋଳି ବିପଦସଙ୍କୁଳ ଭାବେ ଛାଡି ଦିଆଯାଇଛି । ନୂଆ କଲଭର୍ଟର ଗର୍ତ୍ତ ପାଖରେ ବିପଦସଙ୍କୁଳର ସୂଚନା ଫଳକ ଲଗା ନ ଯାଇ କେବଳ କିଛି ମାଟି ଗଦାଇ ରଖାଯାଇଛି । ପୁଣି ପୁରୁଣା ଗଡାଶଙ୍ଖ ଉପରେ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ପାଣି ଜମି ରହିଥିବାବେଳେ ନୂଆକଲଭର୍ଟ ପାଇଁ ଖୋଳା ଯାଇଥିବା ମାଟି ପଡି ସଂପୃକ୍ତ ସ୍ଥାନ କର୍ଦ୍ଦମାକ୍ତ ହୋଇ ପଡିଛି । ପାନୀୟ ଜଳ ପାଇପ ଲିକ୍ ହୋଇ ପାଣି ଜମି ରହୁଥିଲେ ମଧ୍ୟ ମରାମତି ହେଉ ନାହିଁ । ଅନ୍ୟପକ୍ଷେ ଜଗନ୍ନାଥ ମନ୍ଦିରଠାରୁ ସମର୍ପଣ ବୃଦ୍ଧାଶ୍ରମ ନିକଟବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ନୂଆ ରାସ୍ତାରେ ପାଣି ପକାଯାଉ ନ ଥିବାରୁ ଧୂଳି ଉଡି ଯାତାୟତରେ ବାଧା ସୃଷ୍ଟି ହେଉଛି । ପୁଣି ଘର ଭିତରେ ବି ଡଷ୍ଟ ଗୁଣ୍ଡ ଉଡ଼ି ପଡୁଛି । ପାଣି ପଡୁ ନ ଥିବାରୁ ମେଣ୍ଟାଲ ଓ ଡଷ୍ଟ ପଡି ନିର୍ମାଣ ହେଉଥିବା ରାସ୍ତାରୁ ମେଣ୍ଟାଲ ଉଠି ରହିଥିବାରୁ ଗାଡ଼ି ଚଳାଇବା କ୍ଷେତ୍ରରେ ମଧ୍ୟ ଅସୁବିଧା ହେଉଛି । ଏଭଳିସ୍ଥଳେ ଗତ ପ୍ରାୟ ୧୦ ଦିନ ଭିତରେ ପ୍ରାୟ ୧୫ଟି ଦୁର୍ଘଟଣା ଘଟି ସାରିଲାଣି । ପ୍ରଶ୍ନ ଉଠୁଛି ଜିଲାର ଭିଆଇପି ରାସ୍ତା କୁହାଯାଉଥିବା ରାସ୍ତାରେ ଯଦି ରାସ୍ତା ନିର୍ମାଣ କାର୍ଯ୍ୟ ଖାମଖିଆଲି ଭାବେ ଚାଲିଛି ତେବେ ଉପାନ୍ତ ଓ ଗ୍ରାମାଞ୍ଚଳ ସମସ୍ୟା ଅଧିକ ଜଟିଳ ହୋଇଛି । ସୂଚନାଯୋଗ୍ୟ, ସଂପୃକ୍ତ ରାସ୍ତା ଦେଇ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ, ଏସ୍‌ପି, ଅତିରିକ୍ତ ଏସ୍‌ପି ଆବାସିକ କାର୍ଯ୍ୟାଳୟରୁ କାର୍ଯ୍ୟାଳୟକୁ ଯାତାୟତ କରୁଛନ୍ତି । ଏସ୍‌ପିଙ୍କ କାର୍ଯ୍ୟାଳୟ, ଜିଲା ପରିଷଦ, ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ଶିଳ୍ପ କେନ୍ଦ୍ର, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଏମ୍ପ୍ଲୟମେଣ୍ଟ ଅଫିସ ପରି ଅନେକ ଜିଲାସ୍ତରୀୟ କାର୍ଯ୍ୟାଳୟ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ମହର୍ଷି ସ୍କୁଲ ଓ ରାମକୃଷ୍ଣ ଆଦର୍ଶ ସ୍କୁଲ ରହଛି । ସେହିପରି ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଡିଏଫ୍‌ଓଙ୍କ ପରି ଅନେକ ପଦାଧିକାରୀଙ୍କ ସରକାରୀ ବାସଭବନ ରହିଛି । ପ୍ରତିଦିନ ଛାତ୍ରୀଛାତ୍ର ସଂପୃକ୍ତ ରାସ୍ତା ଦେଇ ଯାତାୟତ କରୁଛନ୍ତି । ପୁଣି ମୁକ୍ତାପୁର, ଲେଖନପୁର, ଜୟପୁର, କାଳଚୁଆପଲ୍ଲୀ, ମୁଥାଗାଡିଆ, ବିରାଡିସାହି, ସୁବର୍ଣ୍ଣଦେଇପୁର, ଭାଟସାହି ଲୋକଙ୍କ ଯାତାୟତ ବି ପ୍ରତିଦିନ ରହିଛି ।

- କଚ୍ଛପ ଗତିରେ ନିର୍ମାଣକୁ ନେଇ ଉଦ୍‌ବେଗ
- ପାଣି ପଡୁ ନ ଥିବାରୁ ଉଠୁଛି ଧୂଳି
- ୨ କଲଭର୍ଟ ପାଇଁ ଗର୍ତ୍ତ ଖୋଳି କରାଯାଇଛି ବିପଦସଙ୍କୁଳ
- ପୁରୁଣା ଗଡାଶଙ୍ଖରେ ପାଣି ଜମି ରାସ୍ତା କର୍ଦ୍ଦମାକ୍ତ
- କାର୍ଯ୍ୟର ଅନୁଧ୍ୟାନ ନ କରି ଚୁପ ବସିଛି ପୂର୍ତ୍ତ ବିଭାଗ

**ଅନୁକମ୍ପା ଦେଖାଇ ରାସ୍ତା ଅଙ୍କାବଙ୍କା**

ଭିଆଇପି ରାସ୍ତା କଡର କେତେକ ସ୍ଥାନରେ ଘର, ସରକାରୀ କାର୍ଯ୍ୟାଳୟ, ପଡିଆ ଓ ଜଙ୍ଗଲିଆ ଅଞ୍ଚଳ ରହିଛି । ତେବେ ରାସ୍ତା ନିର୍ମାଣ ସମୟରେ କେତେଜଣ ଘର ମାଲିକଙ୍କୁ ଅନୁକମ୍ପା ଦେଖା ଯାଇ ରାସ୍ତାକୁ ବଙ୍କାଟଙ୍କା କରି ନିଆଯାଉଥିବା ଅଭିଯୋଗ ହେଉଛି । ଘର ମାଲିକଙ୍କୁ ଅନୁକମ୍ପା ଦେଖାଇ ଏଭଳି କରାଯାଇଥିବା ଅଭିଯୋଗ ରହିଛି । ଏଭଳିସ୍ଥଳେ ରାସ୍ତା ପ୍ରଶସ୍ତୀକରଣ ଫାର୍ସ ପାଲଟିଛି ବୋଲି କୁହାଯାଉଛି । ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ଜାଣି ଅଜଣା ରହୁଥିବା ଅଭିଯୋଗ ଉଠୁଛି । ଯାହା ତଦନ୍ତ ସାପେକ୍ଷ । ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ବେହେରାଙ୍କୁ ପଚାରିବାରୁ ସବୁ ଶୁଣି କିଛି ନ କହି ଦେଖୁଛି କହି ଏଡାଇ ଯାଇଥିଲେ ।ଏନେଇ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତି, ନୟାଗଡ଼ ସହରର ଭିଆଇପି ରାସ୍ତା ନେଇ ଅଭିଯୋଗ ମିଳିଛି । ରାସ୍ତା କାମ ତ୍ୱରାନ୍ୱିତ ହେଉ ନାହିଁ। ପାଣି ପକା ଯାଉ ନ ଥିବାରୁ ଧୂଳି ଉଡୁଛି । ପୁଣି କଲଭର୍ଟ କାର୍ଯ୍ୟ ବିପଦସଙ୍କୁଳ ଭାବେ ପଡି ରହିଛି । ଏନେଇ ତୁରନ୍ତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିନୟ



@ ବିଶ୍ୱଜିତ୍



@ ପ୍ରତୀକ୍



@ ସର୍ବଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାକାରଙ୍କ ନୃତ୍ୟ,ସଙ୍ଗୀତରେ ଦର୍ଶକ ବିଭୋର

ନୂଆଗାଁ,୪।୨(ଧନେଶ୍ୱର ସାହୁ):



ପଞ୍ଚୁପାଣ୍ଡବ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

**ପଞ୍ଚୁପାଣ୍ଡବ ମହୋତ୍ସବ,ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟା**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆଠାରେ ମଙ୍ଗଳବାର ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୫ର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ପ୍ରତିଦିନ ଭଳି ଅପରାହ୍ନ ୪ଟାରୁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ମହୋତ୍ସବ କମିଟର ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କାକଟପୁର ବିଧାୟକ ତୁଷାରକାନ୍ତ ବେହେରା ମୂଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା , ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର ,ଦଶପଲ୍ଲା ଏନଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ । ନୂଆଗାଁ ବ୍ଲକର ଐତିହ୍ୟ , ପରମ୍ପରା ଓ ଇତିହାସ ଉପରେ ଆଧାରିତ ନୂଆଗାଁ ବନ୍ଦନା ପରେ ଦୁଲଦୁଲି , ବରଗଡ଼ ମା ଅମ୍ବିକା ସାଂସ୍କୃତିକ କଳାପରିଷଦର ସମ୍ବଲପୁରୀ ନୃତ୍ୟ, ମଣିପୁରୀ ଦାଣ୍ଡିଆ ନୃତ୍ୟ , ପଞ୍ଜାବୀ ଭାଙ୍ଗଡା ଆଦି ନୃତ୍ୟ ସାଙ୍ଗକୁ ମେଲୋଡି ଦର୍ଶକମାନଙ୍କୁ ବହୁ ସମୟ ଧରି ଏହି ମଞ୍ଚ ପାଖରେ ବାନ୍ଧି ରଖିଥିଲା ।

# ଅଧ୍ୟାପକ,କର୍ମଚାରୀଙ୍କୁ ଅନୁଦାନ ଦାବିରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ

ନୟାଗଡ଼,୪।୨(ଲୋକନାଥ ମିଶ୍ର): ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଯୋଗାଇଦେବା ଦାବିରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀପଞ୍ଚମୀରୁ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ସଂଘର ଏକ ମାତ୍ର ଦାବି ୨୦୦୮-୨୦୧୮ ମସିହା ମଧରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଜୋର ଦିଆଯାଇଥିଲା । କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସଂଘ ଦୀର୍ଘ ବର୍ଷ ଧରି ଆନ୍ଦୋଳନ କରି ଆସୁଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଶିକ୍ଷକ ହୋଇ ମଧ ୫୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ପରିବାର ଆଜି ଅବହେଳିତ ହୋଇ ରହିଛନ୍ତି । ଏଣୁ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନିଅନ୍ତୁ, ନଚେତ୍ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘର ନୟାଗଡ଼ ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଆହାର କେନ୍ଦ୍ର ନିର୍ମାଣ ଦାବି

ଖଣ୍ଡପଡ଼ା,୪।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୧୨ନଂ. ୱାର୍ଡରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା କାର୍ଯ୍ୟକ୍ଷମ ହେବାର ଇତିମଧ୍ୟରେ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି । ମାତ୍ର ଏବେବି ପୁରୁଣା ଡ଼ାକ୍ତରଖାନା ଛକସ୍ଥିତ ରାସ୍ତା ପାର୍ଶ୍ୱରେ ପୂର୍ବ ପରି ୨ଟି କ୍ୟାବିନ ଗୃହରେ ଆହାର କେନ୍ଦ୍ର ଚାଲିଛି । ଆହାର କେନ୍ଦ୍ରରେ ଜାଗାର ଅଭାବ ଯୋଗୁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି । ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆହର କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଥିଲେ ହେଁ ଖଣ୍ଡପଡ଼ାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଖଣ୍ଡପଡ଼ାରେ ଏକ ଆହାର କେନ୍ଦ୍ର ନିର୍ମାଣ ପାଇଁ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ମଞ୍ଜୁର କରିଥିଲେ । ସେହି ଅନୁଦାନ ଅର୍ଥ ଅଦ୍ୟାବଧି ବିନିଯୋଗ ହୋଇ ପାରିନାହିଁ । ଏଥିପ୍ରତି ଜିଲା ପ୍ରଶାସନ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆହାର କେନ୍ଦ୍ରର ନୂତନ ଗୃହ ନିର୍ମାଣ କରିବାକୁ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହୃତ

ଗଣିଆ,୪।୨ (ସନ୍ତୋଷ କୁମାର ପ୍ରଧାନ):

ମଙ୍ଗଳବାର ଅପରାହ୍ନରେ ଜିଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଗଣିଆ-ବଡ଼ମୂଳ ରାସ୍ତା ସମସ୍ୟା ନେଇ ଗଣଧାରଣାରେ ବସିଥିବା ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତବାସୀ ଗଣଧାରଣାକୁ ପ୍ରତ୍ୟାହୃତ କରିଛନ୍ତି । ଉକ୍ତ ଗଣିଆ-ବଡ଼ମୂଳ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଠାରୁ ପୁର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା, ଗଣିଆଠାରୁ ବଡ଼ମୂଳ ପର୍ଯ୍ୟନ୍ତ ରାସ୍ତାର ଓସାର ୧୨ଫୁଟ ବଦଳରେ ୧୮ଫୁଟ କରିବା ଓ ଗଣିଆଠାରୁ ରାସଙ୍ଗ ପର୍ଯ୍ୟନ୍ତ ପିଚୁ ସହିତ ରାସଙ୍ଗଠାରୁ ବଡ଼ମୂଳ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ଦାବି କରି ଅଞ୍ଚଳବାସୀଙ୍କ ତରଫରୁ ଗଣଧାରଣା ଦିଆଯାଇଥିଲା । ପ୍ରଥମ ଦିନ କୌଣସି ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଯାହାକୁ ନେଇ ସୋମବାର ସନ୍ଧ୍ୟାରେ ପଞ୍ଚାୟତବାସୀ ମଙ୍ଗଳବାର ସକାଳ ୬ଘଟିକାରୁ ରାସ୍ତାରୋକୋ କରିବା ପାଇଁ ଗଣିଆ ଥାନାରେ ଲିଖିତ ଭାବେ ସୂଚନା ଦେଇଥିଲେ । ମଙ୍ଗଳବାର ସକାଳ ୬ଟାରୁ ଗଣିଆ-ଦଶପଲା ମୁଖ୍ୟ ରାସ୍ତାକୁ ବନ୍ଦ କରି ଧାରଣାରେ ବସିଥିଲେ । ଖବର ପାଇ ଗଣିଆ ତହସିଲଦାର ପ୍ରୀତିବାଳା ରଣା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ଆଇନକୁ ହାତକୁ ନ ନେବା ପାଇ ନିବେଦନ କରିଥିଲେ। ତହସିଲଦାରଙ୍କ କଥାକୁ ସମ୍ମାନ ଜଣାଇ ପଞ୍ଚାୟତବାସୀ ପୂର୍ବପରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଥିଲେ । ଅପରାହ୍ନରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୌଭାଗ୍ୟ ଦାଶ ଓ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ତହସିଲଦାର ପ୍ରୀତିବାଳା ରଣା ଓ ଜିଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ପ୍ରମୁଖ ଲୋକମାନଙ୍କୁ ବୁଝାଶୁଝା କରିବା ସହିତ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ୬ଟି ଦାବି ପୂରଣ କରିବା ପାଇଁ ଲୋକମାନେ ଅଡ଼ି ବସିଥିଲେ । ଏହା ଉପରେ ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବାପରେ ଅଞ୍ଚଳବାସୀ ଆନ୍ଦୋଳନରୁ ଓହରିଥିଲେ । ଆଞ୍ଚଳିକ ବିକାଶ ପରିଷଦର ସଭାପତି ଜୟକୃଷ୍ଣ ସାହୁ, ହେମନ୍ତ ମାଝୀ, ବାସୁଦେବ ସାହୁ, ପବିତ୍ର ସାମଲ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତିସଭ୍ୟ ଫକୀରମୋହନ ଡାକୁଆ, ଗଣିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ଓ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ସମେତ ୭୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଏହି ଧାରଣାରେ ସହଯୋଗ କରିଥିଲେ ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଗଣିଆ,୪।୨(ସନ୍ତୋଷ କୁମାର ପ୍ରଧାନ):




ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଗଣିଆ ବ୍ଲକସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି ବ୍ଲକ ଶିକ୍ଷାଅଧିକାରୀ ରବୀନ୍ଦ୍ରନାଥ ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା ଯୋଗଦାନ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମୀର କୁମାର ସାହୁ, ମୋ ବିଦ୍ୟାଳୟର ସଭାପତି ଦେବାନନ୍ଦ ମିଶ୍ର, ପୁର୍ବତନ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତ ମଞ୍ଚାସୀନ ଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ ରାଉତ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ପାଠପଢା ସହିତ ଛାତ୍ରୀଛାତ୍ରମାନେ କ୍ରୀଡ଼ାକୁ ଗୁରୁତ୍ୱ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ଶାରିରୀକ ଅଭିବୃଦ୍ଧିରେ ବିକାଶ କରିବା ପାଇଁ ବିଦ୍ୟାଳୟ ତରଫରୁ ଏଭଳି ଅଭିନବ ପ୍ରୟାସ ବୋଲି ମୁଖ୍ୟ ଅତିଥି କହିଥିଲେ । ଉଦଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୨ଦିନଧରି ବାର୍ଷିକ କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।




ଦିଲ୍ଲୀ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଗୋଲ ମାର୍କେଟସ୍ଥିତ ଏକ କେନ୍ଦ୍ରରୁ ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଓ ଅନ୍ୟାନ୍ୟ ନିର୍ବାଚନୀ ସରଞ୍ଜାମ ସଂଗ୍ରହ କରୁଛନ୍ତି।

# ଦଳର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱ

**ଗଞ୍ଜାମ ଜିଲା ବିଜେଡିର ସାଙ୍ଗଠନିକ ବୈଠକ**

■ ୨ ଗୋଷ୍ଠୀ କର୍ପୋରେଟରଙ୍କ ସହ ଆଲୋଚନା

ବ୍ରହ୍ମପୁର,୪।୨(ନରସିଂହ ସାହୁ)

ଗଞ୍ଜାମ ଜିଲା ବିଜେଡିର ସାଙ୍ଗଠନିକ ବୈଠକ ମଙ୍ଗଳବାର ବ୍ରହ୍ମପୁର ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ବରିଷ୍ଠ ନେତା ତଥା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଯୋଗ ଦେଇ ଜିଲାରେ ବିପର୍ଯ୍ୟସ୍ତ ହୋଇଯାଇଥିବା ବିଜେଡି ସଂଗଠନକୁ ପୁଣି ସକ୍ରିୟ କରିବା ଏବଂ ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ତେବେ ୨୦୨୪ ନିର୍ବାଚନର ବିଜେଡି ବିଧାୟକ ଓ ଏମପି ପ୍ରାର୍ଥୀଙ୍କ ମଧ୍ୟରୁ କେତେଜଣ ବୈଠକରେ ଉପସ୍ଥିତ ଥିଲେ। ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ଅନ୍ୟମାନେ ଯୋଗଦେଇଥିଲେ। ମୁଖ୍ୟତଃ ଜିଲାରେ ସାଙ୍ଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିବା ଖବର ମିଳିଛି। ସୂଚନାଯୋଗ୍ୟ, ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ଦାସବର୍ମା ପର୍ଯ୍ୟବେକ୍ଷକ ଅଛନ୍ତି।

ଦାସବର୍ମା ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ମୁଖ୍ୟତଃ ମହାନଗର ନିଗମର ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଚାଲିଥିବା ଗୋଷ୍ଠୀ କନ୍ଦଳର ସମାଧାନ ଲାଗି ସେ ପ୍ରୟାସ କରିଥିଲେ। ଜିଲା ସଭାପତି ଓ ମେୟର ସମର୍ଥକ ଗୋଷ୍ଠୀ କର୍ପୋରେଟରମାନେ ହାଜର ହୋଇଥିଲେ। ସମସ୍ତେ ମିଳିମିଶି ରହିବା ପାଇଁ ଦାସବର୍ମା ପରାମର୍ଶ ଦେଇଥିଲେ। ଆଲୋଚନା ବେଳେ ଡେପୁଟି ମେୟର ବିବେକ ରେଡ୍ଡୀ, ନୀଳକଣ୍ଠ ସାହୁ, ତିରୁପତି ପାତ୍ର, ପୂର୍ବତନ କର୍ପୋରେଟର ମୂରଲୀ ମୋହନ, ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖ କରାଯାଇପାରେ କି ଗତ ଡିସେମ୍ବର ୧୮ରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦୁଇ ଗୋଷ୍ଠୀ କର୍ପୋରେଟରଙ୍କୁ ନବୀନ ନିବାସକୁ ଡକାଇ ବିଶୃଙ୍ଖଳାଠାରୁ ଦୂରେଇ ରହି ସମସ୍ତେ ଏକାଠି ସଙ୍ଗଠନ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ତେବେ ତାଙ୍କ ତାଗିଦ୍ ସତ୍ତ୍ୱେ କନ୍ଦଳ ଥମିନାହିଁ। ଏଭଳି ସ୍ଥିତିରେ ଦାସବର୍ମା ଆସି ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ତେବେ ସେ ଏଥିରେ କେତେ ସଫଳତା ପାଇବେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ବିକ୍ରମଙ୍କ ସମର୍ଥକ କର୍ପୋରେଟରମାନେ ଦାସବର୍ମାଙ୍କୁ ଭେଟିଥିଲେ। ସେ ଏକାପ୍ରକାର ପରାମର୍ଶ ଦେଇଥିବା ସୂଚନା ମିଳିଛି।

# ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନ

## ଆତିଶୀଙ୍କ ନାଁରେ ମାମଲା



ନୂଆଦିଲ୍ଲୀ, ୪।୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ୧୩,୭୬୬ ମତଦାନ କେନ୍ଦ୍ରରେ ୧ କୋଟି ୫୬ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୮୩ ଲକ୍ଷ ୭୬ ହଜାର ପୁରୁଷ, ୭୨ ଲକ୍ଷ ୩୬ ହଜାର ମହିଳା ଏବଂ ୧,୨୬୭ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନରେ ଦିଲ୍ଲୀର ୩ ମୁଖ୍ୟ ରାଜନୈତିକ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍), ଭାଜପା ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଲଗାତର ତୃତୀୟ ଥର ପାଇଁ ଦିଲ୍ଲୀ ଶାସନ ଗାଦିକୁ ଫେରିବାକୁ (ଆପ୍) ଲକ୍ଷ୍ୟ ରଖିଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଦୀର୍ଘ ୨୭ ବର୍ଷର ରାଜନୈତିକ ବନବାସକୁ ଶେଷ କରିବାକୁ ନିର୍ବାଚନୀ ପ୍ରଚାରରେ ଭାଜପା ପ୍ରୟାସ କରିଥିଲା। ତେବେ ନିର୍ବାଚନ ପ୍ରଚାର ସରିବା ପରେ କାଲକାଜୀ ବିଧାନସଭା ଆସନର ଗୋବିନ୍ଦପୁରୀସ୍ଥିତ ଫତେହ ସିଂହ ମାର୍ଗଠାରେ ସୋମବାର ବିଳମ୍ବିତ ରାତ୍ରିରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ବସ୍ତିରେ ଭାଜପା କର୍ମୀମାନେ ଟଙ୍କା ବାଣ୍ଟିବା ସହ ଆପ୍‌କୁ ଭୋଟ ନ ଦେବା ପାଇଁ ଧମକ ଦେଉଥିବା ଅଭିଯୋଗ ଆଣି ନିଜ ସମର୍ଥକଙ୍କ ସହ ଆତିଶୀ ସେଠାରେ ପହଞ୍ଚିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ବଢ଼ିବାରୁ ପୋଲିସ ହସ୍ତକ୍ଷେପ କରିଥିଲା। ସେଠାରେ ପୋଲିସ ସହ ଆତିଶୀ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପ୍ରଚାର ସରିବା ପରେ ମଧ୍ୟ ଆତିଶୀ ୫୦ରୁ ୬୦ ସମର୍ଥକଙ୍କ ସହ ଭୋଟରଙ୍କ ନିକଟକୁ ଯାଇଥିବାରୁ, ଏହାକୁ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଦର୍ଶାଇ ଗୋବିନ୍ଦପୁରୀ ଥାନା ପୋଲିସ ତାଙ୍କ ନାଁରେ ମାମଲା ରୁଜୁ କରିଛି।

**ଅନ୍ୟାନ୍ୟ ଖବର**

**ଅସ୍ତ୍ରୋପଚାର ଶିବିରରେ ମହିଳାଙ୍କୁ ତଳେ ଶୁଆଇବା ମାମଲା**

## ଢେଙ୍କାନାଳ ସିଡିଏମ୍‌ଓଙ୍କୁ ଓଏଚ୍‌ଆର୍‌ସି ନୋଟିସ

କଟକ,୪।୨(କାର୍ତ୍ତିକ ସାହୁ)

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିରରେ ଅବ୍ୟବସ୍ଥାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ଚିନ୍ତାବ୍ୟକ୍ତ କରିଛନ୍ତି। ଅସ୍ତ୍ରୋପଚାର ପରେ ମହିଳାଙ୍କୁ ଡାକ୍ତରଖାନା ବାରଣ୍ଡାରେ କିପରି ଶୁଆଇ ଦିଆଗଲା ସେନେଇ ରିପୋର୍ଟ ଦାଖଲ କରିବାକୁ ଓଏଚ୍‌ଆର୍‌ସି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ନୋଟିସ ଜାରି କରିଛନ୍ତି। ୮ ସପ୍ତାହ ମଧ୍ୟରେ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ପରିବାର କଲ୍ୟାଣ ଅସ୍ତ୍ରୋପଚାର ବ୍ୟବସ୍ଥିତ ଭାବେ କରିବା ପାଇଁ ନିୟମାବଳୀ ରହିଛି। ମହିଳାଙ୍କର ଯେପରି କୌଣସି ସମସ୍ୟା ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଆବଶ୍ୟକ ବନ୍ଦୋବସ୍ତ କରିବା କଥା। କିନ୍ତୁ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିରରେ ମହିଳାମାନଙ୍କ ବିଶ୍ରାମ ପାଇଁ ସାଧାରଣ ବ୍ୟବସ୍ଥା ମଧ୍ୟ ନ ଥିଲା। ସେମାନଙ୍କୁ ଅପରେଶନ ପରେ ହସ୍ପିଟାଲ ବାରଣ୍ଡାରେ ଶୁଆଇ ଦିଆଯାଇଥିଲା। ଏ ନେଇ ଆଇନଜୀବୀ ନିଶିକାନ୍ତ ମିଶ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୮ ଉଦ୍ଧାର

ସୋର, ୪।୨(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ବଜାର ନିକଟରୁ ଏକ ବେଆଇନ ଗୋରୁ ବୋଝେଇ ପିକଅପକୁ ପୋଲିସ ଜବତ କରିଛି। ଏଥିରେ ଥିବା ୮ ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛାଡ଼ିଛି। ମଙ୍ଗଳବାର ଭୋର ସମୟରେ ସୋର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପିକଅପ(ଓଡି ୦୧ ଇ ୬୬୪୭)କୁ ଅଟକାଇଥିଲେ। ପିକ୍‌ଅପ ଚାଳକ ଗାଡ଼ିକୁ ଅଟକାଇ ଫେରାର ହୋଇଯାଇଥିଲେ। ପୋଲିସ ପିକଅପ ଜବତ କରି ଥାନାକୁ ଆଣିବା ସହ ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛାଡ଼ିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.174, Date:30.01.25
**1st Corrigendum Notice**

1st Corrigendum to Bid Identification No. Tender Online RCK-02/25 invited by this Office vide Letter No.62, Dt.16.01.2025.

No.O-1408:The changes as detailed below are hereby made in the above N.I.T.:-

| Procurement Officer | Bid Identification No. | Availability of tender On-line for bidding | | Date & Time of opening of tender | | | |
|---|---|---|---|---|---|---|---|
| | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-02/25 | 10.02.2025 upto 05.00 P.M. | 17.02.2025 upto 05.00 P.M. | 11.02.2025 at 11.30 A.M. | 18.02.2025 at 11.30 A.M. | Will be Intimated Later | Will be Intimated Later |

N.B.: (Date of Submission of original documents such as Bid Security, Cost of Bid Document and Affidavit (this date should be on later that three working days after the opening of Technical Qualification part of the Bid). i.e. dtd. 20.02.2025 by 5.00 P.M.
All other conditions of NIT remain unaltered.

Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0029/2425



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR- 754296, Tel.No. 0671-2444488, Email:serw_kpd@yahoo.com
Letter No.169, Date:30.01.25
**2nd. Corrigendum Notice**

2nd Corrigendum to Bid Identification No. Tender Online RCK-25/24 invited by this Office vide Letter No.3489, Dt.23.12.2024.
No.O-1407:The changes as detailed below are hereby made in the above N.I.T.:-
1. Clause No.-06 of NIT modified below:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender | | | |
|---|---|---|---|---|---|---|---|---|---|
| | | To | | | | Technical Bid | | Financial Bid | |
| 1 | 2 | 3 | | 4 | | 5 | | 6 | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-25/24 | 07.02.2025 to 05.00 P.M. | 18.02.2025 to 05.00 P.M. | 06.02.2025 upto 02.00 P.M. | 17.02.2025 upto 02.00 A.M. | 10.02.2025 at 11.00 A.M. | 19.02.2025 at 11..00 A.M. | Will be Intimated Later | Will be Intimated Later |

All other conditions of NIT remain unaltered.

Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0028/2425



**GOVERNMENT OF ODISHA** No.A-1010
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, KHURDA IRRIGATION DIVISION, KHURDA**
Dist: Khurda, Odisha- 752056, Tel/Fax: 06755-796308
Mail Id:eekhurdairrigationdivision@gmail.com
'e'- Procurement Notice No.KHD-07 of 2024-25, Dtd.30.01.2025

1. Name of the Work: 08 (Eight) Nos. of Civil Work. 2. Tender Cost: Varies from Rs.12.80 Lakhs to Rs.41.11 Lakhs. 3. Bid Document Cost: Rs.6000/-. 4. Bid Security: Varies from Rs.12,800/- to Rs.41,200/-. 5. Class of Contractor: D & C & B. 6. Period of Completion: 02, 03 & 12 Calendar Months. 7. Other details are as follows.

| Procurement Officer | Bid Identification No. | Availability of Tender on-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD-07-01 of 2024-25 to KHD 07-08 of 2024-25 | 04.02.2025 at 11.00 A.M. | 13.02.2025 upto 5.00 P.M. | 14.02.2025 at 11.00 A.M. |

8. e-mail Id: eekhurdairrigationdivision@gmail.com
9. if required lottery may be held on 19.02.2025 at 11.00 AM.
Further detail conditions can be seen from the Govt. website www.tendersodisha.gov.in

OIPR-32078/11/0007/2425 Sd./-Superintending Engineer, Khurda Irrigation Division, Khurda



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**
e-mail : nhmdkl@gmail.com

Advt. No. : 261 Date : 03.02.2025

**WALK-IN-INTERVIEW FOR MPANELMENT OF YOGA TEACHER (PART TIME) FOR AYUSHMAN AROGYA MANDIR (AAM)**

No.E-726 : Walk-in-Interview will be conducted as scheduled below for filling up of the following Yoga Teacher under NHM in Dhenkanal on part time basis for a term of 11 months with monthly allowance as per approval under PIP as per OSH&FW Society norms basing on the satisfactory performance and subsistence of the programme. The position is purely temporary and co-terminus with the Scheme. Lower age limit is 21 years as on dt.01.02.2025.

| Sl. No. | Name of the Post | Vacancy | Allowance | Date of Interview | Eligibility Criteria |
|---|---|---|---|---|---|
| 1 | Yoga Teacher | 40 | Rs. 600/- per yoga session (90 minutes) including conveyance. Maximum 02 sessions in a week | 15.02.2025 | PG Diploma in Yoga & MA in Human Conscious & Yogic Science / MA in Yoga & Naturopathy / MA in Yogic Science / Certificate Course in Yoga from a recognized institutions or University. Age limit between - 21 to 50 years. |

Interested candidates may log on to www.dhenkanal.odisha.gov.in to download details of advertisement, terms, conditions & application form etc. Eligible Candidates for the above post, who are interested, **may appear for registration on the date as mentioned against the post with duly filled application form alongwith other documents. Registration timing will be from 10.00 A.M. to 11.00 A.M. only on Walk-in-Interview date. No application form shall be entertained after scheduled timing of registration.** No personal correspondence / Enquiry will be entertained in this matter. The undersigned reserves the right to cancel / reject any or all the applications without assigning any reason thereof.

OIPR-10059/11/0009/2425 Sd./- CDM&PHO-cum-DMD, Dhenkanal



GOVERNMENT OF ODISHA No.B-887
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID - supenger_rbjyp@yahoo.co.in, Phone No. : 06854-231528
**INVITATIONS FOR BIDS (IFB)**

**BID IDENTIFICATION NO. C.C.E.J.C (R&B) - 11/2024-25**
No. 310 Date : 29.01.2025

1. Nature of the work : ROAD & BUILDING WORKS
2. Total No. of Works : 02 (Two) Nos.
3. Tender cost : Rs. 2.63 to 7.87 Crs.
4. Period of completion : 04 (Four) to 12 (Twelve) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : Rs. 2.63 to 7.87 Lacs As per column No. 06 of IFB
7. Class of Contractor : "B", "A" & "Special" Class as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 11.00 hours of 06.02.2025 to 17.00 hours of 20.02.2025
9. Last date / Time for receipt of bids in the Portal : 17.00 hours of 20.02.2025
10. Opening date of Bid : 10.00 hours of 21.02.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

Sd./- Chief Construction Engineer
OIPR-34108/11/0018/2425 Jeypore (R&B) Circle, Jeypore



GOVERNMENT OF ODISHA No.B-912
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID - supenger_rbjyp@yahoo.co.in, Phone No. : 06854-231528
**INVITATIONS FOR BIDS (IFB)**

**BID IDENTIFICATION NO. C.C.E.J.C (R&B) - 12/2024-25**
No. 361 Date : 31.01.2025

1. Nature of the work : BUILDING WORKS
2. Total No. of works : 06 (Six) Nos.
3. Tender cost : Rs. 1.42 to 3.57 Crs.
4. Period of completion : 08 (Eight) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : Rs. 1.42 to 3.57 Lacs as per column No. 06 of IFB
7. Class of Contractor : "B", "A" & "Special" Class as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 11.00 hours of 10.02.2025 to 17.00 hours of 24.02.2025
9. Last date / Time for receipt of bids in the Portal : 17.00 hours of 24.02.2025
10. Opening date of Bid : 10.00 hours of 25.02.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.**

Sd./- Chief Construction Engineer
OIPR-34108/11/0019/2425 Jeypore (R&B) Circle, Jeypore



**Government of Odisha, "e"-Procurement Notice**
**WORKS DEPARTMENT** No.B-913
E-mail : ceroads.bbsr@gmail.com
**Bid Identification No. CE-Roads-II-22/2024-25**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road works
3. No. of work : 1 No.
4. Tender Paper cost : Rs. 10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 A.M. of 10.02.2025 to 5.30 P.M. of 27.02.2025
7. Date of opening of Bid : Dt. 28.02.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./-
Chief Engineer (Roads-II), Odisha
OIPR-34181/11/0007/2425



**ZILLA SWASTHYA SAMITI, GAJAPATI**
**Tender Call Notice for outsourcing of Services (Mechanized Laundry)**

Advt. No. 870 Date: 01.02.2025

**No.E-727** : ZSS, Gajapati has invited "Request for Proposal" from Reputed/Experienced Agency/NGOs/Public and Private Sector Companies for selection of Outsourcing Agencies to provide Mechanized Laundry Services to different Institutions of Gajapati district. For further details and any queries please refer to the RFP documents available in the district Website www.gajapati.odisha.gov.in and can be downloaded for reference. Sealed applications should reach at the O/o. CDM&PHO-cum-DMD, Gajapati, Paralakhemundi through **Speed Post/ Registered Post/ Courier only** latest by **19.02.2025 by 05.00 P.M.** The bids will be opened on **20.02.2025 at 11.00 A.M.** in the presence of the bidders or their authorised representatives at the Office of the CDM&PHO-cum-DMD, Gajapati. The authority reserves the right to accept or reject any/all bids without assigning any reason thereof. The authority will not be held responsible for any postal delay.
Any change/correction/corrigendum in respect of the above shall be placed in the district website www.gajapati.odisha.gov.in. The bidders are requested to go through the district website before submission.

Sd./- CDM&PHO-cum-DMD, Gajapati
OIPR-10172/11/0001/2425



GOVT. OF ODISHA
DEPARTMENT OF WATER RESOURCES
**O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12**
E-mail : prachi.division@yahoo.co.in, eeprachidivision@gmail.com
No. 655 Dt. 29.01.2025
**e-PROCUREMENT NOTICE NO. - SEPRD - 16/2024-25**

**No.A-1003** : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal/River bank restoration / Building) |
| 02. | No. of Works | 21 (Twenty One) Nos. |
| 03. | Bid Identification No. | SEPRD - 16/2024-25 |
| 04. | Estimated Cost (in Rupees) | Rs. 5.00 Lakhs to Rs. 50.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 05.02.2025 (10.00 A.M.) to 16.02.2025 (5.30 P.M.) |
| 09. | Date and time of Opening of Tender Documents & online bids | 17.02.2025 at 11.30 A.M. |
| 10. | Date of Lottery (In case of situation arises) | 25.02.2025 at 3.00 P.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.

Sd./-Superintending Engineer
OIPR-32096/11/0006/2425 Prachi Division, Bhubaneswar



WORKS DEPARTMENT
**OFFICE OF THE SUPERINTENDING ENGINEER MAYURBHANJ (R&B) DIVISION, BARIPADA** No.B-908
e-mail : bpd_eerb@rediffmail.com
Government of Odisha "e" Procurement Notice
**Bid Identification No. - S.E.-65/2024-25**

1. Number of works : 01 (one) number of work
2. Approximate estimated cost : 89.90 lakh
3. Period of completion : 09 (Nine) Calendar Months
4. Date & Time of availability of bid documents in the portal : Dt. 04.02.2025 to 13.02.2025
5. Last Date / Time of receipt of bid in the portal : Dt.13.02.2025 up to 5.00 P.M.
6. Date of Opening of bid : Dt.14.02.2025 at 11.00 A.M.
7. Name & adderss of the Office inviting bid : Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd./- R.G. Ray
Superintending Engineer
OIPR-34025/11/0019/2425 Mayurbhanj (R&B) Division



**ZILLA SWASTHYA SAMITI, KEONJHAR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (NCD CELL KEONJHAR)**
**SHORT TENDER CALL NOTICE**

Advt. No. 631 Date : 01.02.2025

**No.E-728** : Sealed tenders are invited from the registered supplier/ firm/ company for supply of kit, consumable, glass, plastic items, instrument and equipment's under DPHL for the year 2024-25. The lists of the items are mentioned below in details. The term & condition of the tender may be downloaded from the website www.kendujhar.odisha.gov.in. The tender should reach to the office of the undersigned by 21.02.2025, 5 P.M. through Speed Post/Regd. Post/ Courier and which will be opened 24.02.2025 at 11.00 A.M. DTU Conference Hall NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0026/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ୟାରେଣ୍ଟେଡ୍ ଇନ୍‌କମ ପ୍ଲାନ୍ ଏକ ଆଦର୍ଶ ବିକଳ୍ପ

**ନୂଆଦିଲ୍ଲୀ,୪।୨**

ନୂଆ ଯୁଗର ଯୁବପିଢ଼ି ଆର୍ଥିକ ରୂପେ ସ୍ୱାଧୀନ ହେବାକୁ ଆଗ୍ରହୀ ଅଛନ୍ତି। ଏପରିକି ପ୍ରାରମ୍ଭରେ ଏକ ନିଶ୍ଚିତ ଆୟ ଦେଉଥିବା ଜୀବନ ବୀମା ଯୋଜନା ଆପଣଙ୍କ ଆର୍ଥିକ ଯୋଜନାରେ ଏକ ଆଦର୍ଶ ପସନ୍ଦ ହୋଇପାରେ ବୋଲି ଆକଳନ କରାଯାଇଛି। କାରଣ ଏହା ଉଭୟ ଜୀବନ ବୀମା ଏବଂ ସଞ୍ଚୟ ପ୍ରଦାନ କରିବ, ଯାହା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ବିଶ୍ୱସନୀୟ ଆୟର ଗ୍ୟାରେଣ୍ଟି ଦେବ ଏବଂ ସ୍ଥିରତା ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବ। ଅପରପକ୍ଷରେ ଆତ୍ମବିଶ୍ୱାସ ସହିତ ଆପଣଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ଆଗକୁ ବଢ଼ାଇବାର ସ୍ୱାଧୀନତା ମଧ୍ୟ ପ୍ରଦାନ କରିବ ବୋଲି ଏସ୍‌ବିଆଇ ଲାଇଫ୍‌ର ଅଧ୍ୟକ୍ଷ ଓ ମୁଖ୍ୟ ବିତରଣ ଅଧିକାରୀ ଏମ୍. ଆନନ୍ଦ କହିଛନ୍ତି। ଏହି ପ୍ଲାନ୍ ଅଧୀନରେ ଜଣେ



ଏମ୍. ଆନନ୍ଦ

ବ୍ୟକ୍ତି ପ୍ରିମିୟମ ରାଶି ଏବଂ ପ୍ରିମିୟମ ପ୍ରଦାନର ବାରମ୍ବାରତା,ପ୍ରିମିୟମ୍ ପେମେଣ୍ଟ, ଅବଧି, ପଲିସି ଅବଧି, ପେ-ଆଉଟ୍ ଅବଧି ଏବଂ ଆୟ ବାରମ୍ବାରତା ଓ ନିଶ୍ଚିତ ଆୟ ବିକଳ୍ପ ଚୟନ କରିପାରିବେ। ଏହି ସୁବିଧା ମାଧ୍ୟମରେ ସେମାନେ ପଲିସି ଅବଧି ସମୟରେ ଜୀବନ ବୀମା ସୁରକ୍ଷା ସହ ସେମାନଙ୍କ ପରିବାର ପାଇଁ ନିଶ୍ଚିତ ସୁବିଧା ପ୍ରଦାନ କରିପାରିବେ। ଆନନ୍ଦ କହିଛନ୍ତି, ନିଶ୍ଚିତ ଆୟ ବୀମା ଯୋଜନା ବିଶ୍ୱସନୀୟ ଆୟ ପ୍ରଦାନ କରିଥାଏ। ଯାହା ବଜାର ପରିବର୍ତ୍ତନ କିମ୍ବା ସେମାନଙ୍କର ସଞ୍ଚୟକୁ ହରାଇବା ବିଷୟରେ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଆଦର୍ଶ ହୋଇଥାଏ।

ଏହି ଉତ୍ପାଦଗୁଡ଼ିକ ଦୁଇଟି ବିକଳ୍ପ ପ୍ରଦାନ କରିଥାଏ। ତାହା ହେଉଛି ସ୍ତରଭିତ୍ତିକ ନିଶ୍ଚିତ ଆୟ ଯାହା ସ୍ଥିର ରାଶି ପ୍ରଦାନକରେ ଏବଂ ନିଶ୍ଚିତ ଆୟ ବୃଦ୍ଧି ଯାହା ବାର୍ଷିକ ୫% ସରଳ ସୁଧ ପରି ଏକ ନିର୍ଦ୍ଧାରିତ ପ୍ରତିଶତ ବୃଦ୍ଧି କରିଥାଏ। ଏହା ବ୍ୟକ୍ତିବିଶେଷଙ୍କୁ ଆତ୍ମବିଶ୍ୱାସ ଦେଇଥାଏ ଯେ ସେମାନଙ୍କ ଆୟ ପ୍ରତିବର୍ଷ ବୃଦ୍ଧି ପାଇପାରିବ ଏବଂ ମୁଦ୍ରାସ୍ଫୀତିର ବଢୁଥିବା ଖର୍ଚ୍ଚକୁ ମୁକାବିଲା କରିପାରିବ।




ଧ-୬୬୬୮


# ଭାରତ ବିଶ୍ୱର ୨ୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ

**ନୂଆଦିଲ୍ଲୀ,୪।୨**

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଭିନ୍ନ ଭିନ୍ନ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ ଦେଶ ଭାବେ ପରିଗଣିତ ହେଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆମଦାନୀରୁ ଆତ୍ମନିର୍ଭରଶୀଳତା ପର୍ଯ୍ୟନ୍ତ ଭାରତ ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଛି। ୨୦୧୪ରେ ଆମର ୨ଟି ମୋବାଇଲ ଉତ୍ପାଦନ ୟୁନିଟ୍ ଥିଲା। ଆଜି ଭାରତରେ ୩୦୦ରୁ ଅଧିକ ଉତ୍ପାଦନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଲ୍ଲେଖନୀୟ ବିସ୍ତାରକୁ ଦର୍ଶାଉଛି। ବିଗତ ଦଶନ୍ଧି ମଧ୍ୟରେ ଭାରତର ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ



ଆସିଥିବା ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ୨୦୧୪-୧୫ରେ ଭାରତର ବିକ୍ରି ହେଉଥିବା ମୋବାଇଲ ଫୋନ୍‌ର ପ୍ରାୟ ୨୬% ଭାରତୀୟ ବଜାରରେ ନିର୍ମିତ ହେଉଥିଲାବେଳେ ଅବଶିଷ୍ଟ ଆମଦାନୀ କରାଯାଉଥିଲା।

ସେହିପରି ଆଜି ଭାରତରେ ବିକ୍ରି ହେଉଥିବା ୯୯.୨% ମୋବାଇଲ୍ ଫୋନ୍ ଭାରତରେ ନିର୍ମିତ ଏବଂ ମୋବାଇଲ ଫୋନର ଉତ୍ପାଦନ ମୂଲ୍ୟ ୨୦୧୪ ଆର୍ଥିକ ବର୍ଷରେ ୧୮,୯୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪ ଆର୍ଥିକ ବର୍ଷରେ ୪,୨୨,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରେ ପ୍ରତି ବର୍ଷ ୩୨୫ରୁ ୩୩୦ ନିୟୁତରୁ ଅଧିକ ମୋବାଇଲ୍ ଫୋନ୍ ଉତ୍ପାଦିତ ହେଉଛି। ଭାରତରେ ହାରାହାରି ପ୍ରାୟ ୧ ବିଲିୟନ ମୋବାଇଲ ଫୋନ୍ ବ୍ୟବହାର ହେଉଛି। ଭାରତ ନିର୍ମିତ ମୋବାଇଲ ଫୋନ ଘରୋଇ ବଜାରକୁ ପ୍ରାୟତଃ ପରିପୂର୍ଣ୍ଣ କରିଦେଇଛି। ସେଥିପାଇଁ ମୋବାଇଲ ଫୋନର ରପ୍ତାନି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୪ ରେ ରପ୍ତାନି ପ୍ରାୟ ଶୂନ ଥିଲା, ଯାହା ବର୍ତ୍ତମାନ ୧,୨୯,୦୦୦ କୋଟି ଟଙ୍କାକୁ ଅତିକ୍ରମ କରିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଦୃଷ୍ଟିକୋଣ ଭାରତକୁ ବିଶ୍ୱର ଉତ୍ପାଦନ କେନ୍ଦ୍ର ଭାବେ ପରିଚିତ ଦେବା ସହିତ ପରିଣତ କରିବାରେ ମଧ୍ୟ ସହାୟକ ହେଉଛି। ଏହାର ଶୁଭାରମ୍ଭର ଗୋଟିଏ ଦଶନ୍ଧି ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ କେବଳ ଦେଶର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରୁନାହିଁ ବରଂ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରୁଛି। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ସମ୍ପ୍ରସାରଣ ମଧ୍ୟ ରୋଜଗାରର ଏକ ପ୍ରମୁଖ ଉତ୍ସରେ ପରିଣତ ହୋଇଛି। ବିଗତ ଦଶନ୍ଧି ମଧ୍ୟରେ ଏ କ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ନିଯୁକ୍ତି ସୁଯୋଗଗୁଡ଼ିକ କେବଳ ଅଗଣିତ ପରିବାରର ଆର୍ଥିକ ସ୍ଥିତିକୁ ଉନ୍ନତ କରିନାହିଁ ବରଂ ଦେଶର ସାମାଜିକ-ଆର୍ଥିକ ଢାଞ୍ଚାରେ ମଧ୍ୟ ଯୋଗଦାନ ଦେଇଛି। ଏହି ମାଇଲଖୁଣ୍ଟ ହାସଲ କରିବାରେ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୪।୨**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯୭ (୧୩୯୭.୦୭) ପଏଣ୍ଟ ବଢି ୭୮,୫୮୪ (୭୮,୫୮୩.୮୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୭୮ (୩୭୮.୨୦) ପଏଣ୍ଟ ବୃଦ୍ଧି ଘଟି ୨୩, ୭୩୯ (୨୩,୭୩୯.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଆବାସିକ ଓରିଏଣ୍ଟେଶନ ଶିବିର 'ଅନ୍‌ମେସା ୩.୦'

**ଭୁବନେଶ୍ୱର,୪।୨**

ବେଦାନ୍ତ ଆଲୁମିନିୟମ ଏବଂ ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ସହଭାଗିତାରେ ଏକ ୩ଦିନିଆ ଆବାସିକ ଓରିଏଣ୍ଟେଶନ ଶିବିର 'ଅନ୍‌ମେସା ୩.୦' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଝାରସୁଗୁଡ଼ାର ସରକାରୀ ଏବଂ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଦଶମ ଶ୍ରେଣୀର ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଶିବିରର ଆୟୋଜନ କରାଯାଇଥିଲା। ଝାରସୁଗୁଡ଼ା ଜିଲାର ସମାସିଙ୍ଗାସ୍ଥିତ କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବିଶେଷକରି ଏହା ଛାତ୍ରୀଛାତ୍ରଙ୍କର ଶୈକ୍ଷିକ ଉତ୍କର୍ଷ, କ୍ୟାରିୟର ପରାମର୍ଶ ଏବଂ ବୋର୍ଡ ପରୀକ୍ଷା



ପାଇଁ ଆବଶ୍ୟକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗତ ୩ଦିନ ଧରି ବେଦାନ୍ତର ୧୫ଜଣ ଶିକ୍ଷକ ଏବଂ କର୍ମଚାରୀ ଓ ସ୍ୱେଚ୍ଛାସେବକଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ସମର୍ଥିତ ଏହି ଶିବିର ବ୍ୟାପକ ଶ୍ରେଣୀ ଏବଂ ଇଣ୍ଟରାକ୍ଟିଭ୍ ଅଧିବେଶନର ଏକ ଶୃଙ୍ଖଳ ମଧ୍ୟରେ ୫୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିଭଳି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସ୍ୱୀକାର କରୁଛୁ, ଶିକ୍ଷା ହେଉଛି ସାମୁଦାୟିକ ବିକାଶର ମୂଳଦୁଆ। ଅନ୍‌ମେସା ୩.୦ହେଉଛି ପରବର୍ତ୍ତୀ ପିଢ଼ିକୁ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ଉତ୍କର୍ଷ ପାଇଁ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରିବା ସହିତ ସେମାନଙ୍କୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରତିଫଳନ।

# ସିଜିନ ୪ ୱେଡିଂ ଏଡିଟର ଅନାବରଣ

**ନୂଆଦିଲ୍ଲୀ,୪।୨**

ଜିକେବି ଅପଟିକାଲ୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସିଜିନ ୪ ୱେଡ଼ିଙ୍ଗ ଏଡ଼ିଟର ଅନାବରଣ ନିକଟରେ ହୋଇଯାଇଛି। ଯାହାକି ଉଚ୍ଚ ଆଶାଭିଳାଷୀ ବିଳାସପୂର୍ଣ୍ଣ ଚକ୍ଷୁ ପରିଧାନର ଟ୍ରଙ୍କ ଶୋ ହୋଇଥିଲାବେଳେ ଭାରତୀୟ ବିବାହ ଋତୁର ଶୋଭା ଏବଂ ସୌନ୍ଦର୍ଯ୍ୟକୁ ଏହା ପାଳନ କରିଥାଏ। ଏହି ବହୁ ପ୍ରତିକ୍ଷୀତ କାର୍ଯ୍ୟକ୍ରମ ଭାରତୀୟ ବିବାହ ଋତୁର ସରଳତା ତଥା ଗ୍ଲାମର ପାଳନ କରିବା ସହିତ ଚଳିତ ଥର ଏହି ପର୍ଯ୍ୟାୟ ୬ଟି ମୁଖ୍ୟ ସହର ମୁମ୍ବାଇ, ଚେନ୍ନାଇ, କୋଲକତା, ବେଙ୍ଗାଲୁରୁ, ଚଣ୍ଡିଗଡ଼ ଏବଂ ଭୁବନେଶ୍ୱରରେ ଏହାର ଜୟଯାତ୍ରା ଆରମ୍ଭ କରିଛି। ଯେଉଁଠାରେ କି ବର ଏବଂ କନ୍ୟାମାନେ ତଥା ବିବାହରେ ଯୋଗ ଦେଇଥିବା ଅତିଥିଗଣ ଏଭଳି ଏକ ଆକର୍ଷଣୀୟ ଅଭିଜ୍ଞତା ସହିତ ନିଜକୁ ସାମିଲ କରି ବିଭିନ୍ନ ଚଷମା ସମ୍ଭାର ସହିତ ସମୟହୀନ ବିଳାସର ପରିବର୍ତ୍ତିତ ରୂପ ସହିତ ଆଧୁନିକତାର ପରିକଳ୍ପନାକୁ ଦୃଢ଼ିଭୂତ କରିପାରିଛି। ଜିକେବି ଅପଟିକାଲ୍ସ ପାଇଁ ୱେଡ଼ିଙ୍ଗ ଏଡ଼ିଟ୍ ଏକ ଆଇକନିକ୍ ସିଗ୍‌ନେଟୋରୀ କାର୍ଯ୍ୟକ୍ରମ ଭାବେ ଚିତ୍ରିତ ହୋଇଛି, ଯାହାକି ଚକ୍ଷୁ ପରିଧାନତାର ସୂକ୍ଷ୍ମତା ସଂଗ୍ରହକୁ ପ୍ରଦାନ କରିଛି। ଜିକେବି ଅପଟିକାଲର ବ୍ରାଣ୍ଡ ନିର୍ଦ୍ଦେଶକ ପ୍ରିୟଙ୍କା ଗୁପ୍ତା କହିଛନ୍ତିଅତ୍ୟନ୍ତ ଉତ୍କଣ୍ଠାର ସହିତ ଆମେ ଦି ୱେଡ଼ିଙ୍ଗ ଏଡ଼ିଟ୍‌ର ୪ର୍ଥ ସିଜିନ ବାହୁଡ଼ାର ପଥକୁ ଚାହିଁ ରହିଛୁ, ଯାହା ଅବିଶ୍ୱସନୀୟ ହୋଇଥିଲାବେଳେ ପ୍ରତ୍ୟେକ ବର୍ଷ ଆମେ କିଛି ନୂଆ ପ୍ରଚେଷ୍ଟା ଜାରି ରଖି ଏହି ଚକ୍ଷୁ ପରିଧାନର ଉନ୍ନତ ଖରିଦାରୀର ଅଭିଜ୍ଞତା ଆମ ପ୍ରିୟ ଗ୍ରାହକମାନଙ୍କ ପାଖରେ ପହଞ୍ଚାଇଥାଉ, ଯେଉଁଥିରେ କେବଳ ଉଚ୍ଚମାନର ଚକ୍ଷୁ ପରିଧାନ ନୁହେଁ ଏଥିସହିତ ଏକ ବିଳାସପୂର୍ଣ୍ଣ ସ୍ମୃତିମଧୁର ବିବାହ ପାଳନର ଅଭିଜ୍ଞତା ମଧ୍ୟ ସାମିଲ ହୋଇଛି।

# କେଦାର ରଞ୍ଜନ ଓପିଜିସିର ନୂଆ ଏମ୍‌ଡି

**ଭୁବନେଶ୍ୱର,୪।୨(ଅଭୟ ଦାଶ)**

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ ବା ଓପିଜିସିର ନୂତନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ କେଦାର ରଞ୍ଜନ ପାଣ୍ଡୁ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି କେଦାର ଓପିଜିସିର ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଓପିଜିସିର ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, କେଦାର ରଞ୍ଜନ ଭୁବନେଶ୍ୱରର ସିଇଟିରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଆଇଆଇଟି ଦିଲ୍ଲୀରୁ ଏମ୍.ଟେକ୍. ଡିଗ୍ରୀ ହାସଲ କରିଥିଲାବେଳେ ଶକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘ ୩୯ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଏପରିକି ସେ ୧୯୮୬ରେ ଏନ୍‌ଟିପିସି ଲିମିଟେଡ୍ ସହ ଯୋଡି ହୋଇ ସେ ଇଞ୍ଜିନିୟରିଂ ଏକଜିକ୍ୟୁଟିଭ ଟ୍ରେନିଂ ଭାବେ କାର୍ଯ୍ୟ ଆରମ୍ଭ କରି ଦକ୍ଷିଣାଞ୍ଚଳର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସର



କେଦାର ରଞ୍ଜନ ପାଣ୍ଡୁ

ଗ୍ରହଣ କରିଥିଲେ। ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ବଦରପୁର, ଦାଦ୍ରି, ତାଳଚେର, ଭାଲୁର, ଦର୍ଲିପାଲି, ରାମାଗୁଣ୍ଡମସ୍ଥିତ ବିଭିନ୍ନ ଏନ୍‌ଟିପିସି ପ୍ଲାଣ୍ଟରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସେ ବିଭିନ୍ନ ପ୍ଲାଣ୍ଟରେ କାର୍ଯ୍ୟ କରିବା ସହିତ ଏନ୍‌ଟିପିସି ତାମିଲନାଡୁ ଏନର୍ଜି ଲିମିଟେଡର ସିଇଓ, ମେଜା ଉର୍ଜା ନିଗମ ଲିମିଟେଡ୍‌ର ସିଇଓ ସମେତ ଏନ୍‌ଟିପିସିର କର୍ପୋରେଟ୍ କାର୍ଯ୍ୟାଳୟ ନୂଆଦିଲୀ ଏବଂ ଭୁବନେଶ୍ୱର ଓ ହାଇଦ୍ରାବାଦର ଆଞ୍ଚଳିକ ମୁଖ୍ୟାଳୟରେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ଏଣ୍ଟରପ୍ରାଇଜ ଗ୍ରୋଥ୍ ଆୱାର୍ଡସ-୨୦୨୫ର ଶୁଭାରମ୍ଭ

**ନୂଆଦିଲ୍ଲୀ,୪।୨**

ଡେଲଏଟ ଟଚ ତୋମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି (ଡେଲଏଟ ଇଣ୍ଡିଆ) ପକ୍ଷରୁ ଏଣ୍ଟରପ୍ରାଇଜ ଗ୍ରୋଥ ଆୱାର୍ଡସ-୨୦୨୫ର ଶୁଭାରମ୍ଭ ହୋଇଯାଇଛଇ। ଏଥିପାଇଁ ଜୁରୀ ପାନେଲ ମଧ୍ୟ ଘୋଷଣା କରାଯାଇଛି। ଏହି ଅଭିଯାନ ଭାରତବ୍ୟାପୀ ଉଲ୍ଲେଖନୀୟ ପାରିବାରିକ ବ୍ୟବସାୟ, ୟୁନିକର୍ଣ୍ଣ ଓ ସୁନିକର୍ଣ୍ଣଗୁଡିକର ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରୁଛି। ଏଣ୍ଟରପ୍ରାଇଜ ଗ୍ରୋଥ ଆୱାର୍ଡସ୍୨୦୨୫ ପାଇଁ ଜୁରୀ ସଦସ୍ୟଙ୍କ ମଧ୍ୟରେ ଇନ୍‌ଫୋସିସ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଏସ୍.ଡି. ଶିବୁଲାଲ, ଜୁରୀ ପାନେଲର ଅଧ୍ୟକ୍ଷ ଭାବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ ଅର୍ଥନୈତିଜ୍ଞ ଡଃ ବ୍ରିନ୍ଦା ଜାଘିରଦାର, ସ୍ୱାଧୀନ ନିର୍ଦ୍ଦେଶକ ଭାବେ କାଟାମାରାନ ଭେଞ୍ଚର୍ସର ଅଧ୍ୟକ୍ଷ ଓ ଏଚ୍‌ଡିଏଫ୍‌ସିର ବୋର୍ଡ ସଦସ୍ୟ ଏମ୍.ଡି ରଙ୍ଗନାଥ ଏବଂ ଡେଲଏଟର ବରିଷ୍ଠ ପରାମର୍ଶଦାତା ମନୋଜ କୋହଲି ପ୍ରମୁଖ ସାମିଲ ଅଛନ୍ତି। ଏହି ବିଶିଷ୍ଟ ବ୍ୟକ୍ତିମାନେ ଏହି ସମ୍ମାନରେ ନିଜର ଅତୁଳନୀୟ ବିଶେଷଜ୍ଞତା ଓ ମତାମତ ଯୋଗ କରିବେ, ଯାହା ଦେଶବ୍ୟାପୀ ଉଲ୍ଲେଖନୀୟ ବ୍ୟବସାୟଗୁଡିକୁ ଉତ୍ସାହିତ କରିବା ପାଇଁ ଏକ ମଜବୁତ ଓ ସ୍ୱଚ୍ଛ ମୂଲ୍ୟାୟନ ପ୍ରକ୍ରିୟା ସୁନିଶ୍ଚିତ କରିବ।

ଏ ସମ୍ପର୍କରେ ଡେଲଏଟ ଇଣ୍ଡିଆର ଡେଲଏଟ ପ୍ରାଇଭେଟ-ପାର୍ଟନର ଓ ଲିଡର କେ. ଆର୍. ସିକାର କହିଛନ୍ତି, ଏଣ୍ଟରପ୍ରାଇଜ ଗ୍ରୋଥ ଆୱାର୍ଡସ୍ ୨୦୨୫ ପାଇଁ ଜୁରୀକୁ ବିଭିନ୍ନ ଶିଳ୍ପର କିଛି ପ୍ରତିଷ୍ଠିତ ଲିଡର ଓ ଭିଜନାରୀଙ୍କୁ ଏକାଠି କରିବା ପାଇଁ ଗଠନ କରାଯାଇଛି। ପ୍ରତ୍ୟେକ ଜୁରୀ ସଦସ୍ୟ ନିଜର ଅଭିଜ୍ଞତା, ଗଭୀର ଶିଳ୍ପ ଜ୍ଞାନ ଓ ଭାରତରେ ବ୍ୟବସାୟିକ ସଫଳତାକୁ ପରିଚାଳନା କରୁଥିବା କାରକଗୁଡିକ ଉପରେ ବିସ୍ତୃତ ତଥ୍ୟ ଆଣିଛନ୍ତି। ଏହି ପାନେଲ ଉଚ୍ଚ ମାନଦଣ୍ଡ ଓ ବିଶ୍ୱସନୀୟତାକୁ ପ୍ରତିଫଳନ କରୁଛି,ଯାହାକୁ ଏହି ଆୱାର୍ଡ ଧାରଣ କରିବା ପାଇଁ ଲକ୍ଷ୍ୟ ରଖିଛି।

ଡେଲଏଟ ଇଣ୍ଡିଆର ପାର୍ଟନର ଧୀରଜ ଭଣ୍ଡାରୀ କହିଛନ୍ତି, ଏଣ୍ଟରପ୍ରାଇଜ ଗ୍ରୋଥ ଆୱାର୍ଡସ ୨୦୨୫ ପାଇଁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି ଏବଂ ସମଗ୍ର ଦେଶରୁ କମ୍ପାନୀଗୁଡିକ ଏଥିରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହର ଆଗେଇ ଆସିଛନ୍ତି। ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରି ଗର୍ବିତ ଯାହା ଘରୋଇ କ୍ଷେତ୍ରର ଉତ୍ସାହ ଏବଂ ଅଭିବୃଦ୍ଧି ଓ ଉତ୍କର୍ଷତା ପ୍ରତି ଏହାର ଉଲ୍ଲେଖନୀୟ ଯୋଗଦାନକୁ ସମ୍ମାନିତ କରୁଛି।


# Classified Everyday 0674-2580101, 9692975378



MATRIMONIAL

BRIDE WANTED

ମନସ୍ୱିନୀ ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର ସକାରାତ୍ମକ। Explore Life. +919437593214. D-2786

ବ୍ରାହ୍ମଣ ଜାତିର ୩୮ବର୍ଷ Bank Manager Divorce ପୁଅ ଏବଂ ବ୍ରାହ୍ମଣ ଜାତିର ୪୨ବର୍ଷ Bachelor Reputed Company ଭୁବନେଶ୍ୱରରେ Job କରିଥିବା ପୁଅ ପାଇଁ କନ୍ୟା ଆବଶ୍ୟକ। ଯୋଗାଯୋଗ କରନ୍ତୁ 8018130915. D-2775



REAL ESTATE

SALE

**3/4 BHK Two Stored building for sale at- Jagatpur, Cuttack- Ph No.-7008321705.** D-2656

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact-9438362399.** D-2772

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ)। Contact- 8917622925 D-2762

Building for sale 35000sqft with land area 2acre or more near Berhampur, Ganjam for Hospita/ College/ School, contact: 7749012981 D-75593

4 Nos. of 1500 Sqft. (30 ft. x 50 ft.) plots for sale close to Mahavir Engineering College on Pitapalli- Barang road at cost of Rs.750.00 per sqft. Intending buyers please contact to mobile No.- 9937786833 between 4PM to 6PM D-76414



FOR RENT

**Space for rent- 7000 Sqft. area of space available for Office/ Commercial/ Hostel space behind Trident Engineering College, Infosys Square, Patia. Contact- 7008181478.** D-2813



Healthcare

Newly open health benefits spa by experience lady therapist. 8658088274. D-76191

Herbal full body massage by smart/ expert therapist. 8327740003, 7205178829. D-76413

Newly open Jyoti spa positively health benefits (Expert therapist). 8458067955. D-76192

Take wellness herbal full body relax massage by trend therapist. 7008773793. D-76193

**Full body massage experience, good looking therapist @999 (Bhubaneswar). 9078484455.** D-2815

AFFIDAVIT

By virtue of an affidavit sworn before the Executive Magistrate, Kendrapara, on dated 15.01.2025, I Mrs. Suchismita Rout, Address Dhaniapalli, have changed by my name Susri Suchismita Rout to Suchismita Rout. Henceforth, I shall be known as "Suchismita Rout" for all purposes. Suchismita Rout D-2807

By virtue of an affidavit sworn before the Notary, Jaleswar on Dt.- 01.02.2025, I, Susanta Kumar Sahoo, Son of Late Kartik Prasad Sahoo, permanent resident of At- Tambakhuri, P.O.- Mahammad Nagar, P.S.- Rasgobindpur, Dist.- Mayurbhanj, PIN- 756030 declare that I have changed my daughter's name from Gauraba Nitwa Sahu to Gourabanwita Sahoo. Henceforth, she shall be known as Gourabanwita Sahoo for all purposes. SUSANTA KUMAR SAHOO D-2812

I, Asutosh Garg, S/o- Suresh Kumar Garg, resident of Plot No.- 19/4710, Puruna Station Bazar, Budheswari Colony, P.S.- Laxmi Sagar, Dist.- Khurda, Bhubaneswar, 751006, Odisha, declare by this affidavit No.C.F. No.- 25, dated 19.10.2024 that now onwards I shall be known as Ashutosh Garg for all future purposes. D-2808

By virtue of an affidavit No.-852, dtd.31.1.2025, Executive Magistrate, Jajpur, I, Sudarshan Malik, of Chhatrapada, Dasarathpur, Jajpur, declare that I, Sudarshan Malik, my wife Laxmipriya Malik & my daughter Pragyan Malik henceforth will be known as Sudarsan Mallick, Laksmipriya Malik and Pragyan Mallick for all purposes. D-2816

By virtue of an affidavit sworn before Executive Magistrate, Bhubaneswar, dated 24.01.2025, I, Lili Hembram, Address: At- Nilapanitanki, Unit-8, P.O./P.S.- Nayapalli, Bhubaneswar, Dist.- Khordha, Odisha 751012, declare that I have changed mu son's name from Hemanta Hembram to Akash Hembram. Henceforth, he shall be known as Akash Hembram for all purposes. Lili Hembram D-2809

By virtue of an affidavit sworn before the Executive Magistrate, Khordha, No.- 289, dt- 04.02.2025, I, Sradhanjali Mohapatra, W/o- Anil Kumar Mohanty, At- Mukunda Prasad, P.O.- P.N. College, Khordha, declare that I have changed my surname from Mohapatra to Mohanty. Henceforth I shall be known as Sradhanjali Mohanty for all purposes. D-2810

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଫେସର ବୁଲୁ ମହାରଣାଙ୍କ କ୍ୱାର୍ଟର୍ସ ଯାଞ୍ଚକଲା ସିବିଆଇ

## ନାକ୍ ମାନ୍ୟତା ପାଇଁ ଲାଞ୍ଚ

ସମ୍ବଲପୁର,୪।୨(ପ୍ରମୋଦ ବହିଦାର)

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଶନ୍ କାଉନ୍‌ସିଲ(ଏନ୍‌ଏଏସି)ର ଏ++ଏସି ମାନ୍ୟତା ପାଇଁ ଲାଞ୍ଚ ମାମଲାରେ ଗିରଫ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ଲାଇବ୍ରେରି ସାଇନ୍ସ ବିଭାଗର ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ଘରେ ମଙ୍ଗଳବାର ସିବିଆଇ ଚଢ଼ାଉ କରିଥିଲା। ପୂର୍ବାହ୍ନ ୧୧ଟାରେ ଏକ ୪ଜଣିଆ ଦଳ ଗତ ୧ତାରିଖରେ ସିବିଆଇ ସିଲ୍ କରିଥିବା ଜ୍ୟୋତିବିହାରସ୍ଥିତ ପ୍ରଫେସର ମହାରଣାଙ୍କ ସରକାରୀ ବାସଭବନ (କ୍ୱାର୍ଟର୍ସ ନଂ.୫) ଯାଞ୍ଚ କରିଥିଲା। ଯାଞ୍ଚକାରୀ ଦଳ ତାଙ୍କ ଘରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ତନ୍ନତନ୍ନକରି ଯାଞ୍ଚକରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରୁ ଆରମ୍ଭ ହୋଇଥିବା ଯାଞ୍ଚ ପ୍ରକ୍ରିୟା ଅପରାହ୍ନ ୧ଟା ୩୦ ଯାଏ ଚାଲିଥିଲା। ଯାଞ୍ଚ ପରେ ସିବିଆଇ ଦଳ ଏଠାରୁ ଫେରିଯାଇଛନ୍ତି। ଯାଞ୍ଚ ସମୟରେ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ଓ ପ୍ରଫେସର ମହାରଣାଙ୍କ ସାନଭାଇ ବିମଳ ମହାରଣା ଉପସ୍ଥିତ ଥିଲେ।

ପ୍ରଫେସର ମହାରଣାଙ୍କ ଭାଇ ବିମଳଙ୍କ କହିବା ଅନୁସାରେ ସିବିଆଇର ଯାଞ୍ଚ ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ଥିଲା। ଯାଞ୍ଚକାରୀ ଦଳ ଘରେ ଥିବା ତିନୋଟି ଆଲମାରି ଖୋଲି ଏଥିରେ ଥିବା କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେମାନେ କିଛି ନେଇନାହାନ୍ତି ବା କୌଣସି ସାମଗ୍ରୀ ଜବତ କରିନାହାନ୍ତି। ଗତ ୧ତାରିଖ ଯାଞ୍ଚକାରୀ ଦଳ ଘର ଯାଞ୍ଚ କରିବାକୁ ଆସିଥିଲେ। ମାତ୍ର ଚାବି ନ ମିଳିବାରୁ ଘରେ ଲାଗିଥିବା ତାଲା ସିଲ୍‌କରି ଚାଲିଯାଇଥିଲେ। ତେବେ ସେମାନେ ତାଙ୍କୁ ୨ଜଣ ଅଧିକାରୀଙ୍କ ଯୋଗାଯୋଗ ନମ୍ବର ଦେଇ ଚାବି ମିଳିଲା ପରେ ସୂଚନା ଦେବାକୁ କହିଥିଲେ। ଘର ଚାବି ବାହାରେ ରହୁଥିବା ପ୍ରଫେସର ମହାରଣାଙ୍କ ସ୍ତ୍ରୀଙ୍କ ନିକଟରେ ଥିଲା। ତାଙ୍କଠାରୁ ଚାବି ଆଣିଲା ପରେ ସିବିଆଇ ଯାଞ୍ଚକାରୀ ଦଳ ପକ୍ଷରୁ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସୂଚନା ଦେବା ପରେ ସେମାନେ ମଙ୍ଗଳବାର ଏଠାରେ ପହଞ୍ଚି ଘର ଯାଞ୍ଚ କରିଥିଲେ ବୋଲି ବିମଳ କହିଛନ୍ତି। ଯାଞ୍ଚକାରୀ ଦଳ ତାଙ୍କ ବଡ଼ଭାଇ(ବୁଲୁ ମହାରଣା) ବିଜୟୱାଡାରେ ସିବିଆଇ ହେପାଜତରେ ଅଛନ୍ତି ବୋଲି ତାଙ୍କୁ ସୂଚନା ଦେଇଥିଲେ ବୋଲି ବିମଳ କହିଛନ୍ତି।



ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ଘରେ ସିବିଆଇ ଯାଞ୍ଚକାରୀ ଦଳ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ତେବେ ସିବିଆଇ ଯାଞ୍ଚକାରୀ ଦଳର ୨ଜଣ ଅଧିକାରୀ ତାଙ୍କୁ ଔପଚାରିକତା ଦୃଷ୍ଟିରୁ କେବଳ ସାକ୍ଷାତକରି ପ୍ରଫେସର ମହାରଣାଙ୍କ ଘରେ ଯାଞ୍ଚ ପାଇଁ ଆସିଥିବା ସମ୍ପର୍କରେ ଜଣାଇଥିଲେ। ମାତ୍ର ଅନ୍ୟ କୌଣସି ସୂଚନା ଦେଇ ନ ଥିଲେ। ତେବେ ପ୍ରଫେସର ମହାରଣା ନାକ୍ ଦଳର ସଦସ୍ୟ ଭାବେ ପରିଦର୍ଶନରେ ଯିବା ପାଇଁ ଗତ ଜାନୁଆରୀ ୨୮ରୁ ୪ଦିନ ପାଇଁ ଛୁଟିରେ ଯାଇଥିଲେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆହ ଏଜୁକେଶନ୍ ଫାଉଣ୍ଡେଶନ୍ (କେଏଲ୍‌ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ରେଟିଂ ପ୍ରଦାନ ପାଇଁ ହୋଇଥିବା ଲାଞ୍ଚ କାରବାରରେ ସିବିଆଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଞ୍ଜାମ ଜିଲ୍ଲା ଅନ୍ତରପଡ଼ାର ମୂଳବାସିନ୍ଦା ଡ. ବୁଲୁ ମହାରଣାଙ୍କ ସମେତ ୧୦ଜଣଙ୍କୁ ଗିରଫ କରିଛି।

# ପୁତ୍ରହନ୍ତା ମା'ଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏକ ଶିଶୁପୁତ୍ର ହତ୍ୟା ମାମଲାର ତ୍ୱରିତ ବିଚାର କରି ମଙ୍ଗଳବାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ୨୦୨୩ ଅକ୍ଟୋବରରେ ପୋଖରୀରେ ପକାଇ ନିଜର ୮ ବର୍ଷୀୟ ଶିଶୁପୁତ୍ର ଏସ.ରୋହିତ କୁମାର(୮)ଙ୍କୁ ହତ୍ୟା କରିଥିବା ମା'ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ପୁତ୍ରହନ୍ତା ମା' ଜଣକ ହେଲେ ଏସ. ଗାଙ୍ଗାମ୍ମା(୩୫)।

ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ବଡ଼ସାହିରେ ଏସ. ଗାଙ୍ଗାମ୍ମା, ତାଙ୍କ ସ୍ୱାମୀ ଏସ.ଆପ୍ପା ରାଓ ଓ ଏକମାତ୍ର ପୁଅ ଏସ.ରୋହିତ କୁମାର ରହୁଥିଲେ। ଆପ୍ପା ରାଓ ଜଣେ ଗାଡ଼ି ମେକାନିକ। ୨୦୨୩ ଅକ୍ଟୋବର ୨୫ ତାରିଖରେ ପୁଅ ପୋଖରୀରେ ବୁଡ଼ିଯାଇଥିବା ସ୍ତ୍ରୀଙ୍କଠାରୁ ଖବରପାଇ ସେ ସେଠାରେ ପହଞ୍ଚିଥିଲେ। ପୋଲିସ , ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସହାୟତାରେ ଶିଶୁପୁତ୍ର ରୋହିତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୁଅକୁ ସ୍ତ୍ରୀ ହତ୍ୟା କରିଥିବା ନେଇ ଆପ୍ପା ରାଓ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬୪/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଗାଙ୍ଗାମ୍ମାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ପୋଲିସ ଉକ୍ତ ପୋଖରୀ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସେଥିରେ ଗାଙ୍ଗାମ୍ମା ନିଜ ପୁଅକୁ ଟେକି ନେଇ ପୋଖରୀ ଭିତରେ ଠେଲି ଦେଉଥିବାର ଦୃଶ୍ୟ ପୋଲିସ ଦେଖିବାକୁ ପାଇଥିଲା। ଅନ୍ୟପଟେ ଅଭିଯୁକ୍ତାଙ୍କୁ ଜେରା ବେଳେ ଘରୋଇ କଳିକୁ କେନ୍ଦ୍ରକରି ମାନସିକ ଭାରସାମ୍ୟ ହରାଇ ସେ ଏଭଳି କାଣ୍ଡ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତଅଧିକାରୀ ସୁରେଶ ତ୍ରିପାଠୀ କୋର୍ଟରେ ଏ ନେଇ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଘଟଣାବେଳର ସିସିଟିଭି ଫୁଟେଜ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମାମଲା ପରିଚାଳନା କରୁଥିଲେ।

# ସ୍ୱାମୀଙ୍କୁ ୨୦, ସ୍ତ୍ରୀଙ୍କୁ ୭ ବର୍ଷ ଜେଲ

ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ବିଚାରକରି ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଓ ସହାୟତା କରିଥିବା ତାଙ୍କ ସ୍ତ୍ରୀଙ୍କୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ଅଭିଯୁକ୍ତ ହେଲେ ବାଂଶପାଳ ବ୍ଲକ୍ ଗୁପ୍ତଗଙ୍ଗା ଗ୍ରାମର ମଦନ ଜୁଆଙ୍ଗ (୪୨) ଓ ତାଙ୍କ ସ୍ତ୍ରୀ ଗେଲେଇ ଜୁଆଙ୍ଗ (୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜୁନ୍ ମାସରେ ଦୋଷୀ ମଦନ ଓ ତାଙ୍କ ସ୍ତ୍ରୀ ଗେଲେଇ ସମ୍ପର୍କୀୟ ଜଣେ ନାବାଳିକା ଶାଳୀଙ୍କୁ ରଜ ବୁଲାଇବାକୁ କହି ତାଙ୍କ ଗାଁକୁ ନେଇଯାଇଥିଲେ। ନାବାଳିକାଙ୍କୁ ପ୍ରଥମେ ବସନ୍ତପୁର ଗ୍ରାମରେ ରଖି ମଦନ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ବାପା ମଦନଙ୍କ ଘରୁ ଝିଅକୁ ନିଜ ଘରକୁ ନେଇ ଆସିଥିଲେ। କିଛିଦିନ ପରେ ଉକ୍ତ ଦମ୍ପତି ପୀଡ଼ିତାଙ୍କ ଘରକୁ ଯାଇ ସାଙ୍ଗରେ ପୁଣି ତାକୁ ଆଣିବା ପାଇଁ ଉଦ୍ୟମ କରିଥିଲେ। ତେବେ ପୀଡ଼ିତା ତାଙ୍କ ମା' ବାପାଙ୍କୁ ବଳାତ୍କାର ବିଷୟରେ ଜଣାଇବା ସହ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୪୨/୬।୭।୨୦୨୧) ରୁଜୁ କରି ଅଭିଯୁକ୍ତ ଦମ୍ପତିଙ୍କୁ ବଳାତ୍କାର ଓ ପୋକ୍‌ସୋ ଆକ୍ଟରେ ଗିରଫକରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରିଥିଲେ।

# ପୁତୁରା ଆକ୍ରମଣରେ ମଉସା ମୃତ

## ଧାର ଟଙ୍କା ମାଗିବାରୁ ଗଲା ଜୀବନ

ଭୁବନ,୪।୨(ବିପିନ ବିହାରୀ ସେଠୀ)

ଧାର ଦେଇଥିବା ଟଙ୍କା ମାଗିବାରୁ ପୁତୁରାଙ୍କ ଆକ୍ରମଣରେ ମଉସାଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ୩ ନମ୍ବର ୱାର୍ଡରେ ଗତ ରବିବାର ଏହି ଘଟଣା ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ସେଠୀ(୪୨)। ଏ ନେଇ ଭୁବନ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁତୁରା ଅଙ୍କିତ ପରିଡ଼ା (୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଗୋଡ଼ିପାଟଣାର ସୁଶାନ୍ତଙ୍କ ଠାରୁ ପୁତୁରା ଅଙ୍କିତ କିଛିଟଙ୍କା ଧାର ନେଇଥିଲେ। କିନ୍ତୁ ସୁଶାନ୍ତ ଟଙ୍କା ମାଗିବାରୁ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବାରମ୍ବାର କଳହ ହୋଇଥିଲା। ଗ୍ରାମବାସୀ ଏହାର ସମାଧାନ କରିଥିଲେ। ଅଙ୍କିତ ଏକ ଷ୍ଟିଲ ଫର୍ନିଚର ଦୋକାନରେ କାମ କରୁଥିବା ବେଳେ ଗତ ଶନିବାର ମଉସା ସୁଶାନ୍ତ ସେଠାରେ ପହଞ୍ଚି ଅଙ୍କିତଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅଙ୍କିତ ଏକ ଷ୍ଟିଲ ଛଡ଼ରେ ସୁଶାନ୍ତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣା ପରେ ଦୋକାନ ମାଲିକ ଓ ଅଙ୍କିତ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ସୁଶାନ୍ତଙ୍କୁ ଭୁବନ ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସୁଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ସୁଶାନ୍ତଙ୍କ ସ୍ତ୍ରୀ ଟିକିନା ସେଠୀ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ସୁଶାନ୍ତ ବାରମ୍ବାର ଅଙ୍କିତକୁ ଗାଳିଗୁଲଜ କରିବାରୁ ଦୋକାନ ମାଲିକ ଅଶୋକ କୁମାର ସାହୁ ଓ ପାର୍ଟନର୍ ସଞ୍ଜୀବ ସାହୁ ସୁଶାନ୍ତଙ୍କୁ ଘରେ ଧମକ ଦେଇଥିବା ଉଲ୍ଲେଖ କରିଥିଲେ। ପୋଲିସ ନମ୍ବର ୫୪/୨୦୨୫ରେ ଏକ ମାମଲା ରୁଜୁ କରି କଟକ ଛତ୍ରବଜାରରୁ ମୁଖ୍ୟ ଅଭିଯୁକ୍ତ ଅଙ୍କିତଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ମନସ୍ୱିନୀ ମହାନ୍ତି ପ୍ରକାଶ କରିଛନ୍ତି।



ମୁଖ୍ୟ ଅଭିଯୁକ୍ତ ଅଙ୍କିତ ପରିଡ଼ାଙ୍କୁ ପୋଲିସ ଗିରଫ କରିଛି।

# ଭିଜିଲାନ୍ସ ଜାଲରେ ପୋଲିସ ଏଏସ୍‌ଆଇ

- ବାଇକ୍ ରିଲିଜ୍ ପାଇଁ ନେଉଥିଲେ ୬ ହଜାର ଲାଞ୍ଚ
- ୨ ସ୍ଥାନରେ ଏକକାଳୀନ ଚଢ଼ାଉ

ସୋନପୁର,୪।୨ (ମୃତ୍ୟୁଞ୍ଜୟ ଶତପଥୀ)



ଏଏସ୍‌ଆଇ ବୁଦ୍ଧୁ ଭୋଇ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଆଦର୍ଶ ଥାନା ଏଏସ୍‌ଆଇ ବୁଦ୍ଧୁ ଭୋଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଦୁର୍ଘଟଣାରେ ଜବତ ହୋଇଥିବା ଏକ ବାଇକ୍ ରିଲିଜ୍ ପାଇଁ ସେ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭୋଇ ଥାନା ପରିସରରେ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଭୋଇଙ୍କୁ ବଲାଙ୍ଗୀର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁସାରେ, ଗତ ଜାନୁଆରୀ ୪ ରେ ଏକ ବାଇକ୍ ଓ ସାଇକେଲ ଆରୋହୀଙ୍କ ମଧ୍ୟରେ ଧକ୍କା ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବୀରମହାରାଜପୁର ଥାନା କେନ୍ଦୁପାଲିର ଗୋପୀନାଥ ମେହେରଙ୍କ ବାଇକ୍ ଜବତ କରିଥିଲା। ଏହି ମାମଲାରେ ଏଏସ୍‌ଆଇ ବୁଦ୍ଧୁ ତଦନ୍ତକାରୀ ଅଧିକାରୀ ଥିଲେ। ଘଟଣା ପରେ ଗୋପୀନାଥ ଜବତ ବାଇକ୍ ନେବା ପାଇଁ ବାରମ୍ବାର ଥାନାକୁ ଆସିଥିଲେ। କିନ୍ତୁ ବାଇକ୍ ରିଲିଜ୍ ପାଇଁ ବୁଦ୍ଧୁ ୬ହଜାର ଟଙ୍କା ମାଗିଥିଲେ। ସୋମବାର ଗୋପୀନାଥ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଅଭିଯୋଗକାରୀ ମଙ୍ଗଳବାର ବୀରମହାରାଜପୁର ଥାନାକୁ ଆସିଥିଲେ। ଦାବି ଅନୁଯାୟୀ ସେ ଏଏସ୍‌ଆଇ ଭୋଇଙ୍କୁ ରାସାୟନିକ ରଙ୍ଗବୋଳା ୬ହଜାର ଟଙ୍କା ପ୍ରଦାନ କରିଥିଲେ। ବୁଦ୍ଧୁ ଉକ୍ତ ଟଙ୍କା ନେବା ସମୟରେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁକରି ନେଇଥିଲେ। ତାଙ୍କ ନିକଟରୁ ୧୨ଟି ରଙ୍ଗବୋଳା ୫୦୦ଟଙ୍କିଆ ନୋଟ୍ ଭିଜିଲାନ୍ସ ଟିମ୍ ଉଦ୍ଧାର କରିଛି। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପ୍ରଧାନ ଓ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପଲନ୍ତି ଛତ୍ରିଆଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଦିଲୀପ ପ୍ରଧାନ, ତୁଷାର ମହାପାତ୍ର ଓ ଟିମ୍ ବୀରମହାରାଜପୁର ଥାନା ଏବଂ ପଟାଭାଡି ସ୍ଥିତ ବୁଦ୍ଧୁଙ୍କ ବାସଭବନରେ ତନଖି କରୁଛନ୍ତି। ବାସଭବନରେ ତନଖି ସମୟରେ ନଗଦ ୨୧ହଜାର ୫୦୦ଟଙ୍କା, ସ୍ତ୍ରୀଙ୍କ ନାମରେ ୨ଟି ପ୍ଲଟ୍, ଗୋଟିଏ କାର୍ ଓ ୨ଟି ବାଇକ୍ ଠାବ ହୋଇଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଆବାସିକ ବିଦ୍ୟାଳୟ ପଛପଟୁ ଛାତ୍ରଙ୍କ ମୃତଦେହ ଜବତ

## ମାନସିକ ନିର୍ଯାତନା, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କାଲିମେଲା,୪।୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଗମ୍ପାକୋଣ୍ଡା ଆବାସିକ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ କୋରକୋଣ୍ଡା ବ୍ଲକ୍ କାମବେଡ଼ା ଗ୍ରାମର ମୁକା ମାଡକାମିଙ୍କ ବଡ଼ ପୁଅ ରିଗେନ ମାଡକାମୀ (୧୪) । ସୋମବାର ରାତି ପ୍ରାୟ ୯ରୁ ୧୦ଟା ଭିତରେ ଛାତ୍ର ଜଣଙ୍କ ବେକରେ ଗାମୁଛା ଲଗାଇ ମହୁଲ ଗଛରେ ଆତ୍ମହତ୍ୟା କରିଥିବା କୁହାଯାଉଛି । ଅନ୍ୟପଟେ ହଷ୍ଟେଲ କର୍ତ୍ତୃପକ୍ଷ ମାନସିକ ନିର୍ଯାତନା ଦେବା ଯୋଗୁ ପୁଅ ଆତ୍ମହତ୍ୟା କରିଥିବା କିମ୍ବା ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ମୃତ ଛାତ୍ରଙ୍କ ବାପା ମୁକା ମାଡକାମି ଅଭିଯୋଗ କରିଛନ୍ତି। କାଲିମେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଛାତ୍ର କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରିଗେନ ଛାତ୍ରାବାସରେ ରହୁଥିଲେ। ସୋମବାର ସରସ୍ୱତୀ ମୂର୍ତ୍ତି ବିସର୍ଜନକରି ପିଲାମାନେ ହଷ୍ଟେଲକୁ ଫେରି ରାତ୍ରିଭୋଜନ କରିଥିଲେ। କିନ୍ତୁ ରିଗେନ ଉପସ୍ଥିତ ନ ଥିବାରୁ ତାଙ୍କୁ ଖୋଜାଖୋଜି କରିବା ପରେ ବିଦ୍ୟାଳୟ ପଛପଟେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମଙ୍ଗଳବାର ସକାଳୁ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା। ପୋଲିସ ଏ ନେଇ ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ହଷ୍ଟେଲ ଭିତରେ ପିଲାଙ୍କ ହାତରେ ମୋବାଇଲ ରହୁଥିବା ସହ ବିଦ୍ୟାଳୟ ପରିସରରେ ମଦ ବୋତଲ ଏବଂ ନିଶାସେବନ ସାମଗ୍ରୀ ପଡ଼ିଥିବା ଦେଖିବାକୁ ମିଳିଛି।ତେଣୁ ଏହିଘଟଣାର ତୁରନ୍ତ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକ କର୍ମୀ ଲଳିତ ମାଡକାମି ଦାବି କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋପରା ଛଇ,**
**ଘଇତାକୁ ବୋଲୁଛି ନାତୁଣୀ ଜୋଇଁ ।**

ସାଧାରଣତଃ ମହିଳାମାନେ ନିଜର ସଠିକ ବୟସ ଅନ୍ୟ ଆଗରେ ପ୍ରକାଶ କରିବାକୁ କୁଣ୍ଠିତ ହୋଇଥାନ୍ତି। ମହିଳାମାନଙ୍କର ବୟସ ଲୁଚାଇବାର ମାନସିକତାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜୟ ବେଳେ କ୍ଷୟ ନାହିଁ,**
**ମରଣ ବେଳେ ଔଷଧ ନାହିଁ।**

ମଣିଷ ଯେତେବେଳେ ଉନ୍ନତି ପଥରେ ଅଗ୍ରସର ହୁଏ ସେତେବେଳେ ତାକୁ ପ୍ରତିରୋଧ କରିବା ସମ୍ଭବପର ହୋଇ ନ ଥାଏ। ସେହିପରି ମଣିଷ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ ସେତେବେଳେ ତାକୁ କୌଣସି ଔଷଧ କାମ କରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୨ ଗ୍ରାମବାସୀଙ୍କୁ ହତ୍ୟାକଲେ ମାଓବାଦୀ

## ପୋଲିସ ସୂଚନାଦାତା ସନ୍ଦେହ

ମାଲକାନଗିରି, ୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ମାଓବାଦୀମାନେ ପୁଣି ବର୍ବରକାଣ୍ଡ ଘଟାଇଛନ୍ତି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ସୋମବାର ବିଳମ୍ବିତ ରାତିରେ ତରେମ ଥାନା ଅନ୍ତର୍ଗତ ବୁଦୁଗିବେରୁ ଗ୍ରାମର ୨ଜଣ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବୁଦୁଗିବେରୁ ଗ୍ରାମର କାରାମ ରାଜୁ (୩୨) ଓ ମାଡବି ମୁନା (୨୭)। ପୋଲିସ ସୂଚନା ଅନୁଯାୟୀ, କେତେଜଣ ସଶସ୍ତ୍ର ମାଓବାଦୀ ସୋମବାର ରାତିରେ ବୁଦୁଗିବେରୁ ଗ୍ରାମକୁ ଯାଇ କାରାମ ଓ ମାଡବିଙ୍କୁ ଘରୁ ଅପହରଣକରି ଜଙ୍ଗଲ ମଧ୍ୟକୁ ନେଇଯାଇଥିଲେ। ସେମାନେ ପୋଲିସକୁ ସୂଚନା ପ୍ରଦାନ କରୁଥିବାରୁ ମାଓବାଦୀମାନେ ପ୍ରଥମେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କ ସୂଚନା ଦ୍ୱାରା ମାଓବାଦୀଙ୍କୁ କ୍ଷତି ହେଉଥିବା ଅଭିଯୋଗକରି ୨ ଜଣଙ୍କୁ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦେଇଥିଲେ। ପରେ ଉକ୍ତ ୨ ଗ୍ରାମବାସୀଙ୍କ ମୃତ ଶରୀର ଗ୍ରାମରେ ଆଣି ଫିଙ୍ଗିଦେବା ସହ ନିକଟରେ ଏକ ବ୍ୟାନର ଛାଡ଼ିଯାଇଥିଲେ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଚାକିରି ଦେବାକୁ କହି ଠକେଇ, ଜେଲ ଗଲେ ଅଭିଯୁକ୍ତ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲେଟର ପ୍ୟାଡ୍ ବ୍ୟବହାର ମହଙ୍ଗା ପଡ଼ିଲା

ଲୋଇସିଂହା,୪।୨(ସୁଶାନ୍ତ ବାରିକ)

ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରାଇ ଦେବା, ଚାକିରି ନିୟମିତ ଓ ବଦଳି କରିଦେବାର ପ୍ରଲୋଭନ ଦେଖାଇ ୩ ଜଣ ବ୍ୟକ୍ତିଙ୍କଠାରୁ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଠକେଇ ହୋଇଛି। ଏହି କାରବାରରେ ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଲେଟର ପ୍ୟାଡ୍ ବ୍ୟବହାରକରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଲୋଇସିଂହା ପୋଲିସ ଏହି ଘଟଣାରେ ନିଜ ତରଫରୁ ଏକ ମାମଲା ରୁଜୁକରି ଉକ୍ତ ଥାନାର ଆଗଲପୁର ବ୍ଲକ୍ ନଅଗାଁ(ଖ) ପଞ୍ଚାୟତ ଦାସପାଲି ଗ୍ରାମର ଜିତେନ୍ଦ୍ର ଦାସ ଓରଫ ଜିତୁ(୨୪)ଙ୍କୁ ଗିରଫ କରିଛି। ବରଗଡ଼ରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜିତୁଙ୍କୁ ବଲାଙ୍ଗୀର ବିଚାରବିବାଗୀୟ ହାଜତକୁ ପଠାଇଦିଆଯାଇଛି। ଏନେଇ ଭାରତୀୟ ନ୍ୟାୟସଂହିତା ଆଇନର ୩୧୯(୨),୩୧୮(୪)୩୦୮(୨)ରେ ମାମଲା( ନଂ. ୩୭।୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜିତୁ ସଚିବାଳୟ ପାସ୍ ହାତେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କୁ ଭେଟିବା ସହ ସେହି ସମୟର ଫଟୋଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ମନ୍ତ୍ରୀଙ୍କ ନିକଟତର କହି ଲୋକଙ୍କୁ ପ୍ରଲୋଭିତ କରିଥିଲେ। ଏପରି କି ବିଭିନ୍ନ କାମ କରିଦେବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରର ପରିଚିତ ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଥିଲେ। ଲୋଇସିଂହାର ଜଣେ ଯୁବକଙ୍କଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ନେଇଥିବା ବେଳେ ସାଲେଭାଟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ୮୧ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି। ସେହିପରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ନର୍ସିଂ ଅଫିସରଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ବଦଳି ପାଇଁ ଜିତୁ ଫୋନ୍ ପେରେ ୨ଟି ପର୍ଯ୍ୟାୟରେ ୫୦ ହଜାର ଟଙ୍କା ନେଇଛନ୍ତି । ନୟାଗଡ଼ ନର୍ସିଂ ଅଫିସରଙ୍କ ବଦଳି ମାମଲାରେ ସରକାରୀ ଲୋଗୋ ଲାଗିଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲେଟର ପ୍ୟାଡ୍ ନଂ. ୯୭ (ତା ୧।୧୦।୨୦୨୪) ବ୍ୟବହାର ହୋଇଥିବା ଜଣାପଡ଼ିଛି।



ଗିରଫ ଅଭିଯୁକ୍ତ ଜିତୁ ଦାସ।

ଠକେଇର ଶିକାର ଜଣେ ବ୍ୟକ୍ତି ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ତାଙ୍କୁ ଭୟଭୀତକରି ମାମଲା ଚପାଇବାକୁ ଉଦ୍ୟମ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟବହୃତ ଲେଟର ପ୍ୟାଡ୍ ଅସଲି ନା ନକଲି ଏ ସମ୍ପର୍କରେ ମନ୍ତ୍ରୀଙ୍କ ପକ୍ଷରୁ ଅଦ୍ୟାବଧି ସ୍ପଷ୍ଟୀକରଣ ଦିଆଯାଇନାହିଁ।



ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ଖେଳାଳିଙ୍କ ଅଭ୍ୟାସ ପାଇଁ ଆଉଟ୍ ପିଚ୍‌କୁ ବ୍ରସ୍ ଯୋଗେ ପଲିସ କରାଯାଉଛି।



ଷ୍ଟାଡିୟମ ପିଚ୍‌ରେ କେମିକାଲ ସ୍ପ୍ରେ କରାଯାଉଛି।



ଅତିରିକ୍ତ ପୋଲିସ କମିଶନର ଉମାକାନ୍ତ ଦାସ ଓ ଅନ୍ୟ ଅଧିକାରୀମାନେ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।



କାଉଣ୍ଟରରେ ଟିକେଟ ବୁଧବାର ବିକ୍ରି ହେବାକୁ ଥିବାବେଳେ ମଙ୍ଗଳବାର ପୂର୍ବାହ୍ନରୁ କ୍ରିକେଟ ପ୍ରେମୀଙ୍କ ଗହଳି। (ଫଟୋ: ରାଜକିଶୋର ମହାନ୍ତି)

# ବାରବାଟୀ ଷ୍ଟାଡିୟମ ଭିତରେ ଓ ବାହାରେ ସୁରକ୍ଷା କଡ଼ାକଡ଼ି

**ବାରବାଟୀ ଦିନିକିଆ କ୍ରିକେଟ**

- ଆରଡିସିଙ୍କ ପ୍ରସ୍ତୁତି ବୈଠକ
- ଦର୍ଶକଙ୍କ ଯାତାୟାତ ପାଇଁ ବସ୍ ସୁବିଧା

କଟକ,୪।୨ (କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମଠାରେ ଆଗାମୀ ୯ ତାରିଖରେ ହେବାକୁ ଥିବା ଭାରତ ବନାମ ଇଂଲଣ୍ଡ ଆର୍ନ୍ତଜାତିକ ଦିନିକିଆ କ୍ରିକେଟ ମ୍ୟାଚର ସଫଳ ଆୟୋଜନ ନିମନ୍ତେ ସମସ୍ତ ପ୍ରସ୍ତୁତି ସଂପର୍କରେ ସଂପୃକ୍ତ ବିଭାଗର ଅଧିକାରୀ, ଯନ୍ତ୍ରୀ ଏବଂ ଓଡିଶା କ୍ରିକେଟ ସଂଘ ଓ ଅଲମ୍ପିକ ସଂଘର କର୍ମକର୍ତ୍ତାଙ୍କୁ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ପରମେଶରନ ବିଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଆର୍ନ୍ତଜାତିକ ଦିନିକିଆ ମ୍ୟାଚ ଆୟୋଜନ ନିମନ୍ତେ ସଂପୃକ୍ତ ବିଭାଗମାନେ ତତ୍ପରତାର ସହ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବୈଠକ ଆରମ୍ଭରେ ସୂଚନା ପ୍ରଦାନ କରିଥିଲେ।

କାର୍ଯ୍ୟ ଖସଡ଼ା ଅନୁଯାୟୀ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱ ନିଶ୍ଚିତ କରାଇବା ନିମନ୍ତେ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଉଭୟ ଦଳର ଖେଳାଳିମାନଙ୍କ ଯାତାୟତ ସହ ଷ୍ଟାଡିୟମ ମଧ୍ୟରେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ କମିଶନର ସୁରେଶ ଦେବ ଦତ୍ତ ସିଂ ସମସ୍ତ ସୁରକ୍ଷା କଡ଼ାକଡ଼ି କରିବାକୁ ପଦକ୍ଷେପ ନେବେ। ଷ୍ଟାଡିୟମ ଭିତରେ ଏବଂ ବାହାରେ ଦର୍ଶକମାନଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ବ୍ୟବସ୍ଥା



କାଉଣ୍ଟର ଟିକେଟ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ଼।

ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଡିସିପି ଜଗମୋହନ ମିନାଙ୍କ ସହ ବୈଠକରେ ଆଲୋଚନା କରାଯାଇଥିଲା। ଆଲୋଚନା ମାଧ୍ୟମରେ ଡିସିପି ମିନା ଷ୍ଟାଡିୟମର ଚାରୋଟି ଗେଟକୁ ପ୍ରସ୍ଥାନ ନିମନ୍ତେ ବ୍ୟବହାର କରାଯିବା ସହ ସେଠାରେ ସୁରକ୍ଷା କର୍ମୀ ମୁତୟନ ସହ ଖାଦ୍ୟ, ପାନୀୟ ଓ ସଫେଇ ବ୍ୟବସ୍ଥା ନିମନ୍ତେ ନିୟୋଜିତ ହେବାକୁ ଥିବା ବ୍ୟକ୍ତି ବିଶେଷଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ପାନୀୟଜଳ ଯୋଗାଣ ନିମନ୍ତେ ସାଧାରଣ ପରିଚାଳକ ୱାଟକୋକୁ ଟିକେଟ ବିକ୍ରି ସମୟରେ ୪ ଗୋଟି ୱାଟର ଟ୍ୟାଙ୍କର ଏବଂ ମ୍ୟାଚ ଦିନ ୧୦ ଗୋଟି ୱାଟର ଟ୍ୟାଙ୍କର ଗାଡ଼ି ରହଣି ସ୍ଥଳରେ ବ୍ୟବସ୍ଥା କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଷ୍ଟାଡିୟମ ପରିସରରେ ଦର୍ଶକମାନଙ୍କ ନିମନ୍ତେ ମେସିନ ଜରିଆରେ କାଗଜ କପ୍ ମାଧ୍ୟମରେ ପାନୀୟଜଳ ଯୋଗାଇ ଦିଆଯିବ। ମ୍ୟାଚ ଆୟୋଜନ ସମୟରେ ଅଗ୍ନି ନିରାପତ୍ତାଜନିତ ତଥା ସମସ୍ତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ଅଗ୍ନିଶମ ବିଭାଗ ଏବଂ ଓଡ଼ିଶା କ୍ରିକେଟ ସଂଘ ଉଭୟ ଅଗ୍ନିଶମ ନିର୍ଦ୍ଦେଶନାମା ପାଳନ ପୂର୍ବକ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଫେବୃୟାରୀ ୫ ଓ ୬ ତାରିଖ ଟିକେଟ ବିକ୍ରି ସମୟରେ ତଥା ମ୍ୟାଚ ଦିନ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଦଳ ସହ ଆମ୍ବୁଲାନ୍ସର ବ୍ୟବସ୍ଥା ଏବଂ ଓସିଏ ପକ୍ଷରୁ ଦର୍ଶକଙ୍କ ନିମନ୍ତେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ମଧ୍ୟ କରାଯିବ। ଏସ୍‌ସିବି, ଅଶ୍ୱିନୀ ହସ୍‌ପିଟାଲ, କିମ୍ସ ଚିକିତ୍ସାଳୟ ପକ୍ଷରୁ ସେମାନଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରାଯାଇଥିଲା। ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ ସେବା ନିମନ୍ତେ ଆବଶ୍ୟକୀୟ ଔଷଧ ମହଜୁଦ ରଖାଯିବ। ସେହିଭଳି ମ୍ୟାଚ ଆୟୋଜନ ସମୟରେ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫେଇ ଓ ସୌନ୍ଦର୍ଯ୍ୟକରଣ ସହ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯିବା ସହ ଗାଡି ରହଣିସ୍ଥଳରେ ଆଲୋକିକରଣ ବ୍ୟବସ୍ଥା ନିମନ୍ତେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ସିଏମ୍‌ସି ପକ୍ଷରୁ ପାଞ୍ଚଦିନ ଧରି ନିକଟବର୍ତ୍ତୀ ଅଞ୍ଚଳରେ ମଶା ଧୂଆଁର ବ୍ୟବସ୍ଥା କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ସେହିଭଳି ଟିପିସିଓଡିଏଲ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ପୁରସ୍କାର ପ୍ରଦାନ ନିମନ୍ତେ ପୂର୍ତ୍ତ ବିଭାଗ ଦ୍ୱାରା ପଡ଼ିଆରେ ସ୍ୱତନ୍ତ୍ର ଭାବେ ଏକ ଅସ୍ଥାୟୀ ଷ୍ଟେଜ ନିର୍ମାଣ ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ଯାତାୟତ ପାଇଁ ସିଏନବିଟି, ତ୍ରିଶୂଳିଆ ଏବଂ ରେଳ ଷ୍ଟେସନଠାରୁ ଦର୍ଶକଙ୍କ ଯାତାୟାତ ନିମନ୍ତେ ବସ୍ ବ୍ୟବସ୍ଥା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଡିସିପିଙ୍କ ସହ ଆଲୋଚନା କରାଯାଇଥିଲା। ଦର୍ଶକଙ୍କ ନିମନ୍ତେ ବିକ୍ରୟ ହେବାକୁ ଥିବା ଖାଦ୍ୟର ମାନ ପରଖିବା ନିମନ୍ତେ ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କ ସହାୟତାରେ ଉପଜିଲାପାଳ ସଦର ନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଓଏ ସଂପାଦକ ଅଭିଜିତ ପାଲ, ଓସିଏ ସାଧାରଣ ପରିଚାଳକ ଶୁଭାଶିଷ ବେହେରା, ଅତିରିକ୍ତ ପୋଲିସ କମିଶନର ଉମାକାନ୍ତ ଦାସଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

କଟକ,୪।୨(କାର୍ତ୍ତିକ ସାହୁ)

ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ବାରବାଟୀ ଦିନିକିଆ କ୍ରିକେଟ ମ୍ୟାଚ ଆଉ ମାତ୍ର ୪ଦିନ ପରେ। ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ପହଞ୍ଚିଲାଣି। ଅନଲାଇନ୍‌ରେ ଟିକେଟ ବୁକିଂରୁ ନିରାଶ କ୍ରିକେଟପ୍ରେମୀ କାଉଣ୍ଟରରେ ଟିକେଟ କରିବାକୁ ଷ୍ଟାଡିୟମ ପାଖରେ ଏବେଠୁ ଭିଡ଼ ଜମାଇଲେଣି। ବୁଧବାର ଅଫ୍‌ଲାଇନ ଟିକେଟ ବିକ୍ରି ଆରମ୍ଭ ହେବ। ଆଗ ଟିକେଟ କିଣିବା ପାଇଁ ନାହିଁ ନ ଥିବା ଉତ୍ସାହ। ଷ୍ଟାଡିୟମ ନିକଟ ରାସ୍ତାକୁ ଲାଗି ୪ଟି କାଉଣ୍ଟରରେ ଟିକେଟ ବିକ୍ରି ବ୍ୟବସ୍ଥା ହୋଇଛି। ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ଉପୁଜେ ସେଥିପାଇଁ ବ୍ୟାରିକେଡ୍ ବନ୍ଧା ଯାଇଛି। ସକାଳ ୯ଟାରେ କାଉଣ୍ଟର ଖୋଲିବ। ଷ୍ଟାଡିୟମର ସମସ୍ତ ଗ୍ୟାଲେରୀ ସମେତ ଅନ୍ୟାନ୍ୟ ପ୍ରାୟ ୧୨,୦୦୦ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ଷ୍ଟାଡିୟମର ହର୍ସଗେଟ୍ ନିକଟ କାଉଣ୍ଟରରେ ସ୍ପେଶାଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପାଭିଲିୟନ ଆଦି ଟିକଟ ବିକ୍ରି କରାଯିବ। ଉଭୟ ପୁରୁଷ ଏବଂ ମହିଳା ଗୋଟିଏ ଧାଡ଼ିରେ ଏହି କାଉଣ୍ଟରରୁ ଟିକେଟ କିଣିବେ। ବାସ୍କେଟବଲ ଗ୍ରାଉଣ୍ଡ ନିକଟ ୧୩ ନମ୍ବର ଫାଟକ ନିକଟରେ ୩ଟି କାଉଣ୍ଟର ଖୋଲିବ। ଏହି କାଉଣ୍ଟରଗୁଡ଼ିକରେ କେବଳ ଗ୍ୟାଲେରୀ ଟିକେଟ ବିକ୍ରି ହେବ। ଏଠାରେ ଗୋଟିଏ କାଉଣ୍ଟର ସ୍ୱତନ୍ତ୍ର ଭାବେ ମହିଳା ଏବଂ ଅନ୍ୟ ଦୁଇଟି ପୁରୁଷଙ୍କ ପାଇଁ କରାଯାଇଛି। ଜଣେ ବ୍ୟକ୍ତି ସର୍ବାଧିକ ଦୁଇଟି ଟିକେଟ କିଣି ପାରିବ। ଟିକେଟ କିଣିବା ନିମନ୍ତେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ଓସିଏ ଏକାଡେମୀ ନିକଟରେ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ପାର୍କିଂ ବ୍ୟବସ୍ଥା ହୋଇଛି। ଟିକେଟକ୍ରେତାଙ୍କ ନିମନ୍ତେ ଓସିଏ ପକ୍ଷରୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛ, ଯଥା ଏକାଡେମୀ ନିକଟରେ ବିଶ୍ରାମଗୃହ ଏବଂ ପାନୀୟଜଳ ଆଦିର ବ୍ୟବସ୍ଥା ହୋଇଛି।

**ଟିକେଟ୍ ଦର**

| | |
|---|---|
| ଗ୍ୟାଲେରୀ ନଂ ୧ | ୧,୧୦୦ ଟଙ୍କା |
| ଗ୍ୟାଲେରୀ ନଂ ୨ | ୯୦୦ ଟଙ୍କା |
| ଗ୍ୟାଲେରୀ ନଂ ୩ | ୧,୧୦୦ ଟଙ୍କା |
| ଗ୍ୟାଲେରୀ ନଂ ୪ | ୯୦୦ ଟଙ୍କା |
| ଗ୍ୟାଲେରୀ ନଂ ୫ | ୧,୨୦୦ ଟଙ୍କା |
| ଗ୍ୟାଲେରୀ ନଂ ୭ | ୭୦୦ ଟଙ୍କା |
| ସ୍ପେଶିଆଲ ଏନ୍‌କ୍ଲୋଜର | ୬,୦୦୦ ଟଙ୍କା |
| ଏସି ବକ୍ସ | ୮,୦୦୦ ଟଙ୍କା |
| ନ୍ୟୁ ପ୍ୟାଭିଲିୟନ | ୧୦,୦୦୦ ଟଙ୍କା |
| କର୍ପୋରେଟ ବକ୍ସ | ୨୦,୦୦୦ ଟଙ୍କା। |

# ଭାରତୀୟ ଦିନିକିଆ ଦଳରେ ବରୁଣ ଚକ୍ରବର୍ତ୍ତୀ

ନାଗପୁର, ୪।୨ (ପି.ଟି.)

ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଫର୍ମରେ ଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସାମିଲ କରାଯାଇଛି। କୋଲକାତା ନାଇଟ ରାଇଡର୍ସ (କେକେଆର)ର ଏହି ରହସ୍ୟମୟ ସ୍ପିନର ତାଙ୍କ ଫର୍ମକୁ ବଜାୟ ରଖନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଚାହେଁ। ଚାମ୍ପିୟନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହା କରାଯାଇଥିବା କୁହାଯାଉଛି। ଚାମ୍ପିୟନ୍ସ ଟ୍ରଫି ଲାଗି ଘୋଷଣା କରାଯାଇଥିବା ଖେଳାଳି ତାଲିକାରେ ୪ ସ୍ପିନର ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଚକ୍ରବର୍ତ୍ତୀଙ୍କୁ ସାମିଲ କରାଯାଇପାରେ ବୋଲି ଶୁଣାଯାଉଛି। ସମ୍ଭବତଃ କୁଲ୍‌ଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ ଜଣକୁ ବାଦ୍ ଦେଇ ତାଙ୍କ ସ୍ଥାନରେ



ବରୁଣ ଚକ୍ରବର୍ତ୍ତୀ

ନିଆଯାଇ ପାରେ। ଚାମ୍ପିୟନ୍ସ ଟ୍ରଫି ପାଇଁ ଏପର୍ଯ୍ୟନ୍ତ ଭାରତର ଚୂଡ଼ାନ୍ତ ଦଳ ଘୋଷଣା କରାଯାଇ ନାହିଁ। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ଚକ୍ରବର୍ତ୍ତୀଙ୍କ ପ୍ରଦର୍ଶନ କିପରି ରହୁଛି ଚାମ୍ପିୟନ୍ସ ଟ୍ରଫିରେ ସ୍ଥାନ ମିଳିବା ତା' ଉପରେ ସବୁ ନିର୍ଭର କରୁଛି। ଇଂଲଣ୍ଡ ବିପକ୍ଷ ୫ ଅନ୍ତର୍ଜାତୀୟ ଟି୨୦ରେ ଚକ୍ରବର୍ତ୍ତୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତର ଅପ୍‌ଡେଟେଡ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍ ରାହୁଲ (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲ୍‌ଦୀପ ଯାଦବ, ହର୍ଷିତ ରାଣା, ହମ୍ମଦ ଶାମି, ଅର୍ଶଦୀପ ସିଂ ଓ ବରୁଣ ଚକ୍ରବର୍ତ୍ତୀ।

# ଅବସର ନେବେ ଦିମୁଥ କରୁଣାରତ୍ନେ

**ଗାଲେ, ୪।୨ (ପି.ଟି.):** ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ଦିମୁଥ କରୁଣାରତ୍ନେ ତାଙ୍କ ୧୦୦ତମ ଟେଷ୍ଟ ମ୍ୟାଚ ଖେଳିସାରିବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ମଙ୍ଗଳବାର ସେ ଏ ବିଷୟରେ ସୂଚନା ଦେଇଛନ୍ତି। ଏଠାରେ ଗୁରୁବାରଠାରୁ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ତଥା ଫାଇନାଲ ମ୍ୟାଚ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ ହେବ। ୩୬ ବର୍ଷୀୟ କରୁଣାରତ୍ନେ ହେଉଛନ୍ତି ଶ୍ରୀଲଙ୍କାର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର। ସେ ତାଙ୍କ ୧୪ ବର୍ଷ କ୍ୟାରିୟରରେ ୯୯ ଟେଷ୍ଟ ଖେଳିସାରିଛନ୍ତି। ଏଥିରେ ସେ ୧୬ ଶତକ ଓ ୩୪ ଅର୍ଦ୍ଧଶତକ ସହ ମୋଟ ୭,୧୭୨ ରନ ସ୍କୋର କରିଛନ୍ତି। ତାଙ୍କର ଆଭରେଜ ୪୦ ପାଖାପାଖି ରହିଛି। ସେ ଆହୁରି ମଧ୍ୟ ୫୦ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଗୋଟିଏ ଶତକ ଓ ୧୧ ଅର୍ଦ୍ଧଶତକ ସହ ସେ ୧, ୩୧୬ ରନ କରିଛନ୍ତି।

# ସେମିଫାଇନାଲରେ ଓଡ଼ିଶା

**ଜାତୀୟ ଦୃଷ୍ଟିବାଧିତ କ୍ରିକେଟ**

ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ ନଗେଶ ଟ୍ରଫି କ୍ରିକେଟ ସୁପର-୮ ପର୍ଯ୍ୟାୟରେ ପ୍ରଭାବ ବିସ୍ତାର କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସୁପର-୮ର ଦ୍ୱିତୀୟ ଲିଗ୍ ମ୍ୟାଚରେ ଓଡ଼ିଶା ୧୯୩ ରନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୬୨ ରନ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝି ସର୍ବାଧିକ ୮୩, ଅଞ୍ଜନ ସିଂ ୫୭ ଓ ଧନପତି ଗୌଡ଼ା ୫୫ ରନ କରିଥିଲେ। ଜବାବରେ ମଧ୍ୟପ୍ରଦେଶ ୧୩ ଓଭରରେ ୬୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା।




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁଖରାମ ମାଝିଙ୍କୁ ପୁରସ୍କୃତ କରାଯାଉଛି।

ଓଡ଼ିଶା ପକ୍ଷରୁ ଦେବରାଜ ବେହେରା, ନକୁଳ ବଡ଼ନାୟକ ଓ ଅନିଲ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଖରାମ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁପର-୮ର ନିଜର ପ୍ରଥମ ଲିଗ୍ ମ୍ୟାଚରେ ଝାଡ଼ଖଣ୍ଡକୁ ୧୦୧ ରନରେ ହରାଇଥିବା ଓଡ଼ିଶା ବୁଧବାର କର୍ଣାଟକକୁ ଭେଟିବ।

# ରଜନୀଗନ୍ଧା ଚାଷ

**ର**ଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି ବ୍ୟବଧାନରେ ଲଗାନ୍ତୁ।



# ମାଣ୍ଡିଆ ଫସଲରେ ସାର ପ୍ରୟୋଗ

**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।



# ଡାଲୁଅ ଧାନ ରୋଇବା ସମୟରେ...



**ଡା**ଲୁଅ ଧାନ ରୋଇବାର ୧୫-୨୦ ଦିନ ପର୍ଯ୍ୟନ୍ତ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କି.ଗ୍ରା. ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସାକରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସାକରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକିଦିଅନ୍ତୁ ।

**ଡାଲି ଜାତୀୟ ଫସଲ:** ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ:** ଚିନାବାଦାମ ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

## ଏ ମାସର କୃଷି ସୂଚନା

**ରାଶି :** ଖରାଦିନିଆ ରାଶିକୁ ଫେବୃୟାରୀ ଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଗଛ ୩ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇସି) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇ ଥିଲେ ଜମିରୁ ଘାସବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟିଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର - ୩

## ଭେଣ୍ଡିର ଉନ୍ନତ କିସମ



**ଭେ**ଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ଭେଣ୍ଡି ଲଗାଇବା ସମୟରେ ଗଛ ମଧ୍ୟରେ ଲଗାଇବା ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଦରକାର। ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସାକରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।

# ଡାଲିଜାତୀୟ ଫସଲ ବିହନ ବିଶୋଧନ



**ଏ**କ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡିଏସ୍ ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ଚାଷୀଙ୍କ ପାଇଁ...

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା . ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।



# ଗହମରେ କାଳିଗୁଣ୍ଡି ପୋକ ପରିଚାଳନା

**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତିଦିଅନ୍ତୁ କିମ୍ବା ପୋଡ଼ିଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



# ଚିନାବାଦାମରେ ସାର ପ୍ରୟୋଗ

**ଚି**ନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛିଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ସମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି.(୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।





# ପୋଟଳରେ ଫୁଲଫଳ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟକରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।




# ଫାଇନାଲରେ ଓଡ଼ିଶା ମହିଳା ଫୁଟବଲ ଦଳ



ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ ପରେ ଉଲ୍ଲସିତ ଓଡ଼ିଶା ମହିଳା ଫୁଟବଲ ଦଳ।

**ଜାତୀୟ କ୍ରୀଡ଼ା**

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ମହିଳା ଫୁଟବଲ ଦଳ ଚମତ୍କାର ପ୍ରଦର୍ଶନ କରି ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ କରିଛି। ଫଳରେ ଓଡ଼ିଶା ପାଇଁ କ୍ରମାଗତ ଚାମ୍ପିୟନ ହୋଇ ଟାଇଟଲ ବଜାୟ ରଖିବାର ସୁଯୋଗ ଆସିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୫-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ଓଡ଼ିଶା ଏହି ମ୍ୟାଚରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୨୨ତମ ମିନିଟରେ ପ୍ୟାରି ଖାଖା ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୩ ମିନିଟରେ ମାଳତୀ ମୁଣ୍ଡା ଗୋଲ ଦେବାରୁ ଓଡ଼ିଶା ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର ଅଳ୍ପକିଛି ସମୟ ପରେ ୫୩ତମ ମିନିଟରେ ଦିଲ୍ଲୀର ରେବେକା ଜାମଥିଆନମାୱି ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ମାତ୍ର ଓଡ଼ିଶା ଖେଳାଳିମାନେ ପୁଣି ବଡ଼ ଅଗ୍ରଣୀ ନେବାରେ ବେଶି ସମୟ ବିଳମ୍ବ କରି ନ ଥିଲେ। ୫୯ତମ ମିନିଟରେ ମାଳତୀ ମୁଣ୍ଡା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୬୮ତମ ମିନିଟରେ ସୁମିତ୍ରା ହେମ୍ବ୍ରମ ଗୋଟିଏ ଗୋଲ ସ୍କୋର କରି ଓଡ଼ିଶା ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୯୦+୩ ମିନିଟରେ ଜବାମଣି ଟୁଡୁ ଗୋଲ ଦେବାରୁ ଓଡ଼ିଶା ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା। ଓଡ଼ିଶାର ଡବଲ ଗୋଲ ସ୍କୋରର ମାଳତୀ ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଜାତୀୟ ଫୁଟବଲରେ ଓଡ଼ିଶା ମହିଳା ଫୁଟବଲ ଦଳର ରେକର୍ଡ ବେଶ୍ ଭଲ ରହିଛି। ଓଡ଼ିଶା ଏହାକୁ ମିଶାଇ ୬ଷ୍ଠ ଥର ପାଇଁ ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ୩ଥର ୨୦୦୭, ୨୦୧୧ ଓ ୨୦୨୩ରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ସେହିପରି ୨୦୧୫ ଓ ୨୦୨୨ରେ ରନରଅପ୍ ହୋଇ ରୌପ୍ୟ ପଦକ ପାଇଥିଲା। ଏହା ବ୍ୟତୀତ ୨୦୦୨ରେ ଥରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଥିଲା। ଗତ ସଂସ୍କରଣର ଫାଇନାଲରେ ଓଡ଼ିଶା ଓ ମଣିପୁର ମ୍ୟାଚ ୧-୧ ଗୋଲରେ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪-୨ରେ ଶକ୍ତିଶାଳୀ ମଣିପୁରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହା ପୂର୍ବରୁ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଓଡ଼ିଶା ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ଜାତୀୟ କ୍ରୀଡ଼ା ବ୍ୟତୀତ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ୨୦୧୦ରେ ଚାମ୍ପିୟନ ହୋଇଛି ଏବଂ ୬ଥର ୨୦୦୧-୦୨, ୨୦୦୭-୦୮, ୨୦୦୯-୧୦, ୨୦୧୩-୧୪, ୨୦୧୮-୧୯ ଓ ୨୦୨୪-୨୫ରେ ରନରଅପ୍ ହୋଇଛି।

# ମହିଳା ସନ୍ତରଣରେ ବଡ଼ ସଫଳତା



ଅଫିସିଆଲଙ୍କ ଗହଣରେ ଓଡ଼ିଶା ମହିଳା ସନ୍ତରଣକାରୀ।

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରାଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ଜାତୀୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ମହିଳା ଦଳ ଜାତୀୟ କ୍ରୀଡ଼ାର ଇତିହାସରେ ପ୍ରଥମଥରପାଇଁ ଦ୍ୱିତୀୟ ରନରଅପ୍ ହୋଇଛି। ପଦକ ଓ ପଏଣ୍ଟ ଦୃଷ୍ଟିରୁ କର୍ଣ୍ଣାଟକ ପ୍ରଥମ ଓ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସୃଷ୍ଟି ଉପାଧ୍ୟାୟ, ପ୍ରତ୍ୟାଶା ରାୟ, ଆଂଶିକା ଆରାଧନା ସାହୁ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମନ୍ନତା ମିଶ୍ର, ଆୟୁଶ୍ରୀ ଦତ୍ତ ଆଦି ୬ ଜଣଙ୍କୁ ନେଇ ଗଠିତ ଓଡ଼ିଶା ମହିଳା ଦଳ ଦଳଗତଭାବେ ଗୋଟିଏ ସ୍ୱର୍ଣ୍ଣ ଏବଂ ୪ଟି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ଦଳଗତ କ୍ଷେତ୍ରରେ କର୍ଣ୍ଣାଟକ ଦଳ ୧୪୦ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ମହାରାଷ୍ଟ୍ର ୧୧୫ ଓ ଓଡ଼ିଶା ୪୮ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ମହିଳା ଦଳ ଦ୍ୱିତୀୟ ରନରଅପ୍ ହେବା ଅର୍ଥ ରାଜ୍ୟରେ ସୁଇମିଂ କ୍ରୀଡ଼ାର ଯଥେଷ୍ଟ ଉନ୍ନତି ହେବାରେ ଲାଗିଛି। ନିକଟ ଅତୀତରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗିମାନେ ଚମତ୍କାର ପ୍ରଦର୍ଶନ କରି ପଦକ ହାସଲ କରିଥିଲେ। ଜାତୀୟ କ୍ରୀଡ଼ାରେ ଓଡ଼ିଶା ଦଳର ଏହି ସଫଳତା ଏବେ ରାଜ୍ୟରେ ଅଧିକରୁ ଅଧିକ ପିଲା ସୁଇମିଂ ପ୍ରତି ଆଗ୍ରହୀ ହେବାପାଇଁ ବାଟ ଖୋଲି ଦେଇଛି। ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ରହିଛି। ଅଧିକରୁ ଅଧିକ ପିଲା ସୁଇମିଂକୁ ଆସିଲେ ଆଗାମୀ ଦିନରେ ଯେ ଓଡ଼ିଶା ଜାତୀୟ ସ୍ତରରେ ସୁଇମିଂରେ ଏକ କ୍ରୀଡ଼ାଶକ୍ତିଭାବେ ଉଭା ହେବ ଏଥିରେ ଦ୍ୱିମତ ନାହିଁ।




ପଦକ ସହ ସ୍ୱସ୍ତି ସିଂ (ମଝି) ଓ ରେଜିୟା ଦେବୀ ଖୋଇରୋମ (ଡାହାଣ)।

# ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ, ରେଜିୟାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଉତ୍ତରାଖଣ୍ଡର ରୁଦ୍ରପୁରରେ ଚାଲିଥିବା ଜାତୀୟ କ୍ରୀଡ଼ାର ଟ୍ରାକ୍ ସାଇକ୍ଲିଂରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ୩ କିଲୋମିଟର ମହିଳା ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ୪:୦୩.୨୫୫ ସେକେଣ୍ଡ (ନୂଆ ଜାତୀୟ ରେକର୍ଡ ଟାଇମିଂ) ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଚଳିତ ଜାତୀୟ କ୍ରୀଡ଼ାରେ ଏହା ତାଙ୍କର ଦ୍ୱିତୀୟ ପଦକ। ସ୍ୱସ୍ତି ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଅନ୍ୟତମ ଛାତ୍ରୀ ରେଜିୟା ଦେବୀ ଖୋଇରୋମ ୪:୧୦.୮୭୬ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିବା ସହ ରାଜ୍ୟ ଏବଂ ନିଜ ଅନୁଷ୍ଠାନକୁ ଗର୍ବିତ କରିଛନ୍ତି। ମହାରାଷ୍ଟ୍ରର ପୂଜା ବାବନ ଡାନୋଲେ ୪:୦୪.୪୯୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ଏହି ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ୱାର୍ଟରରେ ମହିଳା ବିଚ୍ ଭଲିବଲ ଦଳ

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ରିଶିକେଶରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ମହିଳା ବିଚ୍ ଭଲିବଲରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କର୍ଣ୍ଣାଟକକୁ ୨-୦ ସେଟ୍‌ରେ ହରାଇ ଓଡ଼ିଶା ଦଳ ଏହି ସଫଳତା ପାଇଛି। ଓଡ଼ିଶା ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ଆଶା ମୁଣ୍ଡାରୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ। କୋଚ୍ ସଙ୍ଗୀତା ଟପ୍ପୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ବୁଧବାର କ୍ୱାର୍ଟର ଫାଇନାଲ ଖେଳିବ।



କୋଚ୍‌ଙ୍କ ସହ କିଟ୍‌ର ଦୁଇ ମହିଳା ଖେଳାଳି।

# ଜାତୀୟ କ୍ରୀଡ଼ାରେ ସରସ୍ୱତୀ ସହାୟକ ନିଯୁକ୍ତ

**ଯାଜପୁର, ୪।୨ (ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଗୋପାଳପୁର ଗ୍ରାମର ଅନ୍ତର୍ଜାତୀୟ ମହିଳା କ୍ରୀଡାବିତ ତଥା ପୋଲିସ ଇନ୍ସପେକ୍ଟର ସରସ୍ୱତୀ ଚାନ୍ଦ ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡା-୨୦୨୫ରେ ସହାୟକ ଭାବେ ଯୋଗଦେଉଛନ୍ତି। ସେ ଆସନ୍ତା ୬ରେ ଡେରାଡୁନ ମହାରଣା ପ୍ରତାପ ସ୍ପୋର୍ଟ୍ସ କଲେଜରେ ଯୋଗଦେଇ ୧୩ ପର୍ଯ୍ୟନ୍ତ ସହାୟକ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ଉତ୍ତରାଖଣ୍ଡ ଆଥଲେଟିକ ଆସୋସିଏଶନ ପକ୍ଷରୁ ସମ୍ପାଦକ କେ.ଜେ.ଏସ. କାଲସି ଓଡ଼ିଶା ପୋଲିସର ଡାଇରେକ୍ଟର ଜେନେରାଲ(ଡିଜି)ଙ୍କ



ଅନୁମତି ମାଗିଛନ୍ତି। ସେ ତାଙ୍କ ଅନୁମତି ପତ୍ରରେ ଆହୁରି ଦର୍ଶାଇଛନ୍ତି, ଉତ୍ତରାଖଣ୍ଡ ଜାତୀୟ କ୍ରୀଡ଼ା ୧୪ ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ରାୟପୁର ମହାରଣା ପ୍ରତାପ ସ୍ପୋର୍ଟ୍ସ କଲେଜ ପଡିଆରେ ଆସନ୍ତା ୮ରୁ ୧୨ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ ହେବ। ଏହିକ୍ରମରେ ଆଥଲେଟିକ ଫିଲ୍ଡ, ଆକ୍ୟୁପମେଣ୍ଟ ଇତ୍ୟାଦି କାମରେ କ୍ରୀଡାବିତ ସରସ୍ୱତୀ ସହଯୋଗ କରିବେ। ତେଣୁ ଏହି ଜାତୀୟ କ୍ରୀଡା କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ କ୍ରୀଡାବିତ ସରସ୍ୱତୀଙ୍କୁ ଅନୁମତି ଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ ଯେ, ସରସ୍ୱତୀ ୨୦୦୭ରୁ ଆର୍ନ୍ତଜାତିକ ଓ ଜାତୀୟସ୍ତରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୨୦୦୯ରେ ବ୍ରିଟିସ କଲମ୍ବିଆ ୱାର୍ଲଡ ପୋଲିସ ଆଣ୍ଡ ଫାୟର ଗେମରେ ୨୦୦, ୪୦୦ ଓ ୪୦୦ ମିଟର ରିଲେ ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୋପ୍ୟ ଓ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ। ୨୦୧୧ରେ ନ୍ୟୁୟର୍କ ୧୪ତମ ପୋଲିସ ଫାୟାର ଗେମରେ ୨୦୦ ମିଟର ଓ ୧୦୦ ମିଟର ରିଲେ ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଏକାଧିକ ସଫଳତା ଆଣି ଦେଶ ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ